# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୨୮/୨୦୨୦ (୨୦ ପୃଷ୍ଠା) Sambalpur, Friday, February 28 / 2020 ★★

୧୬ଶ ଭାଗ ୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**'ଡୁ ୟୁ ଲଭ୍ ମି...'ରେ ଦିଶାଙ୍କ ଜବରଦସ୍ତ ଡ୍ୟାନ୍ସ**

ଫିଲ୍ମ 'ବାଗୀ-୩'ର ତୃତୀୟ ଗୀତ 'ଡୁ ୟୁ ଲଭ୍ ମି' ରିଲିଜ୍ ହୋଇଛି। ଏଥିରେ ସୁନ୍ଦରୀ ଦିଶା ପଟାନୀ ବ୍ଲାକ୍ ଓ ଗ୍ରୀନ୍ ବିକିନୀରେ ନଜରକୁ ଆସିଛନ୍ତି।

୧୪

୧୮

**ମନୋଜଙ୍କୁ ସ୍ୱର୍ଣ୍ଣ ପଦକ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ୭୩ କେଜି ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମନୋଜ କୁମାର ସାହୁ।



**ଦିଲ୍ଲୀ ଦଙ୍ଗା**
**ମୃତ୍ୟୁସଂଖ୍ୟା ୩୮**

# ନିଆଁରେ ଘିଅ ଢାଳୁଛନ୍ତି ନେତା

### ଆରୋପ-ପ୍ରତ୍ୟାରୋପ ଜାରି

- ମୋ ହାତରେ ପୋଲିସ ନାହିଁ: କେଜ୍‌ରିୱାଲ
- ଏଏପି, କଂଗ୍ରେସ ରାଜନୀତି କରୁଛନ୍ତି: ଭାଜପା
- ରାଷ୍ଟ୍ରପତିଙ୍କୁ ଫେରାଦ ହେଲା କଂଗ୍ରେସ
- ବିବାଦରେ ଜଷ୍ଟିସ୍ ମୁରଲୀଧରଙ୍କ ରାତିଅଧିଆ ବଦଳି
- ଦଙ୍ଗା ପ୍ରଭାବିତ ଅଞ୍ଚଳରେ ୧୧୩ କମ୍ପାନୀ ସିଏପିଏଫ୍
- ଦଙ୍ଗାକାରୀଙ୍କ ଉପରେ ଡ୍ରୋନ୍‌ର ଆଖି



ଉତ୍ତର-ପୂର୍ବ ଦିଲ୍ଲୀର ଶିବ ବିହାରରେ ଦଙ୍ଗାକାରୀମାନେ ଗୁରୁବାର ଲୋକଙ୍କ ଘରେ ନିଆଁ ଲଗାଇ ଭଙ୍ଗାରୁଜା କରିଛନ୍ତି।

**ନୂଆଦିଲ୍ଲୀ,୨୭।୨**

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିବାବେଳେ ଏହାକୁ ନେଇ ଜାତୀୟ ରାଜନୀତିର ତାପମାତ୍ରା ମଧ୍ୟ ବୃଦ୍ଧିପାଇବାରେ ଲାଗିଛି। ଗୁରୁବାର ଦିଲ୍ଲୀ ଦଙ୍ଗାରେ ମୃତ୍ୟୁସଂଖ୍ୟା ୩୮କୁ ବୃଦ୍ଧିପାଇଥିବାବେଳେ ସବୁ ଦଳର ନେତାମାନେ ବିବାଦୀୟ ମନ୍ତବ୍ୟ ଦେଇ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ଦେଇଛି। ଦିଲ୍ଲୀବାସୀଙ୍କ ଧନଜୀବନ ଓ ସ୍ୱାଧୀନତାର ସୁରକ୍ଷା ସୁନିଶ୍ଚିତ କରିବା ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି କଂଗ୍ରେସ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ନିକଟରେ ଦାବି କରିଛି। ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହାସହ ଦିଲ୍ଲୀ ପୋଲିସ ତାଙ୍କ ହାତରେ ନାହିଁ ବୋଲି ଅସହାୟତା ପ୍ରକାଶ କରିଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ରାଜଧାନୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ୧୧୩ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ କରାଯାଇଛି।

ଦିଲ୍ଲୀ ଆକାଶରେ ବୁଲୁଛି କ୍ୟାମେରା ଯୁକ୍ତ ଡ୍ରୋନ୍। ବିଶେଷକରି ଉତ୍ତର-ପୂର୍ବ ଦିଲ୍ଲୀ, ଉତ୍ତର ଦିଲ୍ଲୀ ଓ ଶାହଦରା ଅଞ୍ଚଳରେ ଅଧିକ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ଦଙ୍ଗାକାରୀଙ୍କ ଉପରେ ଆକାଶମାର୍ଗରୁ କଡ଼ା ନଜର ରଖାଯାଉଛି। ସ୍କୁଲ, କଲେଜ, ଘରଦ୍ୱାର ଯେଉଁଠି ଯାହା ପାଇଲେ ଭଙ୍ଗାରୁଜା ଓ ଜଳାପୋଡ଼ା କରି ଛାରଖାର କରିବାରେ ଲାଗିଛନ୍ତି ଦଙ୍ଗାକାରୀ। କେବଳ ଉତ୍ତର-ପୂର୍ବ ଦିଲ୍ଲୀର ୩୨ ବର୍ଷ ପୁରୁଣା ଅରୁଣ ମଡର୍ନ ସିନିୟର ସେକେଣ୍ଡାରି ସ୍କୁଲରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି। ସେଠାରେ ବିଛାଡ଼ି ହୋଇ ପଡ଼ିଥିବା ଭଙ୍ଗା ଡେସ୍କ, ପୋଡ଼ା ବହି ଅନ୍ୟ ଆସବାବପତ୍ରକୁ ଦେଖିଲେ ହିଂସାର ଭୟାବହତାକୁ ଠଉରାଇ ହେଉଛି। ରବିବାର ରାତିରେ ଆରମ୍ଭ ହୋଇଥିବା ହିଂସାରେ ବୁଧବାର ସୁଦ୍ଧା ୨୭ ମୁଣ୍ଡ ଗଡ଼ିଥିବାବେଳେ ଗୁରୁବାର ଚତୁର୍ଥ ଦିନରେ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ମୃତାହତଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରାଣ ହରାଇଥିବା ଲୋକଙ୍କ ☞ପୃଷ୍ଠା-୪

# ଅନୁପଙ୍କ ନାର୍କୋ ଟେଷ୍ଟ ଆବେଦନ ଖାରଜ

### କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା

- ବ୍ରେନ ମ୍ୟାପିଂର ବି ଶୁଣାଣି ହେବନି
- ରାୟଗଡ଼ ପୋଲିସକୁ ଝଟ୍‌କା



**ଝାରସୁଗୁଡ଼ା ଅଫିସ,୨୭।୨**

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ଘଟଣାରେ ରାୟଗଡ ପୋଲିସକୁ ଗୁରୁବାର ଏକ ବଡ ଝଟ୍‌କା ଲାଗିଛି। ରାୟଗଡ ପୋଲିସ ଜିଲାର ଚକ୍ରଧରନଗର ଥାନା ପୋଲିସ ଉକ୍ତ ମାମଲାରେ ଗିରଫ କରିଥିବା ପୂର୍ବତନ ବିଧାୟକ ଅନୁପ ସାଏଙ୍କ ନାର୍କୋ ଟେଷ୍ଟ ଓ ବ୍ରେନ ମ୍ୟାପିଂ ପାଇଁ ଅନୁମତି ଦେବାକୁ ରାୟଗଡ ସିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ଏହାକୁ ବିଚାର କରି ପୋଲିସର ଆବେଦନକୁ ଖାରଜ କରିଛନ୍ତି କୋର୍ଟ। ଅନୁପ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ଉପରୋକ୍ତ ଆବେଦନକୁ ଖାରଜ କରିବା ପାଇଁ ଅପିଲ କରିଥିଲେ। ଫଳରେ ପୋଲିସକୁ ନିରାଶ ହେବାକୁ ପଡିଛି। ତେବେ ଅନୁପଙ୍କୁ କୋର୍ଟରେ ହତ୍ୟାକାରୀ ଭାବେ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ପ୍ରମାଣ ରହିଥିବା ରାୟଗଡର ବରିଷ୍ଠ ପୋଲିସ ଅଧିକାରୀ ସମେତ ବିଲାସପୁରରେ ଆଇଜି ମଧ୍ୟ ଗଣମାଧ୍ୟମକୁ କହିଥିଲେ। ଏହି ନାର୍କୋ ଟେଷ୍ଟ ଓ ବ୍ରେନ ମ୍ୟାପିଂ ଦ୍ୱାରା ପ୍ରମାଣ ଆହୁରି ବଳିଷ୍ଠ ହେବ ବୋଲି ସେମାନେ ଆଶା ବାନ୍ଧିଥିଲେ। ତେବେ କୋର୍ଟ ଏ ନେଇ ଅନୁମତି ନ ଦେବାରୁ ଏବେ ପୋଲିସର ତଦନ୍ତ କେଉଁ ଦିଗକୁ ଯିବ ତାକୁ ସମସ୍ତଙ୍କ ଅପେକ୍ଷା ରହିଛି। କାରଣ ହତ୍ୟାକାଣ୍ଡରେ ବ୍ୟବହୃତ କେବଳ ଇନୋଭାକୁ ପୋଲିସ ଜବତ କରିଥିବାବେଳେ ବୋଲେରୋ ଓ ଲୁହାରଡ ପାଇବାକୁ ☞ପୃଷ୍ଠା-୪






# 'ମାନବାଧିକାରକୁ ନେଇ ନେତୃତ୍ୱର ବିଫଳତା'

**ୱାଶିଂଟନ,୨୭।୨**

ଦିଲ୍ଲୀ ହିଂସା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତିକ୍ରିୟାକୁ ନିନ୍ଦା କରିଛନ୍ତି ବର୍ନି ସେଣ୍ଡର୍ସ। ଆମେରିକାର ଆଇନ ପ୍ରଣେତାମାନେ ଦିଲ୍ଲୀ ହିଂସାକୁ ନିନ୍ଦା କରିବାର ଦିନକ ପରେ ୱାଶିଂଟନରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଆଗୁଆ ଥିବା ବର୍ନି ସେଣ୍ଡର୍ସ କହିଛନ୍ତି, ଟ୍ରମ୍ପ୍‌ଙ୍କ ଦୁଇଦିନିଆ ଭାରତ ଗସ୍ତ ବେଳେ ନୂଆଦିଲ୍ଲୀରେ ହିଂସା ଘଟିଛି। ଏହାକୁ ନେଇ ଟ୍ରମ୍ପ୍ ମାନବାଧିକାର ପ୍ରସଙ୍ଗରେ ବିଫଳ ହୋଇଛନ୍ତି। ଦଙ୍ଗାକୁ ନେଇ ତାଙ୍କ ମନ୍ତବ୍ୟ ନେତୃତ୍ୱର ବିଫଳତାକୁ ପ୍ରମାଣିତ କରୁଛି ବୋଲି ସେଣ୍ଡର୍ସ ସମାଲୋଚନା କରିଛନ୍ତି। ଟ୍ରମ୍ପ୍‌ଙ୍କୁ ଗସ୍ତ ବେଳେ ଦିଲ୍ଲୀ ହିଂସା ସମ୍ପର୍କରେ ସୋମବାର ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଟ୍ରମ୍ପ୍ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସେ ଆକ୍ରମଣ ସମ୍ପର୍କରେ କିଛି ଆଲୋଚନା କରିନାହାନ୍ତି। ସେ ଏ ବିଷୟରେ ଶୁଣିଛନ୍ତି। ଏହି ପ୍ରସଙ୍ଗରେ ସେଣ୍ଡର୍ସ ଟୁଇଟ୍ କରିଛନ୍ତି, ୨୦୦ ନିୟୁତରୁ ଅଧିକ ମୁସ୍‌ଲିମ୍ ଭାରତକୁ ନିଜ ଘର ବୋଲି ମାନନ୍ତି। ମୁସ୍‌ଲିମ ବିରୋଧୀ ହିଂସାରେ ବହୁ ଲୋକ ମୃତାହତ ହେଲେଣି। ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ଭାରତ ବୁଝିବ ବୋଲି ଟ୍ରମ୍ପ୍ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରକାଶ ଯେ, ବର୍ନି ସେଣ୍ଡର୍ସ ହେଉଛନ୍ତି ସିନେଟର ଏଲିଜାବେଥ୍‌ଙ୍କ ପରେ ଦ୍ୱିତୀୟ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ, ଯିଏକି ନୂଆଦିଲ୍ଲୀରେ ସିଏଏ ବିରୋଧୀ ହିଂସା ଉପରେ ମତ ରଖିଛନ୍ତି। ଆମେରିକାର ଅନ୍ୟ ପ୍ରଭାବଶାଳୀ ସିନେଟରମାନେ ମଧ୍ୟ ଏନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

## ଗୁଗଲ୍ ଟ୍ରାନ୍ସଲେଟର୍‌ରେ 'ଓଡ଼ିଆ' ଭାଷା



**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ବହୁଦିନର ପ୍ରତୀକ୍ଷା ପରେ ଗୁଗଲ୍ ଟ୍ରାନ୍ସଲେଟର୍‌ରେ ସାମିଲ ହୋଇଛି ଓଡ଼ିଆ ଭାଷା। ବିଶ୍ୱର ସର୍ବାଧିକ ଲୋକପ୍ରିୟ ସର୍ଚ୍ଚଇଞ୍ଜିନ୍ ଗୁଗଲ୍‌ର ଅନୁବାଦ ବିଭାଗରେ ୫ ନୂଆ ଭାଷାକୁ ସାମିଲ କରାଯାଇଥିବା ବେଳେ ଏଥିରେ ଓଡ଼ିଆ ମଧ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମିଳିଲା କ'ଣ**





Vencobb FRESH CHICKEN

27.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 39 | 79 | 89 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 40 | 80 | 90 |
| BMP | 37 | 76 | 86 |

*Conditions Apply

Issued in the Interest of Consumers





"ସଂଖ୍ୟାଲଘୁଙ୍କ ଧନଜୀବନକୁ ସୁରକ୍ଷା ଦେବାରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତା ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଭଳି ସ୍ଥିତି ସୃଷ୍ଟି କରିଛି।

-ନରେଶ ଗୁଜରାଲ, ଏସ୍‌ଏଡି ଏମ୍‌ପି

# ବିବାଦରେ ବିଚାରପତିଙ୍କ ରାତିଅଧିଆ ବଦଳି

ନୂଆଦିଲ୍ଲୀ,୨୭।୨(ପି.ଟି.)

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧରଙ୍କ ବଦଳି ସମୟକୁ ନେଇ ବିବାଦ ଦେଖାଦେଇଛି। ଦିଲ୍ଲୀ ଦଙ୍ଗା ମାମଲାରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ୩ ଭାଜପା ନେତାଙ୍କ ବିରୋଧରେ ଏତଲା ଦାଏର ହୋଇ ନ ଥିବାରୁ ଜଷ୍ଟିସ୍ ମୁରଲୀଧର ବୁଧବାର ଦିଲ୍ଲୀ ପୋଲିସକୁ ଭର୍ତ୍ସନା କରିଥିଲେ। ଏହାର କିଛି ସମୟ ପରେ ତାଙ୍କର ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମଧ୍ୟରାତ୍ରରେ ବିଚାରପତିଙ୍କୁ ବଦଳି କରାଯିବା ଲଜ୍ଜାଜନକ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ବଦଳି ଏକ ନିୟମିତ ପ୍ରକ୍ରିୟା। ବିରୋଧୀ ଦଳ ଏହାକୁ ରାଜନୀତିର ରଙ୍ଗ ଦେଉଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଜଷ୍ଟିସ୍ ମୁରଲୀଧରଙ୍କ ସମେତ ବମ୍ବେ ହାଇକୋର୍ଟ ବିଚାରପତି ରଞ୍ଜିତ୍ ବସନ୍ତରାଓ ମୋରେ ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ରବି ବିଜୟ କୁମାର ମାଲିମଠଙ୍କ ବଦଳି ନେଇ



ଜଷ୍ଟିସ୍ ଏସ୍.ମୁରଲୀଧର

- ବଦଳି ନିୟମିତ ପ୍ରକ୍ରିୟା: ସରକାର
- କଂଗ୍ରେସ କହିଲା ଲଜ୍ଜାଜନକ
- ସ୍ଥଗିତ ରଖିବାକୁ ସିପିଏମ୍‌ର ଦାବି

ବୁଧବାର ରାତିରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ତିନୋଟି ପୃଥକ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଷ୍ଟିସ୍ ମୁରଲୀଧରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି କରାଯାଇଛି। ପ୍ରଧାନ ବିଚାରପତିଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ବଦଳିକୁ ଅନୁମୋଦନ କରିଥିବା ବିଜ୍ଞପ୍ତିରେ କୁହାଯାଇଛି। ସିଏଏ ବିରୋଧୀ ଆନ୍ଦୋଳନକୁ ନେଇ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ୩ ଭାଜପା ନେତା ପରଭେଶ ବର୍ମା, କପିଳ ମିଶ୍ରା ଏବଂ ଅନୁରାଗ ଠାକୁରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଦାଏର କରି ନ ଥିବାରୁ ବୁଧବାର ଜଷ୍ଟିସ୍ ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ସୁପ୍ରିମକୋର୍ଟ କଲେଜିୟମ୍‌ର ସୁପାରିସ୍ କ୍ରମେ ଜଷ୍ଟିସ ମୁରଲୀଧରଙ୍କ ବଦଳି ହୋଇଥିବା କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଅନ୍ୟପକ୍ଷରେ ବଦଳିକୁ ବିରୋଧ କରି ଏହା ନ୍ୟାୟ ବ୍ୟବସ୍ଥା ଉପରେ ସରକାରଙ୍କ ହସ୍ତକ୍ଷେପ ଏବଂ ଷଡଯନ୍ତ୍ରପୂର୍ଣ୍ଣ ରାଜନୀତି ବୋଲି କଂଗ୍ରେସ କହିଛି। ବିଚାର ବିଭାଗର ମୁହଁ ବନ୍ଦ କରିଦେବାକୁ ସରକାର ଚାହୁଁଥିବା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅଭିଯୋଗ କରିଛନ୍ତି। ଏଭଳି ରାତିଅଧିଆ ବଦଳି ଦୁଃଖଦାୟକ ଓ ଲଜ୍ଜାଜନକ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଚାରପତି ଲୋୟାଙ୍କ କଥା ମନେପକାଇଦେଇଛନ୍ତି। ସୋହରାବୁଦ୍ଦିନ ଶେଖ୍ ଜାଲ୍ ଏନ୍‌କାଉଣ୍ଟର ମାମଲାର ଶୁଣାଣି କରୁଥିଲେ ସ୍ୱତନ୍ତ୍ର ସିବିଆଇ ବିଚାରପତି ବି.ଏଚ୍. ଲୋୟା। ୨୦୧୪ ଡିସେମ୍ବର ୧ରେ ରହସ୍ୟଜନକ ଭାବେ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ଭାଜପା ସରକାର ନ୍ୟାୟପାଳିକା ବିରୋଧରେ ପ୍ରତିଶୋଧର ଲଢ଼େଇ ଆରମ୍ଭ କରିଥିବା କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଅଭିଯୋଗ କରିଛନ୍ତି।

ଜଷ୍ଟିସ ମୁରଲୀଧରଙ୍କ ବଦଳି ତାଙ୍କ କୋର୍ଟ ନିର୍ଦ୍ଦେଶନାମାର ଚୟନାତ୍ମକ ପ୍ରତିକ୍ରିୟା ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଆତ୍ମବିଶ୍ୱାସର ଅଭାବ ଦେଖାଦେଇଥିବାବେଳେ ଦେଶର ବିଚାର ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ସୁଦୃଢ଼ କରିବାକୁ ହେଲେ ବିଚାରପତିଙ୍କ ବଦଳିକୁ ସ୍ଥଗିତ ରଖିବା ପାଇଁ ସିପିଆଇ(ଏମ୍) ପଲିଟ୍‌ବ୍ୟୁରୋ ସରକାରଙ୍କୁ ଅନୁରୋଧ କରିଛି।



## ଏଏପି ନେତା ସମ୍ପୃକ୍ତ ଥିଲେ ଦୁଇଗୁଣା ଦଣ୍ଡ



ନୂଆଦିଲ୍ଲୀ,୨୭।୨(ପି.ଟି.)

**ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା**

ଉତ୍ତରପୂର୍ବ ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗାରେ ଏଏପିର କୌଣସି ନେତା ସମ୍ପୃକ୍ତ ଥିଲେ ତାଙ୍କୁ ଦୁଇଗୁଣା ଦଣ୍ଡ ମିଳିବ। ଦଙ୍ଗାକାରୀ ଯେକୌଣସି ଦଳର ହୋଇଥାନ୍ତୁ ନା କାହିଁକି, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି। ଦଙ୍ଗାରେ ଏଏପି କାଉନସିଲର ତାହିର ହୁସେନ୍‌ଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ ଏହା ପ୍ରକାଶ କରିଛନ୍ତି। ପ୍ରେସ୍‌ମିଟ୍‌ରେ କେଜ୍‌ରିୱାଲ କହିଛନ୍ତି, ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ଦିଲ୍ଲୀ ସରକାର ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବେ। ଏହା ବ୍ୟତୀତ ହିଂସାରେ ଆହତ ହୋଇ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇଦିଆଯିବ। ପୋଡ଼ାଜଳରେ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହରାଇଛନ୍ତି, ସେମାନଙ୍କୁ ତାହା ଯୋଗାଇଦେବା ଲାଗି ସ୍ୱତନ୍ତ୍ର କ୍ୟାମ୍ପ ସ୍ଥାପନ କରାଯିବ।

## ୨ ଏସ୍‌ଆଇଟିକୁ ତଦନ୍ତ ଭାର

ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗାର ତଦନ୍ତ କରିବା ପାଇଁ ପୋଲିସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ପାହ୍ୟାର ଜଣେ ଲେଖାଏ ବରିଷ୍ଠ ପୋଲିସ ଅଧିକାରୀ ଏସ୍‌ଆଇଟିର ନେତୃତ୍ୱ ନେବେ। ବର୍ତ୍ତମାନ ଯାଏ ରୁଜୁ ହୋଇଥିବା ୪୮ ମାମଲାକୁ ମଧ୍ୟ ଏସ୍‌ଆଇଟିକୁ ହସ୍ତାନ୍ତର କରାଯାଇଛି। ଡିସିପି ରାଜେଶ ଦେଓ ଏବଂ ଜୟ ତିର୍କୀଙ୍କୁ ଏସ୍‌ଆଇଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଅତିରିକ୍ତ ପୋଲିସ କମିଶନର (କ୍ରାଇମବ୍ରାଞ୍ଚ) ବି.କେ. ସିଂ ଏହି ଦୁଇ ଏସ୍‌ଆଇଟିର କାର୍ଯ୍ୟ ତଦାରଖ କରିବେ।

## ୮୫ ବର୍ଷୀୟାଙ୍କ ଜୀବନ ଗଲା

ଉତ୍ତରପୂର୍ବ ଦିଲ୍ଲୀରେ ଦଙ୍ଗା ବେଳେ ଜଣେ ୮୫ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି। ଆକବରୀ ନାମ୍ନୀ ଏହି ମହିଳା ଜଣକ ମଙ୍ଗଳବାର ସକାଳେ ଗାମ୍ରି ଏକ୍ସଟେନ୍‌ଶନସ୍ଥିତ ଘରେ ଥିବାବେଳେ ଦଙ୍ଗାକାରୀମାନେ ସେଥିରେ ନିଆଁ ଲଗାଇଦେଇଥିଲେ। ସେ ଘରୁ ବାହାରି ନ ପାରି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ।

# ତାହିରଙ୍କ ବିରୋଧରେ ହତ୍ୟା ମାମଲା

ନୂଆଦିଲ୍ଲୀ,୨୭।୨

ଦିଲ୍ଲୀ ଦଙ୍ଗା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ୍ ଶର୍ମାଙ୍କୁ ହତ୍ୟା କରାଯିବା ପଛରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ତଥା ମ୍ୟୁନିସିପାଲ କାଉନସିଲର ତାହିର ହୁସେନ୍ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ବୁଧବାର ଅଙ୍କିତ୍‌ଙ୍କ ମୃତଦେହ ଜାଫରାବାଦସ୍ଥିତ ତାଙ୍କ ବାସଭବନ ନିକଟ ଏକ ନାଳରୁ ମିଳିଥିଲା। ଅଙ୍କିତଙ୍କ ବାପା ଗୁରୁବାର ସନ୍ଧ୍ୟାରେ ଦୟାଲପୁର ଥାନାରେ ଏତଲା ଦେବା ପରେ ତାହିରଙ୍କ ବିରୋଧରେ ଅପହରଣ ଓ ହତ୍ୟା ମାମଲା ରୁଜୁ ହୋଇଛି। ତାହିରଙ୍କ ୫ ମହଲା କୋଠା ଛାତ ଉପରୁ ଢେଲା ଓ ପେଟ୍ରୋଲ ବୋମା ମାଡ଼ ହୋଇଥିଲା।



**ଆଇବି କର୍ମଚାରୀ ମୃତ୍ୟୁ ଘଟଣା**

**ଅଭିଯୋଗକୁ ଏଏପି କାଉନସିଲରଙ୍କ ଖଣ୍ଡନ**

ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ତାହିର ଓ ଅନ୍ୟ କେତେଜଣ ଛାତ ଉପରୁ ଟେକା ମାଡ଼ କରୁଥିବା ଦେଖାଯାଇଛି। ହାତରେ ଲାଠି ଧରିଥିବା ବ୍ୟକ୍ତି ତାହିର ବୋଲି ବିଶ୍ୱାସ କରାଯାଉଛି।

ଅନ୍ୟପକ୍ଷରେ ଦଙ୍ଗାରେ ସମ୍ପୃକ୍ତିକୁ ଏଏପି ନେତା ଅସ୍ୱୀକାର କରିଛନ୍ତି। କେତେଜଣ ଲୋକ ତାଙ୍କ ଘର ଭିତରକୁ ପଶିଆସି ଛାତ ଉପରେ ଚଢ଼ିଯାଇ ଆକ୍ରମଣ କରିଥିଲେ । ତାଙ୍କ ବିରୋଧରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଏପି ନେତା ଦାବି କରିଛନ୍ତି।

## ଆଇଓସିକୁ ନିନ୍ଦାକଲା ଭାରତ

ଦିଲ୍ଲୀ ଦଙ୍ଗାକୁ ନେଇ ଅନ୍ତର୍ଜାତୀୟ ସଂସ୍ଥା ଓ ବ୍ୟକ୍ତିବିଶେଷ ବିଭ୍ରାନ୍ତିକର ଓ ଦାୟିତ୍ୱହୀନ ମନ୍ତବ୍ୟ ଦେଉଥିବା ଦର୍ଶାଇ ଭାରତ ଏହାର ନିନ୍ଦା କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ଇସ୍‌ଲାମିକ୍ ସହଯୋଗ ସଙ୍ଗଠନ (ଆଇଓସି) ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ତଥ୍ୟ ଆଧାରିତ ନୁହେଁ। ତୃଣମୂଳ ସ୍ତରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣି ଲୋକଙ୍କଠାରେ ବିଶ୍ୱାସ ଜନ୍ମାଇବା ପାଇଁ ଉଦ୍ୟମ ଜାରି ରହିଛି। ଦିଲ୍ଲୀ ହିଂସାକୁ ନେଇ ଆଇଓସି ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏଥିରେ ହିଂସାକୁ ନିନ୍ଦା କରାଯିବା ସହ ମସ୍‌ଜିଦ ଓ ମୁସଲମାନମାନଙ୍କ ସମ୍ପତ୍ତି ଉପରେ ଟାର୍ଗେଟ କରାଯାଇଥିବା ଦର୍ଶାଯାଇଥିଲା।

# ଶାହାଙ୍କୁ ତୁରନ୍ତ ବରଖାସ୍ତ କର



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ନିକଟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା, ମଲ୍ଲିକାର୍ଜୁନ ଖାର୍ଗେ, ଏ.କେ. ଆଣ୍ଟୋନି ଓ ଦଳର ନେତୃବୃନ୍ଦ।

ଦିଲ୍ଲୀରେ ସିଏଏ ବିରୋଧୀ ସଂଘର୍ଷ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୩୮ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛି। ଦଙ୍ଗା ରୋକିବାରେ ବିଫଳ ହୋଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ଦଳ ଦାବି କରିଛି। ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କଂଗ୍ରେସ କେନ୍ଦ୍ରକୁ 'ରାଜଧର୍ମ' ପାଳନ ପାଇଁ ସ୍ମରଣ କରାଇଦେଇଛି।

**ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ**

ଦିଲ୍ଲୀ ଜଳୁଥିବାବେଳେ ଉଭୟ କେନ୍ଦ୍ର ଏବଂ ଏଏପି ସରକାର ପ୍ରତିକାରମୂଳକ ପଦକ୍ଷେପ ନେବା ବଦଳରେ ନୀରବଦ୍ରଷ୍ଟା ସାଜିଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏହାସହ ରାଷ୍ଟ୍ରପତି ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇ ଦିଲ୍ଲୀବାସୀଙ୍କ ଧନଜୀବନ ଓ ସ୍ୱାଧୀନତାକୁ ସୁନିଶ୍ଚିତ କରିବା ପୂର୍ବକ ପଦକ୍ଷେପ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

> "ଦିଲ୍ଲୀରେ ୪ ଦିନ ଧରି ଯାହା ଚାଲିଛି, ତାହା ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ ଓ ଜାତୀୟ ଲଜ୍ଜା। ରାଷ୍ଟ୍ରପତି ନିଜ କ୍ଷମତା ବ୍ୟବହାର କରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସୁନିଶ୍ଚିତ କରାନ୍ତୁ।
>
> -ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

## [ଇତିହାସର ଆଇନାରେ]

### ଫେବୃୟାରୀ ୨୮ର ପ୍ରମୁଖ ଘଟଣା

୨୦୦୨ ଫେବୃୟାରୀ ୨୮ରେ ଗୁଜରାଟର ନରୋଦା ପଟିଆରେ ଧାର୍ମିକ ହିଂସାକୁ ନେଇ ଗଣସଂହାର ସଙ୍ଗଠିତ ହୋଇଥିଲା। ପ୍ରାୟ ୯୭ ଜଣ ମୁସଲ୍‌ମାନ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ଗୁଲବର୍ଗ ସୋସାଇଟିର ୬୯ ଜଣ ପ୍ରାଣ ହରାଇଥିଲେ।

୨୦୦୫ ଫେବୃୟାରୀ ୨୮ରେ ଇରାକର ଅଲ୍ ହିଲ୍ଲାସ୍ଥିତ ପୋଲିସ ନିଯୁକ୍ତି କେନ୍ଦ୍ର ନିକଟରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୧୪୭ ବ୍ୟକ୍ତି ପ୍ରାଣ ହରାଇଥିଲେ। ପୁରୁଷମାନେ ପରୀକ୍ଷା ଲାଗି ଲାଇନ୍‌ରେ ଠିଆ ହୋଇଥିବା ବେଳେ ଏହି ବିସ୍ଫୋରଣ ହୋଇଥିଲା।

# ଚାଇନା, ଜାପାନରୁ ଫେରିଲେ ୨୩୬

**କରୋନା ଭୟ**

**ନୂଆଦିଲ୍ଲୀ, ୨୭।୨:** କରୋନା ଭାଇରସ୍ ଭୟ ବିଶ୍ୱକୁ ଘାରିଥିବା ବେଳେ ଚାଇନା ଓ ଜାପାନ୍‌ରୁ ଭାରତ ୨୩୬ ଲୋକଙ୍କୁ ଗୁରୁବାର ଫେରାଇ ଆଣିଛି। କରୋନା କବଳିତ ଚାଇନାର ଉହାନ୍ ସହରରୁ ୧୧୨ ଜଣଙ୍କୁ ଓ ଜାପାନର ଟୋକିଓରୁ ୧୨୪ ବ୍ୟକ୍ତିଙ୍କୁ ଅଣାଯାଇଛି। ଭାରତୀୟ ବାୟୁସେନାର ଏ ସି-୧୭ ଗ୍ଲୋବମାଷ୍ଟର-୩ ପରିବହନ ବିମାନ ଉହାନରୁ ୭୬ ଭାରତୀୟ ଓ ୩୬ ବିଦେଶୀଙ୍କୁ ଆଣିବାରେ ସଫଳ ହୋଇଥିବା ବେଳେ ଏୟାର୍ ଇଣ୍ଡିଆ ବିମାନ ଟୋକିଓରୁ ୧୨୪ ବ୍ୟକ୍ତିଙ୍କୁ ଆଣିଛି। ଉହାନ୍‌ରୁ ଫେରିଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ବାଂଲାଦେଶର ୨୩, ଚାଇନାର ୬, ମ୍ୟାନ୍‌ମାର ଓ ମାଳଦ୍ୱୀପରୁ ୨ ଲେଖାଏ ଏବଂ ଦକ୍ଷିଣ ଆଫ୍ରିକା, ଆମେରିକା ଓ ମାଡାଗାସ୍କରର ଜଣେ ଲେଖାଏ ନାଗରିକ ରହିଛନ୍ତି। ଜାପାନ୍‌ରୁ ଫେରିଥିବା ବ୍ୟକ୍ତିଙ୍କ ମଧ୍ୟରେ ୧୧୯ ଭାରତୀୟ ରହିଥିବା ବେଳେ ଶ୍ରୀଲଙ୍କାର ୨, ନେପାଳ, ଦକ୍ଷିଣ ଆଫ୍ରିକା,ପେରୁର ଜଣେ ଲେଖାଏ ନାଗରିକ ଅଛନ୍ତି। ଜାପାନର ୟୋକୋହାମା ବନ୍ଦରରେ କରୋନା ପ୍ରଭାବିତ ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜ ଭିତରେ ମୋଟ ୩,୭୧୧ ଯାତ୍ରୀଙ୍କ ସହ ଏମାନେ ସବୁ ରହିଥିଲେ। ଏହି ଜାହାଜରେ ଥିବା ମୋଟ ୧୩୮ ଭାରତୀୟଙ୍କ ମଧ୍ୟରୁ ୧୬ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିଲେ। ସେମାନେ ଏବେ ଜାପାନ୍‌ରେ ଚିକିତ୍ସିତ ହେଉଛନ୍ତି। ଫେରିଥିବା ସମସ୍ତ ବ୍ୟକ୍ତିଙ୍କୁ ମାନେସାରଠାରେ ଅଲଗା ରଖାଯାଇ ପରୀକ୍ଷା କରାଯିବ। ପୂର୍ବରୁ ଭାରତ କରୋନା ପ୍ରଭାବିତ ଉହାନରୁ ୬୪୦ ନାଗରିକଙ୍କୁ ଏୟାର୍ ଇଣ୍ଡିଆ ବିମାନରେ ଫେରାଇ ଆଣିଥିଲା।




## ଏସ୍‌ସିବି ଅଧୀକ୍ଷକ ହେବେ ଅନ୍ନଦା ପଟ୍ଟନାୟକ

କଟକ ଅଫିସ୍, ୨୭।୨ - କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ(ଏସ୍‌ସିବି)ର ନୂଆ ଅଧୀକ୍ଷକ ଭାବେ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ଅନ୍ନଦା ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ଅଧିକ୍ଷକ ପ୍ରଫେସର ସରୋଜ କୁମାର ସାହୁ ଆସନ୍ତା ୨୯ ତାରିଖରେ ଅବସର ଗ୍ରହଣ କରିବେ। ଏହା ପୂର୍ବରୁ ଡାକ୍ତର ପଟ୍ଟନାୟକଙ୍କୁ ଏହି ନିଯୁକ୍ତି ମିଳିଛି।




### ସ୍ୱର୍ଗତ ହେମନ୍ତ କୁମାର ସାହା

ଆବିର୍ଭାବ: ନଭେମ୍ବର ୨୯, ୧୯୧୨ • ତିରୋଧାନ: ଫେବୃୟାରୀ ୨୮, ୧୯୮୦

ପ୍ରତିଷ୍ଠାତା: କାରୁକ୍ରିତ୍ ଆଡ୍‌ଭର୍ଟାଇଜିଂ ପ୍ରା. ଲିଃ

**୪୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ଏହି ଦିନରେ ଆମେ ଆପଣଙ୍କୁ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାର ସହ ଆପଣଙ୍କ ସ୍ମୃତିଚାରଣ କରୁଛୁ। ଆପଣ ଦେଖାଇଥିବା ପଥରେ ଚାଲି ଆପଣଙ୍କ ଆଦର୍ଶରେ ସ୍ଥିର ଓ ଅଟଳ ରହିବା ପାଇଁ ଆମେ କାମନା କରୁଛୁ।

ପରିବାରବର୍ଗ, ଆତ୍ମୀୟସ୍ୱଜନ, କର୍ମଚାରୀବୃନ୍ଦ ଏବଂ ଶୁଭେଚ୍ଛୁ

KARUKRIT®

୧୩ଏ, ମଦନମୋହନତଲା ଷ୍ଟ୍ରିଟ୍, କୋଲକାତା: ୭୦୦ ୦୦୫
ଟେଲିଫୋନ୍: ୨୫୫୪-୧୫୧୨, ୨୫୫୪-୩୬୩୩, ୨୫୫୫-୨୯୭୭, ଫାକ୍ସ: ୨୫୫୪-୧୮୦୨
ୱେବ୍‌ସାଇଟ୍: www.karukrit.com; ଇମେଲ୍: karukrit1932@karukrit.com

ଏହି ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ, ଆମର ସମସ୍ତ କାର୍ଯ୍ୟାଳୟ ଆଜି ବନ୍ଦ ରହିବ


## ଆଜି ଆସୁଛନ୍ତି ଅମିତ୍ ଶାହା

### ଜନତା ମଇଦାନ ସଭାରେ ଯୋଗଦେବେ

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରେ ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଭାଜପା କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ। ଏହାପରେ ଶାହା ରାଜ୍ୟ ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ୨୪ତମ ପୂର୍ବାଞ୍ଚଳ ଜୋନ୍ ପରିଷଦ (ଇଜେଡ୍‌ସି) ବୈଠକରେ ଯୋଗଦେବେ। ଏହା ପରେ ଅପରାହ୍ନ ୪ଟାରେ ଭାଜପା ପକ୍ଷରୁ ଜନତା ମଇଦାନଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସେଠାରେ ସେ ୧ ଘଣ୍ଟା ରହିବେ। ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ବିଷୟରେ ମତ ରଖିବେ। ଏହାପରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ହୋଟେଲରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସେ ଏକ ବୈଠକରେ ଯୋଗଦେବେ। ଏହି ବୈଠକ ୧ ଘଣ୍ଟା ଧରି ଚାଲିବ। ସେଠାରୁ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିବେ ଏବଂ ସେଠାରେ ରାତ୍ରିଯାପନ କରିବେ। ଶନିବାର ସକାଳ ୮ଟାରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ପୂର୍ବାହ୍ନ ୧୦ଟା ୪୫ରେ ଶାହା ଲିଙ୍ଗରାଜଙ୍କ ଦର୍ଶନ କରିବେ। ଏହାପରେ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଏକ ଘରୋଇ ହସ୍ପିଟାଲକୁ ଉଦ୍‌ଘାଟନ କରି ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଜନତା ମଇଦାନରେ ହେଉଥିବା ପ୍ରସ୍ତୁତି ସମ୍ପର୍କରେ ଦଳୀୟ ନେତାଙ୍କ ସହ ଆଲୋଚନା କରି ପରିସ୍ଥିତିର ସମୀକ୍ଷା କରିଥିଲେ। ଭାଜପା ପକ୍ଷରୁ ସେଠାରେ ଏକ ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରରୁ ଭାଜପା କର୍ମୀ ଓ ଲୋକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହାଙ୍କ ଗସ୍ତକୁ ସଫଳ କରିବା ପାଇଁ ରାଜ୍ୟ ଭାଜପା ପକ୍ଷରୁ ପୂରା ଦମ୍ ଲଗାଯାଇଛି। ସହରର ବିଭିନ୍ନ ଛକ ଓ ଗଳିକନ୍ଦିରେ ଶାହାଙ୍କ ହୋର୍ଡିଂ ଲଗାଯାଇଛି। ବିମାନବନ୍ଦରଠାରୁ ଆରମ୍ଭ କରି ଶିଶୁ ଭବନ ଛକ, ରାଜମହଲ, ଏଜି, ରାଜଭବନ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ବାଣୀବିହାର, କଳିଙ୍ଗ ହସ୍ପିଟାଲ ଓ ମାଷ୍ଟରକ୍ୟାଣ୍ଟିନ ଆଦି ବିଭିନ୍ନ ସ୍ଥାନ ହୋର୍ଡିଂ ଓ ଦଳୀୟ ପତାକାରେ ଛାଇ ଯାଇଛି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଶବ୍ୟାପୀ ବିରୋଧ ହେଉଥିବାରୁ ଭାଜପା ପକ୍ଷରୁ ଆୟୋଜିତ ଏହି ବୈଠକରେ ଶାହା ଏହି ଆଇନ ସପକ୍ଷରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେବେ। ଏହି ଆଇନ ବିଷୟରେ ଲୋକମାନଙ୍କୁ ବୁଝାଇବା ପାଇଁ ଦଳୀୟ କର୍ମୀ ଓ ନେତାଙ୍କୁ ଗୁରୁବାଣୀ ଦେବେ। ପରେ ସନ୍ଧ୍ୟାରେ ଅନୁଷ୍ଠିତ ଦଳୀୟ କର୍ମକର୍ତ୍ତା ବୈଠକରେ ଆଗାମୀ ରଣନୀତି ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ମରାମତି କାର୍ଯ୍ୟ ପାଇଁ ବାତିଲ ହେବ ଟ୍ରେନ୍ ସେବା

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ପୂର୍ବତଟ ରେଳପଥର ବିଭିନ୍ନ ସ୍ଥାନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି କେତେକ ପାସେଞ୍ଜର ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ଆଉ କେତେକ ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି। ସୂଚନା ମୁତାବକ, ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର ସମ୍ବଲପୁରଠାରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏବଂ ଜୁନାଗଡ଼ ରୋଡ୍‌ଠାରୁ ଫେବୃୟାରୀ ୨୮ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ସେହିଭଳି କଟକ-ପାରାଦୀପ-କଟକ ପାସେଞ୍ଜର ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାତିଲ ରହିବ। ଏହାବ୍ୟତୀତ ଭଦ୍ରକ-କଟକ-ଭଦ୍ରକ ମେମୁ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ବେଳେ ଦୁର୍ଗ-ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପକ୍ଷରେ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଉଭୟ ସମ୍ବଲପୁର ଓ ରାୟଗଡ଼ାରୁ ଫେବୃୟାରୀ ୨୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଟିଟିଲାଗଡ଼ ଓ ରାୟଗଡ଼ା ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ସେହିଭଳି ରାଇପୁର-ଜୁନାଗଡ଼ ରୋଡ୍-ରାଇପୁର ପାସେଞ୍ଜର ରାଇପୁରଠାରୁ ଫେବୃୟାରୀ ୨୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଏବଂ ଜୁନାଗଡ଼ ରୋଡ୍‌ରୁ ମାର୍ଚ୍ଚ ୧ ରୁ ୩ ପର୍ଯ୍ୟନ୍ତ ଟିଟିଲାଗଡ଼ ଓ ଜୁନାଗଡ଼ ରୋଡ୍ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।


Greet TECHNOLOGIES — Walk-in Interview — Tally POWER OF SIMPLICITY

**Accounting & Taxation job in BANGALORE**

Qualification: Any Graduation / Post Graduation Minimum 55% Average marks in 10th Std,12th Std & Graduation

Candidates awaiting their degree exam results are welcome.

Fluency in English & Hindi Compulsory

Salary: Take home of Rs.15,000/- onwards.

Candidates will be arranged with PG Accommodation in Bangalore as well as tickets to travel to Bangalore if selected.

Walk-in for an interview with all your Credentials on 29th Feb & 1st March, 2020

Contact : +91 9845002671
E-mail : shambu@greettech.com

Venue and Time

Tally Solutions Pvt. Ltd., R K Enclave, A-155, 1st floor, Saheed Nagar, Bhubaneswar- 751007 Odisha2020 between 9 am to 4 pm

PS: Along with resume, please carry original documents, Of 10th, 12th, Degree and PG Certificates (where-ever applicable), Address proof (preferably Aadhar Card, Voter ID)






World leading brands from the House of Hero

Splendor+ | Super Splendor | iSmart+ | Passion XPro | Glamour | HF Deluxe | Maestro Edge 125 | Pleasure+ | Duet | Destini 125 | Xpulse 200T | Xpulse 200 | Xtreme 200R | Xtreme 200S

India's First 5 Year Warranty* *Conditions apply

Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Bonus of ₹3000/- on all BS IV Scooter models in Central, East & North Zones till 29th Feb'20 or till stock lasts, whichever is earlier. **Exchange or Loyalty Bonus of ₹5000/- on purchase of all BS IV Scooter models in Central, East & North Zones till 29th Feb'20 or till stock lasts, whichever is earlier. Schemes are applicable only on BS IV scooters. Schemes cannot be clubbed together. Hero MotoCorp reserves the right to modify / alter / withdraw offers without any prior intimation. #Finance scheme is at the sole discretion of the Financier & subject to its respective T&Cs. Finance schemes cannot be clubbed together. For details, please contact your nearest Authorized Hero outlet.

HeroMotoCorpIndia | @HeroMotoCorp | HeroMotoCorpLimited | TheHeroMotoCorp | heromotocorp.com

**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799766329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

WT.5070.2020ODI

**କିଛି ତଥ୍ୟ**
ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କାର୍ଯ୍ୟ ଆରମ୍ଭ କରିବାର ୨ ବର୍ଷ ମଧ୍ୟରେ ୨ କୋଟି ଗ୍ରାହକଙ୍କ ନିକଟରେ ପହଞ୍ଚି ପାରିଛି।
– ଆଇପିପିବି

**ଆଜିର ମନ୍ତବ୍ୟ**
ରବିଶଙ୍କର ପ୍ରସାଦ ଦେଶର ସବୁଠାରୁ ବଡ଼ ଆଇନବିହୀନ ମନ୍ତ୍ରୀ। ସମ୍ବିଧାନ ଓ ଆଇନ ସମ୍ପର୍କରେ ତାଙ୍କର ଜ୍ଞାନ କମ୍।
– ରଣଦୀପ ସିଂ ସୁର୍‌ଜେୱାଲା, କଂଗ୍ରେସ ମୁଖପାତ୍ର




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଅଲିଭା
ପରିବାରବର୍ଗ


ସୌଜନ୍ୟା
ପରିବାରବର୍ଗ


ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ଗୁଗଲ୍ ଟ୍ରାନ୍ସଲେଟର୍‌ରେ...

ରହିଛି। ଗତ ୪ବର୍ଷ ମଧ୍ୟରେ ଗୁଗଲ୍ ଟ୍ରାନ୍ସଲେଟର୍‌ରେ କୌଣସି ନୂଆ ଭାଷାକୁ ଯୋଡ଼ା ଯାଇ ନ ଥିବାବେଳେ ଏବେ ଓଡ଼ିଆ ସମେତ କିନ୍ୟାରୱାଣ୍ଡା, ଟାଟାର, ତୁର୍କମେନ୍ ଏବଂ ଉଇଘୁରକୁ ସାମିଲ କରାଯାଇଛି। ଏହି ଭାଷାଗୁଡ଼ିକ ବିଶ୍ୱର ୭୫ ମିଲିଅନ୍ ଅର୍ଥାତ୍ ୭.୫କୋଟି ଲୋକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଗୁଗଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ନୂତନ ଭାଷା ଯୋଡ଼ାଯିବା ପରେ ଗୁଗଲ୍ ଟ୍ରାନ୍ସଲେଟର୍ ଭାଷା ସଂଖ୍ୟା ଏବେ ୧୦୮ରେ ପହଞ୍ଚିଛି। ଗୁଗଲ୍ ଟ୍ରାନ୍ସଲେଟର୍‌ରେ ଓଡ଼ିଆ ଯୋଡ଼ିହେବା ଦ୍ୱାରା ଇଂଲିଶରୁ ହିନ୍ଦୀ, ବଙ୍ଗଳା, ତାମିଲ ଏବଂ ଅନ୍ୟ ଭାରତୀୟ ଭାଷାକୁ ଅନୁବାଦ ଭଳି ଓଡ଼ିଆରେ ମଧ୍ୟ ବିଭିନ୍ନ ଶବ୍ଦ ଓ ବାକ୍ୟ ଅନୁବାଦ କରାଯାଇପାରିବ। ବର୍ତ୍ତମାନ ଏହାକୁ ନେଇ ପରୀକ୍ଷା ନିରୀକ୍ଷା ଜାରି ରହିଥିବାରୁ ଆଗାମୀ କିଛିଦିନରେ ଏହା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବ। ତେବେ 'ବେଟା ଭର୍ସନ୍' ଆସିଥିବାରୁ ସମସ୍ତ ଭାଷାରେ ବ୍ୟବହାରକାରୀ ଟ୍ରାନ୍ସଲେଶନ୍ ବ୍ୟବସ୍ଥାର ସୁଯୋଗ ନେଇପାରିବେ। ସେହିଭଳି ସମସ୍ତ ଭାଷା ଟେକ୍ସଟ୍ ଏବଂ ୱେବ୍‌ସାଇଟ୍ ଟ୍ରାନ୍ସଲେଶନକୁ ସପୋର୍ଟ କରୁଥିବାବେଳେ ବର୍ତ୍ତମାନ କେବଳ କିନ୍ୟାରୱାଣ୍ଡା, ଟାଟାର ଏବଂ ଉଇଘୁର୍ ଭାଷା ପାଇଁ ଭର୍ଚୁଆଲ୍ କି-ବୋର୍ଡ ଇନ୍‌ପୁଟ୍ ବ୍ୟବସ୍ଥା ରହିଛି। ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିବାବେଳେ ଏହା ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ବ୍ୟବହୃତ ହୋଇଥାଏ। ହେଲେ ବ୍ୟାପକ ୱେବ୍ କଣ୍ଟେଣ୍ଟର ଅଭାବ ଯୋଗୁ ଓଡ଼ିଆକୁ ଗୁଗଲ୍ ଟ୍ରାନ୍ସଲେଟର୍‌ରେ ସାମିଲ କରିବାରେ ବିଳମ୍ବ ହେଉଥିଲା। ଗୁଗଲ୍‌ର ମେଶିନ୍ ଲର୍ନିଂ ଟେକ୍ନୋଲୋଜି ସହାୟତାରେ ଏବଂ ଗୁଗଲ ଟ୍ରାନ୍ସଲେଟ୍ କମ୍ୟୁନିଟିର ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଥିବା ଗୁଗଲ୍ ପକ୍ଷରୁ କୁହାଯାଇଛି।

### ନିଆଁରେ ଘିଅ...

ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ଘରଦ୍ୱାର ଭାଙ୍ଗିଯାଇଥିବା ଦଙ୍ଗା ପୀଡ଼ିତଙ୍କୁ ତତ୍କାଳ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ଘଟଣାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କାଉନ୍‌ସିଲର ତାହିର ହୁସେନଙ୍କ ସମ୍ପୃକ୍ତି ନେଇ ତଥ୍ୟ ସାମ୍ନାକୁ ଆସିଥିବାରୁ ଦଙ୍ଗାରେ ତାଙ୍କର କି ଭୂମିକା ଥିଲା ବୋଲି କେଜ୍‌ରିୱାଲଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦଙ୍ଗାରେ ଯିଏ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି କାହାକୁ ଛଡ଼ାଯିବା ଅନୁଚିତ। ଏଏପିର ହୁଅନ୍ତୁ କି ତାଙ୍କ କ୍ୟାବିନେଟର ସଦସ୍ୟ ଧରାପଡ଼ିଲେ ତାଙ୍କ ବିରୋଧରେ ଦୋହରା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କେଜ୍‌ରିୱାଲ କହିବା ସହ ତାଙ୍କ ହାତରେ ଦିଲ୍ଲୀ ପୋଲିସ ନ ଥିବା କହିଛନ୍ତି। ପୋଲିସ ତାଙ୍କ ପାଖରେ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ସାରନ୍ତାଣି ବୋଲି ସେ ଅସହାୟତା ପ୍ରକାଶ କରିଥିଲେ। ଯିଏ ଦୋଷୀ ତାଙ୍କୁ ଦଣ୍ଡ ମିଳୁ ବୋଲି ଏଏପି ପକ୍ଷରୁ ବରିଷ୍ଠ ନେତା ଗୋପାଳ ରାଏ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଶାସକ ଦଳ ଏବଂ କଂଗ୍ରେସ ଏହାକୁ ନେଇ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି। ଭାଜପା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କ ମୃତ୍ୟୁ ଉପରେ ଅନ୍ୟ ଦଳର ନେତାମାନେ ନୀରବ କାହିଁକି? ଗତ ଡିସେମ୍ବରରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ 'ଆର୍ ୟା ପାର୍' (ଶେଷ ପର୍ଯ୍ୟନ୍ତ ଲଢ଼େଇ କର) ବୋଲି ଆହ୍ୱାନ ଦେଇଥିଲେ। ଏହାର ଦୁଇମାସ ପରେ ଦିଲ୍ଲୀରେ ଦଙ୍ଗା ଘଟିଛି। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ରାଜନୀତି ଛଡ଼ା କିଛି ନୁହେଁ। ସେହିପରି ଦିଲ୍ଲୀରେ ଶାସନ କରୁଥିବା ଏଏପିର ବିଧାୟକମାନେ ଶାନ୍ତି ପାଇଁ କାର୍ଯ୍ୟ କରିବା ବଦଳରେ ସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦଙ୍ଗା ପୀଡ଼ିତଙ୍କୁ ଧର୍ମ ଆଧାରରେ ବିଧାନସଭା ଭିତରେ ଚିହ୍ନଟ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସମାଲୋଚନା କରିଛନ୍ତି। ସେପଟେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଏସ୍. ମୁରଲିଧରଙ୍କ ବଦଳିକୁ ନେଇ ମଧ୍ୟ ରାଜନୀତି ଜୋର୍ ଧରିଛି। କାରଣ ବିବାଦୀୟ ମନ୍ତବ୍ୟ ଦେଇ ସ୍ଥିତିକୁ ସଙ୍ଗିନ କରିଥିବା ଭାଜପା ନେତା ପରଭେଶ ବର୍ମା, କପିଲ ମିଶ୍ର ଓ ଅନୁରାଗ ଠାକୁରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରି ନ ଥିବାରୁ ଦିଲ୍ଲୀ ପୋଲିସକୁ ବୁଧବାର ହାଇକୋର୍ଟ ଭର୍ତ୍ସନା କରିଥିଲେ। ଏହାର କିଛି ଘଣ୍ଟା ପରେ ଜଷ୍ଟିସ୍ ମୁରଲିଧରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ସ୍ଥାନାନ୍ତର କରାଯିବା ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଛି।

### ଅନୁପଙ୍କ ନାର୍କୋ ଟେଷ୍ଟ...

ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଅନୁପ ପୂର୍ବରୁ ପୋଲିସ ନିକଟରେ ଦୋଷ ସ୍ୱୀକାର କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ ଦୁଇ ଥର ରିମାଣ୍ଡରେ ଆଣି ଏ ନେଇ ଅଧିକ ତଥ୍ୟ ପାଇବାକୁ ଜେରା କରିଥିଲା। ହେଲେ ପୋଲିସ କୌଣସି ନୂଆ ତଥ୍ୟ ପାଇ ପାରି ନାହିଁ। ଅନ୍ୟପକ୍ଷେ ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ କିନ୍ତୁ ପୋଲିସ ନିକଟରେ ଦୋଷ ସ୍ୱୀକାର କରି ଲାଇଭ ଡେମୋ ଦେଖାଇଥିଲେ। ହେଲେ ଅନୁପ ପୋଲିସକୁ କୌଣସି ତଥ୍ୟ ଦେଇ ନ ଥିବାରୁ ଏହି ମାମଲା ପୋଲିସ ପାଇଁ ଅଧିକ ଜଟିଳ ହେବାରେ ଲାଗିଛି। ଏଣେ ଅନୁପଙ୍କ ପରିବାର ଲୋକେ ପୋଲିସ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ରାଜ୍ୟ ଗୃହ ବିଭାଗ ସମେତ ମାନବାଧିକାର କମିଶନର ଦ୍ୱାରସ୍ଥ ହୋଇସାରିଛନ୍ତି । ଏହାଦ୍ୱାରା ଅନୁପଙ୍କ ପରିବାର ଲୋକ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସମବେଦନା ଏକାଠି କରି ପାରିଛନ୍ତି ।
ଅନ୍ୟପକ୍ଷେ ତୀର୍ଥଯାତ୍ରା ଯାଇଥିବା କଳ୍ପନାଙ୍କ ବାପା ରୁଦ୍ରାକ୍ଷ ଦାଶ ଗୁରୁବାର ଟ୍ରେନ ଯୋଗେ ପୁରୀରେ ଆସି ପହଞ୍ଚିଛନ୍ତି । ସେ ଆସିବା ପରେ ଘଟଣାର ନୂଆ ମୋଡ ନେବ ବୋଲି ପୋଲିସ ଆଶା ବାନ୍ଧି ବସିଛି। କାରଣ ଏ ପର୍ଯ୍ୟନ୍ତ କଳ୍ପନାଙ୍କ ପରିବାର ପକ୍ଷରୁ କେହି ବି ପୋଲିସକୁ ଠିକ ଭାବେ ସହଯୋଗ କରିନାହାନ୍ତି। ରୁଦ୍ରାକ୍ଷ ପୋଲିସକୁ କିଛି ନୂଆ ତଥ୍ୟ ଦେଇ ପାରନ୍ତି , ଯାହା ପୋଲିସକୁ ସହଜ ହେବ ବୋଲି ଆଶା କରାଯାଉଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଶ୍ରୀଚନ୍ଦ୍ର ଯୋଗୁ ଅର୍ଥଲାଭ, ପାରିବାରିକ ଉନ୍ନତି ହେବ କିନ୍ତୁ ଘାତଚନ୍ଦ୍ର ପ୍ରଭାବରେ ଯାତ୍ରାରେ କାର୍ଯ୍ୟହାନି ଓ ହଇରାଣ ହୋଇପାରନ୍ତି। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ବିତିବ।

**ବୃଷ**

ଏକାଦଶରେ ଶୁକ୍ର ବନ୍ଧୁଙ୍କ ସହ ସଫଳ ଆଲୋଚନା ମଧ୍ୟରେ ମନ ଖୁସି ରହିବ। ସମସ୍ୟା ମଧ୍ୟରେ ଗତି କରି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିରର୍ଥକ ହେବନି। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ**

କୌଣସି ନୂତନ କାମ ଆରମ୍ଭ ପାଇଁ ପରିବାରରେ ଆଲୋଚନା କରିପାରନ୍ତି। ଆଜିର ଦିନଟି ମନ୍ଦ ହେବନି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ବିବାଦୀୟ ସ୍ଥିତି ସୃଷ୍ଟି କରି କାର୍ଯ୍ୟକୁ ସାମୟିକ ଅଟକାଇ ଦେଇପାରନ୍ତି। ଆପଣ ଅନ୍ୟମାନଙ୍କ ପାଇଁ ଯେଉଁ କାମ ସହଜରେ କରିଦେଇପାରିବେ ତାହା ନିଜପାଇଁ କରିପାରିବେ ନାହିଁ।

**କର୍କଟ**

କ୍ରନିକ୍‌ରୋଗ ଜନିତ ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ପୂର୍ବ ନିର୍ଦ୍ଧାରିତ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବନ୍ଧୁଙ୍କ ସହାୟତାରେ ଧାର କରଜ,ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇପାରନ୍ତି।

**ସିଂହ**

ଦିନଟିରେ ସ୍ୱାସ୍ଥ୍ୟଭଲ ରହିବ, ଅଭାବ ମଧ୍ୟ ରହିବନି କିମ୍ବା କାମ ମଧ୍ୟ ଅଟକିବନାହିଁ। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆତ୍ମୀୟମାନେ ପୂର୍ବବିବାଦକୁ ମନେପକାଇ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା**

ଅନୁକୂଳ ଗ୍ରହ ପ୍ରଭାବରେ ଦୀର୍ଘଦିନର ଆଶା ପୂରଣ ହେବା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। କାର୍ଯ୍ୟଦକ୍ଷତା ଓ ନିୟମାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି।

**ତୁଳା**

ଆଜି ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ ମାନସିକସ୍ଥିତି ଭଲ ରହିବ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ବ୍ୟକ୍ତିଗତ କ୍ଷେତ୍ରରେ ଉପକୃତ ହୋଇପାରନ୍ତି। ପାରସ୍ପରିକ ସ୍ନେହ, ସହାନୁଭୂତିରୁ ପାରିବାରିକ ସ୍ଥିତି ଭଲ ରହିବ।

**ବିଛା**

ଶାରୀରିକ ସୁସ୍ଥତା ସାଙ୍ଗକୁ ମନ ଚାହୁଁଥିବା ଜିନିଷ ଲାଭକରି ଆନନ୍ଦ ଅନୁଭବ କରିବେ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ଏବଂ ଆଶାନୁଯାୟୀ ରୋଜଗାର ମଧ୍ୟ ଭଲ ହେବ। ପରୋକ୍ଷ ଶତ୍ରୁତା କାରଣରୁ ଅନୁରାଧା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଅଶାନ୍ତି ପରିସ୍ଥିତି ଉପୁଜିପାରେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ପାଇପାରିବେ। ପୂର୍ବାଷାଢ଼ା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ପରୋକ୍ଷ ସମାଲୋଚନାରୁ ବାଦ୍ ପଡିବେ ନାହିଁ। ନୂତନ ପ୍ରକଳ୍ପ ଆରମ୍ଭ, ନିର୍ମାଣାଧୀନ କାମ, କ୍ରୟବିକ୍ରୟ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**

କୌଶଳପ୍ରୟୋଗ କରି କାର୍ଯ୍ୟସାଧନ କରିବାରେ ଆପଣଙ୍କ ଚେଷ୍ଟା ନିରର୍ଥକ ହେବନାହିଁ। ବନ୍ଧୁ ପରିଜନଙ୍କ ସହ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ପାରସ୍ପରିକ ଉତ୍ତମ ବୁଝାମଣାରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ମାତ୍ର ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା ବିଶେଷ ଗୁରୁତର ନ ହେଲେ ମଧ୍ୟ କ୍ରନିକ୍ ରୋଗପୀଡ଼ା ଲାଗିରହିବ। ସରକାରୀ ସ୍ତରରୁ ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ**

ବିଭିନ୍ନ ପ୍ରକାରର ଅତୀତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସନ୍ଦେହ ବୃଦ୍ଧି କାରଣରୁ ପରିବାରରେ ମନାନ୍ତର ସୃଷ୍ଟି ଆଶଙ୍କା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଧାତୁ ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଶୁକ୍ରବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ୮ ।୩୦ମି. ଗତେ ଘ୧୦ ।୪୯ମି. ମଧ୍ୟେ ଅମୃତବେଳା। ଦିବା ଘ୭ ।୩୭ମି. ଗତେ ଘ୯ ।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୧୦ ।୩୨ମି. ଗତେ ଘ୧୧ ।୫୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Bhubaneswar AMRI Hospital ପଛରେ 20' road Boundary, Electric, Supply Water ଥାଇ ନିଜର 60'x 48' ଘରବାରି ପଟ୍ଟାପ୍ଲଟ୍ ବିକ୍ରିହେବ। 9337383977. D-56663

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଜଙ୍କିଆ ଥାନା ସମ୍ମୁଖରେ **NHକୁ** ଲାଗି ଘରବାରି **plot** ବିକ୍ରି ହେବ। **9437041063, 9938499755.** D-16840

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

ଭୁବନେଶ୍ୱର ବାଳକାଟି ବଜାରରୁ **2km sqft.-550/-,** (ଘରବାରି) ଜଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

4400 sqft. gharabari residential land for sale at Nayapalli, Bhubaneswar. Price - 1.63 Crore, Contact : 6370212755. D-69224

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Two gunth sthitiban land near Garapur Hanuman Temple, Kendrapara for immediate sale. 9437013139. D-16920

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

30'road boundary, gharabari fully developed plot Gudiapokhari (KEC) 9937166932. D-68599

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69227

ଖୋର୍ଦ୍ଧାରେ ଘର ଓ ସ୍ଥିତିବାନ ଘରବାଡ଼ି ଜାଗା ବିକ୍ରିହେବ। ନବିନାବାଗ, ବଡଶଙ୍ଖ ପାଖ, ପଲା ହାଇସ୍କୁଲ ଓ **Medical** ପାଖରେ ମେନ୍‌ରୋଡ୍‌କୁ ଲାଗି। ଯୋଗାଯୋଗ: **8249030042, 9439921218.** D-16923

**A new premium triplex house, 6 bedrooms ready to move at Balianta (Bhubaneswar) project approved by HDFC and LIC @ 2200 per sqft. 7437998131.** D-68071

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 5500/- sqft., 9437018423. D-68792

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**3BHK flat Vivekanandamarg, Nageswartangi, Bhubaneswar. Affordable price 55lacs, 9337288910, 9337292797.** D-67294

**GENERAL SALE**

ଭୁବନେଶ୍ୱରରେ ଏକ ଭଲ ଚାଲୁଥିବା Hardware and paint ଦୋକାନ ବିକ୍ରିହେବ: 9437001960, 8249490842. D-68672




3BHK flat with covered parking for 2 four wheelers, 2 AC, geysers and chimney near Khandagiri Square. Call: 9937235603. D-16919

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

**ACCOMMODATION**

**Wanted 3000 sqft. godown space for workshop in Mancheswar Industrial Estate Area, Bhubaneswar. Contact: 9938303321.** D-16926




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Ayurvedic full body massage by ladies, gents therapist. 7008773793 D-60873

Sai herbal spa refresh your body with smart, expert therapist. 7608062524. D-69222

Newly open full body massage by ladies, gents therapist. 8018656899 D-60872

Monalisa Massage Club: All types body massage with hiprofile smart lady rooms service available- 9708545108. D-16879

Ayurvedic refreshment massage therapy refresh mind and body. Appointment: 7894855541. D-68598

**AFFIDAVIT**

Affidavit before Executive Magistrate Chatrapur, I Mamata Panigrahi W/o- Tushar Kanta Panigrahi, Vill/ Po- Bipulingi, Ps- Chatrapur, Ganjam changed my surname from Mahapatra to Panigrahi after marriage, Henceforth I shall be known as Mamata Panigrahi for all purposes. D-66634

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

In The Court of The II Additional Principal Judge Family Court, At Bangalore
M.C.NO. 2800/2019
Between:
Susanta Kumar Sahu
Petitioner
And:
Smt. Deeptimayee Dash
Respondent
NOTICE TO RESPONDENT

To:
Deeptimayee Dash, Aged about 30years, D/o: Shri Ramakrishna Dash, Teacher Residing at Khairaput, PO:Khairaput, PS: Mudulipada, District: Malkangiri, Odisha-764045

Whereas, the above named petitioner has filed the above petition against you for the relief of decree for divorce and for such other relief. The above case is posted on 30.03.2020. For your appearance. Hence you are hereby directed to appear before this Hon'ble II additional family court on the said date at 11.00 A.M. Either in person or through counsel duly instructed.

Failing which, the above case will be heard and determined in your absence placing you as ex-parte. Giving under my hand and seal of this court on this 25 day of feb 2020.

By order of the court
Sd/-
Family Court,
Bengaluru

Advocate for petitioner
Sunitha.M
Advocate, No.75,1st Floor, Opp:Yediyur Ganesha Temple, Jayanagar 6th block, Bengaluru-560070.
D-66635

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟଜିତ୍ (ମହାବୀର)**
ରାମେଶ୍ୱର ପାଟଣା, ଓଲ୍ଡଟାଉନ୍, ଖୋର୍ଦ୍ଧା
ତୁମ ୪ର୍ଥ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ମାଆ, ମାମୁ, ମାଇଁ, ମଉସା, ମାଉସୀ, ରୋଶନ୍, ରୋସ୍ନି, ଲିକି, ଦୀପୁ, ତପୁ, ଗୁଗୁ, ପ୍ରାଚୀ, ଗୁଲୁମାଆ, ଲୁସି, ଚିଣ୍ଟୁ, ରିଣ୍ଟୁ।
ଧ-୧୬୯୧୬

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ଅଲିଭା ପ୍ରିୟଦର୍ଶିନୀ ମିଶ୍ର (ମିଷ୍ଟି)**
ବାପା: ବିକାଶ ମିଶ୍ର, ମାଆ: ଇପ୍‌ସିତା ମିଶ୍ର
ଗାଁ: ରାଏପାଲି, ଦେଓଗାଁ, ବଲାଙ୍ଗିର
ଆଜି ଚତୁର୍ଥ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ପ୍ରଭୁ ତୋତେ ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମ କାମନା।
-:ଶୁଭେଚ୍ଛା ସହ:-
ଦାଦା, ମାମା, ଅଜା, ଆଈ, ଝିଅ, ପିଉସା, ମାମୁ, ଭାଇ, ବଡ଼ବାପା, ବଡ଼ମାଆ ତଥା ମିଶ୍ର ପରିବାରବର୍ଗ।
ଧ-୧୬୯୨୮

**Birthday Wish**



**Sowjanya Patnaik**
As I sing Happy Birthday to you, it is you that puts the song in my heart and the music in my life-
**HAPPY BIRTHDAY TO YOU**
D-16929

**Aerospace Engineering ରେ Ph.D ଲାଭ**



ରାଜ୍ୟ କର୍ମଚାରୀ ବୀମା ଚିକିତ୍ସାଳୟରେ କାର୍ଯ୍ୟରତ ଚୌଦ୍ୱାର କପାଳେଶ୍ୱର ନିବାସୀ ବରିଷ୍ଠ ଡାକ୍ତର ଶରତ କୁମାର ସିଂହ ଓ ଶ୍ରୀମତୀ ମଧୁସ୍ମିତା ସିଂହଙ୍କ ପୁତ୍ର ସାର୍ଥକ ସମ୍ବିତ ସିଂହ Aerospace Engineering ରେ ଗବେଷଣା କରି Ph.D ଉପାଧି ଲାଭ କରିଛନ୍ତି। ଡ.ସିଂହ I.I.T. Kanpur Aerospace Engineering prof. kiteyଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ, ତାଙ୍କର ସନ୍ଦର୍ଭ Influence of filler shape and Strain rate on the mechanical and failure characteristics of glass filled epoxy composites. ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବହୁ ବୈଜ୍ଞାନିକମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଅଛି। ତାଙ୍କର ଗବେଷଣା ମୁଖ୍ୟତଃ "Development of new method to characterise the strength of the object under high dynamic loading condition using laser induced stress wave and optical interferometer ପର୍ଯ୍ୟବସିତ ଯାହାକି ଅନ୍ତରୀକ୍ଷ ବିଜ୍ଞାନରେ ପ୍ରଥମ। ତାଙ୍କ ଦ୍ୱାରା ଲିଖିତ ନିବନ୍ଧ ସବୁ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଅଛି। ବର୍ତ୍ତମାନ ସେ ଡେନମାର୍କ ସରକାରଙ୍କ ଫେଲୋଶିପ୍ ପାଇ ଉଚ୍ଚତର ଗବେଷଣା ପାଇଁ ଆସନ୍ତା ମାସରେ ଡେନମାର୍କ ଯାତ୍ରା କରିବେ। ସେ କଟକ ବିଦ୍ୟାଧରପୁର ନିବାସୀ ଭାରତୀୟ ତୈଳ ନିଗମର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ନାୟକ ଏବଂ ଶ୍ରୀମତୀ ପ୍ରିୟଦର୍ଶିନୀ ନାୟକଙ୍କ ଜାମାତା ତଥା କଟକ ହଜାରୀ ଲେନ୍‌ର ବିଶିଷ୍ଟ ବ୍ୟକ୍ତି ଶ୍ରୀଯୁକ୍ତ ମିହିର କୁମାର ମହାପାତ୍ରଙ୍କ ଭଣଜା ଅଟନ୍ତି। ସେ ନିଜ କୃତିତ୍ୱର ଶ୍ରେୟ ପିତାମାତା, ଗୁରୁଜନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି।
ଧ-୧୬୯୨୧




# ୪ର୍ଥ ଆସନ କାହାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଦେଶର ୫୫ ରାଜ୍ୟ ସଭା ଆସନ ପାଇଁ ମାର୍ଚ୍ଚ ୨୬ ତାରିଖରେ ନିର୍ବାଚନ ହେବ। ଏଥିଲାଗି ଆସନ୍ତା ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କ୍ରମରେ ଓଡ଼ିଶାରେ ୪ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। କଂଗ୍ରେସ ସଦସ୍ୟ ରଞ୍ଜୀବ ବିଶ୍ୱାଳ, ବିଜେଡିର ସରୋଜିନୀ ହେମ୍ବ୍ରମ୍, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କିଛି ମାସ ତଳେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଆସନର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବାକୁ ଯାଉଛି। ସଂଖ୍ୟାଦୃଷ୍ଟିରୁ ୩ଟି ଆସନରେ ବିଜେଡି ପ୍ରାର୍ଥୀ ସହଜରେ ନିର୍ବାଚିତ ହେବାକୁ ଥିବାବେଳେ ୪ର୍ଥ ଆସନ ମଧ୍ୟ ଶାସକ ଦଳ ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ତଥାପି ବିଗତ ଦିନର ରାଜ୍ୟ ସଭା ରାଜନୀତିକୁ ଦେଖିଲେ, ଆଗକୁ କ'ଣ ହେବ ତାକୁ ନେଇ ବର୍ତ୍ତମାନଠାରୁ ଆକଳନ କରିବା କଷ୍ଟକର। ତେବେ ଭାଜପା କେନ୍ଦ୍ରୀୟ ନେତା କିନ୍ତୁ ଓଡ଼ିଶାର ଖାଲି ହେବାକୁଥିବା ୪ ଆସନରୁ ୨ଟି ଉପରେ ନଜର ଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ହେବାକୁ ଥିବା ୧୭ ରାଜ୍ୟ ମଧ୍ୟରୁ ଅନେକ ସ୍ଥାନରେ ଭାଜପା ସରକାରରୁ ହଟିଯାଇଛି। ସେହି ଅନୁଯାୟୀ ହିସାବ କଲେ ରାଜ୍ୟ ସଭା ନିର୍ବାଚନରେ ଭାଜପା ସଂଖ୍ୟା କମିବା ନିଶ୍ଚିତ। ତେଣୁ ଓଡ଼ିଶା ଭଳି ରାଜ୍ୟରୁ ୨ଟି ଆସନ ନେବାକୁ ଭାଜପା ଆଖି ପକାଇଥିବା ଚର୍ଚ୍ଚା ହୋଇଆସୁଛି।

ଅପରପକ୍ଷରେ ସଂଖ୍ୟା ଦୃଷ୍ଟିରୁ ରାଜ୍ୟ ସଭାରେ ଭାଜପା ଦୁର୍ବଳ ଥିବାରୁ ଅନେକ ପ୍ରସଙ୍ଗରେ ସମର୍ଥନ ପାଇଁ କ୍ଷୁଦ୍ର ଦଳଗୁଡିକ ଉପରେ ନିର୍ଭର କରୁଛି। ତେଣୁ ରାଜ୍ୟ ସଭାରେ ସଂଖ୍ୟା ବଢ଼ାଇବା ପାଇଁ ଭାଜପା ଦୀର୍ଘଦିନ ଧରି ଉଦ୍ୟମ ଚଳାଇ ଆସୁଛି। କିନ୍ତୁ ନିକଟରେ ଶେଷ ହୋଇଥିବା କେତେଗୁଡିଏ ରାଜ୍ୟର ଫଳାଫଳ ଦେଖିଲେ ଏଥର ରାଜ୍ୟ ସଭା ନିର୍ବାଚନରେ ଭାଜପାକୁ ଅଧିକ କ୍ଷତି ସହିବାକୁ ପଡିବ ବୋଲି ଆଲୋଚନା ହେଉଛି। କେତେଗୁଡିଏ ରାଜ୍ୟରେ ଶାସନ କ୍ଷମତାରେ ରହି ଆସୁଥିବା ଭାଜପା ଏବେ ବିରୋଧୀ ସ୍ଥାନକୁ ଖସି ଆସିଛି। ବିଗତ ଦିନରେ ଭାଜପାର ଅତ୍ୟନ୍ତ ସହଯୋଗୀ ଦଳଗୁଡିକ ବର୍ତ୍ତମାନ ବିରୋଧୀ ମେଳିରେ ଅଛନ୍ତି। ମହାରାଷ୍ଟ୍ରରେ ଭାଜପାର ସହଯୋଗୀ ଥିବା ଶିବସେନା ବର୍ତ୍ତମାନ ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପି ସହ ହାତ ମିଳାଇ ସରକାର ଚଳାଉଛି। ଶିବସେନା ଲାଗି ଭାଜପା ବର୍ତ୍ତମାନ ପରମ ଶତ୍ରୁ ହୋଇ ଉଭାହୋଇଛି। ଏଠାରେ ୭ଟି ଆସନ ପାଇଁ ନିର୍ବାଚନ ହେବ। ଭାଜପା ଠାରୁ ସମ୍ପର୍କ ଛିନ୍ନ ହେବାପରେ ଶିବସେନା କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଅଧିକ ଆସନ ହାତେଇବା ଲକ୍ଷ୍ୟରେ ରହିଛି। ସେହିପରି ଝାଡ଼ଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଭାଜପା ସରକାର ଗାଦିରୁ ହଟି ବିରୋଧୀ ଭୂମିକା ତୁଲାଉଥିବାରୁ ସେହି ସ୍ଥାନଗୁଡିକରେ ମଧ୍ୟ ପୂର୍ବାପେକ୍ଷା କମ୍ ଆସନ ମିଳିବାର ସମ୍ଭାବନା ରହିଛି। ମହାରାଷ୍ଟ୍ର ବିଧାନସଭାରେ ଭାଜପାର ୧୦୫ ବିଧାୟକ ଥିବାବେଳେ ଶିବସେନାର ୫୬, କଂଗ୍ରେସ ୪୪,ଏନ୍‌ସିପିର ୫୪ ଏବଂ ସ୍ୱାଧୀନ ସମେତ ଅନ୍ୟ ଦଳର ୨୯ ବିଧାୟକ ଅଛନ୍ତି। ସେହିପରି ମଧ୍ୟପ୍ରଦେଶରେ ଭାଜପାର ୧୦୮, କଂଗ୍ରେସ ୧୧୫, ବିଏସ୍‌ପି ୨ ଏବଂ ଅନ୍ୟ ଦଳର ୫ଜଣ ବିଧାୟକ ଅଛନ୍ତି। ରାଜସ୍ଥାନରେ ଭାଜପାର ୭୩, କଂଗ୍ରେସ ୧୦୦, ବିଏସ୍‌ପି ୬, ସ୍ୱାଧୀନ ୧୩ ଏବଂ ଅନ୍ୟ ଦଳର ୮ ବିଧାୟକ ଅଛନ୍ତି। ଛତିଶଗଡରେ କଂଗ୍ରେସର ୬୮ ବିଧାୟକ ଥିବାବେଳେ ଭାଜପାର ୧୫ ଏବଂ ଅନ୍ୟ ଦଳର ୭ଜଣ ସଦସ୍ୟ ଅଛନ୍ତି। ସେହିଭଳି ଝାଡଖଣ୍ଡ ବିଧାନସଭାରେ ଜେଏମ୍‌ଏମ୍‌ର ୩୦, କଂଗ୍ରେସ ୧୬, ଭାଜପା ୨୫, ଅନ୍ୟ ଦଳର ୧୦ଜଣ ବିଧାୟକ ରହିଛନ୍ତି।

ଏଭଳି ସ୍ଥିତିରେ ଯେଉଁ ରାଜ୍ୟରେ ଆସନ ହାତେଇ ପାରିବାର ଅଧିକ ସମ୍ଭାବନା ଅଛି, ତାକୁ ଭାଜପା କେବେହେଲେ ହାତଛଡ଼ା କରିବ ନାହିଁ। ଗତ ରାଜ୍ୟ ସଭା ନିର୍ବାଚନରେ ଓଡିଶାରୁ ଗୋଟିଏ ରାଜ୍ୟ ସଭା ଆସନ ଭାଜପା ବୁଝାମଣା ଭିତିରେ ନେବାପରେ ଏଥର ସମାନ ପ୍ରୟାସ କରିବ ବୋଲି କୁହାଯାଉଛି। ଓଡ଼ିଶାରେ ଖାଲି ହୋଇଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ନେବାକୁ ଦାବି କରୁଥିବା ଶୁଣିବାକୁ ମିଳୁଛି। ମାତ୍ର ଓଡ଼ିଶା ଚାହୁଁଥିବା ବିଧାନ ପରିଷଦ ବିଲ୍ ଲୋକ ସଭାରେ ଏବଂ ରାଜ୍ୟ ସଭାରେ ପାସ୍ କରାଇବାପରେ ଯାଇ ଏହା ସମ୍ଭବ ହୋଇପାରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗତ ଶୀତ ଅଧିବେଶନରେ କେନ୍ଦ୍ର ସରକାର ବିଧାନ ପରିଷଦ ବିଲ୍ ପାସ୍ କରାଇ ଦେବାର ସମ୍ଭାବନା ଥିବାବେଳେ ଏପର୍ଯ୍ୟନ୍ତ କଲେନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉକ୍ତ ବିଲ୍‌କୁ ପାସ୍ କରାଇବା ଲାଗି ନିର୍ଦ୍ଦେଶ ଦେଇ ନ ଥିବାରୁ ତାହା କୁଆଡ଼େ ଅଟକି ରହିଛି ବୋଲି ସୂଚନା ମିଳିଛି। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ଯୋଗଦେବା ଲାଗି ଓଡ଼ିଶା ଆସୁଥିବାରୁ ରାଜ୍ୟ ସଭା ଆସନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିବାର ଯଥେଷ୍ଟ ସମ୍ଭାବନା ରହିଥିବା ଶୁଣିବାକୁ ମିଳୁଛି। ଏସବୁ ମଧ୍ୟରେ ଭାଜପା ପକ୍ଷରୁ ଆୟୋଜନ କରାଯାଉଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷରେ ହେବାକୁ ଥିବା ଜନସଭାରେ ଶାହା ଯୋଗଦେବାକୁ ଥିବାବେଳେ ତାଙ୍କ ଆଭିମୁଖ୍ୟ କ'ଣ ରହିବ ସେଥିରୁ ଅନେକ କିଛି ବାରି ହୋଇଯିବ ବୋଲି ମଧ୍ୟ କୁହାଯାଉଛି।

ସେପଟେ ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ବିଧାନ ପରିଷଦ ବିଲ୍ କେନ୍ଦ୍ର ପାସ୍ ନ କରାଇବା ଏବଂ ଗତଥର ଆସନ ବୁଝାମଣା ଯୋଗୁ ବିଜେଡି ସମାଲୋଚନାର ଶିକାର ହେବା କାରଣରୁ ଏଥର ରାଜ୍ୟ ସଭା ଅଙ୍କ ବଦଳିବ। ଯେଉଁ ୩ଟି ଆସନରେ ବିଜେଡି ସଂଖ୍ୟା ଅନୁଯାୟୀ ଜିତିବା ସୁନିଶ୍ଚିତ ସେଥିରେ ଜଣେ ଉପକୂଳ ନେତା, ଜଣେ ଏସ୍‌ଟି, ଏସ୍‌ସି, ଓବିସି ନେତା, ଜଣେ ମହିଳାଙ୍କୁ ପ୍ରାର୍ଥୀ ହେବେ ବୋଲି ଗୁଞ୍ଜରଣ ହେଉଛି। ଅପରପକ୍ଷରେ ଏଭଳି ଜଣଙ୍କୁ ଚତୁର୍ଥ ପ୍ରାର୍ଥୀ କରିବାର ମସୁଧା କରାଯାଉଛି ଯାହାକୁ ବିରୋଧ କଲେ ଭାଜପା ଓଡ଼ିଶା ବିରୋଧୀ ଭାବେ ପରିଲକ୍ଷିତ ହୋଇପାରେ। ସେପଟେ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା କିମ୍ବା ଟିକେଟ ପାଇ ନ ଥିବା ଅଧିକାଂଶ ଶାସକ ଦଳ ନେତା ରାଜ୍ୟ ସଭା ଯିବାକୁ ଏବେଠାରୁ ଦୌଡ଼ ଆରମ୍ଭ କରିଦେଲେଣି।

# ପୁଞ୍ଜି ନିବେଶ ଲାଗି ଜାପାନକୁ ଆହ୍ୱାନ

- ମେକ୍ ଇନ୍ ଓଡ଼ିଶାରେ ପାର୍ଟନର ହୋଇପାରେ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** ଭାରତରେ ଓଡ଼ିଶା ସବୁଠାରୁ ଅଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇଛି। ଇସ୍ପାତ ଉତ୍ପାଦନ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏବେ ମୂଲ୍ୟଯୁକ୍ତ ଏବଂ କଳଙ୍କିବିହୀନ ଇସ୍ପାତ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ୨୦୩୦ ସୁଦ୍ଧା ୫୦ ପ୍ରତିଶତ ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଅଟୋମୋବାଇଲ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ଜାପାନ ପୁଞ୍ଜିନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଜାପାନ ଶିଳ୍ପପୁଞ୍ଜ ସ୍ଥାପନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ରେ ପାର୍ଟନର ଦେଶ ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଜାପାନ ରାଷ୍ଟ୍ରଦୂତଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଏବଂ ଜାପାନ ଶିଳ୍ପସଂସ୍ଥା ସହ ଆଗାମୀ ଦିନରେ ଏକ ବୃହତର ଏବଂ ଗଭୀର ସମ୍ପର୍କ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବୋଦୟ ବିଷୟରେ ଏକ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଦ୍ୱାରା ପୂର୍ବ ଭାରତରେ ସମନ୍ୱିତ ଇସ୍ପାତ ହବ୍ ପ୍ରତିଷ୍ଠା ହୋଇପାରିବ। ଏଥିପାଇଁ ଓଡ଼ିଶା ଏକ ପ୍ରକୃଷ୍ଟ ସ୍ଥାନ। ଜାତୀୟ ଇସ୍ପାତ ନୀତିରେ ଦେଶର ପୂର୍ବାଞ୍ଚଳରେ ୭୫ ପ୍ରତିଶତ ଇସ୍ପାତ ଉତ୍ପାଦନ କ୍ଷମତା ରହିଛି। ୨୦୩୦-୩୧ ସୁଦ୍ଧା ଦେଶରେ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ସେଥିରୁ ପୂର୍ବାଞ୍ଚଳରେ କେବଳ ୨୦୦ ନିୟୁତ ଟନ୍ ଉତ୍ପାଦନ ହୋଇପାରିବ ବୋଲି କୁହାଯାଇଥିଲା।

ମୁଖ୍ୟମନ୍ତ୍ରୀ ଏବଂ ଜାପାନ ରାଷ୍ଟ୍ରଦୂତଙ୍କ ସହ ଆଲୋଚନା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଆର୍ସେଲର ମିତଲକୁ ପ୍ଲାଣ୍ଟକୁ ଦେବାପରେ ନିପନ ଷ୍ଟିଲ୍ ଏଥିରେ ବଡ ସହଯୋଗୀ ହୋଇଛି। ଏହାସହ ଜାପାନର ଇସ୍ପାତ୍ କମ୍ପାନୀ ଜେଏଫଇ ଜେଏସଡବ୍ଲୁ ସହ ସହଭାଗୀ ହୋଇଛି। ଓଡିଶାର ଇସ୍ପାତ୍ ଶିଳ୍ପରେ ଜାପାନର ଦୁଇଟି ବଡ ଇସ୍ପାତ୍ କମ୍ପାନୀ ଜେଏଫ୍‌ଇ ଏବଂ ନିପନ ବଡ ପୁଞ୍ଜିନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଜାପାନ ଏକ ସହଯୋଗୀ ରାଷ୍ଟ୍ର ହେବା ଆମର ଲକ୍ଷ୍ୟ। ଏହି ମିଶନରେ ଓଡିଶାର କଳିଙ୍ଗ ନଗରର ବିକାଶ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଆଲୋଚନାରେ ଓଡିଶାରେ ଥିବା ବିଭିନ୍ନ ସୁବିଧାର ବିସ୍ତୃତ ବିବରଣୀ ଜାପାନର ରାଷ୍ଟ୍ରଦୂତଙ୍କୁ ପ୍ରଦାନ କରାଯାଇଛି।

# କ୍ଷୀର ବୋଝେଇ ଗାଡ଼ି ଧକ୍କାରେ ୨ ମୃତ

**ରାଇରଙ୍ଗପୁର,୨୭।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ୨୨୦ ନମ୍ବର ଜାତୀୟ ରାଜପଥର କାଦୁଆଣୀ ଗ୍ରାମ ନିକଟରେ ଗୁରୁବାର ସକାଳେ ଏକ କ୍ଷୀର ବୋଝେଇ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରାଇରଙ୍ଗପୁର ସହରାଞ୍ଚଳକୁ ଆସୁଥିବା କ୍ଷୀର ବୋଝେଇ ଭ୍ୟାନ୍ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା କରଞ୍ଜିଆ ଥାନା ଅଧୀନ ମେଚ୍ଛୁଆପାଳ ଗ୍ରାମ ହୁଡିସାହି ବସ୍ତିର ମୁକେଶ ମହାକୁଡ଼ ଏବଂ ଝାଡ଼ଖଣ୍ଡ ରାଜ୍ୟ ମଞ୍ଜରୀ ଥାନା ଅନ୍ତର୍ଗତ ଟିକିପିଟି ଗ୍ରାମର ଜନକ ବାନଜରଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ରରୁଆଁ ଥାନା ଅନ୍ତର୍ଗତ ବାରିଆ ଗ୍ରାମର ବିଜୁ ବାଙ୍କିରା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଓ ଆହତମାନେ ଜଣେ ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରଙ୍କ ନିକଟରେ କାମ କରୁଥିବା ଜଣାପଡିଛି। ଖବର ପାଇ ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୫/୨୦୨୦) ରୁଜୁକରି ପୋଲିସ ତଦନ୍ତ ଚଳାଇଛି।



ଓଡ଼ିଶା ସରକାର



## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଚଳିତ ରବି ଋତୁ (KMS 2019-20) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ(ସଂକ୍ଷେପରେ, ସମିତି)ରେ ଆଗୁଆ ଅନଲାଇନ୍ ପଞ୍ଜିକରଣ କରିବା ଆବଶ୍ୟକ । ରବି ଧାନ ସଂଗ୍ରହ ତା.1.5.2020 ରୁ ତା.30.6.2020 ମଧ୍ୟରେ ହେବ ।**

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଖରିଫ ଋତୁ (KMS 2019-20) ଧାନ ସଂଗ୍ରହ ନିମନ୍ତେ ପଞ୍ଜିକୃତ ଚାଷୀମାନେ କେବଳ ସେମାନଙ୍କ ଜମି ସମ୍ବନ୍ଧୀୟ ତଥ୍ୟର ନବୀକରଣ କରି ରବି ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.3.2020 ରୁ ତା. 15.3.2020 ମଧ୍ୟରେ ମିଳିବ । ସମିତି ସମ୍ପାଦକ www.foododihsa.in ପୋର୍ଟାଲରେ Login କରି Farmer Registration linkରେ ଥିବା "Renewal Form for 2020 Rabi Farmers" tabରୁ download କରି ଏହା print କରିବେ ।
- ଖରିଫ ଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଥିବ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦ ତଥ୍ୟରେ ପରିବର୍ତ୍ତନ କରିବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ ।

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଖରିଫ 2019-20 ଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଖାତା ଏବଂ ଜଳସେଚିତ ଜମି ସଂକ୍ରାନ୍ତୀୟ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

### ପଞ୍ଜୀକୃତ ତଥ୍ୟ ବାବଦରେ ଆପତ୍ତି ଗ୍ରହଣ

ତା. 7.4.2020ରୁ ତା. 15.4.2020 ମଧ୍ୟରେ ଯେ କୌଣସି ପଞ୍ଜିକୃତ ଚାଷୀ ବା ସାଧାରଣ ନାଗରିକ ପଞ୍ଜିକୃତ ତଥ୍ୟ ସମ୍ବନ୍ଧରେ ତାଙ୍କର ଆପତ୍ତି ଦାଖଲ କରିପାରିବେ। ଏହି ଆପତ୍ତି ପତ୍ର ପଞ୍ଜିକରଣ ଦାୟିତ୍ୱ ସମ୍ପାଦନ କରୁଥିବା ସମିତି/ ଗୋଷ୍ଠୀ ଆଦିଙ୍କ କାର୍ଯ୍ୟାଳୟ/ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତଥା କଣ୍ଟ୍ରୋଲ ଦୋକାନରେ ଦାଖଲ କରି ହେବ। ପଞ୍ଜିକୃତ ଚାଷୀ ଓ ଚାଷ ଜମିର ପରିମାଣ ବାବଦ ତଥ୍ୟ ଏହି ସବୁ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପର୍ଯ୍ୟାୟ କ୍ରମେ ପ୍ରକାଶିତ ହେବ।

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ଚାଷୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.1.3.2020 ରୁ ତା. 7.4.2020 ମଧ୍ୟରେ ଦାଖଲ କରିବେ ।
- ନବୀକରଣ ସମୟରେ ପୂର୍ବରୁ ପଞ୍ଜିକୃତ ଜମି ବାବଦ ତଥ୍ୟ ବାବଦରେ ପରିବର୍ତ୍ତନ ହେଉଥିଲେ ତାହା ଫର୍ମର ଚତୁର୍ଥ ଭାଗରେ ଉଲ୍ଲେଖ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।

### ସମିତିମାନଙ୍କର ଦାୟିତ୍ୱ

- ଖରିଫରେ ପଞ୍ଜିକୃତ ଚାଷୀମାନଙ୍କ ପାଇଁ ନବୀକରଣ ଫର୍ମ ପ୍ରିଣ୍ଟ କରି ସେମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମରେ ପ୍ରଦତ୍ତ ନୂତନ ତଥ୍ୟ ଏବଂ ପଞ୍ଜିକରଣ ଫର୍ମରେ ପ୍ରଦତ୍ତ ସମସ୍ତ ତଥ୍ୟକୁ ତା.1.3.2020 ରୁ ତା.10.4.2020 ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ୍ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।
- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପ୍‌ଲାଇନ୍ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

ଧରିତ୍ରୀ DHARITRI
ଶୁକ୍ରବାର, ୨୮ ଫେବୃୟାରୀ, ୨୦୨୦

> ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ।
>
> –ଶ୍ରୀମା



# ମିଳିଲା କ’ଣ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇଦିନିଆ ଭାରତ ଗସ୍ତ ସାରି ମଙ୍ଗଳବାର ଆମେରିକା ବାହୁଡ଼ିଯାଇଛନ୍ତି। କିନ୍ତୁ ତାଙ୍କର ଏହି ଗସ୍ତରୁ ଆମେ ପାଇଲୁ କ’ଣ ? ଏହା ଏକ ଉପଯୁକ୍ତ ପ୍ରଶ୍ନ ଯାହା ଉପରେ ଆମେ ଚିନ୍ତା କରିବା ଉଚିତ। ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ଗସ୍ତରୁ ଆମକୁ ସେମିତି କିଛି ମିଳିନାହିଁ। କିଛି ମିଳିବ ବୋଲି ଆଶା ବି କରାଯାଉ ନ ଥିଲା। ୩ ବିଲିୟନ ଡଲାର ମୂଲ୍ୟର ସାମରିକ ଚୁକ୍ତି କେବଳ ଏକ ବାହାନା। କାରଣ, ଏ ବିଷୟରେ ତ ଆଗରୁ କଥାବାର୍ତ୍ତା ସରିଥିଲା। ସେଥିପାଇଁ ଆମେରିକା ରାଷ୍ଟ୍ରପତି ୮୦୦୦ ମାଇଲ ଉଡ଼ିକରି ଆସିବା କି ଦରକାର ଥିଲା ? ଅଳ୍ପକିଛି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛ ି ସତ, କିନ୍ତୁ ସେଥିପାଇଁ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ–ସ୍ତରୀୟ ତତ୍ପରତାର ଆବଶ୍ୟକତା ନ ଥିଲା। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା କିପରି କେତେକ ବଡ଼ ଧରଣର ବାଣିଜ୍ୟିକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ଉଭୟ ପକ୍ଷ କସରତ କରୁଛନ୍ତି। ଦୁଇ ଦେଶ ଭିତରେ ବାଣିଜ୍ୟ ଚୁକ୍ତି ଉପରେ ରାଜିନାମା ବିନା ଟ୍ରମ୍ପଙ୍କ ଗସ୍ତ ଫଳପ୍ରଦ ହେବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହି ପୃଷ୍ଠଭୂମିରେ ମୋଦି–ଟ୍ରମ୍ପ ବୈଠକରୁ ଆମକୁ ଅର୍ଥନୈତିକ ଦୃଷ୍ଟିରୁ କିଛି ଲାଭ ନ ମିଳିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେଣୁ କେତେକ ଗଣମାଧ୍ୟମ ଏହି ଗସ୍ତକୁ କେମିଷ୍ଟ୍ରି ଦୃଷ୍ଟିରୁ ବଡ଼ କରି ଦେଖାଇଲା ବେଳେ ଗଣିତ ଦୃଷ୍ଟିରୁ ନିକମା ବୋଲି ଦର୍ଶାଇବାରେ କିଛି ଭୁଲ୍ ନାହିଁ। ବ୍ୟବସାୟ ବାଣିଜ୍ୟ ବିଷୟରେ ଉଭୟ ନେତାଙ୍କର ବିଚକ୍ଷଣ ବୁଦ୍ଧି ଓ ଆଗ୍ରହକୁ ଦେଖି ସେମାନଙ୍କ ମଧ୍ୟରେ ବାଣିଜ୍ୟିକ କଥାବାର୍ତ୍ତାରୁ କିଛି ସଫଳତା ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିତି କିଛି ହେଲା ନାହିଁ। ଟ୍ରମ୍ପ କହିଲେ ଯେ, ଚଳିତ ବର୍ଷ ଶେଷ ଆଡ଼କୁ କିଛି ବଡ଼ ଧରଣର ବାଣିଜ୍ୟିକ ଚୁକ୍ତି ହେବା ଆଶା କରାଯାଉଛି। ଉଭୟ ଦେଶ ଉଭୟଙ୍କଠାରୁ ଅନେକ କିଛି ଆଶା କରନ୍ତି। ଭାରତ ଚାହୁଁଛି ଆମେରିକା କିଛି ବାଣିଜ୍ୟିକ ପ୍ରତିବନ୍ଧକ ହଟାଇଦେଉ ଏବଂ ଭାରତକୁ ଆଗରୁ ଯେଉଁ ସୁବିଧା ଦେଉଥିଲା ତାହା ବଳବତ୍ତର ରଖୁ। ଆମେରିକା ଚାହୁଁଛି ଭାରତ ଆମଦାନୀ ଶୁଳ୍କ କମ୍ କରୁ ଯାହା ଫଳରେ ଏହା ଭାରତକୁ ଅଧିକ ଦ୍ରବ୍ୟ ରପ୍ତାନି କରିପାରିବ। ଡିଜିଟାଲ ପେମେଣ୍ଟ, ଡାଟା ଲୋକାଲାଇଜେଶନ ଓ ଇ–କମର୍ସକୁ ନେଇ ମଧ୍ୟ ଦୁଇ ଦେଶ ମଧ୍ୟ କିଛି ବିବାଦ ରହିଛି। ଆଲୋଚନାରେ ଏଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲେ ବାଣିଜ୍ୟିକ ଚୁକ୍ତିନାମା ସଫଳ ହେବା ସହ ଅଧିକ ଶୁଳ୍କ ଲାଗୁ ହେବା ବନ୍ଦ ହୋଇପାରିଥାନ୍ତା ଏବଂ ବାଣିଜ୍ୟିକ ବିବାଦଗୁଡ଼ିକର ଅନ୍ତ ଘଟିପାରିଥାନ୍ତା।

## ଆଜିର ଅର୍ଥନୀତି

ଟ୍ରମ୍ପଙ୍କର ଏହି ଗସ୍ତ ଅଧିକ ବ୍ୟକ୍ତିଗତ କେମିଷ୍ଟ୍ରିକୁ ଦେଖାଇଥିବା ବେଳେ ଏଥିରୁ ବାସ୍ତବ ଫଳ ବହୁତ କମ୍ ମିଳିଛି। ତେବେ ଏହା ହିଁ ହେବ ବୋଲି ଆଶା କରାଯାଉଥିଲା। ଟ୍ରମ୍ପ ଆଗକୁ ପୁନଃନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ବେଳେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କର ସମର୍ଥନ ଆବଶ୍ୟକ କରୁଛନ୍ତି, ଯେଉଁମାନେ କ୍ରମଶଃ ଧନୀ ଓ ପ୍ରଭାବଶାଳୀ ହେବାରେ ଲାଗିଛନ୍ତି। ଆମେରିକାରେ ସଂଖ୍ୟାଧିକ ଭାରତୀୟ ଡେମୋକ୍ରାଟମାନଙ୍କୁ ସମର୍ଥନ କରନ୍ତି। ଗତବର୍ଷ ମୋଦି ହ୍ୟୁଷ୍ଟନ ଗସ୍ତ କରିଥିବା ବେଳେ ଟ୍ରମ୍ପ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିଶାଳ ‘ହାଉଡ଼ି ମୋଦି’ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସେତେବେଳେ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଯେତେବେଳେ ଭାରତ ଗସ୍ତରେ ଆସିବେ ଏହାଠାରୁ ବି ବଡ଼ ଜନସମାବେଶରେ ତାଙ୍କୁ ସ୍ୱାଗତ କରାଯିବ। ଯଦିଚ ଗୁଜରାଟର ମୋଟେରାଠାରେ ‘ନମସ୍ତେ ଟ୍ରମ୍ପ’ କାର୍ଯ୍ୟକ୍ରମରେ ଜନସମାବେଶ ମୋଦି ଦେଇଥିବା ପ୍ରତିଶ୍ରୁତି ଅନୁରୂପ ନ ଥିଲା, ତଥାପି ଅହମଦାବାଦଠାରେ ପ୍ରାଚୀରରୁ ପ୍ରାଚୀର ପରିପୂର୍ଣ୍ଣ ଜନମଣ୍ଡଳୀକୁ ଦେଖି ଟ୍ରମ୍ପ ଖୁବ୍ ଖୁସି ହୋଇଥିଲେ। ଟ୍ରମ୍ପ ତାଙ୍କ ଭାଷଣରେ ମୋଦିଙ୍କ ନେତୃତ୍ୱକୁ ଖୁବ୍ ପ୍ରଶଂସା କରିବା ସହ କଶ୍ମୀର ବା ନାଗରିକତ୍ୱ ସଂଶୋଧନ ଆଇନ ଉପରେ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ନ ଥିଲେ, ଯାହା ମୋଦିଙ୍କୁ ଅଡୁଆରେ ପକାଇଥାନ୍ତା।

ତା’ହେଲେ ଟ୍ରମ୍ପଙ୍କ ଏହି ଗସ୍ତର କ’ଣ କିଛି ବି ସୁଫଳ ନାହିଁ। ଅଛି ଅବଶ୍ୟ। ବାଣିଜ୍ୟିକ ପ୍ରସଙ୍ଗ ନେଇ ସେ ଭାରତ ଉପରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସେ ବିଷୟରେ ପଦଟିଏ ବି ଉଚ୍ଚାରଣ କରି ନ ଥିଲେ। ଉଚ୍ଚ ଆମଦାନୀ ଶୁଳ୍କକୁ ନେଇ ଭାରତ ଉପରେ ତାଙ୍କର ରାଗକୁ ସେ ନିୟନ୍ତ୍ରଣରେ ରଖିଥିଲେ। ଏଭଳି ମନୋଭାବ ସକାରାତ୍ମକ ଓ ଭବିଷ୍ୟତ ପାଇଁ ଆଶାଜନକ। ପ୍ରଥମ ପର୍ଯ୍ୟାୟ ରାଜିନାମାରେ ପହଞ୍ଚିବା ପାଇଁ ଉଭୟ ପକ୍ଷ ଅତ୍ୟନ୍ତ ଚାପ ଭିତରେ ଅଛନ୍ତି। କିନ୍ତୁ ମତପାର୍ଥକ୍ୟ ଏତେ ଚଉଡ଼ା ଯେ ତାକୁ ଯୋଡ଼ିବା ସହଜ ନୁହେଁ। ସମ୍ପର୍କର ଅର୍ଥନୈତିକ ସ୍ତମ୍ଭ ଦୋହଲୁଥିବା ବେଳେ ଟ୍ରମ୍ପଙ୍କ ଗସ୍ତ ସେ ସମ୍ପର୍କକୁ ଭାଙ୍ଗିଯିବାରୁ ରକ୍ଷା କରିଛି ବା ସେ ଦିଗରୁ କିଛିଟା ଆଶ୍ୱସ୍ତି ପ୍ରଦାନ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୃଢ଼ ରାଜନୈତିକ ସମର୍ଥନ ଥିବା ଦୁଇ ନେତାଙ୍କ ଉଚ୍ଚ ସ୍ତରର କେମିଷ୍ଟ୍ରି ଭିତରେ ମଧ୍ୟସ୍ଥମାନେ ଆଲୋଚନାରେ ଆଗକୁ ବଢ଼ି ଅଭୀପ୍ସିତ ବାଣିଜ୍ୟିକ ଚୁକ୍ତିନାମାକୁ ସଫଳ କରିବାର ଆଶା ଉଦ୍ରେକ ହୋଇଛି, ଯଦିଚ ତାହା ଏବେ ବି ଧୂମାଚ୍ଛନ୍ନ ରହିଛି।

# ବିଡ଼ମ୍ବିତ ଜୟନ୍ତୀ ପାଳନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ପୁସ୍ତକ ‘ଚେଞ୍ଜିଂ ଦ ରେନ୍‌ବୋ’ରେ ଲିପିବଦ୍ଧ ତାଙ୍କର ବାଲ୍ୟକାଳର ଏକ ଗ୍ରାମ୍ୟ ସ୍ମୃତିରୁ ପ୍ରବନ୍ଧକୁ ଆରମ୍ଭ କରୁଛି। ସେ ଲେଖିଛନ୍ତି, ଆମ ଗାଁ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ କେହି ମଦ୍ୟପାନ କରୁ ନ ଥିଲେ। ସେତେବେଳେ ଗାଁରେ ଅନୁମତିପ୍ରାପ୍ତ କିମ୍ବା ବେଆଇନ ମଦଭାଟି ନ ଥିଲା। ମୁଁ ଗାଁ ଛାଡିବା ପର୍ଯ୍ୟନ୍ତ କେବଳ ଗୋଟିଏ ନାଟକରେ ଜଣେ ମଦ୍ୟପକୁ ଦେଖିଥିଲି। ସେତେବେଳେ ଏହା ଥିଲା ଗାଁର ଚିତ୍ର। ମାତ୍ର ଆଜି ଦୃଶ୍ୟପଟ ବଦଳିଯାଇଛି। କୌଣସି ଗାଁ ମଦମୁକ୍ତ ନୁହେଁ। ଗାଁମାନଙ୍କରେ ମଦର ବହୁଳ ପ୍ରସାର ହେବା ଦ୍ୱାରା ସରକାରଙ୍କ ରାଜସ୍ୱ ବଢିଛି। ଉଭୟ ଅନୁମତିପ୍ରାପ୍ତ ଓ ବେଆଇନ ମଦ ଦୋକାନର ସଂଖ୍ୟା ବଢିଛି। ମଦ୍ୟପାନ କରିବା ଆଭିଜାତ୍ୟର ପ୍ରତୀକ ଭାବରେ ଗଣା ହେଲାଣି। ମଦ୍ୟପାନରୁ ସୃଷ୍ଟି ହେଉଛି ପାରିବାରିକ କଳହ। ହତ୍ୟାକାଣ୍ଡ, ବଳାତ୍କାର, ଅପରାଧ, ନାରୀ ଓ ଶିଶୁ ନିର୍ଯାତନା, ଯାନବାହନ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ସଙ୍କଟ। ତା’ ସତ୍ତ୍ୱେ ସରକାର ସଫଳ ମଦ ବିକ୍ରେତାମାନଙ୍କୁ ପୁରସ୍କାର ଦେବା ପାଇଁ ଚିନ୍ତା କରୁଛନ୍ତି। ଗତ ନଭେମ୍ବରରେ ମେଳା, ସାମାଜିକ ଉତ୍ସବ, ସେନା କ୍ୟାମ୍ପ ଇତ୍ୟାଦି ସ୍ଥାନରେ ମଦ ଉପଲବ୍ଧ କରିବା ପାଇଁ ଅବକାରୀ ବିଭାଗ ଆଗ୍ରହୀ ମଦ ବିକ୍ରେତାମାନଙ୍କୁ ଅସ୍ଥାୟୀ ଲାଇସେନ୍ସ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି। ପୁଣି ସେଥିରେ ଉଲ୍ଲେଖ ଅଛି ଯେ ଏହାଦ୍ୱାରା ଅବକାରୀ ନିୟମ ପାଳିତ ହେବା ସଙ୍ଗେ ସଙ୍ଗେ ରାଜ୍ୟର ରାଜସ୍ୱ ବଢିବ। ମୋଟ ଉପରେ କହିବାକୁ ଗଲେ ରାଜ୍ୟର ଉନ୍ନତି ପାଇଁ ଅର୍ଥର ଆବଶ୍ୟକତା ରହିଛି ଓ ସେହି ଅର୍ଥ ସହଜରେ ସଂଗ୍ରହ ହେବ ମଦ ବିକ୍ରୟରୁ। ଏଣୁ ସରକାର ମଦ ବିକ୍ରୟକୁ ପ୍ରୋତ୍ସାହନ ଦେବାକୁ ଚାହୁଁଛନ୍ତି।

ଅନ୍ୟପକ୍ଷରେ ଚଳିତବର୍ଷ ସରକାର ମହାତ୍ମା ଗାନ୍ଧୀଙ୍କ ଜନ୍ମର ଶହେ ପଚାଶ ବର୍ଷ ପୂର୍ତ୍ତି ସାରା ଦେଶରେ ବିପୁଳ ଉତ୍ସାହରେ ପାଳନ କରୁଛନ୍ତି। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଗାନ୍ଧୀ ବିଚାର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ଗାନ୍ଧୀବାଦ ଗବେଷକମାନେ ଅଭିଭାଷଣ ଦେଇ ନେତା ଓ ଜନତାଙ୍କୁ ଉଦ୍‌ବୁଦ୍ଧ କରିବାକୁ ଚେଷ୍ଟା କରୁଛନ୍ତି। ଅତିଥିମାନେ ଓ ନେତାମାନେ ଗାନ୍ଧୀଙ୍କ ଗଳାରେ ଫୁଲମାଳ ଦେଇ ସନ୍ଧ୍ୟାରେ ମଦରେ ଭୋଳ ରହୁଛନ୍ତି। ସାରା ଜୀବନ ସମାଜରୁ ନିଶା ନିବାରଣ କରିବା ପାଇଁ ଅଭିଯାନ ଚଳାଇଥିଲେ ଗାନ୍ଧୀ। ସ୍ୱର୍ଗରେ ଥାଇ ଦେଖିବା ସମ୍ଭବ ହେଉଥିଲେ ଆଜି ଏହି ତଥାକଥିତ ଗାନ୍ଧୀ ଭକ୍ତମାନଙ୍କ ବ୍ୟବହାର ଓ ଶାସନ କଳର ମଦ ପ୍ରୋତ୍ସାହନ ଯୋଜନା ଦେଖି ଗାନ୍ଧୀ ଅଶ୍ରୁପାତ କରୁଥାନ୍ତେ। ଯେଉଁ ଯୁକ୍ତିକୁ ଆଧାର କରି ନେତାମାନେ ଓ ସରକାର ମଦ ବ୍ୟବହାର ସପକ୍ଷରେ ମତ ଦେଉଛନ୍ତି ମହାତ୍ମା ଗାନ୍ଧୀଙ୍କ ମତ ସେ ସମ୍ପର୍କରେ କ’ଣ ଥିଲା ତାକୁ ଉଲ୍ଲେଖ କରିବା ହେଉଛି ଏହି ପ୍ରବନ୍ଧର ଲକ୍ଷ୍ୟ।

ଗୋଟିଏ ଯୁକ୍ତି ହେଲା ଯେଉଁମାନେ ସ୍ୱଇଚ୍ଛାରେ ମଦ ପିଇବାକୁ ଚାହୁଁଛନ୍ତି ସେମାନଙ୍କୁ ସେହି ସୁବିଧା ମିଳିବା ଉଚିତ। ମଦରୁ ରାଜସ୍ୱ ଆସୁଛି ଓ ତଦ୍ୱାରା ଜନହିତକର କାର୍ଯ୍ୟ କରାହେଉଛି। ଲାଇସେନ୍ସପ୍ରାପ୍ତ ଦୋକାନରେ ମଦ ବିକ୍ରି ନ ହେଲେ ଚୋରାମଦ କାରବାର ବଢିବ। ଏହି ପ୍ରସଙ୍ଗରେ ଗାନ୍ଧିଜୀ ୧୯୨୫ ମାର୍ଚ୍ଚ ୧ ତାରିଖର ‘ନବ ଜୀବନ’ରେ ଲେଖିଥିଲେ ଯେ ମଦ୍ୟପାନ ଏକ ଅପରାଧ ଭାବେ ବିବେଚିତ ହେବା ଉଚିତ। କାରଣ ଯାହା ଜୀବନ ପାଇଁ କ୍ଷତିକାରକ, ତାର ପ୍ରସ୍ତୁତି ବା ବିକ୍ରି ପାଇଁ କୌଣସି ବ୍ୟକ୍ତିର ଅଧିକାର ନାହିଁ। କୌଣସି ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଯେପରି ଚୋରି କରିବା ପାଇଁ ଛାଡିଦିଆଯାଏ ନାହିଁ ସେହିପରି ମଦ ପ୍ରସ୍ତୁତି, ବିକ୍ରି ପାଇଁ ମଧ୍ୟ ସ୍ୱାଧୀନତା ଦିଆଯାଇ ନ ପାରେ। ଯେଉଁମାନେ ମଦ ପିଇବେ ସେମାନେ ଆଇନ ଉଲ୍ଲଂଘନ କରୁଛନ୍ତି ଓ ଆଇନ ଅନୁସାରେ ସେମାନେ ଦଣ୍ଡିତ ହେବା ଉଚିତ। ଗାନ୍ଧିଜୀ ପୁଣି କହିଥିଲେ ସ୍ୱାଧୀନତାର ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା। ଗୋଟିଏ ଉଦାହରଣ ଦେଇ ସେ କହିଥିଲେ ନିଜ ଜମିକୁ ଖୋଳିଦେବାର ଅଧିକାର ମାଲିକର ଥାଇପାରେ। ମାତ୍ର ସେ ଏଭଳି ଖୋଳିପାରିବ ନାହିଁ ଯାହାଦ୍ୱାରା ପଡୋଶୀ ଘରର ମୂଳଦୁଆ ଭୁଶୁଡି ପଡିବ। ଯେଉଁମାନେ ମଦ ପିଅନ୍ତି ତା’ର କୁଫଳ ତା’ର ପରିବାର ଓ ପଡୋଶୀ ମଧ୍ୟ ଭୋଗ କରନ୍ତି।

କିଛି ଲୋକ ଯୁକ୍ତି କରନ୍ତି ମଦ ବିକ୍ରିରୁ ଯେଉଁ ରାଜସ୍ୱ ଆସୁଛି ସେଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଅନେକ ସ୍କୁଲ କଲେଜ ଚାଲୁଛି। ଶିକ୍ଷାର ପ୍ରସାର ଘଟୁଛି। ମାତ୍ର ଗାନ୍ଧିଜୀ ୧୯୨୭ ମସିହାରେ ୟଙ୍ଗ ଇଣ୍ଡିଆରେ କହିଥିଲେ, ଭାରତରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ ଲକ୍ଷ ଲୋକ ମଦ୍ୟପ ହେବା ଅପେକ୍ଷା ଆମ ଦେଶ ନିଜ ପିଲାଙ୍କ ଶିକ୍ଷା ବାବଦ ବ୍ୟୟ ତୁଲାଇ କାଙ୍ଗାଳ ହୋଇଯିବା ବରଂ ଶ୍ରେୟସ୍କର। ପିଲାଙ୍କ ପାଠପଢା ଖର୍ଚ୍ଚ ସରକାର ଭରଣ କରିବା ପାଇଁ ଦେଶରେ ମଦୁଆଙ୍କ ସଂଖ୍ୟା ବଢାଇବା ଅପେକ୍ଷା ଆମ ଦେଶର ପିଲାଏ ମୂର୍ଖ ରହିବାକୁ ବରଂ ମୁଁ ଅଧିକ ପସନ୍ଦ କରିବି। ଅବକାରୀ ଭଳି ଘୃଣିତ ଓ ପାପପୂର୍ଣ୍ଣ ରାଜସ୍ୱ ଆୟଠାରୁ ବଳି ଅଧିକ ଅନୈତିକ ବ୍ୟାପାର ଆଉ କିଛି ନାହିଁ। (ଅନୁବାଦ–ପ୍ରହ୍ଲାଦ ସିଂହ)। ଗାନ୍ଧୀଙ୍କ ମତରେ ଆର୍ଥିକ କ୍ଷତିଠାରୁ ନୈତିକ ଅଧଃପତନ ବେଶି ଗୁରୁତର। ମଦ୍ୟପ ସ୍ତ୍ରୀ, ମା’ ଓ ଭଉଣୀ ମଧ୍ୟରେ ପାର୍ଥକ୍ୟ ଭୁଲିଯାଏ ଓ ପାପାଚରଣ କରେ। ସେ ବିବେକଭ୍ରଷ୍ଟ ହୁଏ। ଖାଇବା, ପିଇବା ଓ ଆନନ୍ଦ କରିବା ପାଇଁ ବଞ୍ଚି ରହିବା ଜୀବନର ଲକ୍ଷ୍ୟ ନୁହେଁ। ଏହି ଦେହ ହେଉଛି ଈଶ୍ୱରଙ୍କ ମନ୍ଦିର ଓ ମନୁଷ୍ୟ ଜାତିର ମଙ୍ଗଳ ପାଇଁ ତା’ର ବିନିଯୋଗ କରିବା ପାଇଁ ଯେଉଁ ଖାଦ୍ୟ ଓ ପାନୀୟ ଆବଶ୍ୟକ ତାହା ଗ୍ରହଣ କରିବା ଉଚିତ ବୋଲି ସେ ମନେ କରୁଥିଲେ। ‘ହରିଜନ’ ପତ୍ରିକାରେ ବିଭିନ୍ନ ସମୟରେ ନିଶା ନିବାରଣ ସମ୍ପର୍କରେ ଗାନ୍ଧିଜୀଙ୍କ ଅନେକ ଲେଖା ପ୍ରକାଶ ପାଇଥିଲା। ଭାରତ ସ୍ୱାଧୀନତା ପାଇବା ପରେ ସେ ନିଶା ନିବାରଣ ସମ୍ପର୍କରେ ଲେଖିଥିଲେ, ଜନସାଧାରଣଙ୍କ ସରକାର ପ୍ରତିଷ୍ଠିତ ହେବା ପରେ ପ୍ରତ୍ୟେକ ରାଜ୍ୟ ନିଶା ନିବାରଣ ଭଳି ସଂସ୍କାର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ମଦ ଓ ଅଫିମରେ ଯେଉଁ ଅର୍ଥ ବ୍ୟୟ ହେବ, ତାହା ଅପବ୍ୟୟ ଓ ଆତ୍ମସଂଯମକୁ ନଷ୍ଟ କରିବ।

୧୯୨୯ ଏପ୍ରିଲ ୪ ତାରିଖରେ ଗାନ୍ଧିଜୀ ୟଙ୍ଗ ଇଣ୍ଡିଆରେ ମଦର ଭୟଙ୍କର ପ୍ରଭାବ ସମ୍ପର୍କରେ ସୂଚନା ଦେବା ପାଇଁ ଶ୍ରୀକୃଷ୍ଣଙ୍କ ଯଦୁବଂଶ ଧ୍ୱଂସ ଓ ରୋମ୍ ସାମ୍ରାଜ୍ୟ ପତନର ଅବତାରଣା କରିଥିଲେ। ଶ୍ରୀକୃଷ୍ଣଙ୍କ ପୁଅମାନେ ସୁରାପାନ କରି ପରସ୍ପର ମଧ୍ୟରେ କଳହ କଲେ, ଯାହା କ୍ରମେ ଏକ ଭୟଙ୍କର ଯୁଦ୍ଧର ରୂପ ନେଲା ଓ ଶେଷରେ ସମସ୍ତେ ପ୍ରାଣ ହାରିଲେ। ଜଗନ୍ନାଥ ଦାସଙ୍କ ଭାଷାରେ ‘ବେଣୁ ଅନଳେ ବେଣୁ ଯେହ୍ନେ, ଯାଦବେ ନାଶ ଗଲେ ତେହ୍ନେ।’ ସେହି ସ୍ଥାନଟି ଥିଲା ଏରକା ବନ। କବି ସୀତାକାନ୍ତ ମହାପାତ୍ର ସାମ୍ପ୍ରତିକ ସମୟର ସ୍ଥିତିକୁ ଲକ୍ଷ୍ୟକରି ଦିନେ ଲେଖିଥିଲେ ହୋ ହୋ ଘୋ ଘୋ ଚିତ୍କାର ଓ ମଣିଷର ବିକଳ କ୍ରନ୍ଦନ/ଭୟଙ୍କର ଶବ୍ଦେ ଭରେ ଅଭିଶପ୍ତ ଏରକାର ବନ। (ମୃତ୍ୟୁନାଚ)। ମହାକବି ବ୍ୟାସଦେବ ଶ୍ରୀମଦ୍ ଭାଗବତରେ ମଦକୁ କଳହର କାରଣ ଭାବରେ ଏକ ପ୍ରତୀକାତ୍ମକ ଉପାଖ୍ୟାନ ପରିବେଷଣ କରିଛନ୍ତି। ସରସ୍ୱତୀ ନଦୀ କୂଳରେ ରାଜା ପରିକ୍ଷିତ ଭ୍ରମଣ କରୁଥାନ୍ତି। ତାଙ୍କ ଦୃଷ୍ଟିପଥରେ ପଡିଲେ ଗୋଟିଏ ରୁଗ୍‌ଣ ଗାଈ ଓ ତିନୋଟି ଗୋଡ ଭାଙ୍ଗିଯାଇଥିବା ବୃଷଭ। ସେହି ବୃଷଭ ଥିଲେ ଧର୍ମର ପ୍ରତୀକ। ତାଙ୍କର ଚାରୋଟି ଗୋଡ ହେଲା ତପ, ଶୌଚ, ଦୟା ଓ ସତ୍ୟ । କେବଳ ସତ୍ୟକୁ ଛାଡି ଅନ୍ୟ ତିନୋଟି ଗୋଡ ଭାଙ୍ଗି ସାରିଥିଲା। ସେହି ସମୟରେ ରାଜା କଳି ସେହି ସତ୍ୟ ଗୋଡ ଉପରେ ପ୍ରହାର କରୁଥାନ୍ତି। ଏହି ଦୃଶ୍ୟ ଦେଖି ପରିକ୍ଷିତ ଅତ୍ୟାଚାରୀ କଳିକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତେ କଳି ପରିକ୍ଷିତଙ୍କ ଶରଣାପନ୍ନ ହୋଇ କହିଲା, ମହାରାଜ! ମୋତେ ହତ୍ୟା କରନ୍ତୁ ନାହିଁ। ମୋତେ କେତୋଟି ସ୍ଥାନ ଦିଅନ୍ତୁ। ମୁଁ କେବଳ ସେହି ସ୍ଥାନରେ ନିବାସ କରିବି। ଅନ୍ୟତ୍ର ଯିବି ନାହିଁ। କଳି ଯେଉଁ ପାଞ୍ଚୋଟି ସ୍ଥାନ ମାଗିଥିଲା ଓ ପରିକ୍ଷିତ ସେହି ସ୍ଥାନଗୁଡିକ ଦେଇଥିଲେ ସେଥିମଧ୍ୟରୁ ଗୋଟିଏ ଥିଲା ମଦ୍ୟପାନ। ଅନ୍ୟ ଚାରିଗୋଟି ହେଲା ଦ୍ୟୁତକ୍ରୀଡା, ପ୍ରାଣିହିଂସା, କାମିନୀ ଓ ସୁବର୍ଣ୍ଣ।

ମଦ୍ୟପାନରୁ କଳହର ସୂତ୍ରପାତ ହୁଏ, ଏହି କଥା ସୂଚାଇଥିଲେ ବ୍ୟାସ ଉକ୍ତ ପ୍ରତୀକାତ୍ମକ ଉପାଖ୍ୟାନ ମାଧ୍ୟମରେ ଏବଂ ଆଜି ସମାଜରେ ଏହାର ବହୁଳ ଉଦାହରଣ ଦେଖିବାକୁ ମିଳୁଛି। ପୁନଶ୍ଚ ମଦ ସହ ମାଂସ ଭକ୍ଷଣ, ବାରାଙ୍ଗନା ଗମନ, ଦ୍ୟୁତକ୍ରୀଡା ଓ ଚୌର୍ଯ୍ୟବୃତ୍ତିର ସମ୍ବନ୍ଧ ଥିବା କାଳିଦାସଙ୍କ ବିଷୟରେ ଏକ କିମ୍ବଦନ୍ତୀ ଅଛି। ରାଜା ବିକ୍ରମାଦିତ୍ୟଙ୍କ ରାଜସଭାର ପଣ୍ଡିତମାନେ ଥରେ ଚାରିପାଦ ବିଶିଷ୍ଟ ଗୋଟିଏ ଶ୍ଳୋକର ପ୍ରଥମ ତିନୋଟି ପାଦ ପୂରଣ କରିପାରୁ ନ ଥିଲେ। ଶ୍ଳୋକଟିର ଚତୁର୍ଥ ପାଦଟି ଥିଲା, ନଷ୍ଟସ୍ୟ କାନ୍ୟା ଗତିଃ। ଦିନେ ମହାକବି କାଳିଦାସ ଭିକ୍ଷୁ ବେଶରେ ଗୋଟିଏ ହାତରେ ଖଡ୍‌ଗ ଓ ଅନ୍ୟ ହାତରେ ଛେଳିଟିଏ ଧରି ଗଛମୂଳରେ ବସିଥାନ୍ତି। ତାଙ୍କୁ ପ୍ରଶ୍ନ କରାଗଲା ହେ ଭିକ୍ଷୁ, ଆପଣ କ’ଣ ମାଂସ ଭକ୍ଷଣ କରନ୍ତି ? କାଳିଦାସ ଉତ୍ତର ଦେଲେ, କିଂ ତେନ ମଦ୍ୟଂ ବିନା ? (ଅର୍ଥାତ୍ ମଦ ନ ହେଲେ କ’ଣ ଖାଲି ମାଂସରେ ଚଳିବ ?) ପୁଣି ପଚରାଗଲା, ମଦ୍ୟ ଚାପି ତବ ପ୍ରିୟମ୍ ? (ମଦ୍ୟ ବି ଆପଣଙ୍କ ପ୍ରିୟ ?) କାଳିଦାସ କହିଲେ, ପ୍ରିୟମହୋ ବାରାଙ୍ଗନାଭିଃ ସହ। (ବାରାଙ୍ଗନାମାନେ ବି ମୋର ପ୍ରିୟ।) ପରବର୍ତ୍ତୀ ପ୍ରଶ୍ନଟି ଥିଲା ଆପଣ ବାରାଙ୍ଗନାକୁ ସନ୍ତୁଷ୍ଟ କରିବା ପାଇଁ ଏତେ ଅର୍ଥ କେଉଁଠୁ ପାଆନ୍ତି ? କାଳିଦାସ ଉତ୍ତର ଦେଲେ, ଚୌର୍ଯ୍ୟେଣ ଦ୍ୟୁତେନ ବା। (ଦ୍ୟୁତକ୍ରୀଡା ଓ ଚୌର୍ଯ୍ୟବୃତ୍ତିରୁ ଧନ ସଂଗ୍ରହ କରେ।) ସମସ୍ତେ ଏହି ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହେବାରୁ କାଳିଦାସ କହିଲେ, ନଷ୍ଟସ୍ୟ କାନ୍ୟା ଗତିଃ ? ଅର୍ଥାତ୍ ନଷ୍ଟଚରିତ୍ରର ଆଉ ଅନ୍ୟ ଗତି କ’ଣ ? ଶ୍ଳୋକଟିକୁ ପୂର୍ଣ୍ଣ ରୂପ ଦେବା ପାଇଁ ଏହା ଥିଲା କାଳିଦାସଙ୍କ ଅଭିନୟ। ମହାତ୍ମା ଗାନ୍ଧୀ ମଦର ଏହିସବୁ ପ୍ରଭାବ ସମ୍ପର୍କରେ ଅବଗତ ଥିଲେ ଓ ସେ ଅନୁଭବ କରିଥିଲେ ଯେ ମଦ୍ୟପାନ ଯୋଗୁ ନୈତିକ, ଆଧ୍ୟାତ୍ମିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନ ଦୁର୍ବିଷହ ହୋଇପଡେ। ଏଣୁ ନିଶା ନିବାରଣ ସରକାରଙ୍କ କାମ ଓ ଏହାର କ୍ରିୟାନ୍ୱୟନ ପାଇଁ ସହଯୋଗ କରିବା ସଚେତନ ନାଗରିକମାନଙ୍କ ଧର୍ମ। ମାତ୍ର ବିଡମ୍ବନାର ବିଷୟ ଯେ ତାଙ୍କ ଜନ୍ମର ଶହେ ପଚାଶ ବର୍ଷ ପୂର୍ତ୍ତି ପାଳିତ ହେଉଥିବା ସମୟରେ ମଦ ବିକ୍ରିକୁ ପ୍ରୋତ୍ସାହନ ଦିଆଯାଇ ତାଙ୍କ ସ୍ୱପ୍ନର ମଦ ମୁକ୍ତ ଭାରତକୁ ଧୂଳିସାତ୍ କରାଯାଉଛି।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ବିଷ ମଣିଷ



ଅଭିମନ୍ୟୁ ଧଳ

ମଣିଷ ଅମୃତର ସନ୍ତାନ। ଜନ୍ମରୁ ପ୍ରକୃତିର ଦାନ ଅମୃତ ଜଳ, ବାୟୁ ଓ ମାଟି ସଂସ୍ପର୍ଶରେ ଆସି ଜନନୀଠାରୁ ଅମୃତ କ୍ଷୀର ପାନ କରି ସ୍ନେହ, ପ୍ରେମ ଓ ମମତାକୁ ପାଥେୟ କରି ବଢ଼ିଚାଲେ। ହସ, ଖୁସିରେ ମସ୍‌ଗୁଲ ଏହି ନିଷ୍ପାପ ଶିଶୁର ସରଳ ମନ କଳୁଷିତ ପରିବେଶରେ ଆସି କଳୁଷିତ ହୋଇଯାଏ। ହିଂସା, ଦ୍ୱେଷ, ଅହଂକାର, ପରଶ୍ରୀକାତରତା ଆଦି ଆସୁରିକ ଗୁଣମାନ ତାକୁ କବଳିତ କରିନିଏ। ବିକାଶ ନାମରେ ଆମେ ଯେଉଁ ବିନାଶ ପଥ ଆପଣେଇଛେ ତାହାଦ୍ୱାରା ଅମୃତ ତୁଲ୍ୟ ପାଣି, ପବନ ଓ ମାଟି ବିଷାକ୍ତ ହୋଇଗଲାଣି। ଆମ ଶରୀର ବି ଏହାକୁ ଗ୍ରହଣ କରି ବିଷାକ୍ତ ହୋଇଗଲାଣି। ମନ ବିଷ, ଶରୀର ବିଷ, ଭାବନା ବିଷ– ଆମେ ସମସ୍ତେ ଜଣେ ଜଣେ ବିଷମଣିଷ ପାଲଟିଗଲୁଣି। କୃଷିରେ ଅଧିକ ଅମଳ ପାଇଁ ଆମେ ବିଷ ପ୍ରୟୋଗ କରି ସେଥିରୁ ଫଳୁଥିବା ବିଷ ଭକ୍ଷଣ କରୁଛେ ତଥା ମାଟି, ପାଣି, ପବନ ଓ ସମସ୍ତ ପରିବେଶକୁ ବିଷ ବଳୟ ମଧ୍ୟକୁ ଠେଲିଦେଇଛେ।

ଖାଦ୍ୟ ସହିତ କୀଟନାଶକ ଖାଉଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ପ୍ରଥମ। ସବୁଜ ବିପ୍ଳବ ପରବର୍ତ୍ତୀ ପଞ୍ଜାବ ବର୍ତ୍ତମାନ ‘କ୍ୟାନ୍‌ସର କ୍ୟାପିଟାଲ’ ଭାବେ ପରିଗଣିତ। ଆମ ଦେଶରେ ୨୪୬ ପ୍ରକାରର କୀଟନାଶକ ବିକ୍ରି ପାଇଁ ପଞ୍ଜୀକରଣ ହୋଇଛି। ତା’ ମଧ୍ୟରୁ ୨୩୬ଟି କୀଟନାଶକକୁ ବିକ୍ରି ପାଇଁ ଅନୁମତି ମିଳିଛି। ଏହା ମଧ୍ୟରୁ ୧୦୮ ପ୍ରକାର କୀଟନାଶକ ସାଂଘାତିକ ଭାବେ ମାରାତ୍ମକ। କେତେକ ଦେଶ ଏଥିମଧ୍ୟରୁ ୬୭ଟିକୁ ବନ୍ଦ କରିଛନ୍ତି। ୩୦ଟି କ୍ୟାନ୍‌ସର, ୨୯ଟି ଅନ୍ତଃସ୍ରାବୀ ଗ୍ରନ୍ଥିରେ ଅସୁବିଧା, ୧୦ଟି ପ୍ରଜନନ ବ୍ୟବସ୍ଥାରେ ସମସ୍ୟା ଓ ୫ଟି ସ୍ନାୟବିକ ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି କରେ। ନାରୀମାନଙ୍କର ବନ୍ଧ୍ୟାତ୍ୱ, ଗର୍ଭଧାରଣ ପରେ ଅସୁବିଧା, ଗର୍ଭପାତ ଓ ସ୍ତନ କର୍କଟ ହେଉଥିବା ବେଳେ ପୁରୁଷମାନଙ୍କର ଯୌନଶକ୍ତି ହ୍ରାସ, ପାରାଲିସିସ, ସ୍ନାୟୁରୋଗ ଆଦି ଦେଖାଯାଏ। କୋମଳମତି ଶିଶୁମାନଙ୍କର ମସ୍ତିଷ୍କ ବିକାଶରେ ବାଧା, ଗୋଡ଼ ସରୁହେବା, ଦୃଷ୍ଟିଶକ୍ତି ଓ ସ୍ମରଣଶକ୍ତି ହ୍ରାସ ଆଦି ସମସ୍ୟା ଦେଖାଦିଏ। କୀଟନାଶକରେ ରହୁଥିବା ବିଷ ପାଣିରେ ଦ୍ରବୀଭୂତ ହୁଏ ନାହିଁ। ପେଟକୁ ଗଲେ ତାହା ଲିପିଡ୍‌ରେ ଦ୍ରବୀଭୂତ ହୋଇ ରହିଯାଏ। ଶରୀରର ରେଚନ ପ୍ରକ୍ରିୟାରେ ଏହାର ନିଷ୍କାସନ ହୋଇପାରେ ନାହିଁ। ତେଣୁ ଏହା ରୋଗ ସୃଷ୍ଟିକରେ।

ସବୁଜ ପନିପରିବାକୁ ସତେଜ ରଖିବା ପାଇଁ ସେଥିରେ କୃତ୍ରିମ ରଙ୍ଗ ଦିଆଯାଏ। ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡରେ କୃତ୍ରିମ ରଙ୍ଗ ଦିଆଯାଏ। ସେଓ ଉପରେ ଲେଡ ଆରସିନେଟର ରଙ୍ଗ ସ୍ପ୍ରେ କରିବା ଯୋଗୁ ରୋଗ ହୋଇଥାଏ। ଇଣ୍ଡିଆନ କାଉନସିଲ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚର ସର୍ବେକ୍ଷଣ ଅନୁଯାୟୀ ୫୧ ପ୍ରତିଶତ ଖାଦ୍ୟରେ କୀଟନାଶକ ଅବଶେଷ ରହୁଛି ଏବଂ ୨୦ ପ୍ରତିଶତ ଦ୍ରବ୍ୟରେ ଅନୁମୋଦନୀୟ ସୀମା ଅତିକ୍ରମ କରୁଛି। ମୃଦୁ ପାନୀୟରେ ଥିବା ମିଥାଇଲ ମିଡାକୋଲ ନାମକ ରାସାୟନିକ ଦ୍ରବ୍ୟ ଫୁସ୍‌ଫୁସ୍ ଓ ଥାଇରଏଡ୍‌ରେ କର୍କଟ ରୋଗ ସୃଷ୍ଟିକରେ। ଫଳ ପଚାଇବା ପାଇଁ ବ୍ୟବହୃତ କାର୍ବାଇଡ ମଣିଷ ଶରୀର ପ୍ରତି କ୍ଷତିକାରକ। ତେଲ, ଘିଅ, କ୍ଷୀର, ରାବିଡ଼ି, ଖୁଆ, ମିଠା ଓ ଜେଲିରେ ଅପମିଶ୍ରଣ ରହୁଛି।

ଆମେରିକାନ ଜର୍ନାଲ ଅଫ୍ ଏପିଡେମିଓଲୋଜିରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ କୃଷି ପାଇଁ ବ୍ୟବହୃତ ରାସାୟନିକ ସାର ଆଦି ବୋହିଯାଇ ନିକଟସ୍ଥ ଜଳାଶୟକୁ ପ୍ରଦୂଷିତ କରିଥାଏ।

ଗାଈ ଓ ମଇଁଷିଠାରୁ ଅଧିକ କ୍ଷୀର ପାଇବା ଆଶାରେ ମାଲିକମାନେ ଅକ୍ସିଟୋସିନ ଇଞ୍ଜେକଶନ ଦେଇଥାନ୍ତି। ଏହି ଗୃହପାଳିତ ପଶୁଙ୍କ କ୍ଷୀର ପିଉଥିବା ପିଲାଙ୍କଠାରେ ସମୟ ପୂର୍ବରୁ ଯୌବନର ଲକ୍ଷଣମାନ ପରିଲକ୍ଷିତ ହୁଏ। ଝିଅମାନଙ୍କ କ୍ଷେତ୍ରରେ ସାତ ଆଠବର୍ଷରେ ମଧ୍ୟ ମାସିକ ଧର୍ମ ଆରମ୍ଭ ହୋଇଯାଏ। ଥଣ୍ଡାପାନୀୟ, ଶାଗ, ମାଛ, ପନିପରିବା ଏବଂ ଫଳ ଆଦିରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ, କୀଟନାଶକ ଆଦି ପିଲାର ହରମୋନରେ ଥିବା ସନ୍ତୁଳନକୁ ନଷ୍ଟ କରିଦିଏ। ଭାରତରେ କୀଟନାଶକ ବ୍ୟବହାରକୁ ନିୟନ୍ତ୍ରଣ କରିବା ଲାଗି ୩ଟି ବିଭାଗ ରହିଛି। ବଜାରରେ ନୂଆ କୀଟନାଶକ ପ୍ରବେଶ କରିବା ପୂର୍ବରୁ ସେଣ୍ଟ୍ରାଲ ଇନ୍‌ସେକ୍ଟିସାଇଡ୍‌ସ ବୋର୍ଡ ଆଣ୍ଡ ରେଗୁଲେଶନ କମିଟିର ଅନୁମତି ଲୋଡ଼ା। ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆର କାମ ଉତ୍ପାଦିତ କୃଷିଜାତ ପଦାର୍ଥରେ କେତେ ମାତ୍ରାରେ କୀଟନାଶକ ରହିଛି ତାହା ଦେଖିବା। ଏଗ୍ରିକଲ୍‌ଚରାଲ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ ଆଣ୍ଡ ଡେଭ୍‌ଲପମେଣ୍ଟ ଅଥରିଟି ଜୈବ କୃଷିର ମାନକ ପ୍ରସ୍ତୁତ କରିଥାଏ। ଏସବୁ ସତ୍ତ୍ୱେ ଭାରତୀୟ କୃଷିଜାତ ଦ୍ରବ୍ୟରେ କୀଟନାଶକର ମାତ୍ରା ଉଦ୍‌ବେଗଜନକ।

କ୍ଷତିକାରକ କୀଟନାଶକକୁ ବେଳହୁଁ ନିଷେଧ କରିବା ତଥା ଚାଷୀମାନଙ୍କୁ ସଚେତନ କରାଇବା ସର୍ବାଦୌ କର୍ତ୍ତବ୍ୟ। ଆମର ପୁରୁଣା ପଦ୍ଧତି ଜୈବିକ କୃଷିକୁ ଆପଣେଇ ସେଥିରୁ କିପରି ଅଧିକ ଅମଳ ମିଳିପାରିବ ତାହା ଦେଖିବା କୃଷି ବୈଜ୍ଞାନିକମାନଙ୍କର ପ୍ରଥମ କାମ।

ମୋ–୯୮୬୧୦୪୮୦୫୨

## ଏଇ ଭାରତରେ

ପାଇଖାନା ନ ଥିବା ଘରକୁ ବୋହୂ ହୋଇ ଆସିଥିବା ଝିଅଟି ନିଜସ୍ୱ ଉଦ୍ୟମରେ ଗାଁରେ ବର୍ଷକ ଭିତରେ ୨୫୦ଟି ପାଇଖାନା ନିର୍ମାଣ କରିବା ଘଟଣା ସାମ୍‌ନାକୁ ଆସିଛି ଉତ୍ତରପ୍ରଦେଶରେ। ୨୧ ବର୍ଷୀୟା କୋମଲ ହଡାଲା ଏଭଳି କାର୍ଯ୍ୟ କରି ସ୍ୱଚ୍ଛ ଭାରତର ଉଦାହରଣ ସୃଷ୍ଟି କରିଛନ୍ତି। ଦିଲ୍ଲୀର ଦକ୍ଷିଣପୁରୀରେ ତାଙ୍କର ଜନ୍ମ। ତାଙ୍କ ବାହାଘର ହୋଇଥିଲା ଉତ୍ତରପ୍ରଦେଶର ନିଥୋରା ଗାଁରେ। ଶାଶୁଘରେ ପାଇଖାନା ନ ଥିଲା। ତାଙ୍କୁ ବାହାରେ ଶୌଚ କରିବାକୁ ପଡୁଥିଲା। ଏହା କେବଳ ତାଙ୍କ କ୍ଷେତ୍ରରେ ଘଟୁ ନ ଥିଲା, ବରଂ ନିଥୋରାର ସବୁ ମହିଳା ଏଭଳି ସମସ୍ୟାକୁ ସାମ୍‌ନା କରୁଥିଲେ। ପ୍ରଥମେ କୋମଲ ପରିବାର ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ବୁଝାଇ ଘରେ ପାଇଖାନା ନିର୍ମାଣ କରାଇଥିଲେ। ପରେ ଗାଁରେ ଅନ୍ୟ ଘରଗୁଡିକରେ ପାଇଖାନା ନିର୍ମାଣ କରିବାର ପ୍ରୟାସ ଆରମ୍ଭ କରିଥିଲେ। ଘର ଭିତରେ ପାଇଖାନା ନିର୍ମାଣ କରିବା ଠିକ୍ ନୁହେଁ ବୋଲି ବିଶ୍ୱାସ କରୁଥିବା ବୟସ୍କ ବ୍ୟକ୍ତିମାନେ କୋମଲଙ୍କୁ ପ୍ରଥମେ ବିରୋଧ କରିଥିଲେ। କିନ୍ତୁ ପାଇଖାନାର ଉପକାରିତା ସମ୍ପର୍କରେ ଜାଣିବା ପରେ ସେମାନେ ଗାଁରେ ପାଇଖାନା ନିର୍ମାଣ କରିବା ଲାଗି କୋମଲଙ୍କୁ ସମର୍ଥନ କରିଥିଲେ। ସେ ଗାଁ ମୁଖିଆଙ୍କୁ ପାଇଖାନା ନିର୍ମାଣ କରିବା ଲାଗି ଅନୁରୋଧ କରି ସଫଳତା ପାଇବା ପରେ କୋମଲ, ତାଙ୍କ ଶାଶୁ ଓ ଗାଁର ଅନ୍ୟ ମହିଳାମାନେ ଏକାଠି ହୋଇ ଗଠନ କରିଥିଲେ ଏକ ନିଗରାନୀ ସମିତି। ଏହାପରେ ଗାଁର ପୁରୁଷମାନେ ବି ଏଥିରେ ସହଯୋଗର ହାତ ବଢାଇଥିଲେ। ଏହାଦ୍ୱାରା ନିଥୋରାରେ ୨୦୧୯ରେ ୨୫୦ ନୂଆ ପାଇଖାନା ନିର୍ମାଣ କରାଯାଇଥିଲା। ଏମିତିକି ୨୦୧୯ରେ ନରୱେର ପ୍ରଧାନମନ୍ତ୍ରୀ ଏର୍‌ନା ସୋଲବର୍ଗ ନିଥୋରା ଯାଇ କୋମଲଙ୍କୁ ପ୍ରଶଂସା କରିଥିଲେ। କେବଳ ଏତିକି ନୁହେଁ କୋମଲଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଭୋର ୪ଟାରେ ଉଠି ମହିଳାମାନଙ୍କୁ ବାହାରେ ଶୌଚ କରିବାରୁ କ୍ଷାନ୍ତ କରାଇ ପାଇଖାନା ବ୍ୟବହାର କରିବାକୁ କହୁଛନ୍ତି। କୋମଲ ଏବେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୁକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର।
(ଆଶ୍ଳେଷ ସ୍ୱର୍ଗ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | D | | | | | 4 | | B | |
| | | | | 1 | | | | | | | 5 | 8 | 6 | C |
| | | | 3 | | | | 1 | | | D | 9 | 0 | 7 | |
| 5 | D | B | | | 8 | | 7 | 4 | | | | 9 | | |
| 1 | | | | | | | | | | | 8 | | D | 2 |
| | | E | | | A | | | | | 7 | 1 | | 8 | 5 |
| 6 | | 3 | | 4 | | | 2 | 1 | | | | | 0 | |
| | | | | | | 8 | 5 | | 0 | 4 | | | | |
| | | | 2 | 0 | | | | | | | A | | 9 | |
| 4 | | | C | E | | | 9 | A | 2 | | | | | B |
| B | | | | 5 | E | | | | A | | | C | | |
| D | | 1 | | | | 6 | | | 5 | | | 3 | A | |
| | | | | 6 | | A | | | | 2 | C | | | |
| | | | | | 4 | E | 8 | D | | 1 | 6 | | 2 | 9 |
| 7 | 0 | | | 2 | | | | 3 | | | | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 5 | A | 2 | E | 6 | 3 | 9 | 8 | D | 7 | B | 0 | C | 4 |
| 8 | 0 | D | 5 | 1 | 4 | A | 6 | E | 2 | C | 3 | 9 | B | 7 |
| B | 7 | E | C | 9 | 0 | 5 | 2 | D | A | 4 | 1 | 6 | 8 | 3 |
| 9 | C | 3 | D | 8 | A | 4 | B | 7 | 5 | 6 | 0 | 1 | 2 | E |
| 4 | 2 | 6 | B | 3 | 7 | C | 1 | 0 | E | 8 | 9 | D | 5 | A |
| C | 3 | 2 | 1 | 6 | E | 0 | D | 4 | 7 | B | A | 8 | 9 | 5 |
| 7 | 8 | 0 | 3 | 5 | D | 2 | A | 1 | 4 | 9 | C | E | 6 | B |
| A | 9 | 5 | 0 | 7 | 8 | E | C | B | 1 | 3 | 6 | 4 | D | 2 |
| D | B | 1 | 4 | C | 9 | 7 | 5 | 6 | 8 | E | 2 | 3 | A | 0 |
| E | 6 | 4 | A | 2 | B | 9 | 8 | 3 | 0 | D | 5 | 7 | 1 | C |
| 3 | E | 8 | 9 | B | 1 | D | 0 | 5 | C | 2 | 4 | A | 7 | 6 |
| 0 | D | C | 7 | 4 | 2 | B | 3 | 9 | 6 | A | 8 | 5 | E | 1 |
| 6 | A | B | E | D | 3 | 1 | 4 | C | 9 | 5 | 7 | 2 | 0 | 8 |
| 5 | 1 | 7 | 6 | A | C | 8 | E | 2 | 3 | 0 | D | B | 4 | 9 |
| 2 | 4 | 9 | 8 | 0 | 5 | 6 | 7 | A | B | 1 | E | C | 3 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାବିଦ୍ୟାଳୟରେ ସଂସ୍କାର

ମହାଶୟ,

ପୂର୍ବରୁ ମହାବିଦ୍ୟାଳୟମାନଙ୍କରେ ରାଜନେତାମାନେ କେଉଁଠି କର୍ମକର୍ତ୍ତା ହେଉଥିଲେ ତ ଆଉ କେଉଁଠି ସକ୍ରିୟ ସଭ୍ୟ ହେଉଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ତାହାକୁ ଉଚ୍ଛେଦ କରି ରାଜନେତାମାନଙ୍କୁ ସେ ପଦରୁ ନିବୃତ୍ତ କଲେ। ଏହା ଏକ ବଳିଷ୍ଠ ପଦକ୍ଷେପ। କଲେଜମାନଙ୍କରେ ରାଜନେତାମାନେ ପ୍ରବେଶ କରିବା ଫଳରେ ତାଙ୍କ ସାଥିରେ ତାଙ୍କର ଚେଲାଚାମଣ୍ଡାମାନେ ମଧ୍ୟ ପ୍ରବେଶ କରୁଥିଲେ। ଫଳରେ ରାଜନୀତିର ବାତାବରଣ ସୃଷ୍ଟି ହେଉଥିଲା। ପରିବେଶ ବି କଳୁଷିତ ହେଉଥିଲା। ଅଧିକାଂଶ ସମୟରେ କଲେଜମାନଙ୍କରେ ଗୁଣ୍ଡାଗର୍ଦ୍ଦି, ହୋହଲ୍ଲା, ବାଡିଆପିଟା ଏବଂ କଳିତକରାଳ ଲାଗି ରହୁଥିଲା। ପିଲାମାନଙ୍କ ପଛରେ ନେତାମାନଙ୍କର ପ୍ରଚ୍ଛନ୍ନ ହାତ ରହୁଥିଲା। ନେତାମାନେ ଅର୍ଥବଳ, ବାହୁବଳ ଏବଂ ପୋଲିସ ପ୍ରଶାସନକୁ ଏଥିରେ ଲଗେଇ ଦେଉଥିଲେ। ତେଣୁ ଶିକ୍ଷାୟତନରୁ ରାଜନେତାଙ୍କୁ ଉଚ୍ଛେଦ କରିବା ଶିକ୍ଷାମନ୍ତ୍ରୀଙ୍କର ଉଚିତ ପଦକ୍ଷେପ। ଯିଏ ଯେଉଁଠି ଥିଲେ ବି କଲେଜର ଉନ୍ନତି କରିବାକୁ ଚାହିଁଲେ କରିପାରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ମହାପ୍ରୟାଣ ଗାଡ଼ି ଅଭାବ

ରାଜ୍ୟ ସରକାର ଶବବୁହା ଓ ସଂସ୍କାରରେ ଆର୍ଥିକ ସାହାଯ୍ୟ ପାଇଁ ମହାପ୍ରୟାଣ ଯୋଜନା ପ୍ରଚଳନ କରିଛନ୍ତି। କିନ୍ତୁ ଶବବୁହା ଗାଡ଼ି ଅଭାବରୁ ଯୋଜନା ସବୁଠି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଦୁର୍ଗମ, ପାହାଡିଆ ତଥା ଦୂରଦୂରାନ୍ତ ସ୍ଥାନ ପାଇଁ ସମସ୍ୟା ଦେଖାଯାଉଛି। ଘରୋଇ ଗାଡ଼ି ଗାଡି ଉପରେ ନିର୍ଭର କରିବାକୁ ପଡୁଛି। ସରକାର ଅଧିକ ଗାଡିର ବ୍ୟବସ୍ଥା କଲେ ଗରିବ ଖର୍ଚ୍ଚାନ୍ତ ହେବାରୁ ରକ୍ଷା ପାଇପାରନ୍ତା।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଚନ୍ଦୁ


ବିଭୂତି


ମିଲନ


ପିଙ୍କୁ


ମନୋଜ


ବିକ୍ରମ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଆଜି ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

- ଯୋଗଦେବେ ଅମିତ୍ ଶାହା
- କୋଇଲା ରୟାଲଟି, ରେଳ ପ୍ରକଳ୍ପ, ଅନୁଦାନ ପ୍ରସଙ୍ଗ ଉଠିବ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ ମିନିଟ୍‌ରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ସେ ସିଧା ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଆୟୋଜନ ହେବାକୁ ଥିବା ୨୪ତମ ପୂର୍ବାଞ୍ଚଳ ଜୋନ୍ ପରିଷଦ (ଇଜେଡ୍‌ସି) ବୈଠକରେ ଯୋଗଦେବେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାହା ଏହି ବୈଠକରେ ଅଧ୍ୟକ୍ଷତା କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପରିଚାଳନା କରିବେ। ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗଦେବା ଲାଗି ଦୁଇଦିନ ଆଗରୁ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ସେ ବୈଠକରେ ଯୋଗଦେବା ପୂର୍ବରୁ ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଦୁଇଜଣ କ୍ୟାବିନେଟ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସମ୍ପୃକ୍ତ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବେ।

ବୈଠକରେ ଓଡ଼ିଶା ସରକାର କୋଇଲା ରୟାଲ୍‌ଟି ବୃଦ୍ଧି, ଆନ୍ତଃ ରାଜ୍ୟ ଜଳ ସମସ୍ୟା, ବିଦ୍ୟୁତ୍ ବଣ୍ଟନ ସମସ୍ୟା, କୋଇଲା ଖଣି ଚାଲୁ କରିବା, ରେଳ ପ୍ରକଳ୍ପ ପାଇଁ ଜମି ଓ ଜଙ୍ଗଲ ଅନୁମତି , ବିଭିନ୍ନ ଅପରାଧର ତଦନ୍ତ, ବାଂଲାଦେଶକୁ ହେଉଥିବା ଗୋଚାଲଣ, ରାଜ୍ୟର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଟେଲିଫୋନ୍ ଟାୱାର ଓ ବ୍ୟାଙ୍କ ଶାଖା ଖୋଲିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବିଭିନ୍ନ ପେଟ୍ରୋଲିୟମ ପ୍ରକଳ୍ପ, କେନ୍ଦ୍ର ରାଜସ୍ୱରେ ରାଜ୍ୟ ଅଂଶଧନ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ଅନୁଦାନ ଠିକ୍ ସମୟରେ ଦେବା ଆଦି ବିଷୟରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି। ବୈଠକ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଯୋଗ ପାଇଁ ଏହି ବୈଠକ କରାଯାଇଥାଏ। ଶେଷଥର ଲାଗି ୨୦୧୮ ଅକ୍ଟୋବର ୧ରେ କୋଲ୍‌କାତାଠାରେ ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା।

# ହେଲମେଟ ନ ପିନ୍ଧି ଥିବାରୁ କାର ଚାଳକଙ୍କୁ ଜରିମାନା

**ସମ୍ବଲପୁର,୨୭।୨(ବ୍ୟୁରୋ)**

**ପୋଲିସ କହିଲା ମିଥ୍ୟା ଅଭିଯୋଗ**

ରାଜ୍ୟରେ ନୂତନ ମୋଟର ଯାନ ଆଇନ ଲାଗୁ ହେଲାପରେ ଯାଞ୍ଚ ପ୍ରକ୍ରିୟା କଡାକଡ଼ି କରାଯାଇଛି। ପୋଲିସକୁ ମଧ୍ୟ ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ହେଲେ ଚାଲାଣ କାଟିବାରେ ତ୍ରୁଟି ହେବା ଯୋଗୁ ଅଧିକାଂଶ ସ୍ଥାନରେ ପୋଲିସକୁ ହଟହଟା ହେବାକୁ ପଡୁଛି । ଗୁରୁବାର ଏଭଳି ପୁଣି ଏକ ଅଭିଯୋଗ ହୋଇଛି। ସମ୍ବଲପୁର ଆରଟିଓ ଅଫିସରେ ଝାଡୁଆପଡା ଚନ୍ଦ୍ର କୁମାର ବେହେରା ଅଭିଯୋଗ କରିଛନ୍ତି ସେ ଗତ ୨୬ ତାରିଖ ସନ୍ଧ୍ୟାରେ ଘରୁ ବୁର୍ଲା ଯାଇଥିଲେ। ମୁଦିପଡା ଫାର୍ମ ରୋଡରେ ଟ୍ରାଫିକ ଯାଞ୍ଚ କରାଯାଉଥିଲା । ସେ ହେଲମେଟ ପିନ୍ଧି ନ ଥିବାରୁ ତାଙ୍କଠାରୁ ୧୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। (ଚାଲାଣ ନଂ.ଓଆର ୩୩୬୨୧୨୦୦ ୨୨୬୧୭୫୪୩୨)। ହେଲମେଟ ନ ପିନ୍ଧିଥିବା ଯୋଗୁ ଜରିମାନା ଆଦାୟ କରାଯାଇଛି ବୋଲି ଚାଲାଣରେ ଉଲ୍ଲେଖ ରହିଛି। ହେଲେ କାର ଚଳାଇବା ସମୟରେ ହେଲମେଟ ପିନ୍ଧିବା କିଭଳି ନିୟମ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଉଚିତ ତଦନ୍ତ କରି ମୋର ଜରିମାନା ଟଙ୍କା ଫେରସ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଅଭିଯୋଗ ମିଥ୍ୟା ଅଟେ। ଚନ୍ଦ୍ର କୁମାରଙ୍କ ବାଇକ ନମ୍ବର ଓଡି–୧୫ସି–୬୪୪୬ ଓ କାର ନମ୍ବର ଓଡି ୧୫–ସି ଡି ୬୪୪୬ ରହିଛି। ସେଦିନ ବାଇକରେ ବିନା ହେଲମେଟରେ ଯାଇଥିବାରୁ ଜରିମାନା ଅଦାୟ କରାଯାଇଛି । ପୋଲିସ ପାଖରେ ତାହାର ପ୍ରମାଣ ରହିଛି। ସିସି ଟିଭି ଚିତ୍ର ଅନୁଯାୟୀ ସେଦିନ ସେଇ ରାସ୍ତାରେ କୌଣସି କାର ଯିବା ଆସିବା କରି ନାହିଁ। ପୋଲିସକୁ ମିଛରେ ବଦନାମ କରାଯାଉଛି ବୋଲି କହିଥିଲେ ।

# ସମଲେଶ୍ୱରୀଙ୍କ ପୀଠରେ ଖୁବ୍‌ଶୀଘ୍ର ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** ଆଧ୍ୟାତ୍ମିକ ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟରେ ଥିବା ପ୍ରମୁଖ ଧାର୍ମିକ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯାଇଛି। ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରେ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ଏଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ବ୍ୟବସ୍ଥା ଆରମ୍ଭ କରିବାକୁ ସ୍ଥିର ହୋଇଥିବାବେଳେ ଏହାର ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଅଧାଅଧି ହେଲାଣି। ଏନେଇ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି। ଓଟିଡିସି ଦ୍ୱାରା ହେବାକୁ ଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ମନ୍ଦିର ଏବଂ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମାହାତ୍ମ୍ୟ ବିଷୟରେ ପର୍ଯ୍ୟଟକମାନେ ଅବଗତ ହୋଇପାରିବେ। ଏଥିଲାଗି ୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ କୋଣାର୍କରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ବ୍ୟବସ୍ଥା କରିଥିବା ଟ୍ରାଇକଲର୍ ସଂସ୍ଥା ଏହାର ଦାୟିତ୍ୱ ନେଇଛି। ବର୍ତ୍ତମାନ ଶୋ' ପାଇଁ ସ୍କ୍ରିପ୍ଟ ତଥା କାହାଣୀ ଲେଖିବା କାମ ଚାଲିଛି। ଜିଲାସ୍ତରରେ ଏକ କମିଟି ଗଠନ କରାଯାଇ କାହାଣୀ ପ୍ରସ୍ତୁତି ହେଉଛି। ତାହା ଯେତେଶୀଘ୍ର ସରିବ ସେତେଶୀଘ୍ର ଶୋ'ର ଶୁଭାରମ୍ଭ ହେବ। ଓଡ଼ିଆ, ସମ୍ବଲପୁରୀ ସମେତ ହିନ୍ଦୀ ଓ ଇଂଲିଶ ଭାଷାରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ପ୍ରଦର୍ଶିତ ହେବ। ଶବ୍ଦ ଓ ଆଲୋକର ଖେଳରେ ଐତିହ୍ୟ, କିମ୍ବଦନ୍ତୀର ଗାଥା ଦେଖିବାକୁ ମିଳିବ ବୋଲି ମିଶ୍ର କହିଛନ୍ତି।



# ତୀର୍ଥଯାତ୍ରାରୁ ଫେରିଲେ କଳ୍ପନାଙ୍କ ମା'ବାପା

- ଝିଅ, ନାତୁଣୀଙ୍କୁ ମନେ ପକାଇ କାନ୍ଦିଲେ
- ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

**ପୁରୀ ଅଫିସ, ୨୭।୨:** ତୀର୍ଥଯାତ୍ରାରେ ଥିବା କଳ୍ପନାଙ୍କ ମା'ବାପା ତୀର୍ଥଯାତ୍ରା ସାରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି । ଏ ନେଇ ପୁରୀ ରେଳଷ୍ଟେଶନରେ କଳ୍ପନାଙ୍କ ବାପା ରୁଦ୍ରାକ୍ଷ ଦାଶ କହିଛନ୍ତି, ମୁଁ ଚାରିଧାମ ଯାତ୍ରାରେ ଥିବାବେଳେ ଏହି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲି। ଏକଥା ଶୁଣି ଆମ ପାଦତଳୁ ମାଟି ଖସିଯାଇଥିଲା। ଖୁବ୍ ମର୍ମାହତ ହୋଇପଡ଼ିଥିଲୁ। ହତ୍ୟାକାଣ୍ଡ ପୂର୍ବରୁ ଝିଅ ସହ କଥା ହୋଇଥିଲି। ଚାକିରିରୁ ଅବସର ନେବା ପରେ ବାପା ମୋ' ପାଖରେ ଆସି ରହିବ ବୋଲି ସେ କହିଥିଲା। ଗଣମାଧ୍ୟମକୁ ଝିଅ କଳ୍ପନା ଓ ନାତୁଣୀର କଥା କହିବା ବେଳେ ରୁଦ୍ରାକ୍ଷ ଓ ତାଙ୍କ ସ୍ତ୍ରୀ ଭୋ ଭୋ କାନ୍ଦି ପକାଇଥିଲେ। ରୁଦ୍ରାକ୍ଷ ଆହୁରି କହିଥିଲେ ଯେ, ଏହି ହତ୍ୟାକାଣ୍ଡରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ଆମ ପାଖରେ କୌଣସି ତଥ୍ୟ ନାହିଁ। ନ୍ୟାୟିକ ପ୍ରକ୍ରିୟା ଉପରେ ଆମର ଭରସା ରହିଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏ ସମ୍ପର୍କରେ ଯାହା ସ୍ଥିର କରିବେ। ରାୟଗଡ଼ ପୋଲିସ ନୋଟିସ ଦେଇଛନ୍ତି। ଘରେ ପହଞ୍ଚିବା ପରେ ଥାନାକୁ ଯାଇ ହତ୍ୟାକାଣ୍ଡର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବି। ଝିଅ ଓ ନାତୁଣୀ ତ ଚାଲିଗଲେ। ଆଉ କାହାକୁ ଦୋଷ ଦେବି। କେବଳ କାନ୍ଦିବା ଛଡ଼ା ଆଉ କିଛି ନାହିଁ ବୋଲି ରୁଦ୍ରାକ୍ଷ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଅନୁପଙ୍କ ସହ ଆପଣଙ୍କ ସମ୍ପର୍କ କିପରି ଥିଲା ପ୍ରଶ୍ନରେ ସେ କହିଥିଲେ ତାଙ୍କ ସହ ସେମିତି ବିଶେଷ ସମ୍ପର୍କ ନ ଥିଲା। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ପୂର୍ବରୁ କଳ୍ପନା ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଚାହୁଁଥିଲେ ବୋଲି ଖୋଦ୍ ରାୟଗଡ଼ ଏସ୍‌ପି ସନ୍ତୋଷ କୁମାର ସିଂ ଗଣମାଧ୍ୟମକୁ କହିଥିଲେ। ସିଂ କହିଥିଲେ, କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ମାଗିବାରୁ ଏ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ହିଁ କଳ୍ପନାଙ୍କ ମୃତ୍ୟୁର କାରଣ ସାଜିଥିଲା। ତେବେ କଳ୍ପନା ମୃତ୍ୟୁ ପୂର୍ବରୁ ଖାରସୁଗୁଡ଼ାର ଜଣେ ପ୍ରତିଷ୍ଠିତ ଓକିଲଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ବୋଲି କୁହାଯାଉଛି। ଏ ନେଇ ପଚରାଉଚୁରା ଲାଗି ପୋଲିସ ଉଭୟ ପକ୍ଷକୁ ନୋଟିସ କରିଥିବା ଜଣାପଡ଼ିଛି।



# ସୋଲାର ଫାଇନାଲରେ

**ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ଚାଲିଥିବା ନବ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସୋଲାର କ୍ରିକେଟ କ୍ଲବ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୋଲାର ୬ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୨୦ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରିଥିଲା। ଟପ୍ ଅର୍ଡର ଫେଲ୍ ମାରିବାପରେ ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୨୭ ଓ ଆୟୁଷ ଚୌଧୁରୀ ୨୫ ରନ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଦୀପ ଦାଶ ୨ଟି ଏବଂ ତନ୍ମୟ ମହାନ୍ତି ଓ ଓମ୍ ପ୍ରକାଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋଲାର ୧୨.୪ ଓଭରରେ ୪ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ତନ୍ମୟ ମହାନ୍ତି ୨୮ ବଲ୍‌ରୁ ୪୬ ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପାରାମାଉଣ୍ଟର ପି.ସୁମିତୋଷ ଓ ମିନାଲ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଶାନ୍ତ ଦାଶ ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସେକ୍ କୁତବୁଦ୍ଦିନ ସ୍କୋରର ଥିଲେ। ଅନ୍ୟ ଏକ ଲିଗ୍ ମ୍ୟାଚରେ ସ୍କାନ ୪ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୧୫ ଓଭରରେ ୫ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ସ୍କାନ ୧୨.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ସର୍ବାଧିକ ୩୬ ରନ କରିଥିବା ଆଲୋକ ସେଠୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

## ବିବାହ ପ୍ରଲୋଭନ ଦେଖାଇ ମହିଳାଙ୍କୁ ପ୍ରତାରଣା

**ଚମ୍ପୁଆ, ୨୭।୨(ଡି.ଏନ.ଏ):** ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଗ୍ରାମର ଜଣେ ଯୁବକ ଜଣେ ମହିଳାଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଗତ ୨୫ ତାରିଖରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଚମ୍ପୁଆ ପୋଲିସ ଡାକ୍ତରୀମାଇନା କରି ମହିଳା ଜଣଙ୍କ ଅନ୍ତଃସତ୍ତ୍ୱା ଥିବା ସୂଚନା ଦେଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୋଗ ହେବା ପରେ ଯୁବକ ଜଣଙ୍କ ଫେରାର ହୋଇ ଯାଇଥିବା ଚମ୍ପୁଆ ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଅପହରଣ

**ପାଟଣା/ଢେଙ୍କିକୋଟ, ୨୭।୨(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ଗ୍ରାମ ନିକଟ ଦେଓଗାଁ ପଡିଆରୁ ଗୁରୁବାର ଅପରାହ୍ନରେ ଜଣେ ଛାତ୍ରୀଙ୍କୁ ୪ଜଣ ଦୁର୍ବୃତ୍ତ ଏକ ଧଳା ରଙ୍ଗର କାରରେ ଆସି ଅପହରଣ କରିନେଇଥିଲେ। ବିଭିନ୍ନ ସ୍ଥାନରେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ତନାଘନା କରିବା ସହ ନାକାବନ୍ଦୀ କରିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଠାବ କରି ପାରି ନାହିଁ।

**ODISHA SUB-ORDINATE STAFF SELECTION COMMISSION**
**ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009
ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in

**ବିଜ୍ଞାପନ** No.T-204
ସଂଖ୍ୟା : IIE - 34/2016- 15 (C)/OSSSC ତାରିଖ- 26 .02.2020

**ଜିଲ୍ଲାସ୍ତରୀୟ ଉଦ୍ୟାନ ସଂପ୍ରସାରଣ ସେବକ(HEW) ଓ ଗ୍ରାମ୍ୟ କୃଷି ସେବକ(VAW) ପଦବୀର ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା**

ଜିଲ୍ଲାସ୍ତରୀୟ ଉଦ୍ୟାନ ସଂପ୍ରସାରଣ ସେବକ ଓ ଗ୍ରାମ୍ୟ କୃଷି ସେବକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା- IIE-34/2016- 448(C)/OSSSC ତା16.11.2016 ରିଖ ଓ IIE-34/2016-561(C)/OSSSC ତା20.12.2016 ରିଖ ଅନୁଯାୟୀ **ଲିଖିତ ପରୀକ୍ଷା** ଆସନ୍ତା **ତା 31.05.2020 ରବିବାର ଦିନ ପୂର୍ବାହ୍ନ 9.30 ଘଟିକାରେ** ସମସ୍ତ ଜିଲ୍ଲା ସଦର ମହକୁମାର ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ ।

ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାରକରି ପ୍ରବେଶପତ୍ର 15.05.2020 ତାରିଖ ଠାରୁ ଡାଉନଲୋଡ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ । ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ । ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ପରବର୍ତ୍ତୀ ସୂଚନା ପାଇ ପାରିବେ।

ଆୟୋଗଙ୍କ ଆଦେଶକ୍ରମେ
ସ୍ୱା./- ସଚିବ
OIPR-09007/11/0007/1920

**ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ବିଦ୍ୟାଶ୍ରୀ ବିହାର, ପିପିଲିପାଲି, ସୁବର୍ଣ୍ଣପୁର**
(ଓଡ଼ିଆ ମାଧ୍ୟମ ଆବାସିକ ବିଦ୍ୟାଳୟ)
ଯୋଗାଯୋଗ: ୯୪୩୭୭୦୫୪୬୮/୯୯୩୭୨୯୫୦୨୮/୭୦୭୭୩୩୦୫୧୩
ବିଜ୍ଞାପନ ନଂ.–୨୧ ତା: ୨୬।୦୨।୨୦୨୦

**ନାମଲେଖା ବିଜ୍ଞାପନ ଶିକ୍ଷାବର୍ଷ ୨୦୨୦–୨୧**

ଶିକ୍ଷାବର୍ଷ ୨୦୨୦–୨୧ ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ବିଦ୍ୟାଶ୍ରୀ ବିହାର, ପିପିଲିପାଲି ସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ (ଆବାସିକ) ଷଷ୍ଠ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମ ଲେଖାଇବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏଥିପାଇଁ ନାମଲେଖା ଫର୍ମ ବିକ୍ରୟ ଆରମ୍ଭ ତା୦୫।୦୩।୨୦୨୦ ଏବଂ ଫର୍ମ ଆବେଦନ ଶେଷ ତା୩୧।୦୩।୨୦୨୦ ପର୍ଯ୍ୟନ୍ତ ରଖାଯାଇଛି ଓ ନାମଲେଖା ଆରମ୍ଭ ତା୦୨।୦୪।୨୦୨୦ରେ ହେବ। ନାମଲେଖା ନିମନ୍ତେ ଶିକ୍ଷା ଅଧିକାର ଅଧିନିୟମ ୨୦୦୯–୧୨(କ) ମତେ, ଅନୁସୂଚିତ ଜାତି ଓ ଜନଜାତି, ଅନଗ୍ରସର ଜାତି, ବିକଳାଙ୍ଗ, ଅନାଥ, ଦୁର୍ବଳ ଶ୍ରେଣୀ ସନ୍ତାନ ସନ୍ତତିମାନଙ୍କ ପାଇଁ ଶତକଡ଼ା ୧୫ ଭାଗ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା କାର୍ଡ଼ଧାରୀ ସନ୍ତାନସନ୍ତତିଙ୍କ ପାଇଁ ଶତକଡ଼ା ୧୦ ଭାଗ ଏପରି ସର୍ବମୋଟ ୨୫ ଶତକଡ଼ା ସିଟ୍ ମାଗଣା ଶିକ୍ଷା ଦେବା ପାଇଁ ସଂରକ୍ଷିତ ରହିଛି। ଦିବାଧାୟୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବସ୍‌ର ସୁବିଧା ଅଛି।

**ବିଗତ ଶିକ୍ଷାବର୍ଷ ଅନୁଷ୍ଠାନର ଶତପ୍ରତିଶତ ସଫଳତା (୧୦୦%)**

| ମାଟ୍ରିକ୍ ପରୀକ୍ଷା | ଉପସ୍ଥିତ | A1 ୯୦–୧୦୦% | A2 ୮୦–୯୦% | B1 ୭୦–୮୦% | B2 ୬୦–୭୦% | C ୫୦–୬୦% | D ୪୦–୫୦% |
|---|---|---|---|---|---|---|---|
| ୨୦୧୫ | ୪୮ | ୦୨ | ୪୨ | ୦୪ | – | – | – |
| ୨୦୧୬ | ୫୨ | – | ୦ | ୧୫ | ୧୯ | ୧୩ | ୦୫ |
| ୨୦୧୭ | ୪୪ | – | ୦୯ | ୩୧ | ୦୩ | ୦୧ | – |
| ୨୦୧୮ | ୪୮ | – | ୦୨ | ୨୨ | ୧୮ | ୦୫ | ୦୧ |
| ୨୦୧୯ | ୫୦ | – | ୦୩ | ୧୩ | ୨୧ | ୧୦ | ୦୩ |

ଫର୍ମ ବିକ୍ରୟ ଆରମ୍ଭ ତା୦୫।୦୩।୨୦୨୦ (ଫର୍ମର ମୂଲ୍ୟ– ଟ.୧୦୦)
ଫର୍ମ ଆବେଦନ ଶେଷ ତା୩୧।୦୩।୨୦୨୦
ନାମଲେଖା ଆରମ୍ଭ ତା୦୨।୦୪।୨୦୨୦

ପ୍ରଧାନଶିକ୍ଷକ, ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ, ସୁବର୍ଣ୍ଣପୁର

**PANCHAYAT SAMITI COLLEGE, GAISILAT**
At/Po-Gaisilat, Dist.-Bargarh, Odisha-768037
**LECTURERS WANTED**
Walk in interview with original documents at P.S. College, Gaisilat, Dist.-Bargarh at 10 A.M. on Dt.06.03.2020 for contractual posts of Lecturer in **Odia & Pol. Sc.**
**Sd./- Principal**

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

Date : 27.02.2020

**CORRIGENDUM**

This is with reference to the Advertisement **No. 46/OMC dated 26.02.2020** regarding **"Recruitment of Non-Executives in OMC Ltd".**

Due to some technical issues, the on-line process of application shall **Go-Live** from **02:00 PM of 28.02.2020** instead of 02:00 PM of 27.02.2020 and shall remain **live till 11:59 PM of 19.03.2020.**

Other terms & conditions of the Advertisement No.46/OMC dated 26.02.2020 shall remain unchanged.

**Sd/-**
**General Manager (P&A)**

**THE MAYURBHANJ CENTRAL CO-OPERATIVE BANK LTD, BARIPADA**
**ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦା**
ବିଜ୍ଞାପନ ନଂ. ୩୭୩୮ ତାରିଖ: ୨୦।୦୨।୨୦୨୦

ଏତଦ୍ୱାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଅଂଶୀଦାର ସଭ୍ୟ/ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କର ୬୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୦।୦୩।୨୦୨୦ରିଖ ପୂର୍ବାହ୍ନ ଘ.୧୧.୩୦ଣ୍ଟା ସମୟରେ ବାରିପଦାସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ସଭାଗୃହରେ ଅନୁଷ୍ଠିତ ହେବ।

ଉକ୍ତ ସଭାରେ ଯୋଗଦାନପୂର୍ବକ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

**କାର୍ଯ୍ୟସୂଚୀ:** (୧) ଗତ ୬୬ତମ ସାଧାରଣ ସଭା ତା୦୧।୦୩।୨୦୧୯ରିଖର ବିବରଣୀ ପଠନ ଓ ଦୃଢ଼ୀକରଣ। (୨) ୨୦୧୯–୨୦ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଗ୍ରହଣ। (୩) ଗତ ୨୦୧୮–୧୯ ବର୍ଷର ସମୀକ୍ଷା ପତ୍ର ପଠନ ଓ ଗ୍ରହଣ। (୪) ବ୍ୟାଙ୍କର ୨୦୧୮–୧୯ ବର୍ଷର ଅତିରିକ୍ତ ବଜେଟ ଅନୁମୋଦନ। (୫) ବ୍ୟାଙ୍କର ୨୦୨୦–୨୧ ବର୍ଷର ବାର୍ଷିକ ବଜେଟ ଅନୁମୋଦନ। (୬) ବ୍ୟାଙ୍କର ଉପବିଧି ନଂ.୪ ଓ ନଂ.୧୩ର ପରିବର୍ତ୍ତନ। (୭) ବ୍ୟାଙ୍କର ଲାଭାଂଶ ବଣ୍ଟନ। (୮) ଅନ୍ୟାନ୍ୟ (ସଭାପତିଙ୍କ ଅନୁମତିକ୍ରମେ)।

**ବି.ଦ୍ର.:–** ଓଡ଼ିଶା ସମବାୟ ସମିତି ଆଇନ–୨୧ ଓ ନିୟମ–୨୨ ପ୍ରକାରେ ସଭ୍ୟ ସମିତି ତରଫରୁ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସମିତିର ସଭାପତି, ସଭାପତି ନଥିଲେ ବା ପ୍ରତିନିଧିତ୍ୱ କରିବାକୁ ଅକ୍ଷମ ଥିଲେ ଉପ–ସଭାପତି, ଯଦି ସଭାପତି ବା ଉପସଭାପତି ନଥା'ନ୍ତି କିମ୍ବା ଉଭୟ ଥାଇ ପ୍ରତିନିଧିତ୍ୱ କରିବାକୁ ଅକ୍ଷମ ହୁଅନ୍ତି, ତେବେ ସାଧାରଣ ସଭାର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତିର ପରିଚାଳନା ସଭାର କ୍ଷମତା ପତ୍ର ସହ ସାଧାରଣ ସଭାରେ ଯୋଗଦାନ କରିପାରିବେ।

ପରିଚାଳନା ପରିଷଦଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./– ଶ୍ରୀ ପ୍ରକାଶ ଚନ୍ଦ୍ର ବାରିକ, ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**DISTRICT RURAL DEVELOPMENT AGENCY, SUBARNAPUR**
No. 811 / Dt.26.02.2020
**QUOTATION CALL NOTICE**
Sealed Quotations are invited from interested Suppliers / Distributors / Dealers for supply of items as per the specification given below for official use. The detailed Quotation Paper along with terms & conditions can be obtained from the office of the undersigned or can be downloaded from the website www.subarnapur.nic.in. The evaluation forms & format of quotation completed in all respect must be sealed cover superscribed as "Quotation for supply of Desktop Computer, Printer, Camera & Steel Almirah" addressed to the Project Director, DRDA, Subarnapur-767017 should reach by Regd. Post / Speed Post / Courier on or before 16.03.2020 by 1.00 PM and shall be opened on the same day at 4.00 PM in the presence of the bidders or their authorized representatives.

The undersigned reserves the right to accept or modify or reject any or all the quotation(s) without assigning any reasons thereof.



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

# ସ୍କୁଲ ଫାଟକରେ ତାଲା ପକାଇ ଧାରଣା

**କିର୍ମିରା,୨୭।୨(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ନକ୍ସାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ଜୋରଦାର ହୋଇଛି। ଗୁରୁବାର ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ସେମାନଙ୍କ ସହିତ ସ୍କୁଲର ଛାତ୍ରୀଛାତ୍ରମାନେ ବି ସାମିଲ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ନକ୍ସାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪୩। ପୂର୍ବରୁ ୮ଜଣ ଶିକ୍ଷକ ଏହି ସ୍କୁଲରେ ନିଯୁକ୍ତି ପାଇଥିଲେ। ହେଲେ ୭ମାସ ତଳେ ଜଣେ ଶିକ୍ଷକ ବିଶ୍ୱ ପଟେଲଙ୍କୁ ଶିକ୍ଷାବିଭାଗ ତରଫରୁ କୁଜିମାଲ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ଏହାପରେ ସ୍କୁଲରେ ଶିକ୍ଷକ ସଂଖ୍ୟା ୭ ରହିଥିବା ବେଳେ ନଭେମ୍ବରରେ ପ୍ରଧାନଶିକ୍ଷକ ପ୍ରଦୀପ ବେହେରା ଅବସର ଗ୍ରହଣ କରିଛନ୍ତି । ଏବେ ଶିକ୍ଷକଙ୍କ ସଂଖ୍ୟା ୬କୁ ଖସିଆସିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଡେପୁଟେଶନରେ ଯାଇଥିବା ଶିକ୍ଷକ ବିଶ୍ୱ ପଟେଲଙ୍କୁ ଫେରାଇ ଆଣିବା ସହ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ପରିଚାଳନା କମିଟି ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିବେଦନ କରାଯାଇଥିଲା। ବିଇଓ ଜଣେ ଶିକ୍ଷକଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରିଚାଳନା କମିଟି ବିଶ୍ୱ ପଟେଲଙ୍କୁ ନିଜ ସ୍କୁଲକୁ ଫେରାଇ ଆଣିବାକୁ ଜିଦ ଧରିଥିଲା। ହେଲେ ବିଇଓ ଦେଢ଼ ମାସ ପୂର୍ବରୁ ବିଶ୍ୱଙ୍କୁ ନକ୍ସାପାଲିରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୁଜିମାଲର ପ୍ରଧାନଶିକ୍ଷକ ତାଙ୍କ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ କହି ବିଶ୍ୱଙ୍କୁ ଛାଡି ନ ଥିଲେ। ଏମିତି କିଛି ଦିନ ଅବ୍ୟବସ୍ଥା ମଧ୍ୟରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିଥିଲେ । ବୁଧବାର ପରିଚାଳନା କମିଟି ପକ୍ଷରୁ ପୁଣିଥରେ ବିଇଓଙ୍କୁ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। ଶେଷରେ ବିଇଓ କହିଥିଲେ, ମୁଁ ଅର୍ଡର କରିଛି, ତୁମେ କୁଜିମାଲ ସ୍କୁଲକୁ ଯାଇ ବିଶ୍ୱଙ୍କୁ ତମ ସ୍କୁଲକୁ ନେଇଯାଇପାର। ହେଲେ ପରିଚାଳନା କମିଟି ସଦସ୍ୟମାନେ କୁଜିମାଲ ସ୍କୁଲକୁ ଯାଇ ହଟହଟା ହୋଇଥିଲେ। ବିଇଓଙ୍କ ପ୍ରତିଶ୍ରୁତି ପାଣିରଗାରା ସେ କେବଳ ପରିଚାଳନା କମିଟିକୁ ଭୁଆଁ ବୁଲାଉଥିବା ଅଭିଯୋଗ କରି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଭାପତି ସୌରେନ୍ଦ୍ରୀ ଭଏଁସା, ସମ୍ପାଦକ ଦଶରଥ ନାଏକ, ଜୟନ୍ତୀ ଭଞ୍ଜ, ସବିତା ଦେହେରୀ, ବିଜୟା ଦେହେରୀଙ୍କ ସମେତ କମିଟି ସଦସ୍ୟମାନେ ଗୁରୁବାର ଦିନ ୧୦ଟାରୁ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ବିଇଓ ଅଶୋକ ପଟେଲଙ୍କୁ ଏ ସଂକ୍ରାନ୍ତରେ ପଚରାଯିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ପୋଲିସ ମଧ୍ୟସ୍ଥତାରେ ଏହି ସମସ୍ୟାର ସମାଧାନ କରାଯିବ। ସ୍କୁଲ ପ୍ରଧାନ ଶିକ୍ଷକ ଉମ୍ବରୁଧର ପଟେଲ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଗଛମୂଳ ଛାଇରେ ପାଠ ପଢ଼ାଇବା ସହ ମଧ୍ୟାହ୍ନ ଭୋଜନ ପାଇଁ ଚୁଡାର ବ୍ୟବସ୍ଥା କରିଥିବା ଜଣାପଡିଛି।



ସ୍କୁଲ ସମ୍ମୁଖରେ ଅଭିଭାବକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ରମାନେ ଧାରଣା ଦେଉଛନ୍ତି ।

**ନକ୍ସାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ଶିକ୍ଷକ ନିଯୁକ୍ତି ଦାବି ଜୋରଦାର
- ଅଭିଭାବକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ର ସାମିଲ

## ସ୍କୁଲ କାନ୍ଥ ଭାଙ୍ଗି ପଶିଲା ବାଲି ବୋଝେଇ ହାଇୱା



ସ୍କୁଲ ଭିତରକୁ ପଶି ଯାଇଥିବା ହାଇୱା ।

**କିର୍ମିରା,୨୭।୨(ଡି.ଏନ.ଏ.)**

ଝାରସୁଗୁଡ଼ା-କିର୍ମିରା ରାସ୍ତାର ଅର୍ଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପାଚେରି ଭାଙ୍ଗି ଏକ ବାଲି ବୋଝେଇ ହାଇୱା ପଶିଯାଇଛି। ବୁଧବାର ରାତି ପ୍ରାୟ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଝାରସୁଗୁଡ଼ା ପଟୁ ଆସୁଥିବା ଏହି ହାଇୱା (ନଂ.ଓଡି ୧୫ ଜି- ୫୭୧୭) ଭାରସାମ୍ୟ ହରାଇ ଅର୍ଡା ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ସ୍କୁଲ କୋଠା ଭିତରକୁ ପଶିଯାଇଥିଲା। ଏଥିରେ ସ୍କୁଲ କୋଠା ଏବଂ ପାଚେରି ଭାଙ୍ଗି ଯାଇଛି। ହାଇୱାର ଗୋଟିଏ ପାର୍ଶ୍ୱ ଚୂରମାର ହୋଇଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ହାଇୱାଟି ପ୍ରଥମେ ସ୍କୁଲ ସାମନାରେ ଥିବା ଏକ ଗଛରେ ପିଟିହେବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାସ୍ତା ଉପରେ ଥିବା ଏକ ୧୧ କେଭି ବିଦ୍ୟୁତ ଖୁଣ୍ଟ ମଧ୍ୟ ଦୁର୍ଘଟଣାରେ ଭାଙ୍ଗିଯାଇଥିଲା। ରାସ୍ତା ଉପରେ ତଥା ସ୍କୁଲ ସାମନାରେ ଯାଇଥିବା ଏହି ୧୧ କେଭି ଲାଇନକୁ ହଟାଇ କେବୁଲ କରିବାକୁ ଦାବି କରିଛନ୍ତି। ଏନେଇ ଲଇକେରା ଥାନାରେ ମାମଲା ରୁଜୁ ହୋଇଛି । ତହସିଲଦାର ଏବଂ ଥାନା ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି ।

## ଆଜି କ'ଣ କେଉଁଠି

**ଦେବଗଡ଼**
- ଜାତୀୟ ବିଜ୍ଞାନ ଦିବସ, ଜିଲା ବ୍ୟାପି ପ୍ରତ୍ୟେକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ୩ ଦିନିଆ ବ୍ଲକସ୍ତରୀୟ ଦକ୍ଷତା ସାମର୍ଥ୍ୟ ଶିବିର, କନ୍ଧଲ ୟୁଜିୟୁପି ସ୍କୁଲ, ପୂର୍ବାହ୍ନ ୧୦ଟା।
- ମା'ଭଦ୍ରକାଳୀଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ଆଉଁଳୀ ଗ୍ରାମ, ପୂର୍ବାହ୍ନ ୧୧ଟା ୩୦।
- ବିଗ୍ରହ ପ୍ରତିଷ୍ଠା, ହୋମ ଯଜ୍ଞ ଲାଗି କଳସ ଯାତ୍ରା, ଆଉଁଳୀ, ଦେବଗଡ଼, ସକାଳ ୭ଟା।

**ଭବାନୀପାଟଣା**
- ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ-୨୦୨୦, ବ୍ରଜମୋହନ ହାଇସ୍କୁଲସ୍ଥିତ ଜିଲା ବିଜ୍ଞାନ ସାଧନ କେନ୍ଦ୍ର ପରିସର, ଅପରାହ୍ନ ୩ଟା।

**ଭେଡ଼େନ**
- ଭେଡ଼େନ ଆଞ୍ଚଳିକ କିଶାନ କଲେଜର ବାର୍ଷିକୋତ୍ସବ, କଲେଜ ପରିସର, ପୂର୍ବାହ୍ନ ୧୧ଘଣ୍ଟା।
- ଦଶାବତାର ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା, ହଟଗାଁ, ଅପରାହ୍ନ ୩ଘଣ୍ଟା।

**ବେଲପାହାଡ଼**
- ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଡାଇବେଟିସ୍ ରୋଗ ନିବାରଣ ପାଇଁ ରାଜଯୋଗ ଶିବିର ଉଦ୍‌ଘାଟନ, ରତ୍ନମଣ୍ଡପ, ସନ୍ଧ୍ୟା ୫ଘଣ୍ଟା।

# ଧାନ ବିକ୍ରି ପାଇଁ ଟୋକନ ମିଳୁନି

**ଝାରସୁଗୁଡ଼ା ଅଫିସ,୨୭।୨**

**ଝାରସୁଗୁଡ଼ା ଜିଲା**
- ୧୭୬୫ ଚାଷୀଙ୍କ ଧାନ ପଡି ରହିଛି
- ଅଧିକା ଧାନ କଣିବା ପାଇଁ ଅନୁମତି ମାଗିଲା ଜିଲା ଯୋଗାଣ ବିଭାଗ

ଚାଷ ଓ ଚାଷୀଙ୍କ ସମସ୍ୟା ସମାଧାନ ହେବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାର କିମ୍ବା ଜିଲା ପ୍ରଶାସନ ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ପାରୁ ନ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲାର ଚାଷୀମାନେ ଏଥିରୁ ବାଦ୍ ପଡି ନାହାନ୍ତି। ଧାନ ବିକ୍ରି ପାଇଁ ସେମାନଙ୍କୁ ଏ ଯାଏଁ ଟୋକନ ମିଳିନାହିଁ। ଫଳରେ ସେମାନେ ଅଭାବି ବିକ୍ରୀର ଶିକାର ହେଉଥିବା କହିଛନ୍ତି। ଜିଲାର ଝାରସୁଗୁଡ଼ା, କିର୍ମିରା, କୋଲାବିରା, ଲଇକେରା ଓ ଲଖନପୁରରେ ଥିବା ମୋଟ ୩୨ ଧାନ ବିକ୍ରୟ କେନ୍ଦ୍ର ତଥା ମଣ୍ଡିରେ ଟୋକନ ମିଳୁ ନ ଥିବାରୁ ଏଭଳି ପରିସ୍ଥିତି ଲାଗି ରହିଛି। ଜିଲା ଯୋଗାଣ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଚଳିତବର୍ଷ ୭ ଲକ୍ଷ ୨୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଚଳିତ ମାସ ୨୬ ତାରିଖ ସୁଦ୍ଧା ୭ ଲକ୍ଷ ୧୨ ଶହ ୯୭ କୁଇଣ୍ଟାଲ ଧାନ କ୍ରୟ ହୋଇସାରିଛି। ତଥାପି ଜିଲାରେ ପଞ୍ଜୀକୃତ ହୋଇଥିବା ୧୪ ହଜାର ୩୩୬ ଜଣ ଚାଷୀଙ୍କ ମଧ୍ୟରୁ ୧୭ ଶହ ୬୫ ଜଣ ଚାଷୀ ଏଯାଏ ସେମାନଙ୍କ ସମସ୍ତ ଧାନ ବିକ୍ରୟ କରିପାରିନାହାନ୍ତି। ସେହିପରି ୯୨୯ ଜଣ ଚାଷୀ ଥରେ ବି ଟୋକନ ପାଇ ନ ଥିବା ଜଣାପଡିଛି। ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ଯାଇଥିବାରୁ ଅଧିକ ୭୦ ମେଟ୍ରିକ ଟନ ଧାନ କିଣିବା ପାଇଁ ଅନୁମତି ଦେବାକୁ ଯୋଗାଣ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଭଳି ପରିସ୍ଥିତିରେ ଜିଲାର ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରି ନ ପାରି ଘରେ ଗଚ୍ଛିତ ରଖିଛନ୍ତି। କେତେକ ଚାଷୀ ଅଭାବି ବିକ୍ରିର ଶିକାର ହେଉଛନ୍ତି। ଝାରସୁଗୁଡ଼ା ବ୍ଲକ ଦୁର୍ଲଗା ଅଞ୍ଚଳର ଚାଷୀ ହରିହର ନାଏକ କୁହନ୍ତି, ମଣ୍ଡିରେ ଟୋକନ ମିଳୁ ନ ଥିବାରୁ ସେ ଘରେ ଧାନ ରଖିଛନ୍ତି। ପ୍ରାୟ ୨୭୦ ବସ୍ତା ଧାନ ତାଙ୍କର ଅଛି । ସେହି ଧାନକୁ ବିକ୍ରି କରିବା ପାଇଁ ଏବେ ସେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷେ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ନିକଟକୁ ଗଲେ ସେମାନେ ମଧ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରୁ ନାହାନ୍ତି। ଚାଷୀ ଅର୍ଜୁନ ନାଏକ କୁହନ୍ତି, ସେ ଅମଳ କରିଥିବା ପ୍ରାୟ ୧୦୦ ବସ୍ତା ଧାନ ବିକ୍ରୟ କରି ପାରିନାହାନ୍ତି। ଏହି ଧାନ ବିକ୍ରୟ କରିବା ପରେ ଆଗାମୀ ଚାଷ ପାଇଁ ପ୍ରସ୍ତୁତ ହେବେ। ହେଲେ ମଣ୍ଡିରେ ଧାନ ନେଉ ନାହାନ୍ତି । ଏଣେ ଅଦିନିଆ ବର୍ଷା ଓ କୋହଲା ପାଗ ଯୋଗୁ ଧାନ ନଷ୍ଟ ହେବାର ସମ୍ଭାବନା ରହିଛି। ଫଳରେ ଧାନର ମାନ କମି ଯିବ, ସେ ପ୍ରକୃତ ମୂଲ୍ୟ ପାଇ ପାରିବେ ନାହିଁ ବୋଲି କହିଛନ୍ତି । ଏ ଦିଗରେ ଜିଲାପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିରି ଅଟକାଳି ଖୋଇଛି ଯେ**
**ରାତିକି ହଗେଇ ନେଉ ସେ ।**

ବିରି ଅଟକାଳି ପରି ବିରିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଟିକେ ଅଧିକ ପରିମାଣର ଖାଇଦେଲେ କେତେକଙ୍କ ପେଟ ଖରାପ ହୋଇଯାଇଥାଏ। ଅନ୍ୟ ଅର୍ଥରେ ଯାହାପାଇଁ ବା ଯାହା ଯୋଗୁ ଅନ୍ୟ ଜଣେ ଅସୁବିଧାରେ ପଡ଼େ ତଥା କଷ୍ଟ ଭୋଗ କରେ ତା'ର ସୁଖ ସୁବିଧା ପ୍ରତି ଦୃଷ୍ଟିଦେବା ଉକ୍ତ ବ୍ୟକ୍ତିପକ୍ଷେ ଜରୁରୀ ହୋଇଯାଏ। ଏପରିକି ବିପଦ ଆପଦରେ ତା' ପାଖେ ପାଖେ ରହିବା ନେଇ ସେ ଏକରକମ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଓଳିର ଝିଅ,**
**ଖେଳଇ ସୁନା ଦୋଳି**
**ମାଆ ଓଳିର ଝିଅ,**
**ବିକିଯାଏ କୋଳି ।**

ଜନ୍ମିତ ସନ୍ତାନ ସାଧାରଣତଃ ଦେଖିବାକୁ ତାଙ୍କ ବାପା କିମ୍ବା ମାଆ ଭଳି ହୋଇଥାନ୍ତି। ଏପରିସ୍ଥଳେ ଯେଉଁ ଝିଅ ତାଙ୍କ ବାପା ଭଳି ଦେଖାଯାନ୍ତି ସେହି ଝିଅ ଭବିଷ୍ୟତରେ ଖୁବ୍ ଉନ୍ନତି କରିଥାନ୍ତି। ବହୁ ସୌଭାଗ୍ୟଶାଳୀ ହେବା ସହ ସୁଖରେ ରହିଥାନ୍ତି। ସେହିପରି ଯେଉଁ ଝିଅ ଦେଖିବାକୁ ମା'ଭଳି ହୋଇଥାନ୍ତି ସେହି ଝିଅ ଦୁଃଖରେ ରହିଥାନ୍ତି। ଜୀବନରେ ସେତେଟା ଉନ୍ନତି କରି ପାରି ନ ଥାନ୍ତି ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ। *T&C
2% ସୁଧ | 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ। - ମଦନମୋହନ ମାଲବ୍ୟ



## ସଂକ୍ଷେପରେ...

### ନଡ଼ିଆ ଫଟାକୁ କେନ୍ଦ୍ର କରି ଗଣ୍ଡଗୋଳ

ଅତାବିରା, ୨୭।୨ (ଡି.ଏନ.ଏ)

ଭେଡେନ ଥାନା ତଥା ରୁଷୁଡା ପାଣ୍ଡି ଅଧୀନ ବଇପୁର ଗ୍ରାମର ଇଷ୍ଟଦେବୀ ଉମା ମାହେଶ୍ୱରୀ ମନ୍ଦିରରେ ନଡିଆ ଫଟାଇବା କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ଜଣେ ଆହତ ହୋଇଛନ୍ତି । ଗ୍ରାମରେ ଶାନ୍ତି ରକ୍ଷା ସହ ଗଣ୍ଡଗୋଳ ଯେପରି ଆଗକୁ ନ ବଢ଼ିବ ସେଥିପାଇଁ ପୋଲିସ ମୁତୟନ ହୋଇଛନ୍ତି ।

### ଧରିତ୍ରୀ ପ୍ରଭାବ: ବ୍ୟାଙ୍କରେ ଖୋଲାହେଲା ପାସ୍‌ବୁକ୍

ଅତାବିରା, ୨୭।୨ (ଡି.ଏନ.ଏ)

ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବୁଧବାର ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତତ୍ପରତା ପ୍ରକାଶ କରି ବ୍ୟାଙ୍କରେ ଯୁଗ୍ମ ସଞ୍ଚୟ ଖାତା ଖୋଲିଛନ୍ତି। ସୂଚନା ଅନୁସାରେ, ଗତ ଜାନୁୟାରୀ ୨୫ ତାରିଖରେ ଉଦେପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମବାସୀ, ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଭେଡେନ ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ସୂର୍ଯ୍ୟ ପଟେଲ ସ୍କୁଲକୁ ପହଞ୍ଚି ମୋ ସ୍କୁଲ ଅଭିଯାନ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ସଭାରେ ଗ୍ରାମବାସୀ ଓ ପୁରାତନ ଛାତ୍ରୀଛାତ୍ରମାନେ ମୁକ୍ତହସ୍ତରେ ସ୍କୁଲକୁ ଅର୍ଥଦାନ କରିଥିଲେ । ଏହି ଟଙ୍କାକୁ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲି ଜମା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ହେଲେ ୧ମାସ ବିତିଯାଇଥିଲେ ସୁଦ୍ଧା ଆକାଉଣ୍ଟ ଖୋଲାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।



ତେଲଙ୍ଗାନାର ଇଟାଭାଟିରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ ଘରକୁ ଫେରିବା ପାଇଁ ଅପେକ୍ଷାରତ।

# ମୁକୁଳିଲେ ୩୩ ଦାଦନ ଶ୍ରମିକ

## ଏବେବି ୨ଜଣ ଇଟାଭାଟି ମାଲିକଙ୍କ କବ୍‌ଜାରେ

ବରଗଡ଼ ଅଫିସ୍,୨୭।୨

ବରଗଡ଼ ଜିଲାରୁ ତେଲେଙ୍ଗାନା ରାଜ୍ୟ ପଇଦାପଲ୍ଲୀ ଜିଲା ରାମଗିରି ଥାନା ଅନ୍ତର୍ଗତ ପାଣ୍ଡୁଲାପଲ୍ଲୀର ଏକ ଇଟାଭାଟିକୁ ଦାଦନ ଖଟିବାକୁ ଯାଇ ସେଠାରେ ବନ୍ଧା ପଡ଼ିଥିବା ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ବରଗଡ଼ ଜିଲାର ସାମାଜିକ କର୍ମୀ ଦିବସ କୁମାର ସାହୁଙ୍କ ଉଦ୍ୟମକ୍ରମେ ଉଭୟ ଓଡ଼ିଶା ଏବଂ ତେଲେଙ୍ଗାନା ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ସେଠାରେ ବନ୍ଧା ପଡ଼ିଥିବା ସମୁଦାୟ ୩୫ଜଣଙ୍କ ମଧ୍ୟରୁ ଗୁରୁବାର ସନ୍ଧ୍ୟାରେ ୩୩ଜଣ ଇଟାଭାଟି ମାଲିକଙ୍କଠାରୁ ମୁକୁଳିଛନ୍ତି। ମାତ୍ର ଏବେ ମଧ୍ୟ ଇଟାଭାଟି ମାଲିକ ଅନ୍ୟ ଦୁଇଜଣ ଶ୍ରମିକ ପାଇକମାଳ ଥାନା ଝିଟକି ପଞ୍ଚାୟତର ପଥରେଲ ଗ୍ରାମର କୁଳମଣି ବରିହା ଓ ନୂଆପଡ଼ାର ଜଳନ୍ଧରଙ୍କୁ ନିଜ କବ୍‌ଜାରେ ରଖିଥିବା ସୂଚନା ମିଳିଛି । ଏହା ଜାଣିବା ପରେ ସାମାଜିକ କର୍ମୀ ସାହୁ ପଇଦାପଲ୍ଲୀ ଶ୍ରମ ଅଧିକାରୀ ରାମ ଲିଙ୍ଗନଙ୍କୁ ଫୋନ କରି ସେମାନଙ୍କୁ ମଧ୍ୟ ଉଦ୍ଧାର ପାଇଁ ନିବେଦନ କରିଥିବା କହିଛନ୍ତି । ଖବର ଲେଖାହେବା ସୁଦ୍ଧା (ରାତ୍ରି ୯ଟା ପର୍ଯ୍ୟନ୍ତ) ଇଟାଭାଟି ମାଲିକଙ୍କଠାରୁ ମୁକୁଳିଥିବା ୩୩ଜଣ ତେଲେଙ୍ଗାନାର ପଇଦାପଲ୍ଲୀ ରେଳ ଷ୍ଟେଶନରେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ରହିଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଗତ ଜୁଲାଇ ଓ ଅଗଷ୍ଟ ମାସରୁ ବଲାଙ୍ଗୀର ଜିଲାର ଜଣେ ଦଲାଲ(ମଧ୍ୟସ୍ଥି)ଙ୍କ ପ୍ରଲୋଭନରେ ପଡ଼ି ବରଗଡ଼ ଜିଲା ପାଇକମାଳ ଥାନା ଝିଟକି, ଯୋଗୀନ୍ଦ୍ରନାଥପୁର ଅଞ୍ଚଳର ୩୫ଜଣ ଶ୍ରମିକ ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ । ସେମାନଙ୍କ ମଧ୍ୟରେ ୧୧ଜଣ ଶିଶୁ ରହିଥିଲେ। ସେଠାରେ ସେମାନଙ୍କୁ ଇଟାଭାଟି ମାଲିକ ପାରିଶ୍ରମିକ ବଦଳରେ ନିର୍ଯାତନା ଦେଉଥିବା ନେଇ ଜଣେ ନିର୍ଯାତିତ ଶ୍ରମିକ ଗତ ୧୬ତାରିଖରେ ସାମାଜିକ କର୍ମୀ ସାହୁଙ୍କୁ ଫୋନ କରିବା ସହିତ ଏକ ଭିଡ଼ିଓ କ୍ଲିପିଂ ପଠାଇ ଉଦ୍ଧାର ପାଇଁ ନିବେଦନ କରିଥିଲେ। ସାହୁ ଏ ନେଇ ଉଭୟ ଓଡ଼ିଶା ସରକାର ଏବଂ ତେଲେଙ୍ଗାନା ସରକାରଙ୍କୁ ଦାଦନ ଶ୍ରମିକଙ୍କ ଉଦ୍ଧାର ନିମନ୍ତେ ଟ୍ୱିଟର, ଫୋନ ମାଧ୍ୟମରେ ଅନୁରୋଧ କରିଥିଲେ। ବୁଧବାର ସକାଳେ ଓଡ଼ିଶା ରାଜ୍ୟ ଶ୍ରମ କମିଶନର ଏମ. ତିରୁମାଳା ନାୟକ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଥିଲେ ।

ଓଡ଼ିଶା, ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଚାପ ପ୍ରୟୋଗ ଫଳରେ ଇଟାଭାଟି ମାଲିକ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲେ । ଏପରିକି ଏହି କ୍ଷଣି ମୋ ମାଟି ଛାଡ଼ି ଚାଲିଯାଅ, ନହେଲେ ରାତିରେ ଶୋଇଲାବେଳେ ମାରିଦେବି ବୋଲି ଇଟାଭାଟି ମାଲିକ ଧମକ ଦେବାକୁ ମଧ୍ୟ ପଛାଇ ନ ଥିଲେ। ୩୩ଜଣଙ୍କୁ ଛାଡ଼ି ଅନ୍ୟ ୨ଜଣଙ୍କୁ ସମ୍ପୃକ୍ତ ଇଟାଭାଟି ମାଲିକ ସେଠାରେ ଏବେ ମଧ୍ୟ ବନ୍ଧା ରଖିଛନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଇଟାଭାଟି ମାଲିକଙ୍କଠାରୁ ମୁକ୍ତ ହେବା ପରେ ଏକ ଟ୍ରାକ୍ଟର ଯୋଗେ ନିଜ ପିଲାଛୁଆ ସହିତ ପୈଦାପଲ୍ଲୀ ରେଳଷ୍ଟେଶନକୁ ଆସିଥିଲେ । ମାତ୍ର ଅନ୍ୟ ୨ଜଣଙ୍କୁ ଇଟାଭାଟି ମାଲିକ ଏବେ ମଧ୍ୟ ନିଜ କବ୍‌ଜାରେ ରଖିଥିବା ଯୋଗୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ ସାମାଜିକ କର୍ମୀ ସାହୁ ସମ୍ପୃକ୍ତ ଅଞ୍ଚଳର ପୋଲିସକୁ ଯୋଗାଯୋଗ କରି ସୁରକ୍ଷିତ ଭାବେ ସେମାନଙ୍କୁ ପୈଦାପଲ୍ଲୀ ରେଳଷ୍ଟେଶନ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଅନୁରୋଧ କରିଛନ୍ତି ।

# ଗୁହାଳ ବିଲ୍ ପାଇଁ ଯାଇ ମାଡ ଖାଇଲେ, ଏସ୍‌ପିଙ୍କୁ ଫେରାଦ

ପୁରୁଣାକଟକ,୨୭।୨(ଡି.ଏନ.ଏ)

ସମ୍ପୂର୍ଣ୍ଣ ହୋଇସାରିଥିବା ଏକ ଗୁହାଳ ଗୃହର ବିଲ୍ ପ୍ରଦାନ ନେଇ ହରଭଙ୍ଗା ବିଡିଓଙ୍କ ସହିତ ଯୁକ୍ତିତର୍କ କରିବାରୁ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଏସ୍‌ଆଇ ଜଣେ ଯୁବକଙ୍କୁ ନିସ୍ତୁକ ମାଡ ମାରିଛନ୍ତି । ଏ ନେଇ ଯୁବକ ଜଣକ ବୌଦ୍ଧ ଏସ୍‌ପିଙ୍କୁ ଭେଟି ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ଫେରାଦ ହୋଇଛନ୍ତି ।

ଅଭିଯୋଗ ଅନୁସାରେ, ହରଭଙ୍ଗା ଥାନା ମହାଲିକପଡା ଗ୍ରାମର ପଦ୍ମଚରଣ ଭୋକ୍ତା (୩୯) ଗାଇ ଗୁହାଳ ଘର ବିଲ୍ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ କେହି ତାଙ୍କ କଥା ଶୁଣୁ ନ ଥିଲେ । ଫଳରେ ପଦ୍ମଚରଣ ଗତ ୨୫ ତାରିଖରେ ଦାୟିତ୍ୱରେ ଥିବା ହରଭଙ୍ଗା ବିଡିଓ ବବିତାରାଣୀ ଦଳବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଗୁହାଳ ବିଲ୍ ପାଇବା ପାଇଁ ବାରମ୍ବାର ଆସି ନିରାଶ ହୋଇ ଫେରୁଥିବା ଜଣାଇଥିଲେ। ବିଡିଓ ଏବେ ନୁହଁ ଆଉ କିଛି ଦିନ ପରେ ଆସ ବୋଲି କହିବାରୁ ପଦ୍ମଚରଣ ତାଙ୍କ ସହିତ ଯୁକ୍ତିତର୍କ କରିଥିବା କୁହାଯାଇଛି । ତେବେ ଯୁବକ ଜଣକ ଅଶ୍ଳୀଳ ଭାଷା ପ୍ରୟୋଗ କରିବାରୁ ବିଡିଓ ପୁରୁଣାକଟକ ଥାନାକୁ ଖବର ଦେଇଥିଲେ । ଖବର ପାଇ ଥାନା ଏସ୍‌ଆଇ ରାଜା ରଞ୍ଜନ ନାଏକ ବ୍ଲକରେ ପହଞ୍ଚି ପଦ୍ମଚରଣଙ୍କୁ ଥାନାକୁ ନେଇ କୁଆଡେ ନିସ୍ତୁକ ପିଟିଥିଲେ। ମାଡ ଖାଇ ଥାନାରୁ ଫେରିବା ପରେ ପଦ୍ମଲୋଚନ ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ବୌଦ୍ଧ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏସ୍‌ଆଇ ନାଏକଙ୍କୁ ପଚାରିବାରୁ ପଦ୍ମଲୋଚନ ମଦ ପିଇ ବିଡିଓଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଆମେ ଖବର ପାଇବା ପରେ ବ୍ଲକକୁ ଯାଇ ତାଙ୍କୁ ଥାନାକୁ ଆଣି ତାଗିଦ କରି ଛାଡି ଦେଇଥିଲୁ । କିଛି ଖଳ ଲୋକଙ୍କ କଥାରେ ପଡି ପୋଲିସ ତାଙ୍କୁ ମାଡ ମାରିଥିବା ସେ ଅଭିଯୋଗ କରିଛନ୍ତି ବୋଲି ଏସ୍‌ଆଇ ନାଏକ କହିଥିଲେ ।

# ମନ୍ଦିରକୁ ଧକ୍କାଦେଲା କାର୍, ଦମ୍ପତି ଆହତ



ଦୁର୍ଘଟଣାଗ୍ରସ୍ତ କାର୍ ।

ମନମୁଣ୍ଡା, ୨୭।୨ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡାର ମେଟାକାନୀ ମନ୍ଦିରରେ ଗୁରୁବାର ଏକ କାର୍ ଧକ୍କା ଦେବାରୁ ମନ୍ଦିର ସମ୍ମୁଖ ଭାଗ ଭାଙ୍ଗି ଯାଇଛି । ସେହିପରି ସମ୍ପୃକ୍ତ କାର୍ ମଧ ଚୂରମାର ହୋଇଯାଇଛି ।

ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ମନମୁଣ୍ଡା ଥାନା ପତ୍ରାପାଲି ଗ୍ରାମର ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ସ୍ତ୍ରୀ ଏକ କାର (ନଂ.ଓଡି୩୧ଡି/୮୭୨୦) ଯୋଗେ ଖଟଖଟିଆ ପଟରୁ ମନମୁଣ୍ଡା ଆଡକୁ ଆସୁଥିବା ବେଳେ ମେଟାକାନୀ ମନ୍ଦିରରେ ଭାରସାମ୍ୟ ହରାଇ ଧକ୍କା କରିଥିଲେ । ଏହି ଦୁର୍ଘଟଣାରେ ଉକ୍ତ ଦମ୍ପତି ଆହତ ହୋଇ ସୋନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କାର ଧକ୍କାରେ ମନ୍ଦିର ସମ୍ମୁଖ ଭାଗ ଭାଙ୍ଗି ଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।



ଜିଲାପାଳ ପତାକା ଦେଖାଇ ତୀର୍ଥଯାତ୍ରୀ ବସ୍‌କୁ ବିଦାୟ ଦେଉଛନ୍ତି।

# ତୀର୍ଥଯାତ୍ରାରେ ସାମିଲ ହେଲେ ୩୫ ବରିଷ୍ଠ ନାଗରିକ

ବୌଦ୍ଧ,୨୭।୨(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ଜିଲାର ୩୫ ଜଣ ବରିଷ୍ଠ ନାଗରିକଙ୍କୁ ଗୁରୁବାର ତୀର୍ଥଯାତ୍ରାରେ ପଠାଯାଇଛି। ଜିଲାର ତିନୋଟି ବ୍ଲକରୁ ୩୫ ଜଣଙ୍କୁ ଚୟନ କରାଯାଇ ଦକ୍ଷିଣ ଭାରତର ତୀର୍ଥକ୍ଷେତ୍ର ତିରୁପତି, ରାମେଶ୍ୱରମ, ମଦୁରାଇ ଆଦି ଭ୍ରମଣ ପାଇଁ ପଠାଯାଇଛି। ଏହି ତୀର୍ଥଯାତ୍ରୀମାନଙ୍କୁ ବୌଦ୍ଧରୁ ବସ ଯୋଗେ ବ୍ରହ୍ମପୁର ନିଆଯାଇଥିବାବେଳେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ତୀର୍ଥଯାତ୍ରୀ ବସ୍‌କୁ ବିଦାୟ ଦେଇଥିଲେ । ଏହାସହିତ ଜିଲାର ବରିଷ୍ଠ ନାଗରିକମାନଙ୍କ ସଫଳ ଓ ସୁରକ୍ଷିତ ଯାତ୍ରା କାମନା କରିଥିଲେ। ବ୍ରହ୍ମପୁର ଠାରେ ତୀର୍ଥଯାତ୍ରୀ ଦଳ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଟ୍ରେନ ଯୋଗେ ଦକ୍ଷିଣ ଭାରତ ଯାତ୍ରା କରିବେ। ପ୍ରଶାସନ ପକ୍ଷରୁ ଜିଲା ସଂସ୍କୃତି କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ତୀର୍ଥଯାତ୍ରୀମାନଙ୍କ ସହିତ ପଠାଯାଇଛି। ଏହି ସମୟରେ ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ଓ ସମଗ୍ର ଶିକ୍ଷା ଅଭିଯାନର ସହକାରୀ ଯନ୍ତ୍ରୀ ଇଂ. ପରେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ବିକ୍ରେତାଙ୍କ ଉପରେ ୫ ହଜାର ଜରିମାନା

ବୌଦ୍ଧ,୨୭।୨(ସ୍ୱ.ପ୍ର)

ବୌଦ୍ଧ ସହରରେ ନିଷିଦ୍ଧ ତମାଖୁ ବିକ୍ରୟ କରୁଥିବା ବିଭିନ୍ନ ଦୋକାନ ଉପରେ ଗୁରୁବାର ଚଢାଉ କରାଯାଇଛି । ସହରର ବ୍ରିଜ୍ ଛକ, କୋର୍ଟ ଛକ, ପୋଷ୍ଟ ଅଫିସ ଛକ ଓ ବସଷ୍ଟାଣ୍ଡ ଠାରେ ଏହି ଚଢାଉ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଅଧିକାରୀ ନବ କିଶୋର ସାହୁଙ୍କ ନେତୃତ୍ୱରେ ୨୬ଟି ଦୋକାନ ଉପରେ ଚଢାଉ କରାଯାଇ ସେମାନଙ୍କ ଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଏହାସହ ଦେକାନୀମାନଙ୍କୁ ନିଷିଦ୍ଧ ତମାଖୁ ବିକ୍ରୟ ନ କରିବାକୁ ସଚେତନତା କରାଯାଇଛି। ଏହି ଚଢାଉରେ ବୌଦ୍ଧ ଜନସ୍ୱାସ୍ଥ୍ୟ ପରାମର୍ଶଦାତା ଆଲୋକ କୁମାର ମିଶ୍ର, ଅବକାରୀ ସବଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡା, ପୋଲିସ ସବ ଇନ୍ସପେକ୍ଟର ମନୋଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।





ଅଧିକାରୀମାନେ ତମାଖୁ ଜବତ କରୁଛନ୍ତି ।

# କଟାଗଲା ବିପଦସଙ୍କୁଳ ନିମ୍ବଗଛ

ମନମୁଣ୍ଡା, ୨୭।୨ (ଡି.ଏନ.ଏ)

ଧରିତ୍ରୀ ପ୍ରଭାବ

ମନମୁଣ୍ଡା-ଖୁଣ୍ଟିଗୋରା ରାଜ୍ୟ ରାଜପଥର ମନମୁଣ୍ଡାଠାରୁ ୫ କିମି ଦୂର ଗୋହିପିଟା ରାସ୍ତା କଡରେ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ନିମ୍ବଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଉକ୍ତ ଗଛର ମୂଳ ଫମ୍ପା ହୋଇଥିବାରୁ ତାହା ବିଷାକ୍ତ ସାପଙ୍କ ବାସସ୍ଥଳୀ ପାଲଟିଥିଲା। ଏହି ଗଛ କେତେବେଳେ ଭାଙ୍ଗି ପଡିବା ଆଶଙ୍କା ସୃଷ୍ଟି ହୋଇଥିଲା । ବିପଦସଙ୍କୁଳ ଗଛକୁ ତୁରନ୍ତ କାଟି ଦେବାକୁ ପଣ୍ଡିତ ମୋତିଲାଲ ପୂଜାରୀ, ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ବରିଷ୍ଠ ନାଗରିକ ଲକ୍ଷ୍ମୀନ୍ଦ୍ର ବର୍ଗତି ଦାବି ଜଣାଇଥିଲେ । ଏ ନେଇ ଗତ ୧୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ମନମୁଣ୍ଡା ବନ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ରେଞ୍ଜର ନାରାୟଣ ସ୍ୱାଇଁ, ଗାର୍ଡ ଦୀପକ କୁମାର ପ୍ରଧାନ, ଦିଗମ୍ବର ପ୍ରଧାନ ପ୍ରମୁଖ ଗୁରୁବାର ଉକ୍ତ ଗଛକୁ କାଟି ଦେଇଛନ୍ତି ।

# ଲୋକ ଉତ୍ସବରେ ଗଣଦୌଡ଼

ପଦ୍ମପୁର, ୨୭।୨ (ଡି.ଏନ.ଏ)

ସ୍ଥାନୀୟ ଆରବି ହାଇସ୍କୁଲ ପଡିଆରେ ଆୟୋଜିତ ହେଉଥିବା ପଦ୍ମପୁର ଲୋକ ଉତ୍ସବ-୨୦୨୦ ଅବସରରେ ଗୁରୁବାର ସକାଳ ୭ଟାରେ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଏହି ଗଣଦୌଡକୁ ଲୋକଉତ୍ସବ ପଡିଆରେ ପତାକା ଦେଖାଇ ପଦ୍ମପୁର ଉପଖଣ୍ଡ ପୋଲିସ ଅଧୀକ୍ଷକ ପ୍ରଦୀପ ସାହୁ ଉଦଘାଟନ କରିଥିଲେ। ଚନ୍ଦ୍ରମଣି ସାହୁ, ନୀଳି ମାରାଣୀ, ସୁକୁମାରୀ ତାଣ୍ଡି, ନମିତା ସାହୁ, କ୍ଷୀରୋଦ୍ର ଦାଶ, ହରେକୃଷ୍ଣ ମେହେର ଖେଳ ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣଦୌଡରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ, ମହିଳା ସମିତି ଏବଂ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥିଲେ । ଖେଳ ପଡିଆରୁ ଗଣଦୌଡ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ବିଭିନ୍ନ ଛକରେ ଗଣଦୌଡାଳି ମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ଗଣଦୌଡରେ ସାମିଲ ହୋଇଥିବା ପଦ୍ମପୁର ଅଞ୍ଚଳବାସୀ ।

# ଟ୍ରକ୍-ବାଇକ ଧକ୍କା: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଅତାବିରା, ୨୭।୨ (ଡି.ଏନ.ଏ)

୫୩ ନମ୍ବର ଜାତୀୟ ରାଜପଥର ଗୋଶାଳା-କଟାପାଲି ମଝିରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ-ବାଇକ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବାଇକରେ ବସିଥିବା ଭେଡେନ ବ୍ଲକ ଦେଶଭଟିଲି ଗ୍ରାମର ମୂଳବାସିନ୍ଦା ଭରତ ଝାଙ୍କରଙ୍କ ସ୍ତ୍ରୀ ମମତା ଝାଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା କରିବାକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରିବାକୁ ବୁର୍ଲା ପଠାଯାଇଛି । ସନ୍ଧ୍ୟା ହୋଇଯିବାରୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ସେହିପରି ମୃତା ମହିଳାଙ୍କ ସ୍ୱାମୀ ଭରତ ଝାଙ୍କର ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

# ଉଚ୍ଚଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

## ବରଗୋଛା ପଞ୍ଚାୟତରେ ହାଇସ୍କୁଲ ନାହିଁ

ମନମୁଣ୍ଡା, ୨୭।୨ (ଡି.ଏନ.ଏ)

ପ୍ରତ୍ୟେକ ପଞ୍ଚାୟତରେ ଅତିକମ୍‌ରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିବା ପାଇଁ ସରକାରୀ ନିୟମ ରହିଛି । ପୁଣି ପ୍ରତ୍ୟେକ ପଞ୍ଚାୟତର ଗୋଟିଏ ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବାକୁ ସରକାର ନିୟମ ପ୍ରଣୟନ କରିଛନ୍ତି । ଉକ୍ତ ନିୟମ ବା ବ୍ୟବସ୍ଥା ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଉତ୍ତମ ଶ୍ରେଣୀ ପ୍ରକୋଷ୍ଠ, ବେଞ୍ଚ, ଟେବୁଲ, ପଠନ ଓ ଶିକ୍ଷଣ ସାମଗ୍ରୀ ଉପଲବ୍ଧ ସହ ଖେଳ ପଡିଆ ଯୋଗାଇ ଦେବାକୁ ସ୍ଥିର କରାଯାଇଛି । କିନ୍ତୁ ଦୁଃଖର ବିଷୟ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗୋଛା ଗ୍ରାମପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ଉଚ୍ଚ ବିଦ୍ୟାଳୟ ନାହିଁ। ଫଳରେ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ୨୪ଟି ଗାଁ ଓ ପ୍ରାୟ ୭୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ପଞ୍ଚାୟତରେ ୭ଟି ପ୍ରାଥମିକ ବିଦ୍ୟାଳୟ ଓ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ଆଦିବାସୀ ବହୁଳ ଏହି ପଞ୍ଚାୟତର ସଦର ମହକୁମାରେ ଗତ ୧୯୫୦ ମସିହାରେ ଏକ ଆଶ୍ରମ ବିଦ୍ୟାଳୟ ଖୋଲାଯାଇଛି। ଏହି ବିଦ୍ୟାଳୟ ବ୍ୟତୀତ ସଦର ମହକୁମାରେ ଆଉ କୌଣସି ବିଦ୍ୟାଳୟ ନାହିଁ। ଏଠାରେ ଆଦିବାସୀ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପଢୁଥିବା ବେଳେ ଆଉ ସ୍କୁଲ ନ ଥିବାରୁ ଅଣଆଦିବାସୀ ଛାତ୍ରୀଛାତ୍ରମାନେ ବାଧ ହୋଇ ସେଠାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପଢୁଛନ୍ତି। ତେବେ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ନ ଥିବାରୁ ଏହି ପଞ୍ଚାୟତର ଛାତ୍ରୀଛାତ୍ର ୮ କିମି ଦୂର ଶଗଡା, ୯କିମି ଦୂର ଶୁଣ୍ଢିପଦର ଓ ୧୦ କିମି ଦୂର ବିଳାସପୁର ଉଚ୍ଚ ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି। ଦୂରବାଟ ତଥା ଦୁର୍ଘଟଣାକୁ ଦେଖି ଯାତାୟାତର ସୁବିଧା ଅଭାବରୁ ଅନେକ ପରିବାର ସେମାନଙ୍କ ପିଲାମାନଙ୍କ ପାଠପଢା ବନ୍ଦ କରିଦେଉଥିବା ଜାଣିବାକୁ ମିଳିଛି । ବିଶେଷ କରି ଅଭିଭାବକମାନେ ଝିଅମାନଙ୍କ ପାଠପଢାକୁ କରି ଦେଉଛନ୍ତି। ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କ ଆଗ୍ରହ ଥିଲେ ମଧ ପରିବାରର ଚାପ ଓ ପରିସ୍ଥିତିକୁ ଦେଖି ସେଥିରୁ ବଞ୍ଚିତ ହେଉଛନ୍ତି । ଉଚ୍ଚ ବିଦ୍ୟାଳୟ ବିହୀନ ବରଗୋଛା ପଞ୍ଚାୟତ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ଶିକ୍ଷାର ସୁବିଧା ନିମନ୍ତେ ଆସନ୍ତା ଶିକ୍ଷାବର୍ଷ ପ୍ରାରମ୍ଭରୁ ସଦର ମହକୁମାରେ ଏକ ଉଚ୍ଚ ବିଦ୍ୟାଳୟ ସ୍ଥାପନ ପାଇଁ ଶିକ୍ଷାବିତ୍ ରାଜୀବ କର୍ମୀ, ସାମାଜିକ କର୍ମୀ ତନ୍ମୟ ସାହୁ, ଜିଲା ବିଜୁ କୃଷକ ସଭାପତି ଶାନ୍ତନୁ ଥାଟି, ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟି, ସରପଞ୍ଚ ଠିବ୍ରୁ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ପ୍ରଧାନ, ସମିତି ସଭ୍ୟ ଗୁପ୍ତେଶ୍ୱର ଭଇନା, ଚାଷୀ ନେତା କଣ୍ଡେଶ୍ୱର ପ୍ରଧାନ ପ୍ରମୁଖ ଦାବି ଜଣାଇଛନ୍ତି ।

## ସଂକ୍ଷେପରେ...



### ୨ରୁ ଜାତୀୟ କବାଡି ଚାମ୍ପିୟନଶିପ୍

■ ରାଜ୍ୟ ଦଳରେ ରବି ମୁଖି ସାମିଲ

ସମ୍ବଲପୁର, ୨୭।୨ (ବ୍ୟୁରୋ)- ରାଜସ୍ଥାନର ଜୟପୁରଠାରେ ମାର୍ଚ୍ଚ ୨ରୁ ୬ ତାରିଖ ପର୍ଯ୍ୟନ୍ତ ୬୭ତମ ସିନିୟର ଜାତୀୟ ମହିଳା ଓ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ହେବ। ତେଣୁ ରାଜ୍ୟ ଦଳ ମନୋନୟନ ହୋଇଛି। ଓଡିଶା ଦଳରେ ସମ୍ବଲପୁର କବାଡି କ୍ଲବର ଖେଳାଳୀ ରବି ମୁଖିଙ୍କୁ ସ୍ଥାନ ମିଳିଛି । ଏନେଇ ଗୁରୁବାର ରବିଙ୍କୁ କବାଡି କ୍ଲବର ଖେଳାଳୀ ଓ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ରବିରେ ନାମ ପଞ୍ଜୀକରଣ କରିବେ ନାହିଁ ଚାଷୀ

■ ମାର୍ଚ୍ଚ ୭ ପଶ୍ଚିମଓଡିଶା ଚାଷୀଙ୍କ ବୈଠକ

■ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି

ସମ୍ବଲପୁର,୨୭।୨(ବ୍ୟୁରୋ)

ଆସନ୍ତା ରବି ଫସଲ ଧାନ ସଂଗ୍ରହରେ ଚାଷୀମାନେ ସାମିଲ ହେବେ ନାହିଁ । ତେଣୁ ମାର୍ଚ୍ଚ ୧ରୁ ପଞ୍ଜିକରଣ ପ୍ରକ୍ରିୟାରୁ ସେମାନେ ନିଜକୁ ଦୁରେଇ ରଖିବେ। ଟୋକନ ସମସ୍ୟା ଯୋଗୁ ଖରିପ ଧାନ ସଂଗ୍ରହରେ ଯେଭଳି ସମସ୍ୟା ହୋଇଛି ଚାଷୀମାନେ ଆଜିପର୍ଯ୍ୟନ୍ତ ତାର ପରିଣାମ ଭୋଗି ଆସୁଛନ୍ତି । ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ତେଣୁ ରବିରେ ଟୋକନ ବ୍ୟବସ୍ଥାକୁ ବିରୋଧ କରାଯିବ । ହଜାର କୁଇଣ୍ଟାଲ ଧାନ ପଡି ରହିଛି । ହେଲେ ଧାନ ସଂଗ୍ରହ ବନ୍ଦ କରିଦିଆଗଲା। ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଗଲାଣି । ଏହାକୁ ନେଇ ବିଧାନ ସଭାରେ ଶାସକ ଦଳ, ବିରୋଧି ଦଳ ତଥା ସମସ୍ତ ରାଜନୈତିକ ଦଳ ହୋହାଲ୍ଲା କରିଛନ୍ତି । ପରେ ଧାନ ସଂଗ୍ରହ କରାଯିବ ବୋଲି ଯୋଗାଣ ବିଭାଗ ରାଜି ହୋଇଛି। ହେଲେ ଏବେ ଅଧିକାଂଶ ଧାନ ବିକ୍ରି ହେବା ଅବସ୍ଥାରେ ଆଉ ନାହିଁ । ଏହାର ମୁଖ୍ୟ କାରଣ ଟୋକନ ସମସ୍ୟା ଅଟେ। ଦଲାଲ ମୁକ୍ତ କରିବା ପାଇଁ ସରକାର ଏଭଳି ବ୍ୟବସ୍ଥା କରିଥିବା କହୁଛନ୍ତି ହେଲେ ଚଳିତ ଖରିଫରେ ଦଲାଲ ସଂଖ୍ୟା ବୃଦ୍ଧି ପାଇଛି। ଚାଷୀମାନେ ବିକ୍ରି କରି ନ ପାରିବାକୁ ଦଲାଲମାନେ ଲାଭବାନ ହୋଇଛନ୍ତି । ଯଦି ସରକାର ଚାଷୀମାନଙ୍କ ସହ ବୈଠକ କରିବେ ଓ ଟୋକନ ବ୍ୟବସ୍ଥାରେ ଥିବା ସମସ୍ୟାର ସମାଧାନ କରିବେ ତା'ହେଲେ ଚାଷୀମାନେ ବିଚାରକୁ ନେବେ ବୋଲି ମାନେଶ୍ୱର କେନାଲ କଲୋନୀରେ ଜିଲାକୃଷକ ସଂଗଠନ ବୈଠକରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ କହିଥିଲେ । ସରକାର ଓ ରାଜନେତାମାନେ ଦୋମୁହଁ ନୀତି ଗ୍ରହଣ କରିଛନ୍ତି । ଭୁବନେଶ୍ୱରରେ ବସି ଚାଷୀମାନଙ୍କ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ନିର୍ଦ୍ଧାରଣ କରୁଛନ୍ତି । ଚାଷୀମାନଙ୍କ ସହ ଆଲୋଚନା କଲେ ସେମାନେ ବାସ୍ତବରେ କ'ଣ ସମସ୍ୟା ରହିଛି ମତ ରଖି ପାରନ୍ତେ । ନେତା ମନ୍ତ୍ରୀ ଆସି ଆଲୋଚନା କଲେ ଆଉ ଶୁଣାଯିବ ନାହିଁ କି ଭରଷା କରାଯିବ ନାହିଁ । ଖରିଫରେ ଦେଇଥିବା ନେତାଙ୍କ ପ୍ରତିଶ୍ରୁତି ପାଳନ କରାଗଲା ନାହିଁ । ଏବେ ଧାନ ଫସଲ ରୁଆ ସମୟ ଓ ଚାଷକୁ ଯନ୍ତ୍ର ନେବା ସମୟ । ଏ ସମୟରେ ଚାଷୀ ପଞ୍ଜିକରଣ କିଭଳି ଭାବେ କରିଯିବ । ମାର୍ଚ୍ଚ ୭ ତାରିଖ ବରଗଡ ଜିଲାରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଚାଷୀ ସଂଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ସମଗ୍ର ପଶ୍ଚିମ ଓଡିଶାର ଚାଷୀମାନେ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ବ୍ୟୋମକେଶ ଠାକୁର, ବିଦ୍ୟାଧର ପ୍ରଧାନ, ଏନ ଲକ୍ଷ୍ମୀନାରାୟଣ, ଚନ୍ଦ୍ରଶେଖର ପଣ୍ଡା, ସୁଶିଲ ବେହେରା, ପ୍ରକାଶ ପ୍ରଧାନ, କୃଷ୍ଣ ବିଶ୍ୱାଳ, ସୁଦର୍ଶନ ମହାପାତ୍ର, ଅଶ୍ୱିନୀ ପୃଷେଠ, ସୁଧୀର ପାଢୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।



ସମ୍ବଲପୁର ମାନେଶ୍ୱର କେନାଲ କଲୋନୀରେ ଜିଲାକୃଷକ ସଂଗଠନ ବୈଠକରେ ଚାଷୀ ।

# ହୀରାକୁଦ କଲେଜର ବାର୍ଷିକ ଉତ୍ସବ



ଗୁରୁବାର ସମ୍ବଲପୁର ହୀରାକୁଦ କଲେଜର ବାର୍ଷିକ ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ର ଅତିଥିଙ୍କ ସହ ।

ସମ୍ବଲପୁର, ୨୭।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଜୁନିୟର ଓ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଡିଗ୍ରୀ କଲେଜ ଅଧକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ହୀରାକୁଦ ପାୱାର ଅପରେଶନ ମୁଖ୍ୟ ନିମାଇଁ ମହାପାତ୍ର ମୁଖ୍ୟଅତିଥି, ସିଏସଆର ମୁଖ୍ୟ ଜଗଦୀଶ ମିଶ୍ର ସମ୍ମାନୀତ ଅତିଥି, ଗାୟତ୍ରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ନିର୍ଦ୍ଦେଶକ ଡ. ଅଶୋକ କୁମାର ଶତପଥି ମୁଖ୍ୟବକ୍ତା ଓ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଯାନ୍ତ୍ରୀକ ଯୁଗରେ ମୂଲ୍ୟବୋଧ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଜୁନିୟର କଲେଜ ଅଧକ୍ଷ ଡ. ଅଶ୍ୱିନୀ କୁମାର ସୁପକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧାପିକା ସୀମାନ୍ତିକା ଦାଶ ବାର୍ଷିକ ବିବରଣୀ ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପିକା ଡ. ମଞ୍ଜୁଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜିଲା ଯୋଜନା ବୋର୍ଡ଼ କମିଟି ବୈଠକ

ଦେବଗଡ,୨୭।୨(ଡ଼ି.ଏନ୍.ଏ.) :

ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଜିଲା ଯୋଜନା କମିଟି ବୈଠକ କମିଟିର ଅଧକ୍ଷା ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ ଦେବଗଡ଼ ଜିଲାର ସାମଗ୍ରୀକ ବିକାଶ ନିମନ୍ତେ କାର୍ଯ୍ୟକରାଯାଉଥିବା ପ୍ରକଳ୍ପ ଗୁଡ଼ିକ ଶୀଘ୍ର ସମାପ୍ତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକତା ଅନୁଯାୟୀ ନୂତନ ପ୍ରକଳ୍ପ ପ୍ରସ୍ତାବ ଆଗତ କରିବାକୁ କହିଥିଲେ । ପାନୀୟ ଜଳ ଓ ଗମନାଗମନ ସୁବିଧା ନିମନ୍ତେ ଉଦିଷ୍ଟ ପ୍ରକଳ୍ପଗୁଡ଼ିକ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଜିଲାରେ ଥିବା ପାନୀୟ ଜଳ ଓ ଗମନାଗମନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ଧାନ ବିକ୍ରୀ ନିମନ୍ତେ ଚାଷୀମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେହିପରି ଉକ୍ତ ବୈଠକରେ ୨୦୧୯– ୨୦ ଆର୍ଥିକ ବର୍ଷ ନିମନ୍ତେ ୩୪୩ କୋଟି ୧୪ ଲକ୍ଷ ୪୪ ହଜାର ଟଙ୍କାର ପ୍ରସ୍ତାବିତ ଯୋଜନା ଚିଠା ଉପସ୍ଥିପନ କରାଯାଇ ଆଲୋଚନା ପରେ ଅନୁମୋଦନ କରାଗଲା । ସେଥି ମଧ୍ୟରୁ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ୩୦୫ କୋଟି ୬୨ ଲକ୍ଷ ୯୨ ହଜାର ଟଙ୍କା ଉଦ୍ଦିଷ୍ଟ ଥିବାବେଳେ ସହରାଞ୍ଚଳ ନିମନ୍ତେ ୩୭କୋଟି ୫୧ଲକ୍ଷ ୫୨ ହଜାର ଟଙ୍କା ବିଭିନ୍ନ କ୍ଷେତ୍ର ପାଇଁ ଅନୁମୋଦନ କରାଯାଇଛି । ସେହିପରି ଗ୍ରାମାଞ୍ଚଳ ବିକାଶ ନିମନ୍ତେ ସମୁଦାୟ ବ୍ୟୟ ଅଟକଳର ଶତକଡ଼ା ୪୩ ଭାଗ ଆବଂଟନ କରାଯାଇଥିବାବେଳେ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ନିମନ୍ତେ ଶତକଡ଼ା ୧୪ ଭାଗ, ଶକ୍ତି କ୍ଷେତ୍ର ନିମନ୍ତେ ଶତକଡ଼ା ୧୩ ଭାଗ, ସାମାଜିକ ସୁରକ୍ଷା ନିମନ୍ତେ ୧୦ ଭାଗ, ପରିବହନ ଓ ଗମନାଗମନ ୮ ଭାଗ ଏବଂ କୃଷି ଓ କୃଷି ସମ୍ବନ୍ଧିତ ବିକାଶ ନିମନ୍ତେ ୭ ଭାଗ ବ୍ୟୟ ଅଟକଳ ଅନୁମୋଦନ କରାଯାଇଛି । ସେହିପରି ସବ–ପ୍ଲାନ୍ ଆବଂଟନରେ ମହିଳା ମାନଙ୍କ ବିକାଶ ନିମନ୍ତେ ଶତକଡ଼ା ୨୫.୭୪ ପ୍ରତିଶତ ଉଦ୍ଦିଷ୍ଟ ଥିବାବେଳେ, ଜନଜାତି ନିମନ୍ତେ ୨୮.୩୩ ପ୍ରତିଶତ ଏବଂ ଅନୁସୂଚିତ ଜାତିମାନଙ୍କ ବିକାଶ ନିମନ୍ତେ ୨୦.୨୩ ପ୍ରତିଶତ ଆବଂଟନ କରାଯାଇଛି । ବୈଠକରେ ଜିଲାପରିଷଦ ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ,ଜିଲା ପରିଷଦ ସଦସ୍ୟା ସଦସ୍ୟ ବୃନ୍ଦ, ସାଂସଦ ପ୍ରତିନିଧି ଯୋଗେଶ ପ୍ରଧାନ,ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ରାମସେବକ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲାପାଳ ତଥା ଜିଲା ଯୋଜନା ବୋର୍ଡ଼ ସଦସ୍ୟ ସଚିବ ସୁଧାଂଶୁ ମୋହନ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କା ଧନ୍ୟବାଦ ଦେଇଥିଲେ ।




ଜିଲା ଯୋଜନା କମିଟି ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅଧିକାରୀମାନେ ।

## ରିଆମାଲ କଲ୍ୟାଣ ମଣ୍ଡପର ଉଦ୍‌ଘାଟନୀ ଉତ୍ସବ

ରିଆମାଲ,୨୭।୨(ଡି.ଏନ.ଏ.)

ରିଆମାଲ କଲ୍ୟାଣ ମଣ୍ଡପର ଉଦ୍‌ଘାଟନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ । ୱାର୍ଡସ୍ତରରେ ସବୁବେଳେ ରାଜ୍ୟ ସରକାର ବିକାଶ କରିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ । ଦେବଗଡ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ସଭ୍ୟା ନିଶାନୀ ବେହେରା, ସମିତି ସଭ୍ୟା ଗାନ୍ଧୀଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଭୀମସେଣ୍ଟ ପୁନମ କାନ୍ତ ଏକ୍କା ସଂଯୋଜନା କରିଥିବା ବେଳେ ରିଆମାଳ ସରପଞ୍ଚ ତରଣୀ ସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କଲ୍ୟାଣ ମଣ୍ଡପ ଚଉସ୍ତରି ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ ଟି.ଗୋପାଳ କୃଷ୍ଣ ସେରାବ ପ୍ରକାଶ କରିଛନ୍ତି । ଦେବଗଡ ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ବିଜେଡି କୃଷକ ମଞ୍ଚ ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ବ୍ଲକ ବିଜେଡ ସଭାପତି ତଥା ବ୍ଲକ ଉପାଧକ୍ଷ ବୈକୁଣ୍ଠ ନାଥ ପାଇପରାୟ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ, ଜିଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନମିତା ରାଉତ, ସମସ୍ତ ମହିଳା ପରିଦର୍ଶିକା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ରିଆମାଲ ବ୍ଲକ ସହକାରୀ ଯନ୍ତ୍ରୀ ଓ ସମସ୍ତ କନିଷ୍ଠଯନ୍ତ୍ରୀମାନେ ଯୋଗଦେଇଥିଲେ। ରିଆମାଲ ଗ୍ରାମ ପଞ୍ଚାୟତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ହକି ଚାମ୍ପିୟାନସିପ୍– ୨୦୨୦, ବାଗଡିଆପଡା ଖେଳପଡିଆ, ପୂର୍ବାହ୍ନ ୧୦ଟା ।
- ଦ୍ୱିତୀୟ ଆନ୍ତଃ ୟୁନିଟ ଓଏସପିସି କ୍ରିକେଟ ଟୁର୍ନାମେଣ୍ଟ, ବୁର୍ଲା ଭିମସାର ଖେଳପଡିଆ, ପୂର୍ବାହ୍ନ ୧୦ଟା ।

# ୪୭ ପରିବାରକୁ ଶହେ ଦିନର କାମ ମିଳିଛି




ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି।

■ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

ରେଢ଼ାଖୋଲ,୨୭।୨ (ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୦୧୯-୨୦ ଆର୍ଥିକ ବର୍ଷରେ ରେଢ଼ାଖୋଲ ବ୍ଲକରେ ଏହି ଯୋଜନା ଅଧୀନରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବ୍ଲକରେ ୨୧୭୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୪୨୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ପ୍ରକଳ୍ପଗୁଡିକର ଖର୍ଚ୍ଚ ପାଇଁ ୯୩୮ ଲକ୍ଷ ଟଙ୍କା ଲକ୍ଷ ରଖାଯାଇଥିବା ବେଳେ ୪୧୯.୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୮,୨୪୭୭ ଶ୍ରମ ଦିବସ ସୃଷ୍ଟି ଲକ୍ଷ ରଖାଯାଇଥିବା ବେଳେ ୧୪,୩୮୬୧ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ବ୍ଲକର ମାତ୍ର ୪୭ଟି ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଶତକଡା ୩୮.୫୫ ମହିଳାଙ୍କୁ କାମ ଯୋଗାଇ ଦିଆଯାଇଥିବା ବେଳେ ୯୧.୩୩ ପ୍ରତିଶତ ଆଧାର କାର୍ଡ ସଂଯୋଗିକରଣ କରାଯାଇଛି। ସେହିପରି ୯୯.୧୫ ପ୍ରତିଶତ ଶ୍ରମିକଙ୍କୁ ଠିକ ସମୟରେ ପଉଣା ଦିଆଯାଇଥିବା ସୂଚନା ଦିଆଯାଇଛି। ଜିଲା ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ସରୋଜ ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ବିଡିଓ ପରିକ୍ଷିତ ସାହୁ, ଜିଲା ସମାଜିକ ସମୀକ୍ଷା ଅଧିକାରୀ ଆତ୍ରାଣ ଶତପଥୀ, ଏପିଓ ଗୋପାଳ ପଟେଲ, ସହକାରୀ ଯନ୍ତ୍ରୀ ବିକ୍ରମ ମୁର୍ମୁ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୧୪ଟି ପଞ୍ଚାୟତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ହେମନ୍ତ କୁମାର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

# ଅପସାରଣ ହେଲେ ପିଅନ, ତଦନ୍ତ କରିବ ସ୍ୱତନ୍ତ୍ର ଟିମ

## ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଘଟଣା

ଦେବଗଡ଼,୨୭।୨(ଡି.ଏନ.ଏ.)

ମାଟ୍ରିକ ପରୀକ୍ଷା ସମୟରେ ବୁଧବାର ବାରକୋଟ ବ୍ଲକ ଅଧୀନ ଦନ୍ତାରୀବାହାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ଅନିୟମିତତା ଏବଂ ପିଅନ ସହାୟତାରେ ପରୀକ୍ଷାର୍ଥୀମାନଙ୍କୁ କପି ଯୋଗାଣ ହେଉଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସନ୍ଦିଗ୍ଧ ପିଅନଙ୍କୁ ପରୀକ୍ଷା କେନ୍ଦ୍ରରୁ ଅପସାରଣ କରିଥିବା ଜଣାପଡିଛି। ଖବର ମୁତାବକ ଦନ୍ତାରୀବାହାଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ (ଗଣିତ) ପରୀକ୍ଷା ଚାଲୁଥିବା ସମୟରେ କେତେକ ପରୀକ୍ଷାର୍ଥୀଙ୍କ ଅଭିଭାବକମାନେ ସ୍କୁଲ ପାଚେରୀ ଡେଇଁ ଶୌଚାଳୟ ନିକଟରେ ସ୍କୁଲ ଜଣେ ନିର୍ଦ୍ଦିଷ୍ଟ ପିଅନ ସହାୟତାରେ ପରୀକ୍ଷା କେନ୍ଦ୍ର ମଧ୍ୟକୁ କପି ଯୋଗାଉଥିଲେ । ଶୁକ୍ରବାର ଜିଲା ଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର ଟିମ ଉକ୍ତ ପରୀକ୍ଷା କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିବ ବୋଲି ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି ।

# ସମ୍ବଲପୁର ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ

ସମ୍ବଲପୁର, ୨୭।୨ (ବ୍ୟୁରୋ)

ସମ୍ବଲପୁର ହକି ଚାମ୍ପିୟାନଶିପ୍ ଗୁରୁବାର ବାଗଡିଆପଡା ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ସମ୍ବଲପୁର ଠେଲକୋପଡା ଦଳ ୨–୦ ଗୋଲରେ ହୀରାକୁଦକୁ ପରାସ୍ତ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା । ସେହିପରି ପ୍ରଥମ ଦିବସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚିନିମହୁଲ ୩–୦ ଗୋଲରେ ରେଙ୍ଘାପଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଆୟୋଜକ ସମ୍ବଲପୁର ହକି ସଂଘ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଅଜୟ ଏକ୍କା, ଦୀପକ ଏକ୍କା, ଲିଭନ ଏକ୍କା ଓ ଅର୍ପଣ ସମଦ ମ୍ୟାଚ ପରିଚାଳନା କରିଥିଲେ । ଭାଜପା ଯୁବ ନେତା ଅଶ୍ୱିନୀ ମାଝୀ, ଇନକମ୍ ଟ୍ୟାକ୍ସ କମିଶନର ଉନବକ୍ସୋ ମିଞ୍ଜ, ଏଲଆଇସି ଯୁଗ୍ମ ଡିଭିଜିନାଲ ମ୍ୟାନେଜର ସୁବାସ ମିଞ୍ଜ, ସାବୀର ହୁସେନ, ଗିରିଶ ପଟେଲ, ମନୋଜ ସ୍ୱାଇଁ, ଲାଜରୁସ ଖାଲଖୋ, ଏସ ଏକ୍କା, ଭାଜପା ଜିଲା ସଭାପତି ଗିରିଶ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅନୁପ ଏକ୍କା, ରବିବାର ଏକ୍କା, ବାବୁଲାଲ ତିର୍କି, କୁଳଦୀପ ଟେଟେ, ରାଜେଶ୍ୱର ଖେଡିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଗୁରୁବାର ବାଗଡିଆପଡା ଖେଳ ପଡିଆରେ ଅତିଥିଙ୍କ ସହ ସମ୍ବଲପୁର ହକି ଚାମ୍ପିୟନଶିପ୍ ଖେଳାଳିମାନେ ।

# ଶିକ୍ଷକ ନିଯୁକ୍ତି ନେଇ ତାଲା ପକାଇଲେ ଗ୍ରାମବାସୀ

■ ନବଡିହି କରାଡାପାଲ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ରିଆମାଲ/ ଦେବଗଡ଼, ୨୭।୨ (ଡି.ଏନ.ଏ.)

ରିଆମାଲ ବ୍ଲକ ଆଡସ ପଞ୍ଚାୟତ ଅନ୍ତର୍ଗତ ନବଡିହି କରାଡାପାଲ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ତାଲା ପକାଇଛନ୍ତି। ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ନବଡିହି, ଅଁଳାକୁଳି, ଝରଝରିଖୋଲ, ରାତାଖଣ୍ଡି, ବାଙ୍ଗୁଡିଆ, ବାଇଲଡିହି ଓ ମାଲିଚୁଆ ଗ୍ରାମବାସୀ ଏକତ୍ରିତ ହୋଇ ପୂର୍ବାହ୍ନରେ ବିଦ୍ୟାଳୟ ଫାଟକ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ବିଦ୍ୟାଳୟରେ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଅନେକ ଥର ଶିକ୍ଷା ବିଭାଗ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସମସ୍ୟା ସମାଧାନ ପାଇଁ ନିବେଦନ କରିବା ସହ ଫେବୃୟାରୀ ୨୬ ତାରିଖ ମଧ୍ୟରେ ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ସହୁ ଅନ୍ୟାନ୍ୟ ସମସ୍ୟାର ସମାଧାନ ନ ହେଲେ ୨୭ରୁ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇବା ଲିଖିତ ଚେତାବନୀ ଦେଇଥିଲେ। ବୁଧବାର ସୁଦ୍ଧା ବିଦ୍ୟାଳୟ ସମସ୍ୟା ସମାଧାନ କରିବାରେ ଜିଲା ପ୍ରଶାସନ ବିଫଳ ହେବାରୁ ସମସ୍ତ ଗ୍ରାମବସୀ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାରଠାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ଶୁକ୍ରବାର ମଧ୍ୟ ଧାରଣାରେ ବସି ରହିବେ ଓ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱାଳ ପ୍ରକାଶ କରିଛନ୍ତି ।



ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସ୍କୁଲରେ ତାଲା ପକାଇ ବସିଛନ୍ତି ।



ଧନ ଅର୍ଜନ କରିବାର ପିପାସା ବହୁ ମହତ
ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ଜଣେ ଗିରଫ, ଚୋରି ସୁନା ମିଳିଲା ନାହିଁ

**ସଫା କରିବା ଆଳରେ ସୁନା ଲୁଟ୍ ଘଟଣା**

ସମ୍ବଲପୁର,୨୭।୨(ବ୍ୟୁରୋ)

ସମ୍ବଲପୁର ସହର ବିଭିନ୍ନ ଥାନା ଅଞ୍ଚଳରେ ପ୍ରାୟ ୨ ମାସ ହେଲା ଦୁର୍ବୃତ୍ତମାନେ ସଫେଇ ଆଳରେ ସୁନା ଅଳଙ୍କାର ଲୁଟ କରି ନେଉଥିଲେ। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବିହାରର ଭାଗଲପୁର ଜିଲାର ଅର୍ଜୁନ ସାହା। ଅନ୍ୟ ୩ ଜଣ ଫେରାର ହୋଇଯାଇଛନ୍ତି । ହେଲେ ପୋଲିସ ଲୁଟ ହୋଇଥିବା ସୁନା ଅଳଙ୍କାର ଜବତ କରିବାରେ ବିଫଳ ହୋଇଛି । ଅଭିଯୁକ୍ତ ପାଖରୁ ସୁନା ସଫେଇ କରିବା ସମାଗ୍ରୀ, ମୋବାଇଲ, ବାଇକ୍ ଜବତ କରିଛି । ଅଭିଯୁକ୍ତଠାରୁ ଏତେ ସାମଗ୍ରୀ ଜବତ ହେଲା ହେଲେ ଲୁଟ ସୁନା ମିଳିଲା ନାହିଁ । ସୂଚନାଯୋଗ୍ୟ ଯେ, ହୀରାକୁଦ ଥାନା, କ୍ଷେତରାଜପୁର ଥାନା, ଧନୁପାଲି ଥାନା ଅଞ୍ଚଳରେ ସଫେଇ ଆଳରେ ସୁନା ଅଳଙ୍କାର ଲୁଟ ହୋଇଥିଲା ।

### ଆରଟିଓ ଅଫିସରୁ ଆଉ ଜଣେ ଦଲାଲ ଗିରଫ

ସମ୍ବଲପୁର, ୨୭।୨ (ବ୍ୟୁରୋ)

ସମ୍ବଲପୁର ଆରଟିଓ ଅଫିସରୁ ଗତ ୨୫ ତାରିଖରେ ୨ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଥିଲା । ୨ ଦିନ ପରେ ପୁଣି ଗୁରୁବାର ଆଉ ଜଣେ ଦଲାଲଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଆରଟିଓ ଅଫିସ ନିକଟସ୍ଥ ନକ୍ସାପାଲି ଗ୍ରାମର ସତ୍ୟବାଦୀ ବେହେରା (୪୦) । ଏ ନେଇ ଥାନାରେ ଏକ ମାମଲା (ନଂ. ୯୪/୨୦) ରୁଜୁ କରାଯାଇଛି । ଅଭିଯୁକ୍ତ ନିକଟରୁ ୨ ହଜାର ଟଙ୍କା ନଗଦ ସହ କାଗଜପତ୍ର, ଲାର୍ନିଂ ଲାଇସନ୍ସ, ଡ୍ରାଇଭିଂ ଲାଇସନ୍ସଗୁଡିକ ଜବତ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସତ୍ୟବାଦୀ ବହୁ ଦିନରୁ ଆରଟିଓ ଅଫିସରେ ଦଲାଲ ଭାବେ କାମ କରି ଆସୁଥିଲେ। ପ୍ରତ୍ୟେକ ଲାଇସନ୍ସ ପିଛା ୪ ହଜାରରୁ ସାଢ଼େ ୪ହଜାର ଟଙ୍କା ଦାବି କରୁଥିଲେ। ଏହାକୁ ନେଇ ପୋଲିସ ପାଖରେ ଅଭିଯୋଗ ହୋଇଥିଲା । ପୋଲିସ ଚଢ଼ାଉ କରି ଗିରଫ କରିଛି। ସେହିପରି ୨୫ ତାରିଖ କୁଚିଣ୍ଡା ଥାନା ଖଣ୍ଡକଟା ଗ୍ରାମର ଜ୍ଞାନରଞ୍ଜନ ତାଣ୍ଡିଆ (୪୦) ଓ କୁଳଦୀପ ଓରାମ (୩୦)ଙ୍କୁ ଗିରଫ କରିଥିଲା ।

### ଚୋରି ବାଇକ୍ ଜବତ, ଜଣେ ଗିରଫ

ସମ୍ବଲପୁର, ୨୭।୨ (ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଚୋରି ବାଇକ୍ ସହ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କ୍ଷେତରାଜପୁର ମାରୱାଡି ପଡାର କିଶାନଲାଲ ସାହୁ (୨୭) । ଚୋରି ଗାଡି ନମ୍ବର ହେଲା ଓଡି ୧୫ ଏମ- ୭୨୬୧ । ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୫/୨୦) ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ୨୬ ତାରିଖ ଦାନୀପାଲିର ବିଜୟ ମୁଣ୍ଡାଙ୍କ ଗାଡି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ।

# ସଫେଇ ନାଁରେ କୋଟିଏ ଟଙ୍କା ଚଳୁ

ସମ୍ବଲପୁର,୨୭।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡ ସଫେଇ କାମରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଛି । ସଫେଇ ପାଇଁ ବାର୍ଷିକ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ମିଥ୍ୟା ବିଲ୍ ଓ ଶ୍ରମିକ ମଜୁରି ପକାଇ ପ୍ରାୟ କୋଟିଏ ଟଙ୍କା ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗ ହୋଇଛି।

ମହାନଗର ନିଗମ ଅଧୀନ ମୋଟ ୪୧ ୱାର୍ଡରୁ ୩୧ ୱାର୍ଡ ସଫେଇ କାମ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା । ହେଲେ ସେହି ଠିକା ସଂସ୍ଥା ଠିକ ଭାବେ କାମ କରୁନାହିଁ। କେବଳ ମିଥ୍ୟା ବିଲ୍ ତିଆରି କରୁଛି। ଏଥିରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଭିତିରି ସହଯୋଗ ଥିବା ଅଭିଯୋଗ ହୋଇଛି । ପଡାବାସୀ ଅଭିଯୋଗ କଲେ ଓଲଟା ସେମାନଙ୍କୁ ନାଲି ଆଖି ଦେଖାଇଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ। ଅଭିଯୋଗକାରୀ ଯଦି ଜଣେ ରାଜନେତା କିମ୍ବା ବଡ ବଡିଆଙ୍କ ପରିଚିତ ଲୋକ ତେବେ ସେମାନଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି । ହେଲେ ସାଧାରଣ ଲୋକଙ୍କ ଅଭିଯୋଗକୁ ହାଲୁକା ଭାବେ ନିଆଯାଉଛି । ଅଧିକାଂଶ ସ୍ଥାନରେ ସଫେଇ ଠିକ୍ ଭାବେ ହେଉ ନ ଥିବା ବାରମ୍ବାର ଅଭିଯୋଗ ଆସୁଛି ।



ସମ୍ବଲପୁର ମହାନଗର ନିଗମ ଅଧୀନ ଏକ ୱାର୍ଡରେ ଆବର୍ଜନା ପଡି ରହିଛି ।

- ସମ୍ବଲପୁର ମହାନଗର ନିଗମରେ ଦୁର୍ନୀତି ଅଭିଯୋଗ
- ଆବର୍ଜନା ପଡି ରହୁଛି, ସଫେଇ ନାହିଁ
- ଠିକା ସଂସ୍ଥାର କର୍ମଚାରୀ ବି କାମ କରୁ ନାହାନ୍ତି

ତାଳଭଟା ପଡା, କ୍ଷେତରାଜପୁର, ବୁର୍ଲା, ହୀରାକୁଦ, ମାନେଶ୍ୱର, ମଠପାଲି,ସିନ୍ଦୁରପଙ୍କ ଭଳି ଅନେକ ପଡା ଓ ନୂତନ ଭାବେ ମହାନଗର ନିଗମରେ ସାମିଲ ହୋଇଥିବା ଗାଁଗୁଡ଼ିକ ରହିଛି। ରାସ୍ତା କଡରେ ଅଳିଆ ଆବର୍ଜନା ପଡି ନାଳଗୁଡିକ ପୋତି ହୋଇଯାଉଛି। ଫଳରେ ମଶାମାଛିଙ୍କ ବଂଶ ବୃଦ୍ଧି ପାଉଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବ୍ୟାପିବାର ସମ୍ଭାବନା ରହୁଛି । ନାମକୁ ମାତ୍ର ସଫେଇ ଗାଡି ବୁଲିଛି । ହେଲେ ସଫେଇ କର୍ମଚାରୀମାନେ ଠିକ ଭାବେ କାମ କରୁନାହାନ୍ତି । କେବଳ ସକାଳେ ୱାର୍ଡଗୁଡିକ ଯାଇ ଏକ ସ୍ଥାନରେ ଫଟୋ ଉଠାଇ କାମ କରୁଥିବା ସୂଚନା ଦେଉଛନ୍ତି । ମହାନଗର ନିଗମରେ ମୋଟ ୧୪ ଶହ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି । ହେଲେ ସେମାନଙ୍କ ମଧ୍ୟରୁ ସଫେଇ କାମ ସମୟରେ ଅନେକ କର୍ମଚାରୀ ନିୟୋଜିତ ନ ରହି କେବଳ ହାଜିରା ପକାଇବା ସମୟରେ ଉପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ତେଣୁ ସଫେଇ କାମରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ସଫେଇ କାମ ପାଇଁ ଭଡା ସୂତ୍ରରେ ଟ୍ରାକ୍ଟର, ଟାଟା ଏସିଇ, ଡମ୍ପର ଭଳି ଗାଡିଗୁଡିକୁ ବ୍ୟବହାର କରାଯାଉଛି । ହେଲେ ଅନେକ ଗାଡି ନିୟମିତ କାମ କରୁ ନାହାନ୍ତି । ହେଲେ ସେହି ବାବଦରେ ଅର୍ଥ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ସମ୍ବଲପୁର ମ୍ୟୁନିସିପାଲିଟି ଥିବା ସମୟରେ ସଫେଇ କରିବା ନାମରେ ପ୍ରାୟ ୪୦ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିଲା । ତତ୍କାଳୀନ ଜିଲାପାଳ ବଲବନ୍ତ ସିଂ ଏହି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଠିକା ଏଜେନ୍ସିକୁ ଟଙ୍କା ଦେବା ପାଇଁ ରୋକ୍‌ଠୋକ୍ ମନା କରିବା ସହ ସେହି ଅର୍ଥକୁ ବ୍ଲକ କରିଦେଇଥିଲେ । ଚଳିତବର୍ଷ ମାର୍ଚ୍ଚ ପୂର୍ବରୁ ପୁଣି ଏଭଳି ବଡ ଧରଣର ଦୁର୍ନୀତି ହେବାର ସମ୍ଭାବନା ରହିଛି । ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମହାନଗର ଅତିରିକ୍ତ କମିଶନର ଅଞ୍ଜଳିନା ପ୍ରଧାନ କହିଛନ୍ତି, ଉପରୋକ୍ତ ଅଭିଯୋଗ ସମ୍ପର୍କରେ ଅବଗତ ଅଛୁ । ଠିକାଦାର ଓ କର୍ମଚାରୀମାନଙ୍କୁ ଏ ନେଇ ତାଗିଦ କରାଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି

**ଭିଜିଲାନ୍ସ ଜାଲରେ ଅମିନ ଘଟଣା**

ସମ୍ବଲପୁର, ୨୭।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଓଏସଡିଏରେ ଦୁର୍ନୀତି ହେଉଛି । ଘର ନିର୍ମାଣ ପାଇଁ ନକ୍ସା ମଞ୍ଜୁରୀ କରିବା ପାଇଁ ମୋଟା ଅଙ୍କର ଅର୍ଥରାଶି କର୍ମଚାରୀମାନେ ଦାବି କରୁଛନ୍ତି । ନଦେଲେ ବିଭିନ୍ନ ଆଳରେ ସେମାନଙ୍କୁ ହଇରାଣ ହରକତ କରାଯାଉଛି । ୧୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ପ୍ଲାନିଂ ବିଭାଗ ଅମିନ ପ୍ରସନ୍ନ ପରିଡା ଭିଜିଲାନ୍ସ ହାତରେ ଧରାପଡିଥିଲେ । ଏହି ସମୟରେ ପରିଡା ତାଙ୍କ ସିନିୟର ଅଧିକାରୀଙ୍କ ନାମ ବାରମ୍ବାର ନେଉଥିଲେ । ତାଙ୍କ କହିବା ଅନୁସାରେ ସେ ଟଙ୍କା ଗ୍ରହଣ ନେଇଥିବା ଗଣମାଧ୍ୟମ ଓ ଭିଜିଲାନ୍ସ ଅଧିକାରୀଙ୍କ ଆଗରେ କହୁଥିଲେ । ଭିଜିଲାନ୍ସ ବିଭାଗ ସେ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହି ଘଟଣାର ଉଚିତ ତଦନ୍ତ କରି ଉକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଭିଯୋଗକାରିଣୀ ତୃପ୍ତିମୟୀ ପଣ୍ଡା ଭିଜିଲାନ୍ସ ଅଧିକାରୀଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଅନେକ ସମୟରେ ଅଧିକାରୀମାନଙ୍କ ପାଇଁ ତଳିଆ କର୍ମଚାରୀମାନେ ଟଙ୍କା ନେଇଥାନ୍ତି । ହେଲେ ଭିଜିଲାନ୍ସ ବିଭାଗ ଉକ୍ତ କର୍ମଚାରୀଙ୍କୁ ଗିରଫ କରିଥାଏ । ବଡ ବଡିଆ ବାବୁମାନେ ସେହି ମାମଲାରୁ ସହଜରେ ଖସି ଯାଇଥାନ୍ତି। ଏହିଭଳି ହୋଇଥିବା ସେ କହିଛନ୍ତି ।



ତୃପ୍ତିମୟୀ ପଣ୍ଡା ଭିଜିଲାନ୍ସ ଅଧିକାରୀଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି ।

# ମୌଳିକ ସୁବିଧା ଯୋଗାଇଦେବ କମ୍ପାନୀ

**ବିସ୍ଥାପିତ ବୈଠକ ନିଷ୍ପତ୍ତି**

ସମ୍ବଲପୁର,୨୭।୨ (ବ୍ୟୁରୋ)

ସମ୍ବଲପୁର ତଲାବିରା କୋଇଲା ଖଣି ବିସ୍ଥାପିତମାନଙ୍କ ପାଇଁ ମୌଳିକ ସୁବିଧା ଯୋଗାଇଦେବ କମ୍ପାନୀ । ଗୁରୁବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକରେ ବିସ୍ଥାପିତମାନଙ୍କୁ ଏଭଳି ଲିଖିତ ପ୍ରତିଶ୍ରୁତି ଦେଇଛି କମ୍ପାନୀ ଓ ପ୍ରଶାସନ । ଡେପୁଟି କଲେକ୍ଟର ବିନୋଦବିହାରୀ ଦାଶଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନଏଲସି କମ୍ପାନୀ ତରଫରୁ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରତାପ ମହାରଣା, ଆଦାନୀ କମ୍ପାନୀର ପ୍ରସନ୍ନ କୁମାର ପଣ୍ଡା, ସ୍ଥାନୀୟ ଖିଣ୍ଡା ସରପଞ୍ଚ ନୀଳାବତୀ ଓରାମ, ମାତୃଭୂମି ଅନୁଷ୍ଠାନ ସଭାପତି ହେମନ୍ତ କୁମାର ପଣ୍ଡା, ପିତାମ୍ବର ବିଶ୍ୱାଳ, ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଫେବୃୟାରୀ ୧ ତାରିଖ ଖିଣ୍ଡା ପଞ୍ଚାୟତ ୪ଟି ୱାର୍ଡରେ ବିଭିନ୍ନ ସମସ୍ୟାକୁ ନେଇ ମାତୃଭୂମି ଅନୁଷ୍ଠାନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ଅନୁସାରେ ବିସ୍ଥାପିତମାନଙ୍କୁ ଘର ଯୋଗାଇ ଦେବା, ଖିଣ୍ଡା ପଞ୍ଚାୟତରେ ଥିବା ଜଳସ୍ରୋତ, ବନ୍ଧ କଟାକୁ କମ୍ପାନୀ ଦ୍ୱାରା ପୁନଉଦ୍ଧାର କରିବା ଓ ପାଚେରୀ ଘାଟ ନିର୍ମାଣ କରିବା, ଆରଆର କଲୋନୀରେ ସରପଞ୍ଚଙ୍କ କ୍ୱାର୍ଟର ଏବଂ ଡାକ୍ତରୀଖାନା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ସ୍ଥାୟୀ ନିଯୁକ୍ତି ପ୍ରଦାନ, ଆତ୍ମ ନିର୍ଭରଶୀଳ ହେବାପାଇଁ ତାଲିମ ପ୍ରଦାନ କରି ନିଯୁକ୍ତି ଦେବା, ମାଡୁଲ କେମ୍ପ- ଲାଣ୍ଡୁପାଲି, ଖିଣ୍ଡାରୁ ତଲାବିରା ରାସ୍ତା ନିର୍ମାଣ, ବୁଧିଆପାଲି ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାରେ କଲଭଟ ନିର୍ମାଣ, ଅଙ୍ଗନୱାଡି ସ୍କୁଲ ଘର ଆବଶ୍ୟକ ଅନୁସାରେ ମରାମତି କରିବା, ହିଣ୍ଡାଲକୋ ପକ୍ଷରୁ ନିଯୁକ୍ତି ପ୍ରାପ୍ତ ଶିକ୍ଷକମାନଙ୍କୁ ନିୟମିତ କରାଯାଇ ବକେୟା ଟଙ୍କା ପ୍ରଦାନ କରିବା ଆଦି ଦାବି ରହିଥିଲା ।



ସମ୍ବଲପୁର ଜିଲା ଖିଣ୍ଡା ପଞ୍ଚାୟତରେ ବନ୍ଧ ପୁର୍ନରୁଦ୍ଧାର କରାଯିବାକୁ ଥିବା ବନ୍ଧ ।

## ରିପୋର୍ଟ ନେଗେଟିଭ, ଭୟ ଟଳିଲା

**ଭିମସାରରେ କରୋନା ରୋଗୀ**

ସମ୍ବଲପୁର,୨୭।୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମସାରରେ କରୋନା ସଂକ୍ରମଣ ସନ୍ଦେହରେ ରୋଗୀ ଭର୍ତ୍ତି ହୋଇଥିଲେ। ଗୁରୁବାର ତାଙ୍କ ପରୀକ୍ଷା ରିପୋର୍ଟ ଆସିଛି । ରିପୋର୍ଟରେ କରୋନା ଭାଇରସ ନେଗେଟିଭ ରହିଛି। ଏହି ଘଟଣା ପରେ ଭୟ ଟଳିଗଲା ବୋଲି ଚର୍ଚ୍ଚା ହେଉଛି । ଏ ନେଇ ଡାକ୍ତର ଡା. ସୁଦର୍ଶନ ପୋଥାଲଙ୍କ ସୂଚନା ଦେଇଛନ୍ତି । ଏହା ସହ ସେ କହିଛନ୍ତି ରିପୋର୍ଟକୁ ନେଇ ରାଜ୍ୟ ସରକାର ପାଖକୁ ପଠାଯିବ। ସରକାରଙ୍କ ନିଷ୍ପତ୍ତିକ୍ରମେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ । ପରିବାରବର୍ଗଙ୍କୁ ମଧ୍ୟ ଏ ନେଇ ସୁଚନା ଦିଆଯାଇଛି। ସେ ଏବେ ମଧ୍ୟ ଆଇସୁଲେସନ୍ ବ୍ୟବସ୍ଥାରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି। ସ୍ୱାସ୍ଥବସ୍ଥାରେ ଉନ୍ନତି ହୋଇଛି ବୋଲି ଡାକ୍ତର କହିଛନ୍ତି । କରୋନା ସନ୍ଦିଗ୍ଧ ଭୀମସାରେ ଭର୍ତ୍ତି ଖବର ପ୍ରକାଶ ହେବା ପରେ ଜିଲାରେ ଭୟର ବାତା ବରଣ ସୃଷ୍ଟି ହୋଯାଇଥିଲା । ହେଲେ ଏବେ ନେଗେଟିଭ ରିପୋର୍ଟ ଆସିବା ପରେ ଆଶ୍ୱସ୍ତି ମିଳିଛି । ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ ଜିଲା ହେମଗିର ବସୁନ୍ଧରା କୋଇଲା ଖଣି କାର୍ଯ୍ୟରତ ଜଣେ ଅଧିକାରୀଙ୍କ ୨୩ ବର୍ଷିୟା ପୁଅ ଦକ୍ଷିଣ କୋରିଆରେ ରିସର୍ଚ୍ଚ କରୁଥିଲେ। ଗତ ୨୨ ତାରିଖ ଦକ୍ଷିଣକୋରିଆରେ ସେ ଦିଲ୍ଲୀ ଆସିଥିଲେ । ଦିଲ୍ଲୀ ବିମାନ ବନ୍ଦରରେ କରୋନା ଭାଇରାସ ଉପରେ ଯାଞ୍ଚ କରାଯାଇଥିଲା। ସେଠାରେ ନେଗେଟିଭ ରିପୋର୍ଟ ଆସିଥିଲା। ହେଲେ ୨୩ ତାରିଖ ଘରକୁ ଆସିଥିଲେ ପରଦିନ ତାରିଖ ଜ୍ୱର, କାଶ ହୋଇଥିଲା।

# ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅ

**ୱାର୍ଡ ସ୍ତରରେ ଦଳୀୟ ସଙ୍ଗଠନକୁ ସୁଦୃଢ, ସକ୍ରିୟ କରିବାକୁ ଆହ୍ୱାନ ଦେଇଥିଲେ ମନ୍ତ୍ରୀ ଟୁକୁନୀ ସାହୁ**

ଦେବଗଡ଼,୨୭।୨(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ତଥା ଦେବଗଡ ଜିଲା ଯୋଜନା କମିଟି ଅଧକ୍ଷା ଟୁକୁନୀ ସାହୁଙ୍କ ଦିନକିଆ ଦେବଗଡ ଜିଲା ଗସ୍ତ ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ ବିଜେଡି ଦଳୀୟ ପଦାଧିକାରୀ ଓ କର୍ମୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀ ସାହୁ ଜିଲାରେ ଦଳୀୟ ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେବାସହ ଦଳ ମଧ୍ୟରେ ମତଭେଦ ନରଖି ଆଗାମୀ ପୌର ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ୱାର୍ଡ ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ ଓ ଅଧିକ ସକ୍ରୀୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା କୃଷକ ବିଜେଡି ସଭାପତି ଇଂ.ଚିତ୍ତ ରଞ୍ଜନ ପ୍ରଧାନ,ଜିଲା ପରିଷଦ ସଦସ୍ୟା ନିଶାନୀ ବେହେରା, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ,ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ରିଆମାଳ ବ୍ଲକ ବିଜେଡି ସଭାପତି ବୈକୁଣ୍ଠ ପାଇକରାୟ, ବରିଷ୍ଠ ନେତା ଇଂ.ସୁଜିତ କୁମାର ପ୍ରଧାନ ଓ ଇଂ.ବିଷ୍ଣୁ ପ୍ରସାଦ ଅମାତ୍ୟ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ଦଳୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ ।



ବୈଠକରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।

# ରେଳ ଧାରଣାରୁ ଗୁରୁତର ଯୁବକ ଉଦ୍ଧାର

ସଇଁତଲା,୨୭।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ରେଳଷ୍ଟେଶନ ନିକଟ ଛକୋରବାଞ୍ଜି ଗାଁ ରେଳ ଓଭରବ୍ରିଜ ନିକଟରୁ ଗୁରୁବାର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଦମକଳ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅନ୍ତଗତ ସାନସୋଲାର ଗ୍ରାମର ମନୋଜ କୁମାର ନାଏକ (୩୫)। ପ୍ରଥମେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ପରେ ବଲାଙ୍ଗୀର ଓ ଶେଷରେ ବୁର୍ଲା ଭିମ୍‌ସାର ପଠାଯାଇଛି। ତାଙ୍କ ତଣ୍ଟି, ଦୁଇ ହାତର ଶୀରା, ଗୋଡ଼ ଏବଂ ପେଟରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ଅନ୍ତ ବୁଜୁଳା ବାହାର ପଡିଛି। ତେବେ ତାଙ୍କଠାରୁ ଲୁଟ୍ ପାଇଁ ଏଭଳି କେହି କରିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସର ସୂଚନା ଅନୁସାରେ ମନୋଜ ସୁରଟରେ କାମ କରନ୍ତି। ରେଳ ଧାରଣାରେ କାମ କରୁଥିବା କର୍ମଚାରୀ ତାଙ୍କୁ ପ୍ରଥମେ ଦେଖିବା ପରେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ।

# ବାଲିମେଳା ସିଏଚ୍‌ଇପି, ରେଙ୍ଗାଲି ବିଜୟୀ

ଚିପିଲିମା,୨୭।୨ (ଡି.ଏନ.ଏ.)

ବୁର୍ଲା ଭିମସାରର ମେଡ଼ିକାଲ ଫିଲଡ଼ଠାରେ ଦ୍ୱିତୀୟ ଇଣ୍ଟର ଓଏଚ୍‌ପିସି ୟୁନିଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପ ବୁର୍ଲା ଏବଂ ବାଲିମେଳା ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବାଲିମେଳା ଦଳ ବିଜୟୀ ହୋଇଥିଲା। ଭୁବନେଶ୍ୱର କର୍ପୋରେଟ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଏବଂ ସିଏଚ୍‌ଇପି ମଧ୍ୟରେ ହୋଇଥିବା ଦ୍ୱିତୀୟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସିଏଚ୍‌ଇପି ଜିତିଥିଲା। ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଅପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବାଲିମେଳା ଜଳବିଦ୍ୟୁତ୍ ଦଳ ବିଜୟୀ ହୋଇଥିଲା। ରାତିରେ ଚିପିଲିମା ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ ବିଜୟ ଲାଭ କରିଥିଲା। ପ୍ରତିଯୋଗିତାକୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ଼ର ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ପ୍ରମୋଦ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଓଏଚପିସି ପୂର୍ବତନ ନିର୍ଦ୍ଦେଶକ (କାର୍ଯ୍ୟ) ଅଶ୍ୱିନୀ କୁମାର ମିଶ୍ର ଓ ମୁଖ୍ୟଯନ୍ତ୍ରୀ ବେସିନ ମେନେଜର ମହାନଦୀ ବେସିନ ସୁନିଲ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟ ଆୟୋଜକ ଭାବେ ବୁର୍ଲା ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ୍ ହେଡ୍ ଇଂ ଦେବାଶିଷ ମିଶ୍ର ଏବଂ ଚିପିଲିମା ଜଳବିଦ୍ୟୁତ୍ ପ୍ରକଳ୍ପ ଚିପିଲିମା ୟୁନିଟ ମୁଖ୍ୟ ହରପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଏଚପିସିର ୟୁନିଟ ସମୁହ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପ, ଚିପିଲିମା ଜଳବିଦ୍ୟୁତ୍ ପ୍ରକଳ୍ପ, ବୁର୍ଲା ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ମୁଖିଗୁଡ଼ା, ଅପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ ବାରିନିପୁଟ, ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଓଏଚପିସି ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ।



ଇଣ୍ଟର ଓଏଚ୍‌ପିସି କ୍ରିକେଟ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ଆରଟିଓରୁ ୪ ଦଲାଲ ଗିରଫ

ବଲାଙ୍ଗୀର ଅଫିସ, ୨୭।୨

ମୋ ସରକାର ଯୋଜନା କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ସରକାରୀ ଅଫିସକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ରଖିବା ପାଇଁ ସରକାର ଜୋର ଦେଇଛନ୍ତି । ଏହି କ୍ରମରେ ବିଭିନ୍ନ ସରକାରୀ ଅଫିସରେ ପ୍ରଶାସନିକ ବ୍ୟବସ୍ଥାକୁ କଡାକଡି କରାଯିବାର ଉଦ୍ୟମ କରାଯାଉଛି। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ଗୁରୁବାର ବଲାଙ୍ଗୀର ଆରଟିଓ ଅଫିସରେ ଅତର୍କିତ ଚଢ଼ାଉ କରି ସେଠାରେ ସକ୍ରିୟ ଥିବା ୪ ଦଲାଲଙ୍କୁ ଗିରଫ କରିଛି। ଗିରଫ ଦଲାଲମାନେ ହେଲେ ବଲାଙ୍ଗୀର ସହର କନ୍ଧପାଲିପଡାର ମଶୀଚରଣ ବାରିକ (୪୯), ଆରଟିଓ ଛକର ରୁଦ୍ର ପ୍ରତାପ ଶତପଥୀ (୫୩), ପାଟଣାଗଡର ବଜରଙ୍ଗ ଭୋଇ (୨୬) ଓ ପାଟଣାଗଡ ବ୍ରହ୍ମପୁରାର ଅପୂର୍ବ ପରିଡା (୨୨)। ଏହାସହ ସେମାନଙ୍କଠାରୁ ୩ ହଜାର ୩ ଶହ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ୨ଟି ବାଇକ୍ (ଓଡିଂ୩କେ ୯୯୧୯ ଏବଂ ଓଆର୦୩ଜେ ୦୧୪୪) ଜବତ କରିଛି। ଶୁକ୍ରବାର ଏହି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଉନ୍ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ଉପସ୍ଥିତ ଥିଲେ।

ଆରଟିଓ ଅଫିସରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ ଯାନବାହନ ସଂକ୍ରାନ୍ତୀୟ କାଗଜପତ୍ର ତିଆରି ପାଇଁ ବହୁ ଲୋକ ପ୍ରତ୍ୟହ ଆସୁଛନ୍ତି । ଯାନବାହନ କାଗଜପତ୍ର ପାଇଁ ଏବେ ଅନ୍‌ଲାଇନ୍‌ରେ ଆବେଦନ ହେଉଥିବାରୁ ବହୁ ଲୋକ ଏସଂକ୍ରାନ୍ତରେ ଅନେକ କିଛି ଜାଣିପାରୁନାହାନ୍ତି। ଏହାର ସୁଯୋଗ ନେଇ ସେଠାରେ କିଛି ଦଲାଲ ସକ୍ରିୟ ରହି ଜନସାଧାରଣଙ୍କଠାରୁ ଲୁଟ୍ କରୁଛନ୍ତି । ସମସ୍ତ କାଗଜପତ୍ର ତିଆରି କରିଦେବା ନାଁରେ ସରକାରୀ ଧାର୍ଯ୍ୟ ପାଉଣାଠାରୁ ଢ଼େର ଅଧିକ ଟଙ୍କା ନେଇ ଲୋକଙ୍କଠାରୁ ଲୁଟ୍ କରୁଛନ୍ତି।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ

## ସଂକ୍ଷେପରେ

### କେନାଲରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ଖଡିଆଳ,୨୭।୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ଗୋଲମୁଣ୍ଡିସ୍ଥିତ ଏକ ସାଇଟ କେନାଲରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନାମତେ କୋମନା ଥାନା କୋଟାମାଲ ଗ୍ରାମର ଦୁଷ୍ମନ୍ତ କଟା (୨୦) ଉକ୍ତ ଥାନାର ଘୋଟସର ଗ୍ରାମର ଜମୁନା କଟା (୧୯)ଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟେ ପରିବାରର କାହାକୁ ନ କହି ପ୍ରାୟ ୨୦ ଦିନ ହେବ ପଳାଇ ଆସି ଖଡିଆଳ ଥାନା ଗୋଲମୁଣ୍ଡି ଗାଁର ନିଜ ସମ୍ପର୍କୀୟ ଘରେ ସ୍ୱାମୀ ସ୍ତ୍ରୀ ଭାବେ ରହିଆସୁଥିଲେ। ଦୁଷ୍ମନ୍ତ ୩୫୩ ନଂ. ଜାତୀୟ ରାଜପଥ ବଡପୋଲଠାରେ ଥିବା ଏକ ହୋଟେଲ କାମ କରୁଥିଲେ। ଗୁରୁବାର ଦୁଷ୍ମନ୍ତଙ୍କ ସ୍ତ୍ରୀ ଯମୁନା ପାଖରେ ଥିବା ଏକ ସାଇଟ କେନାଲକୁ ଗାଧୋଇବାକୁ ଯାଇଥିଲେ। କେନାଲରେ ଗାଧୋଇବା ବେଳେ ଗୋଡ ଖସି ପଡିଯାଇଥିଲେ। ଲୋକଙ୍କଠାରୁ ଖବର ପାଇ ଦୁଷ୍ମନ୍ତ କେନାଲରେ ପଡିଥିବା ଯମୁନାଙ୍କୁ ଉଦ୍ଧାର କରି ଘରକୁ ଆଣି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖଡିଆଳ ପୋଲିସକୁ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୋଲିସ ଏଏସଆଇ ଦେବାର୍ଚ୍ଚନ ନିଆଲ ପହଞ୍ଚି ମୃତଦେହ ଜବତ କରିଥିଲେ । ଖଡିଆଳ ଏକଜୁକିଟିଭ ମାଜିଷ୍ଟ୍ରେଟ ତହସିଲଦାର ସିନ୍ଧୁସୁତା ପାତ୍ର ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଗଛରେ ପିଟିହେଲା ଅଟୋ, ୮ ଆହତ

**ହିଞ୍ଜିଳିକାଟୁ,୨୭।୨(ଡି.ଏନ୍.ଏ.):** ୫୯ ନଂ. ଜାତୀୟ ରାଜପଥ ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଗୁରୁବାର ଭୋର ୫ଟାରେ ଏକ ଦୁର୍ଘଟଣା ଘଟିଛି। ଘନ କୁହୁଡି ଯୋଗୁ ଏକ ଯାତ୍ରିବାହୀ ଅଟୋରିକ୍ସା ଗଛରେ ପିଟି ହୋଇଯିବାରୁ ୮ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଆସିକା ଥାନା ପଢାଳ ଜୟପୁର ଗ୍ରାମର ରାକେଶ ଲେଙ୍କା(୨୯), ପ୍ରୀତିପ୍ରଜ୍ଞା ମହାନ୍ତି (୧୨), ଲକ୍ଷ୍ମୀ ପ୍ରତିମା ଲେଙ୍କା (୧୯), ଜୟନ୍ତୀ ଲେଙ୍କା(୩୭), ସାରଙ୍ଗଧର ମହାନ୍ତି(୪୨), ରୁନୁ ମହାନ୍ତି (୩୭), ଚିଦାନନ୍ଦ ମହାନ୍ତି(୮) ଓ ରାଜା ସ୍ୱାଇଁ (୮)। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ରାଜେଶ, ପ୍ରୀତିପ୍ରଜ୍ଞା ଓ ଲକ୍ଷ୍ମୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ତଦନ୍ତ ଚଳାଇଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି।

# ଚାନ୍ଦନୀଙ୍କୁ ଜୀବନ ସାଥୀ କଲେ କ୍ଷୀରୋଦ

## ସିଡବ୍ଲ୍ୟୁସି ଉଦ୍ୟମରେ ଆଦର୍ଶ ବିବାହ

**ବରଗଡ଼ ଅଫିସ୍,୨୭।୨**

ନାଁ ତାଙ୍କର ଚାନ୍ଦନୀ। ଜନ୍ମରୁ ବାପାଙ୍କୁ ଚିହ୍ନି ନାହାନ୍ତି। ୬ ମାସ ବୟସରେ ତାଙ୍କୁ ନିଜ ଦୃଷ୍ଟିହୀନ ମା' କୋଳେଇ ଧରି ବୁଲୁଥିଲେ । ବରଗଡ଼ ଗାନ୍ଧୀପାର୍କ ନିକଟ ଗଳିରେ ସେତେବେଳେ ସ୍ଥାନୀୟ ବିମଳାଦେବୀ ବାଲାଶ୍ରମର ସୁଶୀଲ ଅଗ୍ରୱାଲଙ୍କ ନଜରରେ ମା, ଝିଅ ପଡ଼ିଥିଲେ। ସେହିଦିନଠାରୁ ମା, ଝିଅଙ୍କୁ ଆଣି ସୁଶୀଲ ନିଜ ବାଳାଶ୍ରମରେ ରଖିଥିଲେ। ବରଗଡ଼ ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)ର ତତ୍ତ୍ୱାବଧାନରେ ଗୁରୁବାର ଚାନ୍ଦନୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଣୀସତୀ ମନ୍ଦିରରେ ଅନୁଷ୍ଠିତ ଏହି ବିବାହୋତ୍ସବରେ ଚାନ୍ଦନୀ ଓ ଅତାବିରା ବ୍ଲକ କାଠଡ଼େରା ଗ୍ରାମର ସୁରେଶ ଅଗ୍ରୱାଲଙ୍କ ପୁଅ କ୍ଷୀରୋଦ ପରସ୍ପରଙ୍କୁ ଜୀବନସାଥୀ ଭାବେ ବାଛି ନେଇଛନ୍ତି ।

ବିବାହୋତ୍ସବରେ ନ ଥିଲା ଯାନି, ଯୌତୁକ। ପରସ୍ପର ଫୁଲମାଳ ଆଦାନ ପ୍ରଦାନରେ ଚାନ୍ଦନୀ ଏବଂ କ୍ଷୀରୋଦଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏଭଳି ଏକ ଆଦର୍ଶ ବିବାହରେ ସ୍ଥାନୀୟ ବହୁ ଶୁଭେଚ୍ଛୁ, ସଚେତନ ନାଗରିକ ଯୋଗଦାନ କରି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ସିଡବ୍ଲ୍ୟୁସିର ଚେୟାରମ୍ୟାନ ସୁଜିତ ଦାଶ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, କବିତା ମେହେର, ବିଦ୍ୟୁତ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଚାନ୍ଦନୀଙ୍କ ଦୃଷ୍ଟିହୀନ ମା' ଏବଂ କ୍ଷୀରୋଦଙ୍କ ପରିବାର ତଥା ସମ୍ପର୍କୀୟମାନେ ଯୋଗଦାନ କରିଥିଲେ। ଜଣେ ଅସହାୟ ଗରିବ ଝିଅଙ୍କୁ ବିବାହ କରିବା ତାଙ୍କ ଲକ୍ଷ୍ୟ ରହିଥିଲା ଏବଂ ଚାନ୍ଦନୀଙ୍କୁ ସ୍ତ୍ରୀ ଭାବେ ପାଇ ସେ ତାଙ୍କ ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି ବୋଲି କ୍ଷୀରୋଦ କହିଛନ୍ତି । ସେହିପରି ତାଙ୍କ ବିବାହ ଏଭଳି ଭାବେ ସମ୍ପନ୍ନ ହେବ ବୋଲି କେବେ ଭାବି ନ ଥିଲେ । ମାତ୍ର ଶୁଭେଚ୍ଛୁଙ୍କ ଶୁଭେଚ୍ଛାରେ ତାହା ବହୁତ ଭଲ ଭାବେ ସମାପନ ହୋଇଥିବାରୁ ସେ ବହୁତ ଖୁସି ଅଛନ୍ତି ବୋଲି ଚାନ୍ଦନୀ କହିଥିଲେ ।



ବିବାହ ମଣ୍ଡପରେ ନବଦମ୍ପତି ।

# ଧାନ ଉଠିଲାନି, ଟୋକନ ଲାପ୍ସ

## ପଲଶାଗୋରା ମଣ୍ଡି

**କଣ୍ଟାମାଳ, ୨୭।୨(ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ରୁଣ୍ଡିମହୁଲ ଓ ଲୋକାପଡା ପ୍ୟାକ୍ସ ପରିଚାଳିତ ପଲଶାଗୋରା ମଣ୍ଡିରେ ମାସେ ହେଲା ଧାନ ଉଠାଣ ହୋଇନାହିଁ । ମିଲର ଠିକ୍ ସମୟରେ ଧାନ ଉଠାଣ ନ କରିବାରୁ ଶତାଧିକ ଚାଷୀଙ୍କ ଟୋକନ ଅକାମୀ ହୋଇଛି। ଗୋଟିଏ ପଟରେ ବର୍ଷାରେ ଚାଷୀଙ୍କ ଧାନ ଓଦା ହୋଇଯାଇଥିବା ବେଳେ ସେମାନେ କର୍ମକୁ ଆଦରି ମଣ୍ଡିରେ ପଡି ରହିଛନ୍ତି ।

ଜାନୁୟାରୀ ୨୮ ତାରିଖରେ ପଲଶାଗୋରା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ଟଙ୍କଧର ରଣା, ବୀରେନ ରଣା, ଭିକାରୀ ରଣା, ଶତ୍ରୁଘ୍ନ ନାଏକ, ନକୁଳ ସାହୁ, ଶତ୍ରୁଘ୍ନ ରଣା, ଘାସିରାମ ପ୍ରଧାନ, ରଘୁନାଥ କର, ଆନନ୍ଦ ସାହୁ, ଅଜିତ କୁମାର ଗିରି ପ୍ରମୁଖ ୨୭ ଜଣ ଚାଷୀ ଧାନ ବିକ୍ରି କରିବାକୁ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିଲେ। ସେହିପରି ଫେବୃୟାରୀ ୪ ତାରିଖରେ ଲିଙ୍ଗ କର୍ମୀ, ଗୁଦାମ ନାଏକ, କୁଷ୍ଣ ମହାକୁଡ, ଦୀର୍ଜନ ସାହୁ, ପାରେଶ୍ୱର ମହାକୁଡ ପ୍ରମୁଖ ୫୦ ଜଣ ଚାଷୀ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିଲେ। ଏହି ୨ଟି ତାରିଖରେ ରୁଣ୍ଡିମହୁଲ ପ୍ୟାକ୍ସର କେତେକ ଚାଷୀ ମଧ୍ୟ ଟୋକନ ପାଇଥିଲେ । ଏଭଳି ଭାବେ ଶତାଧିକ ଚାଷୀ ମଣ୍ଡିକୁ ଧାନ ଆଣିଥିବା ବେଳେ ମିଲରଙ୍କ ଅସହଯୋଗ କାରଣରୁ ଧାନ ଉଠି ପାରିଲାନାହିଁ । ଫଳରେ ଶତାଧିକ ଚାଷୀ ମଣ୍ଡିରେ ଶୀତକାକର ଓ ବର୍ଷାରେ ଧାନ ଜଗି ରହିଛନ୍ତି । ଏହି ଚାଷୀଙ୍କ ଧାନ କ୍ରୟ ନିମନ୍ତେ ନୂତନ ଭାବେ ଟୋକନ ଜେନେରେଟ ହୋଇପାରୁନାହିଁ। ସେହିପରି ଅଦିନିଆ ବର୍ଷାରେ କେତେକ ଚାଷୀଙ୍କ ଧାନ ଓଦା ହୋଇ ଯାଇଥିଲେ ମଧ୍ୟ ପ୍ୟାକ୍ସ ପକ୍ଷରୁ ସେମାନଙ୍କୁ ତାର୍ପୋଲିନ ଯୋଗାଇ ଦିଆଯାଇନାହିଁ। ଏ ନେଇ ଚାଷୀମାନେ ଯୋଗାଣ ବିଭାଗ ଓ ପ୍ୟାକ୍ସ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଚାଷୀ ମାସେ ହେଲା ମଣ୍ଡିରେ ଧାନ ଜଗିଥିବା ବେଳେ କେତେକ ପ୍ୟାକ୍ସରେ ବେପାରୀଙ୍କ ଘରୁ ସିଧାସଳଖ ମିଲର ଧାନ ଉଠାଉଥିବା ଗୁରୁବାର ଯୋଗାଣ ଅଧିକାରୀଙ୍କ ପାଖରେ ଅଭିଯୋଗ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଜିଲାରେ ୯ ଲକ୍ଷ ୭୫ ହଜାର କୁଇଣ୍ଟାଲ ଧାନକ୍ରୟର ଟାର୍ଗେଟ ରହିଛି । ଏହାର ପରବର୍ତ୍ତୀ ଟାର୍ଗେଟ ସମ୍ପର୍କରେ ବିଭାଗ ସ୍ପଷ୍ଟ ସୂଚନା ଦେଇ ପାରୁନାହିଁ । ଏ ସମ୍ପର୍କରେ ଚାଷୀ ସଙ୍ଗଠକ ଆଦିତ୍ୟ ପ୍ରଧାନ କହିଛନ୍ତି, ମିଲରମାନେ ସର୍ବେସର୍ବା ସାଜିଛନ୍ତି। ଦଲାଲ, ଯୋଗାଣ ବିଭାଗ ଓ ମିଲର ମିଶି ଚାଷୀଙ୍କୁ ତଳିତଳାନ୍ତ କରୁଛନ୍ତି। ଅପରପକ୍ଷରେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁ ପଚାରିବାରୁ ଏ ନେଇ ତଦନ୍ତ କରୁଛି ବୋଲି କହିଛନ୍ତି ।

# ମର୍ଜାକୁଦର ବିକାଶ ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ

**ବୌଦ୍ଧ,୨୭।୨(ସ୍ୱ.ପ୍ର)**

ବୌଦ୍ଧ ଏନଏସିର ଦୁଇଟି ୱାର୍ଡକୁ ନେଇ ମହାନଦୀ ଗର୍ଭରେ ଟାପୁ ଗ୍ରାମ ଭାବେ ପରିଚିତ ମର୍ଜାକୁଦକୁ ସେତୁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ବର୍ତ୍ତମାନ ଏହି ଟାପୁରେ ରହିଥିବା ସରକାରୀ ଜମି ଗୁଡିକର ସଠିକ ଉପଯୋଗ ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଛି। ଜିଲାରେ ପର୍ଯ୍ୟଟନ ବିକାଶର ସମ୍ଭାବନା ରହିଥିବାବେଳେ ଆଗାମୀ ଦିନରେ ମର୍ଜାକୁଦ ପର୍ଯ୍ୟଟକମାନଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିବାକୁ ଯାଉଛି। ଏହି ଟାପୁରେ ପ୍ରାୟ ୫୦ ଏକର ଜମିକୁ ବିମାନ ବନ୍ଦର ପାଇଁ ସଂରକ୍ଷିତ ରଖାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଟାପୁରେ ବିଶେଷ ଭାବେ ହୋଟେଲ ଶିଳ୍ପକୁ ପ୍ରାଥମିକତା ଦିଆଯିବ ବୋଲି ଆଲୋଚନା ହେଉଛି। ତେବେ ଟାପୁରେ ରହିଥିବା ସରକାରୀ ଜମିକୁ ନେଇ ମାଷ୍ଟର ପ୍ଲାନ ଚୂଡାନ୍ତ ହୋଇ ନ ଥିବାବେଳେ ବର୍ତ୍ତମାନ ପ୍ରକୃତରେ କେତେ ସରକାରୀ ଜମି, କେତେ ଜଙ୍ଗଲ ଜମି, ଗୋଚର ଜମି ଓ ବାଲିପଠା ରହିଛି ସେ ସମ୍ପର୍କରେ ଆକଳନ କରାଯାଉଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଗୁରୁବାର ବୌଦ୍ଧ ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀଙ୍କ ସମେତ କର୍ମଚାରୀମାନଙ୍କୁ ନେଇ ଟାପୁରେ ରହିଥିବା ବିଭିନ୍ନ କିସମର ଜମି, ବାଲିପଠା ଆଦି ବୁଲି ଦେଖିଥିଲେ।

ସୂଚନା ମୁତାବକ, ଏହି ଟାପୁ ଗ୍ରାମରେ ପ୍ରାୟ ୨୫୦୦ ଏକର ସରକାରୀ ଜମି ରହିଥିବା କୁହାଯାଉଥିବାବେଳେ ପ୍ରକୃତ ପକ୍ଷେ ସେଥିରୁ ଅଧିକାଂଶ ଅଞ୍ଚଳ ବାଲିପଠା ଭାବରେ ରହିଛି। ତେଣୁ ମର୍ଜାକୁଦ ଚାରିପଟେ ଏକ ରିଙ୍ଗ୍ ରୋଡ ନିର୍ମାଣ ସହିତ ବାଲିପଠାକୁ ନେଇ ପର୍ଯ୍ୟଟନ ଯୋଜନାରେ ସାମିଲ କରାଯାଇପାରିବ। ତେବେ ମର୍ଜାକୁଦକୁ ସେତୁ ନିର୍ମାଣ ଯେତେ ଦ୍ରୁତ ଗତିରେ ଚାଲିଛି ପ୍ରାୟ ଏକ ବର୍ଷ ମଧ୍ୟରେ ଏହି ସେତୁ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ମର୍ଜାକୁଦକୁ ନେଇ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତ ସହିତ ସରକାରୀ ଜମି ଗୁଡିକୁ ଚିହ୍ନଟ କରି ସଂରକ୍ଷିତ ରଖାଗଲେ ଜବରଦଖଲ ସମସ୍ୟାରୁ ମୁକ୍ତି ମିଳିବା ସହିତ ଆଗାମୀ ଦିନରେ ମର୍ଜାକୁଦ ଏକ ପ୍ରଦୂଷଣମୁକ୍ତ ପର୍ଯ୍ୟଟନ ଅଞ୍ଚଳ ଭାବରେ ବିକଶିତ ହେବାର ସମ୍ଭବନା ରହିଛି।

### ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**କୋମନା,୨୭।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ପେଣ୍ଡ୍ରାବନ ମନ୍ଦିର ନିକଟସ୍ଥ ୩୫୩ ନଂ. ଜାତୀୟ ରାଜପଥରେ ବାଇକ୍‌ରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ବଲାଙ୍ଗୀର ଜିଲା ବୋଙ୍ଗୋମୁଣ୍ଡାସ୍ଥିତ ଭୁଏପଡାର ମଧୁସୁଦନ ସରାଫ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ମଧୁସୁଦନ କୋମନା ପଟରୁ ଖଡିଆଳକୁ ଯାଉଥିବା ସମୟରେ କୌଣସି କାରଣ ବସତଃ ଭାରସାମ୍ୟ ହରାଇ ବାଇକ୍‌ରୁ ତଳେ ପଡିଯାଇଥିଲେ। ଫଳରେ ଯୁବକ ଜଣକ ଗୁରୁତର ହୋଇ ରାସ୍ତାକଡରେ ପଡିଥିଲେ। କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଖବର ପାଇ ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

# ଖରିଆରରୋଡ଼ ରେଲୱେ ରାସ୍ତା ମରଣଯନ୍ତା



ଏକ ବର କନ୍ୟା ଗାଡି ଫସିଯାଇଛି ।

**ନୂଆପଡା ଅଫିସ/ ଖରିଆରରୋଡ,୨୭।୨**

ନୂଆପଡା ଜିଲା ଖରିଆରରୋଡ ସହରସ୍ଥିତ ସହରଠାରୁ ଆମସେନା ଯିବା ରାସ୍ତା ମରଣ ଯନ୍ତା ହୋଇଛି । ଏହି ରାସ୍ତା ଦେଇ ପ୍ରତ୍ୟେହ ହଜାର ହଜାର ଲୋକ ଯିବା ଆସିବା କରୁଥିବାବେଳେ ରେଳ ବିଭାଗ ପକ୍ଷରୁ ତିଆରି କରାଯାଇଥିବା ରାସ୍ତା ଅଧପନ୍ତରିଆ ହୋଇ ପଡିରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାସବୁ ହେଉଥିବା ଦେଖାଯାଉଛି। ସୂଚନାଯୋଗ୍ୟ ଯେ, ବୁଧବାର ଆମସେନାଠାରେ ହୋଇଥିବା ସାମୁହିକ ଆଦର୍ଶ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବରକନ୍ୟା ଗାଡି ସବୁ ଫସିଯାଇଥିବା ଦେଖାଯାଇଥିଲା। ଏପିରି କି ବରକନ୍ୟା ଗାଡି ଗୁଡିକୁ ଘଣ୍ଟାଧିକକାଳ ଅଟକି ରହିବାକୁ ପଡିଥିଲା। ଏହା ଉପରେ ରେଳ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି ।

# ଛତ୍ରପୁର କଲେଜରେ ଅଧାପକ ପଦବୀ ଖାଲି
# ବିଧାନସଭାରେ ଉତ୍ତର ରଖିଲେ ମନ୍ତ୍ରୀ

**ଛତ୍ରପୁର,୨୭।୨(ଡି.ଏନ.ଏ)**

ଛତ୍ରପୁର ସରକାରୀ ବିଜ୍ଞାନ କଲେଜରେ ବହୁ ଅଧାପକ ପଦବୀ ଖାଲି ପଡ଼ିଛି । ବିଶେଷକରି ଯୁକ୍ତ ୩ ଡିଗ୍ରୀ ପାଠ୍ୟକ୍ରମରେ ଅଧିକାଂଶ ଅଧାପକ ନାହାନ୍ତି। ଖାଲିଥିବା ଅଧାପକ ପଦବୀ ପୂରଣ ପାଇଁ ଏବଂ କଲେଜରେ ନିୟମିତ ସ୍ଥାୟୀ ଅଧକ୍ଷ ନିଯୁକ୍ତି ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ, ସମ୍ପର୍କରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାର ଉତ୍ତରରେ କହିଛନ୍ତି , ଛତ୍ରପୁର ବିଜ୍ଞାନ କଲେଜର ଯୁକ୍ତ ୩ ପାଠ୍ୟକ୍ରମରେ ବିଭିନ୍ନ ବିଭାଗରେ ୪୪ ଅଧାପକ ରହିବା କଥା । ହେଲେ ଅଛନ୍ତି ମାତ୍ର ୧୩ ଜଣ । ସେଠାରେ ୩୧ ଅଧାପକ ପଦବୀ ଖାଲି ପଡିଛି। ଛତ୍ରପୁର କଲେଜ ସମେତ ରାଜ୍ୟର ଅନ୍ୟାନ୍ୟ ସରକାରୀ ଡିଗ୍ରୀ କଲେଜରେ ଖାଲି ପଡିଥିବା ଅଧାପକ ପଦବୀଗୁଡିକରେ ସଂପ୍ରତି ଓଡିଶା ଲୋକସେବା ଆୟୋଗଙ୍କ ମଧରେ ଚାଲିଥିବା ଚୟନ ପ୍ରକ୍ରିୟା ଶେଷ ହେଲେ ୬୦୬ ଅଧାପକଙ୍କୁ ଆବଶ୍ୟକସ୍ଥଳେ ନିଯୁକ୍ତି ପ୍ରଦାନ କରାଯିବ । ଏହାବ୍ୟତୀତ ବର୍ତ୍ତମାନ ଓଡିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଚାଲୁ ରହିଥିବା ସ୍ଥାନୀୟ ଅଧକ୍ଷ ଚୟନ ପ୍ରକ୍ରିୟା ଶେଷ ହେବା ପରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ଦିଆଯିବ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ କହିଥିଲେ।

# ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକାରୀ ହେଲା

## ନୂଆପଡ଼ା ତହସିଲରେ ଶୁଭାରମ୍ଭ



ମୋ ସରକାର କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଅତିଥିବୃନ୍ଦ।

**ନୂଆପଡ଼ା ଅଫିସ,୨୭।୨**

ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକ୍ରମ ଲାଗୁ କରିବାକୁ ଘୋଷଣା କରିଥିବାବେଳେ ଗୁରୁବାରଠାରୁ ଜିଲାର ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ କାର୍ଯ୍ୟାଳୟରେ ଏହା ଲାଗୁ ହେବାକୁ ଜିଲାସ୍ତରରେ ଉଦ୍‌ଘାଟନ କରାଯାଇଛି । ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏହାକୁ ଆନୁଷ୍ଠାନିକ ଭାବେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟାଳୟରେ ତହସିଲଦାର ଦେବେନ୍ଦ୍ର ରାଉତ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ପଟେଲ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଲୋଚନ ଶବର, ଅସ୍ମିତା ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ଶୁଭ ଦେଇଥିଲେ। ଏଣିକି ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ ତହସିଲ, ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ସେବା ମନୋବୃତ୍ତି କାର୍ଯ୍ୟ କରିବାକୁ ନିଶ୍ଚିତ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଜନସାଧାରଣଙ୍କ ମତାମତ ସଂଗ୍ରହ କରାଯିବ। କାମଗୁଡିକ କେତେଦୂର ସୁରୁଖୁରୁରେ ହେଉଛି ତାରି ସମୀକ୍ଷା ହେବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଏହିଭଳି ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଏକକାଳୀନ ଉଦ୍‌ଘାଟନ ହୋଇଥିବା ଜଣାପଡ଼ିଛି।

# ହତ୍ୟା ଉଦ୍ୟମ କରି ଟଙ୍କା ଲୁଟ୍

## ଜଣେ ଗିରଫ, ୨ ଫେରାର

**ନୂଆପଡା ଅଫିସ,୨୭।୨**

ସ୍ଥାନୀୟ ରେଳଷ୍ଟେଶନ ନିକଟରେ ଜଣେ ପଥଚାରୀଙ୍କୁ ହତ୍ୟା ଉଦ୍ୟମ କରି ଟଙ୍କା ଲୁଟି କରିବା ମାମଲାରେ ପୋଲିସ ଅଜୟ ସତନାମୀ (୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତ ରବୀନ (୨୨) ଏବଂ ରାକେଶ ଫେରାର ହୋଇଯାଇଛନ୍ତି । ଏହାକୁ ନେଇ ପୋଲିସ ଦଫା ୩୦୭, ୩୯୪ରେ ଏକ ମାମଲା (ନଂ. ୩୦/୨୦)ରୁଜୁ କରି ଅଜୟଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ତିଲେଇଝର ଗାଁର ରାଇସିଂ ମାଝି ନାମକ ଜଣେ ବ୍ୟକ୍ତି ନୂଆପଡାକୁ କୌଣସି କାମରେ ଆସିଥିଲେ। ଏଠାରୁ ଠିକ ଫେରି ଯିବାବେଳେ ରେଳଷ୍ଟେଶନ ନିକଟରେ ୩ ଜଣ ଯୁବକ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୨ ହଜାର ଟଙ୍କା ଲୁଟ କରି ନେଇଥିଲେ । ଏହାକୁ ନେଇ ରାଇସିଂ ଅଭିଯୋଗ କରିବା ପରେ ପୋଲିସ ଛାନଭିନ ଚଳାଇଥିଲା। ଗୁରୁବାର ତନ୍ମଧ୍ୟରୁ ଅଜୟ ସତନାମୀ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଧରିବ ବୋଲି ପ୍ରକାଶ କରିଛି ।

# କନ୍ୟାଯାତ୍ରୀ ଭ୍ୟାନ ଓଲଟି ଜଣେ ମୃତ, ୧୦ ଆହତ

**ବୁଗୁଡା,୨୭।୨(ଡି.ଏନ୍.ଏ.)**

ବୁଗୁଡା ଥାନା ଅରଖପୁର ଗ୍ରାମଠାରୁ ୫୦ ମିଟର ଦୂରରେ ବୁଧବାର ରାତି ପ୍ରାୟ ୧୨ଟାରେ କନ୍ୟାଯାତ୍ରୀ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୭ଏଡି–୯୧୦୨) ଭାରସାମ୍ୟ ହରାଇ ଓଲଟି ପଡିଛି। ସେଥିରେ ଥିବା ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗାଙ୍ଗପୁର ଥାନା ମୁନିଗାଁର ପ୍ରସନ୍ନ କୁମାର ଦଳବେହେରା। ଆହତମାନେ ସିଙ୍ଗିପୁର ଅଞ୍ଚଳର ଜଗଦୀଶ ବିଷୋୟୀ, ଅନିଶ କୁମାର ପଲାଇ, ସମୀର ସାହୁ, ସାହିଲ ପଲାଇ, ଶ୍ରୀକାନ୍ତ ସେଠୀ, ଭଞ୍ଜ ସ୍ୱାଇଁ, କାହ୍ନୁ ଗୌଡ, ଚିକୁନ ଗୌଡ, ବିରୁପାକ୍ଷ ଜେନା ଓ ଗୌରାଙ୍ଗ ଗୌଡ। ପ୍ରସନ୍ନଙ୍କୁ ଆସିକା ମେଡିକାଲ ନିଆଯିବାପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୧୦ ଜଣଙ୍କୁ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଗଦୀଶ, ସମୀର ଓ ଅନିଶଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ବୁଗୁଡା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗାଙ୍ଗପୁର ଥାନା ସିଙ୍ଗିପୁର ଅଞ୍ଚଳର ଏକ ପିକ୍‌ଅପ ଭ୍ୟାନରେ କନ୍ୟା ଯାତ୍ରୀମାନେ ଖରିଡା ଗ୍ରାମକୁ ବାହାଘର ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇ ଫେରିବାବେଳେ ଅରଖପୁର ଠାରୁ ୫୦ ମିଟର ଦୂରରେ ଭ୍ୟାନଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ବିଦ୍ୟାଳୟର ଉନ୍ନତିରେ ଗାଁର ଉନ୍ନତି ହେବ

## ପଟପରପାଲିରେ ବାର୍ଷିକ ଉତ୍ସବ

**ନୂଆପଡ଼ା ଅଫିସ,୨୭।୨**

ଦେଶର ଭବିଷ୍ୟତ ଗାଁରେ ନିହିତ ହୋଇ ରହିଛି। ଏଠିକାର ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ଘଟିଲେ ଆପେ ବିଦ୍ୟାଳୟର ଉନ୍ନତି ଘଟିବ। ସେହିଭଳି ବିଦ୍ୟାଳୟର ଉନ୍ନତି ହେଲେ ସ୍ୱତଃ ଗାଁର ଉନ୍ନତି ହେବ ବୋଲି ଅତିଥିମାନେ ମତ ରଖିଛନ୍ତି । ସ୍ଥାନୀୟ ପଟପରପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖମେନ୍ଦ୍ର ଶବର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସିଆରସିସି ବିଶ୍ୱଦେବ ପଣ୍ଡା ମୁଖ୍ୟବକ୍ତା, ସିଲଭା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ହେମଦେବ ମାଜି, ମୋ ସ୍କୁଲ ଅଭିଯାନ ସଭାପତି ସରଜୁ କୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଖମେନ୍ଦ୍ର ଶବର ବିଦ୍ୟାଳୟର ବିବରଣୀ ପାଠ କରିଥିବାବେଳେ ସହ ଶିକ୍ଷକ ସଞ୍ଜୟ କୁମାର ମାଝି ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ପଣ୍ଡା ପିଲାଙ୍କ ଶିକ୍ଷା ବ୍ୟବସ୍ଥା, ଗାରିମା ପୁରସ୍କାର, ମୋ ସ୍କୁଲ ଅଭିଯାନ, ମଧ୍ୟାହ୍ନ ଭୋଜନ, ବିଭିନ୍ନ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସମ୍ପୃକ୍ତ କରିବା, କାଉନସେଲିଂ ରେଜିଷ୍ଟର, ଶିକ୍ଷକଙ୍କ ପରିଚୟ ପତ୍ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଢୋଲକିଆ ବିଦ୍ୟାଳୟ ବିଭିନ୍ନ ବ୍ୟବସ୍ଥା ଉପରେ ଉପସ୍ଥାପନ କରିଥିବାବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ମୋ ସ୍କୁଲ ଅଭିଯାନ ଭଳି କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟଗୁଡିକର ସର୍ବାଙ୍ଗୀନ ଉନ୍ନତି ସକାଶେ ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ସମସ୍ତ ଅଭିଭାବକମାନେ ଆଗକୁ ଆସି କାନ୍ଧକୁ କାନ୍ଧ ମିଳାଇ କାମ କରିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପିଲାଙ୍କୁ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ କୁନି କୁନି ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହାକୁ ଏହି ଗାଁ ସମେତ ସ୍ଥାନୀୟ ବିଭିନ୍ନ ଗାଁର ଲୋକମାନେ ଆସି ଦେଖିଥିଲେ। କାର୍ଯ୍ୟକ୍ରମ ଶେଷରେ ତାରାଚନ ଶବର ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ବେହେରା, ବ୍ରଜାରାଜ ପୁଞ୍ଜି, ତାରାଚନ ଶବରଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



# ରାସ୍ତାରୋକୋ ପ୍ରତି କଠୋର ହେବ ପୋଲିସ: ଡିଜିପି

## ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା

**କଟକ ଅଫିସ, ୨୭।୨**

ଆନ୍ଦୋଳନ ହେଉ ଅବା ବନ୍ଦ ଡାକରା, ଏପରି କି ଛୋଟ ଛୋଟ ଦାବିଗୁଡ଼ିକ ହାସଲ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଦେଖିବାକୁ ମିଳୁଛି। ଏହାଦ୍ୱାରା ଯାତାୟାତରେ ଅସୁବିଧା ହେଉଛି। ଯାତ୍ରୀ ଏବଂ ସାମଗ୍ରୀ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଉଛି। ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ରାସ୍ତାରୋକୋ ଯୋଗୁ ରୋଗୀଙ୍କୁ ନେଇ ଠିକ୍ ସମୟରେ ମେଡିକାଲ୍‌ରେ ପହଞ୍ଚିପାରୁନାହିଁ। ଏଭଳି ସମସ୍ୟାର ମୁକାବିଲା ପାଇଁ ଏଥର ରାସ୍ତାରୋକୋ ପ୍ରତି କଠୋର ହେବ ଓଡ଼ିଶା ପୋଲିସ। ଯୁକ୍ତିଯୁକ୍ତ କାରଣ ନ ଥାଇ କିମ୍ବା ଅଯଥାରେ ରାସ୍ତାରୋକୋ କଲେ, ପୋଲିସ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ରାସ୍ତାରୋକୋ ପ୍ରତି କଠୋର ହେବାକୁ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଅଭୟ।

ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଡିଜିପି ଅଭୟ ବିଭିନ୍ନ ରେଞ୍ଜ୍‌ର ଆଇଜି, ଡିଆଇଜି, ଡିସିପି ଏବଂ ଏସ୍‌ପିମାନଙ୍କ ସହ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ରାସ୍ତାରୋକୋ ସମସ୍ୟା ଦେଖାଦେଲେ କେମିତି ତ୍ୱରିତ ପଦକ୍ଷେପ ନିଆଯାଇ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରାଯାଇପାରିବ, ସେ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଡିଜିପି କଥା ହୋଇଥିଲେ। ଏଥିସହ ୟୁନିଫର୍ମ, ଅନ୍ୟାନ୍ୟ ସାମଗ୍ରୀର ଯୋଗାଣ ଏବଂ ଷ୍ଟକ୍, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଗୁଡ଼ିକର ନିୟମିତ ସମୀକ୍ଷା, ସିସିଟିଏନ୍‌ଏସ୍ ବ୍ୟବସ୍ଥାରେ ଦେଖାଦେଉଥିବା ସମସ୍ୟାର ସମାଧାନ, ପଡ଼ିରହିଥିବା ମାମଲାଗୁଡ଼ିକର ସଂଖ୍ୟା କମାଇବା, ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟରମାନଙ୍କ ପଦୋନ୍ନତି ତାଲିକା ପ୍ରସ୍ତୁତ, ପୁରସ୍କାର ରାଶି ପ୍ରଦାନ ପାଇଁ ତାଲିକା ପ୍ରସ୍ତୁତ, ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର୍ କର୍ପୋରେଶନଠାରୁ କୋଠାଗୁଡ଼ିକ ଗ୍ରହଣ କରିବା ଏବଂ ବିଭିନ୍ନ କୋଠା ନିର୍ମାଣ ପାଇଁ ଜାଗା ଚୟନ କରିବାକୁ ଆଲୋଚନାବେଳେ ଡିଜିପି ଅଭୟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଲୋଚନାରେ ଏଡିଜିପି(ମୁଖ୍ୟାଳୟ) ଭି.ଟି. ମିଶ୍ର, ଏଡିଜିପି(ଆଇନଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି(ଆଧୁନିକୀକରଣ) ରେଖା ଲୋହାନୀ, ଆଇଜିପି(ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ) ରାଜେଶ କୁମାର, ଆଇଜିପି(ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍, ଆଇଜିପି (ସିଆଇଡି ସିବି) ଅମିତେନ୍ଦ୍ର ନାଥ ସିହ୍ନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।



ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନାବେଳେ ଉପସ୍ଥିତ ଡିଜିପି ଅଭୟ ଓ ବରିଷ୍ଠ ଅଧିକାରୀମାନେ।

## ସଂକ୍ଷେପରେ

### ନାତି ମାଡ଼ରେ ଅଜା ମୃତ

**ନାତି ଗିରଫ, କୋର୍ଟ ଚାଲାଣ**

ବିଶ୍ରା, ୨୭।୨ (ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଚେଙ୍ଗଝରଣ ଗ୍ରାମରେ ଘରୋଇ କଳହ ଯୋଗୁ ହତ୍ୟାକାଣ୍ଡ ଘଟିଛି। ନାତି ମାଡ଼ରେ ଅଜାଙ୍କ ମୃତ୍ୟୁ ଘଟିଛି। ବିଶ୍ରା ପୋଲିସ ଅଭିଯୁକ୍ତ ନାତି ସମୟାସୀ ଓରାମ (୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୫ ତାରିଖ ରାତିରେ ଚାୱା ଓରାମ (୬୦)ଙ୍କ ସହିତ ତାଙ୍କ ନାତି ସମୟାସୀ ଓରାମ (୧୯)ଙ୍କ କୌଣସି କାରଣରୁ ଝଗଡା ହୋଇଥିଲା। ସମୟାସୀ ଓରାମ ରାଗିଯାଇ ଅଜା ଚାୱାଙ୍କୁ ବାଡିରେ ମାରିଥିଲା। ସକାଳେ ଚାୱାଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ବିଶ୍ରା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଏକ ମାମଲା (ନଂ. ୩୧/୨୦) ରୁଜୁ କରିଛି।

### କୁଶପଲ୍ଲୀ ଜଙ୍ଗଲରୁ ମୃତ ହାତୀ ଉଦ୍ଧାର



ରଣପୁର/ଟାଙ୍ଗୀ (ଖୋର୍ଦ୍ଧା), ୨୭।୨ (ସ୍ୱ.ପ୍ର./ଡି.ଏନ୍.ଏ.): ନୟାଗଡ ଜିଲା ରଣପୁର ବ୍ଲକ ପଟିଆ ପଞ୍ଚାୟତ ଅନ୍ତର୍ଗତ ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନ କୁଶପଲ୍ଲୀ ମାଳ ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିଲେ। ଘଞ୍ଚ ଜଙ୍ଗଲରେ ମାଈହାତୀଟି ମରି ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ହାତୀର ମୃତଦେହ ଉଦ୍ଧାର କରିଥିଲେ। ବୟସାଧିକ୍ୟ କାରଣରୁ ଅସୁସ୍ଥ ହୋଇ ହାତୀର ମୃତ୍ୟୁ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ହାତୀଟି ୪ରୁ ୫ଦିନ ମଧ୍ୟରେ ପ୍ରାଣ ହରାଇଥିବା ଜଣାପଡିଛି। ଡାକ୍ତରୀ ଦଳ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ହାତୀଟିକୁ ଜଙ୍ଗଲରେ ପୋତି ଦିଆଯାଇଛି। ଉକ୍ତ ମାଈ ହାତୀଟି ପଲରେ ରହୁଥିଲା। ତେବେ କିଛି ମାସ ହେଲା ଅସୁସ୍ଥ ହୋଇ ପଲରୁ ବାହାରି ଏଣେତେଣେ ବୁଲୁଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷୟିତ୍ରୀ

- ଜନ୍ମପ୍ରମାଣ ପତ୍ର ପାଇଁ ୨୦୦୦ ଟଙ୍କା ନେଉଥିଲେ ଲାଞ୍ଚ
- ୨ ଦିନ ପରେ ନେଇଥାନ୍ତେ ଅବସର

**ବାଙ୍କୀ,୨୭।୨(ସ୍ୱ.ପ୍ର.)**



ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପ୍ରଧାନ ଶିକ୍ଷୟିତ୍ରୀ।

ଚାକିରିରୁ ଅବସର ନେବାକୁ ମାତ୍ର ୨ଦିନ ବାକି ଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ପ୍ରଧାନ ଶିକ୍ଷୟିତ୍ରୀ। ସେ ହେଲେ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅଧୀନ ତୁଳସୀପୁରସ୍ଥିତ ରଙ୍ଗଣୀ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀପ୍ରଭା ଶତପଥୀ। ସେ ଜନ୍ମପ୍ରମାଣ ପତ୍ର କରିବା ପାଇଁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୯/୨୦)ରୁଜୁ କରାଯାଇ ରଶ୍ମୀପ୍ରଭାଙ୍କୁ ଗିରଫ କରାଯାଇଛି। ଗିରଫ ପରେ ଅଧିକ ପଚରାଉଚୁରା ନିମନ୍ତେ ତାଙ୍କୁ ଖୋର୍ଦ୍ଧା ବିଭାଗୀୟ ସେଲକୁ ନିଆଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ଲାଞ୍ଚ କାରବାରରେ ସମ୍ପୃକ୍ତି ଥିବା ନେଇ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଏଲ୍‌ଆଇସି ଏଜେଣ୍ଟ ଉଦୟନାଥ ପ୍ରଧାନ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ଟିମ୍‌ର ଯୋଜନା ମୁତାବକ, ଉଦୟନାଥ ସକାଳେ ପ୍ରଧାନଶିକ୍ଷୟିତ୍ରୀଙ୍କ ବାଙ୍କୀ ଏନ୍‌ଏସି ନିକଟ ମାଣିକପାଟଣାସ୍ଥିତ ଭଡାଘରେ ପହଞ୍ଚି ପୂର୍ବରୁ ବିଦ୍ୟାଳୟରେ ପଢ଼ିଥିବା ଜଣେ ପଲିସିଧାରୀ ମହିଳାଙ୍କ ଜନ୍ମ ପ୍ରମାଣପତ୍ର କରାଇ ଦେବା ପାଇଁ କହିଥିଲେ। ରଶ୍ମୀପ୍ରଭା ଏଥିପାଇଁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ପରେ ବିଭାଗ ପକ୍ଷରୁ ରଶ୍ମୀପ୍ରଭାଙ୍କ ଭଡାଘରେ, ସାଲେପୁରସ୍ଥିତ ପାଗା ବାସଭବନରେ ଚଢ଼ାଉ କରାଯାଇଛି। ସେଠାରେ ଥିବା ବ୍ୟାଙ୍କ ପାସବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କଆକଳନ କରାଯାଇଛି। ଏଥିସହ ରଙ୍ଗଣୀ ପ୍ରାଥମିକ ବିଦ୍ୟାଳୟରେ ଚଢ଼ାଉ କରାଯାଇ ଜରୁରୀ କାଗଜପତ୍ର ସବୁ ଯାଞ୍ଚ କରାଯାଇଛି।

# ଓଟିଡିସି ଆରମ୍ଭ କଲା 'ଗୋ ଗ୍ଲୋବାଲ୍'

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**





'ଗୋ ଗ୍ଲୋବାଲ୍' ପ୍ୟାକେଜ୍‌ର ଲୋଗୋ ଉନ୍ମୋଚନ ଅବସରରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଏମ୍‌ଡି ହେମକାନ୍ତ ସାଏ ଓ ଅନ୍ୟମାନେ।

- ସୁଲଭ ମୂଲ୍ୟରେ ବିଦେଶ ବୁଲିପାରିବେ ଓଡ଼ିଶା ପର୍ଯ୍ୟଟକ
- ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଦୁବାଇ ପ୍ୟାକେଜ୍‌ର ଶୁଭାରମ୍ଭ
- ବଢ଼ୁଛି ଇକୋ-ଟୁର୍ ଦିନିକିଆ ପ୍ୟାକେଜ୍‌ର ଲୋକପ୍ରିୟତା

ରାଜ୍ୟ ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବାକୁ ପଦକ୍ଷେପ ନେଇଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)। ଡେଷ୍ଟିନେଶନ ୱେଡିଂ ପ୍ୟାକେଜ୍ ପରେ ପ୍ରଥମଥର ଲାଗି ଓଟିଡିସି ପକ୍ଷରୁ ବିଦେଶ ଭ୍ରମଣ ପ୍ୟାକେଜ୍ 'ଗୋ ଗ୍ଲୋବାଲ୍'ର ଶୁଭାରମ୍ଭ କରାଯାଇଛି। ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଦୁବାଇ ଭଳି ୫ ପ୍ରମୁଖ ଡେଷ୍ଟିନେଶନକୁ ଓଟିଡିସି ପକ୍ଷରୁ ଟୁର୍ ପ୍ୟାକଜ୍ ଘୋଷଣା କରାଯାଇଛି। ରାଜ୍ୟ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନିଗମ ଏହି ନୂତନ ବ୍ୟବସ୍ଥା ଆରମ୍ଭ କରିଥିବାବେଳେ ପ୍ୟାକେଜ୍‌ର ଦାମ୍ ପକେଟ୍‌କୁ ସୁହାଇଲା ଭଳି ରହିଥିବା ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ଗୁରୁବାର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ୟାକେଜ୍‌ର ଲୋଗୋ ଉନ୍ମୋଚନ କରି ସେ କହିଥିଲେ, ୩ ରାତି ଓ ୪ ଦିନିଆ ଏହି ପ୍ୟାକେଜ୍‌ରେ ପର୍ଯ୍ୟଟକଙ୍କ ଯିବାଆସିବା ଓ ରହଣି ସାମିଲ ହେବ। ଏଥିରେ ଯିବାଆସିବା ଭଡ଼ା, ଭିଜା ଖର୍ଚ୍ଚ, ଭ୍ରମଣ ବୀମା, ହୋଟେଲ ରହଣି, ପ୍ରାତଃ ଭୋଜନ, ରାତ୍ରି ଭୋଜନ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ। ଥାଇଲାଣ୍ଡ ପାଇଁ ମୁଣ୍ଡ ପିଛା ୨୪,୯୯୦ ଟଙ୍କା ଦେୟ ଥିବାବେଳେ ମାଲେସିଆ ୨୯,୯୯୦ ଟଙ୍କା, ସିଙ୍ଗାପୁର ୩୯,୯୯୦ ଟଙ୍କା, ଇଣ୍ଡୋନେସିଆର ବାଲି ପାଇଁ ୩୪,୯୯୦ ଟଙ୍କା ଏବଂ ଦୁବାଇ ନିମନ୍ତେ ୫୩,୯୯୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଥିବା ସେ କହିଥିଲେ।

ଏହି ଅବସରରେ ଓଟିଡିସିର ସଫଳତା ସମ୍ପର୍କରେ ଏମ୍‌ଡି ହେମକାନ୍ତ ସାଏ ସୂଚନା ଦେଇଥିଲେ। ୨ ମାସରେ ଇକୋ ରିଟ୍ରିଟ୍‌ରେ ହାରାହାରି ୭୬% ବୁକିଂ ଶେଷ ହୋଇଛି। ସେହିଭଳି ଓଟିଡିସି ପକ୍ଷରୁ ସାତକୋଶିଆ, ଭିତରକନିକା, ମଙ୍ଗଳାଯୋଡ଼ି, ରାଜହଂସ ଓ ବଡ଼କୂଳ ଭଳି ସ୍ଥାନକୁ ଆରମ୍ଭ ହୋଇଥିବା ଦିନିକିଆ ପ୍ୟାକେଜ୍ ପର୍ଯ୍ୟଟକଙ୍କ ଦ୍ୱାରା ସର୍ବାଧିକ ଆଦୃତ ହୋଇଛି। କେବଳ ଇକୋ-ଟୁରିଜମ୍ ପ୍ୟାକେଜ୍‌ର ୯୦% ବୁକିଂ ରହୁଛି। ଗତ ଡିସେମ୍ବରରେ ଚୁକ୍ତିବଦ୍ଧ ହୋଇଥିବା 'ମେକ୍ ମାଇଁ ଟ୍ରିପ୍', 'ଗୋ-ଆଇବିବୋ' ଏବଂ 'ଯାତ୍ରା ଡଟ୍ କମ୍' ଭଳି ବିଭିନ୍ନ ସଂସ୍ଥା ଦ୍ୱାରା ଅନ୍‌ଲାଇନ୍‌ରେ ୮୦ଲକ୍ଷ ଟଙ୍କାର ରୁମ୍ ବୁକିଂ ହୋଇପାରିଛି। ବିଗତବର୍ଷ ୩୫ଟି ଉତ୍ସବ ଏବଂ ବିଭିନ୍ନ ବେଳାଭୂମି ଉତ୍ସବରେ ଓଟିଡିସିର ଯୋଗଦାନ ସାଙ୍ଗକୁ କଳା, ସଂସ୍କୃତିର ପ୍ରଚାର ଏବଂ ଓଡ଼ିଆ ଖାଦ୍ୟ ସମ୍ଭାରର ପରିବେଷଣ ଲାଗି ନିଗମ ପ୍ରଶଂସିତ ହୋଇଛି। କିଛିଦିନ ତଳେ ଚିଲିକା କୂଳରେ ଥିବା ରମ୍ଭା ଓ ବଡ଼କୁଳ ପାନ୍ଥନିବାସ, ଗୋପାଳପୁର, ଚାନ୍ଦିପୁର, ପୁରୀ ଓ କୋଣାର୍କ ପାନ୍ଥନିବାସରେ ଓଟିଡିସି ପକ୍ଷରୁ ଡେଷ୍ଟିନେଶନ୍ ୱେଡିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ମାତ୍ର ଦୁଇମାସରୁ କମ୍ ସମୟ ମଧ୍ୟରେ ଏଠାରେ ୨୦ଟି ବାହାଘର ସମ୍ପନ୍ନ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ଖେଲୋ ଇଣ୍ଡିଆ ଏବଂ ଅଲ୍‌ଇଣ୍ଡିଆ ଫରେଷ୍ଟ ଗେମ୍ ପରି ୨ଟି ବଡ଼ ଇଭେଣ୍ଟର ଟ୍ରାନ୍ସପୋର୍ଟ ଏବଂ ଆକୋମୋଡେଶନ୍ ଦାୟିତ୍ୱ ଓଟିଡିସି ବହନ କରୁଥିବା ସାଏ କହିଛନ୍ତି।

FORM No. 13
BEFORE THE DEBTS RECOVERY TRIBUNAL, CUTTACK,ORISSA
C-71, SECTOR-7, CDA, CUTTACK, ODISHA
O.A. No. 658 / 2019
Allahabad Bank, Bhubaneswar Main Branch .......Applicant
Versus
Suchira Ranjan Mahapatra & others ....Defendant(s)
To,
1. Suchira Ranjan Mahapatra, S/o: Late Benudhar Mahapatra
2. Smt Arunadhati Mohanty, W/o: Suchira Ranjan Mahapatra, Both Sl. No. 1 & 2 resident at Plot No.- 37(8), Vanshi Vihar, Patia, Bhubaneswar-751024
3. M/s Basera Designs (P) Ltd, Plot No.-25(P), Saheed Nagar, Bhubaneswar, Dist- Khurda, PIN- 751007, represented through its Managing Director Sri Manoj Kumar Pattanaik, S/o: Late Nirmal Chandra Pattanaik .
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No. 658/ 2019 in the court of the Debts Recovery Tribunal, Cuttack for recovery of Rs.36,82,666/- only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent in support of their defence to show cause within 30 days from the publication or on 28.04.2020 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 19th day of February, 2020 .
Sd/-
(M.K. Patnaik)
REGISTRAR

EoI No.01 Date: 25.02.2020
No.CAD-1015 :- SUDA requires Empanelment of Consultancy Firms for 'Preparation of GIS based Integrated Master Plan for Municipal Corporations/Development Authorities of Odisha'. The details of the EoI document is available in SUDA Website i.e. www.sudaodisha.org & www.urbanodisha.gov.in. The undersigned reserves right to cancel the EoI without assigning any reason.
Sd./-
Additional Director,
State Urban Development Agency
OIPR-13036/11/0007/1920

# ଭାରତ ଫେରିଲେ ଶିବାଶିଷ

**ବ୍ରହ୍ମପୁର ଅଫିସ,୨୭।୨**

- ଜାପାନ ଜାହାଜରେ ଫସି ରହିଥିଲେ
- ହରିୟାଣାର ଆର୍ମି ଟ୍ରେନିଂ କ୍ୟାମ୍ପରେ ରହିବେ ୧୪ ଦିନ
- କରୋନା ଭାଇରସ୍ ସାମ୍ପଲ ଟେଷ୍ଟ ପରେ ଛଡ଼ାଯିବ



ଦୀର୍ଘ ୨୪ ଦିନ ଧରି ନାନା ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ଜାପାନ ଜଳ ଜାହାଜରେ କରୋନା ଭାଇରସ୍ ପାଇଁ ଅଟକି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ ନାୟକ (୨୭) ଗୁରୁବାର ଭାରତ ଫେରିଛନ୍ତି। ଶିବାଶିଷ ଫେରିବା ଖବର ପାଇ ବାପା ଲିଙ୍ଗରାଜ, ମା' ଝୁନୁ ଓ ଆତ୍ମୀୟ ସ୍ୱଜନ ଖୁସି ବ୍ୟକ୍ତ କରିଛନ୍ତି। ପୁଅ ସହିତ ସକାଳେ ଲିଙ୍ଗରାଜ କଥା ହେବା ପରେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। ବୁଧବାର ଶିବାଶିଷ ଓ ତାଙ୍କ ୫ ସହକର୍ମୀଙ୍କ ସମେତ ୧୧୯ ଜଣ ଭାରତୀୟ ଓ ୫ ବିଦେଶୀ ନାଗରିକଙ୍କୁ ଟୋକିଓ ପ୍ରଶାସନ ଏକ ବସ୍‌ରେ ହାନିଡା ବିମାନ ବନ୍ଦର ପର୍ଯ୍ୟନ୍ତ ଆଣିଥିଲେ। ଏକ ଭାରତୀୟ ଚାର୍ଟର୍ଡ଼ ସ୍ୱତନ୍ତ୍ର ବିମାନ ବୁଧବାର ରାତିରେ ସେମାନଙ୍କୁ ନେଇ ସେଠାରୁ ଯାତ୍ରା କରିଥିଲା। ଗୁରୁବାର ଭୋର ସାଢ଼େ ୫ ଟାରେ ଦିଲ୍ଲୀରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍‌ରେ ଏକ ସାମରିକ ବେସ୍‌କୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କୁ ମାସ୍କ ପିନ୍ଧାଇ ରଖାଯାଇଛି। ୧୪ ଦିନ ନିରୀକ୍ଷଣରେ ରଖାଯିବ। ପରେ ସେମାନଙ୍କ କରୋନା ଭାଇରସ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଲେ ସେମାନଙ୍କୁ ଘରକୁ ଛଡ଼ାଯିବ ବୋଲି ଶିବାଶିଷ ଧରିତ୍ରୀକୁ ଫୋନ ଯୋଗେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶିବାଶିଷ ଦିଲ୍ଲୀ ଗୁରଗାଓଁରେ ଥିବା ହ୍ୟୁଗସ୍ ସାଇସ୍‌ଟେକ ପ୍ରାଇଭେଟ୍ ଲିମିଟେଡ଼ରେ ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରନ୍ତି। ଜାନୁୟାରୀ ୧୦ରେ ଶିବାଶିଷ ଓ ତାଙ୍କର ୫ ସହକର୍ମୀ କମ୍ପାନୀ କାମରେ ମାଲେସିଆ ଯାଇଥିଲେ। ସେଠାରୁ କାମ ସାରି ଡାଏମଣ୍ଡ ପ୍ରିନସେସ୍ ଜାହାଜରେ ଚୀନମେ ୱେ ଅଫ୍ ଭିଏତନାମରୁ ଗତ ମାସ ୨୫ ତାରିଖରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ଉକ୍ତ ଜାହାଜରେ ଜଣେ ଯାତ୍ରୀ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଫଳରେ ସେଠାକାର ସରକାର ଜାହାଜକୁ ସମୁଦ୍ର ମଝିରେ ଅଟକାଇ ଦେଇଥିଲେ। ସେଠାରେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବାଶିଷ ଓ ତାଙ୍କର ୫ ସହକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିଥିବା ଲିଙ୍ଗରାଜ ଗତ ୧୯ ତାରିଖରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତଥାପି ସେମାନଙ୍କୁ ଜାହାଜ ଭିତରେ ଅଟକ ରଖାଯାଇଥିଲା। ଭାରତ ସରକାର ତ୍ୱରିତ ପଦକ୍ଷେପ ନେଇ ତାଙ୍କ ପୁଅଙ୍କୁ ଫେରାଇ ଆଣିବାକୁ ସେ ଆକୁଳ ନିବେଦନ କରିଥିଲେ। ଫେରି ଆସିବା ପରେ ଗଣମାଧ୍ୟମ ଓ ପ୍ରଶାସନକୁ ଶିବାଶିଷଙ୍କ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ସମସ୍ତ ଯାତ୍ରୀଙ୍କ ସାମ୍ପଲ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଇଛି। ଆସନ୍ତା ୨ରୁ ୩ ଦିନ ଭିତରେ ଏହାର ରିପୋର୍ଟ ମିଳିବା ସମ୍ଭାବନା ରହିଛି। ରିପୋର୍ଟରେ କରୋନା ଭାଇରସ୍ ନେଗେଟିଭ୍ ଆସିଲେ ସମ୍ପୃକ୍ତ ଯାତ୍ରୀମାନଙ୍କୁ ୧୪ ଦିନ ଯାଏ ଉକ୍ତ କ୍ୟାମ୍ପରେ ରଖାଯାଇ ଛାଡି ଦିଆଯିବ ବୋଲି ଶିବାଶିଷ କହିଛନ୍ତି।

GOVERNMENT OF ODISHA, "e"-PROCUREMENT NOTICE No. B-759
For Turn key Project
WORKS DEPARTMENT
E-mail : ceworldbankprojects@gmail.com
4th corrigendum to Bid Identification No. CE-W.B.P. (O) - 07 /2019 - 20
File No- PIM-MISC- 10 /2008 (Pt.)
Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 04 | Bids shall be received only "online" on or before | 06.03.2020 upto 17.00 Hours. |
| Para – 06 | Bids received on line shall be opened at | 11.30 Hours on 07.03.2020 |

All other terms and conditions remain unchanged.
Sd./- Chief Engineer (World Bank Project), Odisha
OIPR-34003/11/0029/1920

## ଜିଲା ଚିଠି
### ଗଜପତି



# ପୋତି ହେଲାଣି ସାଗର

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜତ୍ୱ ସମୟରେ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଅନେକ ସାଗର ପ୍ରତିଷ୍ଠା ହୋଇଥିଲା। ଯାହାକୁ ନେଇ ଏହି ସହର ଦିନେ ସାଗରର ସହରଭାବେ ସମଗ୍ର ଓଡ଼ିଶାରେ ବେଶ୍ ପରିଚିତ ଥିଲା। ରାମ ସାଗର, ସୀତା ସାଗର, କୃଷ୍ଣ ସାଗର ସମେତ ୭ ବିରାଟକାୟ ସାଗର(ପୋଖରୀ) ରହିଥିଲା। ଜିଲାରେ କୃଷି କ୍ଷେତ୍ରରେ ଜଳସେଚନର ସୁବିଧା ପାଇଁ ଏହି ଉତ୍ସଗୁଡ଼ିକୁ ରାଜା ପ୍ରତିଷ୍ଠା କରିଥିଲେ। ଏହାଦ୍ୱାରା କେବଳ ପାରଳା ସହର ସମେତ ଉପକଣ୍ଠ ଅଞ୍ଚଳର ଚାଷୀଙ୍କ ପାଇଁ ଜଳସେଚନର ପ୍ରମୁଖ ଉତ୍ସ ହୋଇଥିଲା। ରାମ ସାଗର, କୃଷ୍ଣ ସାଗରର ଜଳକୁ ଜଳସେଚନ ପାଇଁ ବ୍ୟବହାର କରି ଜିଲାର କେରାଣ୍ଡି, ପୁରୁଣାକେରାଣ୍ଡି, ଦେବିତୀ, ବି. ସୀତାପୁର, ଦୋନୁରୁ, ରାମଚନ୍ଦ୍ରପୁର, ଗଣ୍ଡାହାତୀ, ସିଙ୍ଗିପୁର, ଉପଲଡ଼ା, ମାଛମରା ଆଦି ଗ୍ରାମବାସୀ ନିର୍ଭର କରିଆସୁଥିଲେ। ସାଗରଗୁଡ଼ିକର ସଂଯୋଗୀକରଣ ମାଧ୍ୟମରେ ଅଞ୍ଚଳର ସମସ୍ତ ଚାଷୀ ଏଥିରୁ ଉପକୃତ ହେଉଥିଲେ। ଭଲ ଫସଲ ଅମଳ ଜିଲା ପାଇଁ ସମୃଦ୍ଧି ଆଣିବାରେ ସଫଳ ହୋଇଥିଲା। ସାଗର ଜଳ ଦ୍ୱାରା ଅଞ୍ଚଳର ମତ୍ସ୍ୟଜୀବୀ ମଧ୍ୟ ବେଶ୍ ଲାଭବାନ ହେଉଥିଲେ। ହେଲେ ଏବେ ସେଥିମଧ୍ୟରୁ ବହୁ ସାଗର ପୋତିହେବାକୁ ବସିଲାଣି। ଚାଷୀଙ୍କ ସୁନା ଫଳାଇବାର ସେହି ମାଧ୍ୟମ (ସାଗର)ଗୁଡ଼ିକ ଏବେ ବିଲୁପ୍ତ ଅବସ୍ଥାରେ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିରାଟକାୟ ସୀତା ସାଗର ସୀମାନ୍ତ ଆନ୍ଧ୍ର ପ୍ରଦେଶ ସହ ସଂଲଗ୍ନ ରହିଛି। ତାହା ଏବେ ସମ୍ପୂର୍ଣ୍ଣ ବିଲୁପ୍ତ ଅବସ୍ଥାରେ ରହିଛି। ଏହି ସାଗରର କିଛି ଜାଗାକୁ କେତେଜଣ ବ୍ୟକ୍ତି ଜବରଦଖଲରେ ରଖି ବ୍ୟବସାୟରେ ଲଗାଇଛନ୍ତି। ସେହିପରି ରାମ ସାଗରର ସୌନ୍ଦର୍ଯ୍ୟକରଣ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାର ସୌନ୍ଦର୍ଯ୍ୟକରଣ କିମ୍ବା ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନି। ଏହା କେବଳ ନଥିପତ୍ରରେ ସୀମିତ ରହିଯାଉଛି। ସାଗରଗୁଡ଼ିକର ଅଧଃପତନ ଯୋଗୁ ଐତିହାସିକ ପାରଳାଖେମୁଣ୍ଡି ସହର ଏବେ ଶ୍ରୀହୀନ ହୋଇଛି। ଅଞ୍ଚଳର କୃଷକମାନେ ଏବେ ଜଳସେଚନ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୃଷିକ୍ଷେତ୍ର ପାଇଁ ବର୍ଷାଜଳ ହିଁ ଏକମାତ୍ର ସାହା ହୋଇଛି। ତେଣୁ ଜିଲାରେ ରହିଥିବା ଏହି ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇପାରିଲେ ପୁଣି ଜିଲାର ଚାଷ ଓ ଚାଷୀଙ୍କ ଉନ୍ନତି ଘଟିବା ସହ ଜିଲାର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପୋଷଣ କରିଛନ୍ତି।

– ରଶ୍ମିରଞ୍ଜନ ମିଶ୍ର

# ଆକ୍ରମଣକାରୀଙ୍କୁ ୫ ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୭।୨**

ଢେଙ୍କାନାଳ ସଦର ଥାନା ନୂଆଗାଁରେ ୨୦୧୬ରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ ଅଭିଯୁକ୍ତ ଶ୍ୟାମସୁନ୍ଦର ବେହେରା(୪୯)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଏବଂ ପ୍ରମିଳା ମହାପାତ୍ର ମାମଲାକୁ ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ନଭେମ୍ବର ୨୭ରେ ନୂଆଗାଁରେ କାର୍ତ୍ତିକ ପୂଜା ଚାନ୍ଦା ଆଦାୟକୁ କେନ୍ଦ୍ର କରି ଶ୍ୟାମସୁନ୍ଦରଙ୍କ ସହିତ କୈଳାସ ବରାଳ, ରତିକାନ୍ତ ବରାଳ, ଅଲେଖ ସ୍ୱାଇଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶ୍ୟାମସୁନ୍ଦର ଏକ କଟୁରିରେ କୈଳାସଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ. ୪୧୭/୧୬ରେ ମାମଲା ରୁଜୁ କରାଯାଇଥିଲା।

GOVERNMENT OF ODISHA, OFFICE OF THE EXECUTIVE ENGINEER
KALAHANDI (R&B) DIVISION, BHAWANIPATNA
E-mail: eekalahandi@gmail.com, FAX No. 06670-230512, Cell No. 9437050413
E-Procurement Notice
Bid Identification No. BC KLD- 19/ 2019-20
No. 2731 Dated 23.02.2020
No. B-757:-

| | | | |
|---|---|---|---|
| 1. | Name of the work | : | 01 (One) No. of Electrical works |
| 2. | Estimated cost | : | Rs. 33.24 lakhs |
| 3. | Period of completion | : | 02 (Two) Calendar Months. |
| 4. | Date and time of availability of bid document in the portal | : | 11.00 hours of 02.03.2020 to 17.00 hours of 11.03.2020 |
| 5. | Last date/Time for receipt of bid in the portal | : | 17. 00 hour of 11.03.2020 |
| 6. | Name and address of the Officer Inviting Bid | : | Executive Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 12.03.2020 at 11.00 AM in the Office of the Executive Engineer, Kalahandi (R&B)Division, Bhawanipatna |

Further details can be seen from the e-Procurement portal https://tendersorissa.gov.in
Sd./- (Er. A.K. Babu), Executive Engineer, Kalahandi (R&B) Division
OIPR-34017/11/0009/1920



ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକା ଗାୟକ ନିକ୍ ଜୋନସ୍‌ଙ୍କ ବିବାହ ନେଇ ବହୁ ଚର୍ଚ୍ଚା ହୋଇଥିବା। ଏବେ ମଧ ବହୁ ସମୟରେ ସେମାନଙ୍କୁ ନେଇ ସୋସିଆଲ ମିଡ଼ିଆରେ ଆଲୋଚନା ଜାରି ରହିଥିବାର ଦେଖିବାକୁ ମିଳିଥାଏ। ପ୍ରିୟଙ୍କା ନିକ୍‌ଙ୍କଠାରୁ ବୟସରେ ବଡ଼। ଏହା ସମସ୍ତଙ୍କୁ ଜଣା। ତେବେ ନିକଟରେ ଏକ ରିୟଲିଟି ଶୋ'ରେ ନିକ୍ କହିଥିଲେ ପ୍ରିୟଙ୍କା ମୋଠାରୁ ୧୦ ବର୍ଷ ବଡ଼। ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ ତାଙ୍କୁ ୨୭ ବର୍ଷ ହୋଇଥିବାବେଳେ ପ୍ରିୟଙ୍କାଙ୍କୁ ୩୭ ବର୍ଷ। ମାତ୍ର ବୟସ ସେମାନଙ୍କ ମଧରେ ଥିବା ଭଲପାଇବା ଉପରେ କୌଣସି ପ୍ରଭାବ ପକାଇ ନ ଥିବା ନିକ୍ ରିୟଲିଟି ଶୋ'ରେ କହିଛନ୍ତି।

# 'ପିରିୟଡ୍ ଫିଷ୍ଟ'

**ନୂଆଦିଲ୍ଲୀ:** ନାରୀ ଆଜି କୌଣସି କ୍ଷେତ୍ରରେ ପଛୁଆ ନୁହଁ। ମହିଳାଙ୍କୁ ସଶକ୍ତ କରିବାକୁ ଅନେକ ବାର୍ତ୍ତା ଦିଆଯାଉଛି। ହେଲେ ଏବେ ବି ଅନେକ ଲୋକଙ୍କ ମନରୁ ପୁରୁଣା ଚିନ୍ତାଧାରା ଦୂର ହୋଇପାରିନି। ଏବେକା ସମୟରେ ବି ପିରିୟଡ୍ ବା ମହିଳାଙ୍କ ମାସିକ ଧର୍ମକୁ ନେଇ ଲୋକଙ୍କ ମନରେ ବହୁ ଅନ୍ଧବିଶ୍ୱାସ ଓ ସଂକୀର୍ଣ୍ଣ ଚିନ୍ତାଧାରା ରହିଛି। ନିକଟରେ ଗୁଜରାଟର ଭୁଜ୍‌ସ୍ଥିତ ଲକ କଲେଜରେ ୬୮ ଛାତ୍ରୀଙ୍କୁ ସେମାନେ ମାସିକ ଧର୍ମରେ ନ ଥିବା ନେଇ ପ୍ରମାଣିତ କରିବାକୁ ବାଧ କରାଯାଇଥିଲା। ଅନ୍ୟ ଏକ ଘଟଣାରେ ସ୍ୱାମୀ କୃଷ୍ଣସ୍ୱରୂପ ଦାସଜୀ ମନ୍ତବ୍ୟ ଦେଇଥିଲେ ଯେ, ମହିଳାମାନେ ମାସିକ ଧର୍ମ ସମୟରେ ସ୍ୱାମୀଙ୍କୁ ରୋଷେଇ କରି ଖାଇବାକୁ ଦେଲେ ଆଗାମୀ ଜନ୍ମରେ କୁକୁରଭାବେ ଜନ୍ମ ନିଅନ୍ତି। ଏଥିସହ ଏହି ସମୟରେ ଯେଉଁ ପୁରୁଷ ମହିଳାଙ୍କ ହାତରୁ ଖାଦ୍ୟ ଗ୍ରହଣ କରନ୍ତି, ସେ ବଳଦ ଜନ୍ମ ନିଅନ୍ତି। ଏଭଳି ପୁରୁଣା ଚିନ୍ତାଧାରା ତଥା ରୁଢ଼ିବାଦୀ ମନ୍ତବ୍ୟକୁ ନେଇ ସମଗ୍ର ଦେଶରେ ବିରୋଧ ପ୍ରକାଶ ପାଇଥିଲା। ବିଶେଷକରି ମହିଳାମାନେ ଏହାର ପ୍ରତିବାଦ କରିଥିଲେ। ନିଜ ସମ୍ମାନ ରକ୍ଷା କରିବା ସହ ସମାଜକୁ ସଚେତନତାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ନିକଟରେ ଦିଲ୍ଲୀରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳାମାନେ 'ପିରିୟଡ୍ ଫିଷ୍ଟ'ର ଆୟୋଜନ କରାଯାଇଥିଲା। ଏଥିରେ ମାସିକ ଧର୍ମରେ ଥିବା ମହିଳାମାନେ ମିଳିତଭାବେ ଭୋଜନ ପ୍ରସ୍ତୁତ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଫିଷ୍ଟରେ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆଙ୍କ ସମେତ ୩୦୦ ଲୋକ ଯୋଗଦେଇ ଭୋଜନ ଗ୍ରହଣ କରିଥିଲେ। ଭୋଜନ ପ୍ରସ୍ତୁତ କରିଥିବା ସମସ୍ତ ମହିଳା ଆପ୍ରନ୍ ପିନ୍ଧିଥିବାବେଳେ ସେଥିରେ ଏକ ସୁନ୍ଦର ବାର୍ତ୍ତା 'ମୁଁ ମାସିକ ଧର୍ମରେ ଥିବାରୁ ଗର୍ବ ଅନୁଭବ କରୁଛି' ମଧ ଉଲ୍ଲେଖ ରହିଥିଲା। ଏହି ଉପଲକ୍ଷେ ଏକ 'ଷ୍ଟ୍ରିଟ୍ ପ୍ଲେ' ମଧ ଆୟୋଜନ କରାଯାଇଥିଲା। ଏଥିରେ ମହିଳାଙ୍କ ମାସିକ ଧର୍ମକୁ ନେଇ ରହିଥିବା ବିଭିନ୍ନ ଅନ୍ଧବିଶ୍ୱାସ ନେଇ ସଚେତନ କରାଯାଇଥିଲା। ମାସିକ ଧର୍ମକୁ ସମ୍ମାନ ଦେବା ସହ ସେମାନଙ୍କ ହାତରୁ ଖାଇବା ଦ୍ୱାରା କିଛି ଭିନ୍ନ ଘଟି ନଥାଏ ବୋଲି ସଙ୍ଗଠନର ପ୍ରତିଷ୍ଠାତା ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା ସୁରଭି ସିଂ କହିଥିଲେ।



# ୭୦ ହଜାର ଦିଆସିଲିରେ ଜାହାଜ ମଡେଲ



## ରେକର୍ଡ ନିଶା

**ସାଉଥଷ୍ଟମ୍:** ସଫଳତା ପାଇଁ ବୟସ ଏକ ମାପକାଠି ନୁହେଁ। ନିଷ୍ଠାପର ଉଦ୍ୟମ, ଗଭୀର ଆତ୍ମବିଶ୍ୱାସ ହିଁ ସଫଳତା ଆଡ଼କୁ ବାଟ କଢ଼ାଇନିଏ। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ବ୍ରିଟେନର ନାବିକ ଡେଭିଡ ରେନାଲ୍ଡ। ୬୧ବର୍ଷ ବୟସରେ ସେ ନିର୍ମାଣ କରିଛନ୍ତି ୪୦୦ବର୍ଷ ପୁରୁଣା ଐତିହାସିକ ମେଫ୍ଲେବର ଜାହାଜର ପ୍ରତିକୃତି, ତାହା ବି ଦିଆସିଲି କାଠିରେ। ପୁରାତନ ଜାହାଜର ମଡେଲ ପ୍ରସ୍ତୁତ କରିବା ରେନାଲ୍ଡଙ୍କ ସଉକ। ଏହା ତାଙ୍କୁ ବିଶ୍ୱସ୍ତରରେ ଦେଇଛି ପରିଚିତି ଏବଂ ସେ ହୋଇପାରିଛନ୍ତି ଅନେକ ରେକର୍ଡର ଅଧିକାରୀ। ୪୦୦ବର୍ଷ ପୁରୁଣା ଜାହାଜ 'ମେଫ୍ଲେବର' ଚଳିତ ବର୍ଷ ଆନିଭର୍ସରି ପାଳୁଛି। ଏହାକୁ ସ୍ମୃତିମଧୁର କରିବାକୁ ଯୋଜନା କରିଥିଲେ ଡେଭିଡ୍। ଏହାର ଅବିକଳ ମଡେଲ ତିଆରି କରିବାକୁ ୨ବର୍ଷ ସମୟ ଲାଗିଛି। ୪ଫୁଟ ଉଚ୍ଚ ଏବଂ ୫ଫୁଟ ଲମ୍ବା ବିଶିଷ୍ଟ ଉକ୍ତ ମଡେଲକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ଲାଗିଛି ୯୦୦ ଘଣ୍ଟା। ଏଥିରେ ୭୦ ହଜାର ଦିଆସିଲି କାଠି ବ୍ୟବହାର କରାଯାଇଛି। କାଠିଗୁଡ଼ିକୁ ବାନ୍ଧି ରଖିବାକୁ ସୂତା ଏବଂ ଅଠାର ବ୍ୟବହାର ହୋଇଛି। ଜାହାଜର ମୋଟ ଓଜନ ୭.୨ କିଗ୍ରା। 'ମେଫ୍ଲେବର'ର ପ୍ରତିକୃତି ନିର୍ମାଣ କରିବା ସହଜ ନ ଥିଲା। ଏହା ପୂର୍ବରୁ ଡେଭିଡ ଜାହାଜ ସହିତ ଜଡ଼ିତ ସମସ୍ତ ଛୋଟବଡ଼ ତଥ୍ୟ ହାସଲ କରିଥିଲେ। ସୂଚନାଯୋଗ୍ୟ, ୧୬୨୦ ସେପ୍ଟେମ୍ବର ୬ରେ 'ମେଫ୍ଲେବର' ୧୦୨ ଯାତ୍ରୀଙ୍କୁ ନେଇ ଆମେରିକା ଅଭିମୁଖେ ବାହାରିଥିଲା। ୨ମାସର ଯାତ୍ରା ପରେ ଏହା ମାସାଚୁସେଟ୍‌ସ ତଟରେ ପହଞ୍ଚିଥିଲା। ଉକ୍ତ ଜାହାଜରେ ଏକ ମିନି ବୋଟ, ଡେକ୍ ଏବଂ ତୋପ ମଧ ରହିଥିଲା, ଯାହାର ଅବକଳ ନକଲ ଦେଖିବାକୁ ମିଳିଛି ଡେଭିଡଙ୍କ ମଡେଲରେ। ଡେଭିଡ ଏହା ପୂର୍ବରୁ ୪୦ଟି ଜାହାଜ ନିର୍ମାଣ କରିସାରିଛନ୍ତି। 'ମେଫ୍ଲେବର' ସେଥିରୁ ଗୋଟିଏ। ଏଥିପୂର୍ବରୁ ୨୦୦୯ରେ ୨୧ ଫୁଟ ଉଚ୍ଚତା ବିଶିଷ୍ଟ 'ନର୍ଥ ସି ଅଏଲଶିପ୍'ର ମଡେଲ ପ୍ରସ୍ତୁତ କରିଥିଲେ। ଏହା ଗିନିଜ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଥିଲେ। ଏଥିରେ ୪୧ ଲକ୍ଷ ଦିଆସିଲି କାଠି ବ୍ୟବହାର କରାଯାଇଥିଲା। ଏତେ ପରିମାଣର କାଠିକୁ ଏକାଠି ଯୋଡ଼ାଗଲେ ତାହା ପାଖାପାଖି ୪.୧ କିମିର ଲାଇନ ସୃଷ୍ଟି କରନ୍ତା ବୋଲି ଜଣାପଡ଼ିଛି।



# 'ଡୁ ୟୁ ଲଭ୍ ମି...'ରେ ଦିଶାଙ୍କ ଜବରଦସ୍ତ ଡ୍ୟାନ୍ସ

**ମୁମ୍ବାଇ:** ଟାଇଗର ଶ୍ରଫ୍ ଏବଂ ଶ୍ରଦ୍ଧା କପୁରଙ୍କ ଅପ୍‌କମିଂ ଫିଲ୍ମ 'ବାଗୀ-୩' ରିଲିଜ୍ ପାଇଁ ପ୍ରସ୍ତୁତ ହୋଇରହିଛି। ଏହାରି ଭିତରେ ଫିଲ୍ମର ଟ୍ରେଲର୍ ଏବଂ ଦୁଇଟି ଗୀତ ରିଲିଜ୍ ହୋଇସାରିଛି, ଯାହାକୁ ଦର୍ଶକଙ୍କ ଖୁବ୍ ଭଲ ପ୍ରତିକ୍ରିୟା ମିଳିପାରିଛି। ତେବେ ଗୁରୁବାର ଫିଲ୍ମର ତୃତୀୟ ଗୀତ ରିଲିଜ୍ କରାଯାଇଛି। ଏଥିରେ ଦିଶା ପଟାନୀଙ୍କ କିଲର୍ ଅନ୍ଦାଜ୍ ଫ୍ୟାନ୍‌ଙ୍କୁ ଘାଇଲା କରିବାରେ ଲାଗିଛି। ଗୁରୁବାର ଫିଲ୍ମ 'ବାଗୀ-୩'ର ତୃତୀୟ ଗୀତ 'ଡୁ ୟୁ ଲଭ୍ ମି' ରିଲିଜ୍ ହୋଇଯାଇଛି। ଏଥିରେ ସୁନ୍ଦରୀ ଦିଶା ପଟାନୀ ବ୍ଲାକ୍ ଓ ଗ୍ରୀନ୍ ବିକିନୀରେ ନଜରକୁ ଆସିଛନ୍ତି। ଫିଲ୍ମରେ ଦିଶାଙ୍କୁ କେବଳ ଗେଷ୍ଟ ଆପିୟରାନ୍ସରେ ଦେଖିବାକୁ ମିଳିବ। ତେବେ ମୁଖ୍ୟ ଭୂମିକାରେ ଟାଇଗର ଶ୍ରଫ୍‌ଙ୍କ ସହ ଶ୍ରଦ୍ଧା କପୁର ନଜରକୁ ଆସିବେ। ଏଠାରେ କହିରଖୁଛୁ ଯେ, ଫିଲ୍ମ 'ବାଗୀ-୩'ର 'ଡୁ ୟୁ ଲଭ୍ ମି' ଗୀତଟି ପାଇଁ ମେକର୍ସ ମୂଳ ଗୀତର କପିରାଇଟ୍‌ସ 'ଦି ବେନ୍‌ଡାଲେ ଫ୍ୟାମିଲି' ବ୍ୟାଣ୍ଡରୁ କିଣିଛନ୍ତି। ତନିଷ୍କ ବାଗ୍‌ଚୀ ଗୀତଟିକୁ କମ୍ପୋଜ୍ କରିଥିବାବେଳେ ଏଥିରେ ଫ୍ୟାନ୍‌ଙ୍କ ମନପସନ୍ଦର ଯୋଡ଼ି ଟାଇଗର-ଦିଶାଙ୍କୁ ଏକାଠି ଦେଖିବାକୁ ମିଳିବ। ଅନ୍ୟପଟେ ଗୀତଟି ରିଲିଜ୍ ହେବା ପରଠାରୁ ହିଁ ଦିଶାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚା ଲାଗିରହିଛି। ତାଙ୍କ ଫିଟ୍‌ନେସ୍ ଏବଂ ଡ୍ୟାନ୍ସ ମୁଭ୍‌ସକୁ ସୋସିଆଲ ମିଡିଆରେ ଅନେକ ପ୍ରଶଂସା କରାଯାଉଛି। ଏହାପୂର୍ବରୁ ଫିଲ୍ମ 'ବାଗୀ-୩'ର ଦୁଇଟି ଗୀତ 'ଦଶ୍ ବାହାନେ ୨.୦' ଏବଂ 'ଭଙ୍କସ୍' ରିଲିଜ୍ ହୋଇସାରିଛି। ଦୁଇଟିଯାକ ଗୀତକୁ ଦର୍ଶକେ ଖୁବ୍ ପସନ୍ଦ କରିଥିବାବେଳେ ଏହା ମ୍ୟୁଜିକ୍ ଚାର୍ଟ୍‌ସରେ ସାମିଲ ହୋଇସାରିଛି। ଏବେ 'ଡୁ ୟୁ ଲଭ୍ ମି' ମଧ ଏହି ରେସ୍‌ରେ ସାମିଲ ହୋଇଯିବ ବୋଲି ଆଶା କରାଯାଉଛି। ଟାଇଗର ମଧ ଗୀତଟିକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଅନ୍ୟପକ୍ଷରେ ଫିଲ୍ମର ଟ୍ରେଲର୍ ରିଲିଜ୍ ପରେ ଟାଇଗର୍‌ଙ୍କ ଆକ୍ସନକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା ମଧ କରୁଛନ୍ତି। ଅହମଦ ଖାନ୍ ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି। ରିତେଶ୍ ଦେଶମୁଖ୍ ଏବଂ ଅଙ୍କିତା ଲୋଖଣ୍ଡେ ମଧ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ୬ ମାର୍ଚ୍ଚରେ ଫିଲ୍ମଟି ରିଲିଜ୍ ହେବ।

# ଜାତୀୟ ବିଜ୍ଞାନ ଦିବସ

## ବିଜ୍ଞାନର ବିକାଶରେ ଦେଶର ବିକାଶ ସମ୍ଭବ

ଭାରତରେ ପ୍ରତିବର୍ଷ ୨୮ ଫେବୃୟାରୀରେ ପାଳନ କରାଯାଉଛି ଜାତୀୟ ବିଜ୍ଞାନ ଦିବସ। ବୈଜ୍ଞାନିକମାନଙ୍କ ସମାଜ ପ୍ରତି ଅବଦାନକୁ କୃତଜ୍ଞତାର ସହ ସ୍ୱୀକୃତି ଦେବା ସହିତ ବିଜ୍ଞାନ ଶିକ୍ଷାକୁ ଆଗକୁ ନେବା ଏହି ଦିବସର ଲକ୍ଷ୍ୟ। ମୁଖ୍ୟତଃ ରମଣ ଇଫେକ୍ଟ ବା ରମଣ ପ୍ରଭାବର ଆବିଷ୍କାରକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ସାର୍ ସି. ଭି. ରମଣ ୨୮ ଫେବୃୟାରୀ ୧୯୨୮ରେ ରମଣ ଇଫେକ୍ଟ ବା ରମଣ ପ୍ରଭାବ ଆବିଷ୍କାର ସମ୍ପର୍କରେ ଘୋଷଣା କରିଥିଲେ। ଏଥିପାଇଁ ତାଙ୍କୁ ୧୯୩୦ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସି .ଭି.ରମଣ, ସତ୍ୟେନ୍ଦ୍ରନାଥ ବୋଷ, ଜଗଦୀଶ ଚନ୍ଦ୍ର ବୋଷ ଓ ମେଘନାଦ ଶାହା ଭାରତୀୟ ବିଜ୍ଞାନକୁ ମାର୍ଗ ଦେଖାଇଛନ୍ତି। ବିଶ୍ୱ ବିଜ୍ଞାନ ଦରବାରରେ ଭାରତକୁ ଅଧିଷ୍ଠିତ କରିବାରେ ସେମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନର ବିକାଶ ଭାରତରେ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରିଛି। ମହାକାଶ ବିଜ୍ଞାନ ଦୌଡ଼ରେ ସୁପର୍‌ପାୱାରଙ୍କ ସମକକ୍ଷ ହେବା ଲାଗି ଏବେ ଭାରତ ଅଗ୍ରସର ହୋଇଛି। ବିଜ୍ଞାନର ବିକାଶ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛି। ଶିଳ୍ପରେ ବି ବିଶ୍ୱସ୍ତରରେ ଭାରତ ଅଭୂତପୂର୍ବ ସଫଳତା ପାଇବାରେ ଲାଗିଛି। ବୈଜ୍ଞାନିକ ଡି. ଯୋଗେଶ୍ୱର ରାଓ କହିଥିଲେ-'ଆମଠାରେ ରହିଛି ଯଥେଷ୍ଟ ବୈଜ୍ଞାନିକ ମନୋଭାବ। ଏଠାରେ ବିଜ୍ଞାନ ପରିବେଶ ମଧ ବେଶ୍ ଅନୁକୂଳ। ତେଣୁ 'ଜ୍ଞାନ ଉତ୍ପାଦନ' କରିବାରେ ଆମେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିପାରିବୁ। ଅବଶ୍ୟ ଆମକୁ ଏଥିପାଇଁ 'ଉତ୍ପାଦନ' କରିବା ପାଇଁ ପଡିବ ଯଥେଷ୍ଟ ସଂଖ୍ୟାରେ ଉତ୍ସର୍ଗୀକୃତ ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟାବିତ୍।' କୁଶଳୀ 'ବିଜ୍ଞାନୀ-ବଳ' ସଂଗ୍ରହ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଉନ୍ନତି କରିବା ଅପରିହାର୍ଯ୍ୟ। ଏବେ ୩୦୦ରୁ ଅଧିକ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକରେ ରହିଛନ୍ତି ସାଢେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଜ୍ଞାନ ଛାତ୍ର। ଦେଶରେ ଆଇଆଇଟି ଓ ଅନ୍ୟାନ୍ୟ ବିଜ୍ଞାନ ପ୍ରତିଷ୍ଠାନଗୁଡିକ ବିଶ୍ୱରେ ଯଥେଷ୍ଟ ମାନ୍ୟତା ଲାଭ କରିଛି। ତେବେ ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ଉପରେ ଏହି ଦିବସ ଗୁରୁତ୍ୱ ପ୍ରାଦନ କରିଆସୁଛି। ପ୍ରୟୋଗାତ୍ମକ ବିଜ୍ଞାନ ମୌଳିକ ବିଜ୍ଞାନକୁ ଆଧାର କରି ପୁଷ୍ଟ ହୋଇଥାଏ। ସୁତରାଂ ମୌଳିକ ବିଜ୍ଞାନର ବିକାଶ ନ ହେଲେ ପ୍ରୟୋଗାତ୍ମକ ବିଜ୍ଞାନର ମୂଳଦୁଆ ସୁଦୃଢ଼ ହୋଇପାରିବନାହିଁ। ଏଣୁ ବିଜ୍ଞାନ ଦିବସରେ ଏହା ଉପରେ ଗଭୀର ଅନୁଚିନ୍ତାର ଆବଶ୍ୟକତା ରହିଛି। ଏବେ ଦେଶରେ ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରମାନଙ୍କୁ ଆକୃଷ୍ଟ କରିବା ପାଇଁ ପାଠ୍ୟକ୍ରମକୁ ବିଜ୍ଞାନାଭିମୁଖୀ କରଯିବା ଆବଶ୍ୟକ। ଆମ ଦେଶରେ ଉତ୍ସର୍ଗୀକୃତ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। ତେବେ ସେମାନଙ୍କ ଜ୍ଞାନ ଓ ଗବେଷଣାକୁ ପୁଞ୍ଜି କରି ଦେଶ ଆଗକୁ ଯିବାର ସମୟ ଏବେ ଉପନୀତ। ଭାରତ ବିଜ୍ଞାନ ରାସ୍ତାରେ କ୍ଷିପ୍ର ବେଗରେ ଢେର ଆଗକୁ ମାଡିଚାଲିଛି। ଆଉ କିଛି ବର୍ଷ ମଧରେ ବିଶ୍ୱରେ ଏକ ମହାଶକ୍ତି ରୂପେ ଭାରତ ଉଭା ହେବ ଏହା ଦୃଢତାର ସହ କୁହାଯାଇପାରେ। ୨୦୨୦ ପାଇଁ ଏହି ଦିବସର ସ୍ଲୋଗାନ ରହିଛି'ବିଜ୍ଞାନରେ ମହିଳା'।

– ଡା. ନିତ୍ୟାନନ୍ଦ ସ୍ୱାଇଁ
ସେକ୍ଟର-୬,ଅଭିନବ ବିଡ଼ାନାସୀ, କଟକ



# ୧ କିଲୋ ଜିଆଖତରୁ ୨ କୋଟିର ମାଲିକ

**ମିରଟ:** ଦୃଢ଼ ମନୋବଳ ଆଗରେ ସମସ୍ତ ବାଧାବିଘ୍ନ ହାର ମାନିଥାଏ। ଏହାର ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ମିରଟରେ ବାସ କରୁଥିବା ଅମିତ ତ୍ୟାଗୀ। ଏମ୍‌ବିଏ ପଢ଼ି ସେ ଚାକିରି କରିଥିଲେ। ତେବେ ଏହା ତାଙ୍କୁ ଆତ୍ମସନ୍ତୋଷ ଦେଇ ନ ଥିଲା। ତେଣୁ ସେ ଚାକରି ଛାଡ଼ି ନିଜେ କିଛି କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ୧୯୯୪ରେ ହରିଦ୍ୱାରର ଶାନ୍ତିକୁଞ୍ଜରୁ ୧ କିଲୋ ଜିଆ ଖତ କିଣି ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିଜର ୩ ଏକର ଜମିରେ ୩୫୦ଟି ଭର୍ମି ବେଡ୍ ତିଆରି କରି ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି କାର୍ଯ୍ୟ କରିଥିଲେ। ଧୀରେଧୀରେ ବ୍ୟବସାୟ ବଢ଼ିବାରେ ଲାଗିଲା। ଏବେ ସେ ୧୪ଟି ରାଜ୍ୟର ୬ ହଜାରରୁ ଅଧିକ ଚାଷୀଙ୍କୁ ଜିଆ ଖତ ଯୋଗାଉଛନ୍ତି। ତାଙ୍କର ବାର୍ଷିକ କାରବାର ୨ କୋଟି ଟଙ୍କା ଟପିଛି। ନିଜେ ରୋଜଗାର କରିବା ସହିତ ବେକାର ଯୁବବର୍ଗଙ୍କୁ ମଧ ସେ ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି ତାଲିମ ଦେଇ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରିଛନ୍ତି।



# ମନ୍ଦିର ଖନନ ବେଳେ ମିଳିଲା ୫୦୫ ସ୍ୱର୍ଣ୍ଣମୁଦ୍ରା

**ତିରୁଚିରାପଲି:** ତାମିଲନାଡୁର ତିରୁଚିରାପଲି ଜିଲା ଥିରୁଭାନୈକଭଲ ନିକଟରେ ଥିବା ଜମ୍ବୁକେଶ୍ୱର ମନ୍ଦିର ନିକଟରେ ଖନନ ଚାଲିଥିବା ବେଳେ ମାଟିତଳୁ ୫୦୫ଟି ସ୍ୱର୍ଣ୍ଣମୁଦ୍ରା ମିଳିଥିବା ଜଣାପଡିଛି। ଏହାର ଓଜନ ରହିଛି ୧.୭୧୬ କିଲୋଗ୍ରାମ। ବୁଧବାର ଶ୍ରମିକମାନେ ଜମ୍ବୁକେଶ୍ୱର ମନ୍ଦିର କାମ ପାଇଁ ଏହା ପରିସରରେ ଥିବା ମାଟି ଖୋଳିବା ସମୟରେ ପ୍ରାୟ ୭ ଫୁଟ ତଳେ ଏକ ତମ୍ବା ପାତ୍ର ମିଳିଥିଲା। ଆଉ ତା' ମଧରେ ଉକ୍ତ ସ୍ୱର୍ଣ୍ଣମୁଦ୍ରାଗୁଡିକ ଥିବା ଦେଖାଯାଇଥିଲା। ଏଥିରେ ଆରବିକ ଭାଷା ଲେଖାଯାଇଥିବା ବେଳେ ଏହା ୧୦୦୦-୧୨୦୦ ଖ୍ରୀଷ୍ଟାବ୍ଦର ବୋଲି କୁହାଯାଉଛି। ଆନୁମାନିକ ଭାବେ ଏହାର ମୂଲ୍ୟ ୬୮ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ପୋଲିସ ଉପସ୍ଥିତରେ ଏହାକୁ ଗଣନା କରାଯାଇ ସଂରକ୍ଷିତ ରଖାଯାଇଛି।



# ୫୧ ଲକ୍ଷରେ ବିକ୍ରି ହେଲା ମଇଁଷି

ହିସାର: ଅଧିକ କ୍ଷୀର ଦେଇ ବିଶ୍ୱ ରେକର୍ଡ କରିଥିବା ମୁରାହ ପ୍ରଜାତିର ମଇଁଷି ସରସ୍ୱତୀ ୫୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ହରିୟାଣାର ହିସାର ଜିଲାର ଲିତାନିରେ ବାସ କରୁଥିବା ସୁଖବୀର ସିଂ ଢ଼ାଣ୍ଡା ସରସ୍ୱତୀକୁ ଲୁଧିୟାନାର ପବିତ୍ର ସିଂଙ୍କୁ ବିକ୍ରି କରିଛନ୍ତି। ସରସ୍ୱତୀ ୩୩.୧୩୧ ଲିଟର କ୍ଷୀର ଦେଇ ରେକର୍ଡ କରିଥିଲା। ଏହି ରେକର୍ଡ ପୂର୍ବରୁ ପାକିସ୍ତାନର ଏକ ମଇଁଷି ନାମରେ ଥିଲା। ସେ ମଇଁଷି ୩୨.୦୫୦ ଲିଟର କ୍ଷୀର ଦେଉଥିଲା। ସୁଖବୀର ସରସ୍ୱତୀକୁ ଲକ୍ଷେ ୩୦ ହଜାର ଟଙ୍କାର କିଣିଥିଲେ। ତେବେ କ୍ଷୀର ଦେବାରେ ରେକର୍ଡ ହେବା ପରେ କାଳେ କିଏ ସରସ୍ୱତୀକୁ ଚୋରି କରିନେବ ସେଥିପାଇଁ ସୁଖବୀର ତାକୁ ବିକ୍ରି କରିଥିବା କହିଛନ୍ତି। ସରସ୍ୱତୀକୁ ବିଦାୟ ଦେବା ପାଇଁ ୭୦୦ରୁ ଅଧିକ ଚାଷୀ ଏକତ୍ରିତ ହୋଇଥିଲେ।





ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



# ୧୯ ଦିନର ଶିଶୁପୁତ୍ରକୁ ୧୦ ହଜାର ଟଙ୍କାରେ ବିକିଲା ମା'

ଭୁବନେଶ୍ୱର,୨୭।୨(ବ୍ୟୁରୋ)



ଚାଇଲ୍ଡ ଲାଇନ୍ ଓ ପୋଲିସ ପକ୍ଷରୁ ଭରତପୁର ବସ୍ତିରେ ତଦନ୍ତ କରାଯାଉଛି।

## ରାଜଧାନୀରେ ଦାରିଦ୍ର୍ୟର କରୁଣ ଚିତ୍ର

- ମଞ୍ଚେଶ୍ୱର ଥାନାଞ୍ଚଳରୁ ଉଦ୍ଧାର ହେଲା ଶିଶୁପୁତ୍ର
- ପୋଲିସ, ଚାଇଲ୍ଡ ଲାଇନ୍ ଦିନତମାମ ନାକେଦମ
- ଆଶା ଦିଦି ସାଜିଥିଲେ ମଧ୍ୟସ୍ଥ, କୋର୍ଟ କାଗଜରେ ହୋଇଥିଲା ଚୁକ୍ତି

ରାଜ୍ୟର ଉପାନ୍ତ ଅଞ୍ଚଳ କି ମଫସଲ ଗାଁ ନୁହେଁ, ଖୋଦ୍ ରାଜଧାନୀରେ ଦେଖିବାକୁ ମିଳିଛି ଦାରିଦ୍ର୍ୟର କରୁଣ ଚିତ୍ର। ଅଭାବ ଅନଟନରେ ଦିନକାଟୁଥିବା ଜଣେ ମା' ତା'ର ୧୯ଦିନର ଶିଶୁ ପୁତ୍ରକୁ ବିକି ଦେଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ବସ୍ତିରେ ଦେଖିବାକୁ ମିଳିଥିବା ଏହି ହୃଦୟବିଦାରକ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ଚାଇଲ୍ଡ ଲାଇନ୍ ଏନେଇ ଖଣ୍ଡଗିରି ଥାନାରେ ଏକ ଅଭିଯୋଗ କରିବା ପରେ ପୋଲିସ ଶିଶୁପୁତ୍ରର ମା' ଓ ବାପାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଦିନତମାମ କସରତ ପରେ ଶେଷରେ ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆରୁ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ କିଣିଥିବା ଏକ ଦମ୍ପତିଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଏହି ଘଟଣାକୁ ନେଇ ପୋଲିସ ଓ ଚାଇଲ୍ଡ ଲାଇନ୍‌କୁ ନାକେଦମ୍ ହେବାକୁ ପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଶିଶୁପୁତ୍ରର ବାପା ଓ ମା' ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ବାପା ଦୁଇଜଣଙ୍କୁ ବିବାହ କରିଛନ୍ତି। ଶିଶୁକୁ ବିକ୍ରି କରିଥିବା ମହିଳା ହେଉଛନ୍ତି ପ୍ରଥମ ସ୍ତ୍ରୀ। ପୂର୍ବରୁ ତାଙ୍କର ୪ ପିଲା ଥିବାବେଳେ ୧୯ଦିନ ତଳେ ଆଉଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କର ମଧ୍ୟ ୨ ପିଲା ଅଛନ୍ତି। ସବୁବେଳେ ପରିବାରରେ ଅଭାବ ସହ ଅଶାନ୍ତି ଲାଗି ରୁହେ। ଯେତିକି ମଜୁରି ପାଆନ୍ତି ତାହା ପିଲାଙ୍କ ପାଇଁ ନିଅଣ୍ଟ ହୁଏ। ସବୁବେଳେ ଅର୍ଥ ଚିନ୍ତାରେ ରହୁଥିବା ପ୍ରଥମ ସ୍ତ୍ରୀ ପଞ୍ଚମ ପିଲା ଜନ୍ମ କରିବା ପୂର୍ବରୁ ନିୟମିତ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ଚିକିତ୍ସା କରିଥାନ୍ତି। ଶିଶୁକୁ ଲାଳନପାଳନ କରିପାରିବେ ନାହିଁ ବୋଲି ସେ ସମ୍ପୃକ୍ତ ଆଶାକର୍ମୀଙ୍କୁ କହିଥିଲେ। ଏପିରି କି ଶିଶୁକୁ ବିକ୍ରି କରିଦେବେ ବୋଲି ଜଣାଇବା ସହ ଗ୍ରାହକ ଖୋଜିବାକୁ ମହିଳା ଜଣକ ଆଶାକର୍ମୀଙ୍କୁ କହିଥିଲେ। ପିଲା ନ ଥିବା ଏକ ଦମ୍ପତିଙ୍କୁ ଆଶାକର୍ମୀ ଜଣକ ଖୋଜି ପାଇବା ସହ ସେମାନଙ୍କ ସହ ଏନେଇ କଥାବାର୍ତ୍ତା ଶେଷ କରିଥିଲେ। ଶିଶୁପୁତ୍ର ଜନ୍ମ ହେବା ପରେ ଟଙ୍କା ଦେଣନେଣ ସ୍ଥିର ହୋଇଥିଲା। ଏନେଇ ଶିଶୁପୁତ୍ରର ମା'ବାପା ଓ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଏକ କୋର୍ଟ ପେପରରେ ଚୁକ୍ତି ହୋଇଥିଲା। ଏଥିରେ ଆଶାକର୍ମୀ ଓ ଅନ୍ୟ ୩ଜଣ ସାକ୍ଷୀ ରହିଥିଲେ। ଏଥିପାଇଁ ନଗଦ ଟଙ୍କା ଦିଆନିଆ ହୋଇଥିଲା। ଗତ ଶନିବାର ମହିଳା ଜଣକ ନିଜର ୧୯ ଦିନର ଶିଶୁପୁତ୍ରକୁ ଟଙ୍କା ବଦଳରେ ଉକ୍ତ ଦମ୍ପତିଙ୍କ ହାତକୁ ଟେକି ଦେଇଥିଲେ। ବସ୍ତିରେ ରହୁଥିବା ଅନ୍ୟ ଲୋକମାନେ ମହିଳାଙ୍କର ଶିଶୁପୁତ୍ର ହୋଇଥିବା ଦେଖିଥିଲେ। କିନ୍ତୁ ଶନିବାରଠାରୁ ଶିଶୁଟି ତାଙ୍କ ଘରେ ନ ଥିବା ଦେଖି ସେମାନେ ତାଙ୍କ ମା'ଙ୍କୁ ପଚାରିଥିଲେ। ହେଲେ ଶିଶୁଟି ମରିଗଲା ବୋଲି ମହିଳାଜଣକ ଉତ୍ତର ଦେଇଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ଚାଇଲ୍ଡ ଲାଇନ୍‌କୁ ଏ ସମ୍ପର୍କରେ ଜଣାଇଥିଲେ। ଚାଇଲ୍ଡ ଲାଇନ ଓ ଖଣ୍ଡଗିରି ପୋଲିସ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଶିଶୁପୁତ୍ରକୁ ୧୦ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ହେଲେ କିଣିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସେ କିଛି କହି ନ ଥିଲେ। ଏପଟେ ବାପା ଏ ସମ୍ପର୍କରେ କିଛି ବି ଜାଣି ନ ଥିବା ଓ ତାଙ୍କ ଅଜାଣତରେ ମା' ଶିଶୁପୁତ୍ରକୁ ବିକ୍ରି କରିଥିବା ପୋଲିସକୁ କହିଥିଲେ। ଉଭୟ ବାରମ୍ବାର କଥା ବଦଳାଇବାରୁ ପୋଲିସ ଓ ଚାଇଲ୍ଡ ଲାଇନ୍ ଅଡୁଆରେ ପଡ଼ିଥିଲା। ଅନ୍ୟପକ୍ଷରେ ଶିଶୁପୁତ୍ରକୁ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ସ୍ଥାନୀୟ ଲୋକେ କହିବା ସହ ସମସ୍ତ ସୂଚନା ପୋଲିସକୁ ଦେଇଥିଲେ। ବିଭିନ୍ନ ସୂଚନାକୁ ଆଧାର କରି ପୋଲିସ ଓ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ଶିଶୁପୁତ୍ରଙ୍କୁ ଶେଷରେ ଉଦ୍ଧାର କରିବାରେ ସଫଳ ହୋଇଥିଲେ।

ଏନେଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି, କିଶୋର ନ୍ୟାୟ ଆଇନ ୨୦୧୫ ଧାରା ୮୧ ଅନୁସାରେ ଯିଏ ଶିଶୁଙ୍କୁ ବିକ୍ରି କରୁଛନ୍ତି ଏବଂ ଯିଏ କିଣିଛନ୍ତି ସେମାନଙ୍କ ବିରୋଧରେ ୫ ବର୍ଷ କାରଦଣ୍ଡ ବ୍ୟବସ୍ଥା ରହିଛି। ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ମା'ର ବୟାନ ଆଧାରରେ ଶିଶୁପୁତ୍ରକୁ ଉଦ୍ଧାର କରିବା ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇ ଚିକିତ୍ସା ଚାଲିଛି। ଚାଇଲ୍ଡ ଲାଇନ୍‌ର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ଶିଶୁପୁତ୍ରକୁ ବିକ୍ରି କରିଥିବା ମା', କିଣିଥିବା ଦମ୍ପତି ଓ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।

# ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ବିଜୟୀ

ଝାରସୁଗୁଡ଼ା ଅଫିସ,୨୭।୨

## ଝାରସୁଗୁଡ଼ା ଜିଲା ଆନ୍ତଃକ୍ଲବ ସିନିୟର କ୍ରିକେଟ ଲିଗ୍

ଝାରସୁଗୁଡ଼ା ସହର ବିଟିଏମ୍ ପଡ଼ିଆଠାରେ ଚାଲିଥିବା ଜିଲା ଆନ୍ତଃକ୍ଲବ ସିନିୟର କ୍ରିକେଟ ଲିଗ୍ ପ୍ରତିଯୋଗିତାର ଗୁରୁବାର ୫ମ ମ୍ୟାଚ ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ଓ ସାଇନିଂ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଏହି କ୍ଲବ ୫୦ ଓଭରରେ ୮ ଉଇକେଟ ହରାଇ ୪୪୬ ରନ କରିଥିଲା। ଦଳ ପକ୍ଷରୁ ରଣଜିତ୍ ଯାଦବ ୯୦ ବଲରେ ୧୩୫ ରନ କରି ଆଉଟ ହୋଇଥିଲେ। ସେହିପରି ସାଇନିଂ ଷ୍ଟାର କ୍ରିକେଟ କ୍ଲବ ୧୦ ଉଇକେଟ ହରାଇ ୨୬.୫ ଓଭର ରେ ୫୮ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରୋଗ୍ରେସିଭ କ୍ରିକେଟ କ୍ଲବ ୩୮୮ରନ ରେ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଆମ୍ପାୟର ମହେଶ ମୁନସି ଓ ବିଭୂତି ପାତ୍ର । ଅଙ୍କିତ ମହାନ୍ତି, ପ୍ରଶାନ୍ତ ଜେନା ଅନ୍ ଲାଇନ ସ୍କୋରର ଏବଂ ଅରୁଣ ପଣ୍ଡିତ ମାନୁଏଲ ସ୍କୋରର ଦାୟିତ୍ୱରେ ଥିଲେ। ଏହି ମ୍ୟାଚ୍‌କୁ ଟାଇକୋଣ୍ଡର ଜାତୀୟ ପରିଚାଳକ ସୁନ୍ଦରମଣି ପଟେଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୈବଲ୍ୟ ମିଶ୍ର ଯୋଗଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଝାରସୁଗୁଡ଼ା କ୍ରୀଡା ସଂଘର ଉପସଭାପତି ଜୀବନ ମହାନ୍ତି ,ଓଡ଼ିଶା କ୍ରିକେଟ ଆସୋସିଏଶନର ସହ-ସମ୍ପାଦକ ମେହେତାବ ଖାନ୍, ଶୋଭନ ଦେବ, ପ୍ୟାରୀଲାଲ ଶ୍ରୀବାସ୍ତବ ଓ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରୋଗ୍ରେସିଭ କ୍ଲବର ରଣଜିତ୍ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା।

# ଲଟେରି ନାଁରେ ଠକିନେଲେ ୯୩ ହଜାର

କାଶୀନଗର, ୨୭।୨(ଡି.ଏନ୍.ଏ.)

ଅଜଣା ଫୋନ୍ କଲ୍ ଦ୍ୱାରା ପ୍ରଭାବିତ ହୋଇ ଠକାମିରେ ନ ପଡ଼ିବା ପାଇଁ ଆମ ପୋଲିସ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ଲୋକ ଠକଙ୍କ ହାବୁଡ଼ରେ ପଡୁଛନ୍ତି। ଗଜପତି ଜିଲା କାଶୀନଗର ୧୧ ନଂ ୱାର୍ଡ ଅଞ୍ଚଳରୁ ଏପରି ଏକ ଠକେଇ ଅଭିଯୋଗ ଆସିଛି। ଅଞ୍ଚଳର ମାନ୍ଦ୍ରାଡ଼ା ରାଜୁ ଜିଏଲ୍‌ଏକ୍ସ କାର୍ ଲୋଭରେ ୯୩ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି।

ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ରାଜୁଙ୍କୁ ଫୋନ୍ କରି ତୁମକୁ ଲଟେରିରେ କାର୍ ମିଳିଛି, ଅବିଳମ୍ବେ କାର୍ ପହଞ୍ଚିଯିବ ବୋଲି କହିଥିଲେ। ତେବେ ରୋଡ୍ ଟାକ୍ସ ବାବଦକୁ ୩ ହଜାର ୧ଶହ ଟଙ୍କା, ସର୍ଭିସ୍ ଚାର୍ଜ ବାବାଦକୁ ୧୨ ହଜାର ୫ଶହ ଟଙ୍କା, କାଗଜପତ୍ର ପାଇଁ ୧୯ ହଜାର ୪ଶହ ଟଙ୍କା ଏବଂ ଅନ୍ୟାନ୍ୟ ବାବଦରେ ୫୮ ହଜାର ୧ଶହ ଟଙ୍କା ଏଭଳି ମୋଟ ୯୩ ହଜାର ୧ଶହ ଟଙ୍କା ଏକ ଆକାଉଣ୍ଟ ନମ୍ବରରେ ଜମା କରିବାକୁ ହେବ ବୋଲି କହିଥିଲେ। ରାଜୁ ତାଙ୍କ ସାଙ୍ଗ ଗୋବିନ୍ଦ ଲୁହକବାଟଙ୍କ ମୋବାଇଲ୍ ଆପ୍ ଜରିଆରେ କିସ୍ତିରେ ସମସ୍ତ ଟଙ୍କା ପଠାଇଥିଲେ। ୨୬ ତାରିଖରେ ଉକ୍ତ ଠକ ବ୍ୟକ୍ତି ପୁଣି ଫୋନ୍ କରି କାଶୀନଗର ନିକଟସ୍ଥ ଆନ୍ଧ୍ର ପ୍ରଦେଶ ନିମିଗାଁ ନିକଟରେ କାର୍ ରହିଛି, ବଳକା ୨୦ହଜାର ଟଙ୍କା ଜମା କର ବୋଲି କହିଥିଲେ। ଏଥିରେ ରାଜୁଙ୍କ ମନରେ ସନ୍ଦେହ ହେବାରୁ ସେ ଏ ନେଇ କାଶୀନଗର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି କେସ୍ ନଂ. ୨୨/୨୦ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ବିଭିନ୍ନ ସମୟରେ ସଚେତନ କରାଯିବା ସତ୍ତ୍ୱେ ଲୋକେ ଏପରି ଠକେଇର ଶିକାର ହେବା ଦୁର୍ଭାଗ୍ୟଜନକ ବୋଲି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

# ମୃତ୍ୟୁ ପରେ ବି ଅମର ହେଲେ ସୁଚିତ୍ରା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

## ଦ୍ୱିତୀୟ କାଡାଭେରିକ ପ୍ରତିରୋପଣ

ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ସଫଳ ହୋଇଛି କାଡାଭେରିକ ପ୍ରତିରୋପଣ। ବୁଧବାର ରାତିରେ ଭୁବନେଶ୍ୱରସ୍ଥିତ ଆପୋଲୋ ଏବଂ ଆମ୍ରି ହସ୍ପିଟାଲରେ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ମାଧ୍ୟମରେ ସଫଳତାର ସହ ଦୁଇଜଣଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଅଙ୍ଗଦାନ କରି ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇ ସବୁଦିନ ପାଇଁ ଅମର ହୋଇଯାଇଛନ୍ତି ଭୁବନେଶ୍ୱରର ସୁଚିତ୍ରା ଦାଶ। ସୁଚିତ୍ରା ମୃତ୍ୟୁପରେ ମଧ୍ୟ ୫୪ ବର୍ଷୀୟ ଜଗନ୍ନାଥ ସୁର ଏବଂ ମିନତି ସାମନ୍ତରାୟଙ୍କ ଜୀବନ ବଞ୍ଚାଇପାରିଛନ୍ତି।

ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୁଚିତ୍ରା ଦାଶ ବ୍ରେନଡେଡ୍ ଘୋଷିତ ହେବାପରେ ପରିବାର ସଦସ୍ୟଙ୍କ ସହମତିକ୍ରମେ ତାଙ୍କ ଅଙ୍ଗଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୀର୍ଘ ୩ ଘଣ୍ଟାର ଲମ୍ବା ଅସ୍ତ୍ରୋପଚାର ପରେ ସଫଳତାର ସହ ସୁଚିତ୍ରାଙ୍କ ଶରୀରରୁ ଦୁଇଟି କିଡ୍‌ନୀ ବାହାର କରାଯାଇଥିଲା। ଏହାମଧ୍ୟରୁ ଗୋଟିଏ କିଡ୍‌ନୀ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗଞ୍ଜାମ ଜିଲାର ଜଗନ୍ନାଥ ସୁରଙ୍କ ଶରୀରରେ ପ୍ରତିରୋପଣ ହୋଇଥିଲା। ହସ୍ପିଟାଲର ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞ ଟିମ୍ ଦ୍ୱାରା ଅସ୍ତ୍ରୋପଚାର କରାଯାଇଥିଲା। ଏପଟେ ଅନ୍ୟ କିଡ୍‌ନୀକୁ ବେଶ୍ ସଚେତନତାର ସହ ଆମ୍ରି ହସ୍ପିଟାଲ ପଠାଯାଇଥିଲା। ରାତି ପ୍ରାୟ ୩ଟାରେ ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ମିନତି ସାମନ୍ତରାୟଙ୍କ ଶରୀରରେ ପ୍ରତିରୋପଣ ହୋଇଥିଲା। ତେବେ ଏହି କିଡ୍‌ନୀରେ ଗୋଟିଏ ପରିବର୍ତ୍ତେ ଦୁଇଟି ରେନାଲ୍ ଆର୍ଟେରୀ ସଂଯୋଗ ଥିବାରୁ ଏହାକୁ ପ୍ରତିରୋପଣ କରିବା ଡାକ୍ତରଙ୍କ ପାଇଁ କଷ୍ଟକର ହୋଇଥିଲା। ଡା. ସୁବୋଧ ଦାସ ଏବଂ ଡା. ସୁକାନ୍ତ କିଶୋର ଦାସଙ୍କ ନେତୃତ୍ୱରେ ଦୀର୍ଘ ସମୟର ଅସ୍ତ୍ରୋପଚାର ପରେ ଏହା ସଫଳ ହୋଇଥିଲା। ବର୍ତ୍ତମାନ ରୋଗୀ ଜଣକ ଆକ୍ଟିଭ୍ ଲାଇଫ୍ ସପୋର୍ଟରେ ରହିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉଥିବା ଆମ୍ରି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର

ପୁରୀ ଅଫିସ,୨୭।୨

ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି କିଡ୍‌ନୀ ଡୋନର ସୁଚିତ୍ରା ଦାଶଙ୍କ ଅନ୍ତିମ ସଂସ୍କାର। ବୁଧବାର ସୁଚିତ୍ରାଙ୍କ ଦୁଇଟି କିଡ୍‌ନୀ ଭୁବନେଶ୍ୱରସ୍ଥିତ ଆପୋଲୋ ଓ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଦୁଇଜଣ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ସୁଚିତ୍ରାଙ୍କ ଯୋଗୁ ସମ୍ପୃକ୍ତ ରୋଗୀ ଦ୍ୱୟ ନୂଆ ଜୀବନ ପାଇଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟିଛି। ଗୁରୁବାର ସୁଚିତ୍ରାଙ୍କ ପରିବାର ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା ସୁଚିତ୍ରାଙ୍କ ପାର୍ଥିବ ଶରୀର। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କ ସମ୍ପର୍କରେ ଜାଣିବା ପରେ ଶେଷ ଦର୍ଶନ କରିଥିଲେ। ସୁଚିତ୍ରା ମରିନାହାନ୍ତି, ବରଂ ଅନ୍ୟମାନଙ୍କ ହୃଦୟରେ ଚିରଦିନ ଲାଗି ରହିଗଲେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଥିଲାଗି ମୁଁ ଗର୍ବ ଅନୁଭବ କରୁଛି ବୋଲି ସୁଚିତ୍ରାଙ୍କ ସ୍ୱାମୀ ଗୋପାଳ ଦାଶ ଗଣମାଧ୍ୟମ ଆଗରେ କହିଛନ୍ତି।

# ଦୁର୍ଘଟଣାରେ ଦାଦା-ପୁତୁରା ମୃତ

ଜେକେପୁର,୨୭।୨(ଡି.ଏନ୍.ଏ.)

ରାୟଗଡ଼ା ବ୍ଲକ କାର୍ଲାକଣା ପଞ୍ଚାୟତର ନୂଆଅଙ୍ଗୁର ଗ୍ରାମଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ ଟ୍ରାକ୍ଟରକୁ ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ କଲ୍ୟାଣସିଂପୁର ବ୍ଲକର କୁରୁଥେଲି ଗ୍ରାମର ବୃନ୍ଦାବନ କରକରିଆ ଓ ସଞ୍ଜୟ କରକରିଆ। ଉଭୟ ସମ୍ପର୍କରେ ଦାଦା ପୁତୁରା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିରେ ଉତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ବୃନ୍ଦାବନ ଓ ସଞ୍ଜୟ ସ୍ଥାନୀୟ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି। ସେମାନେ କାମ ସାରି ରାତିରେ ଘରକୁ ଫେରୁଥିଲେ। ନୂଆଅଙ୍ଗୁର ଗ୍ରାମ ରାସ୍ତା ମଝିରେ ଏକ ଟ୍ରାକ୍ଟର ଖରାପ ହୋଇ ଅଟକି ରହିଥିଲା। ବାଇକ୍ ଆରୋହୀ ଜାଣି ନ ପାରି ଟ୍ରାକ୍ଟର ପଛକୁ ଧକ୍କା ଦେଇଥିଲେ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
OHPC
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE – 06854-242001, FAX – 06854242038
E-mail: sgmel_ukhep@ohpcltd.com, CIN:U401010R1995SGC003963

**e-PROCUREMENT NOTICE No.- UKHEP/ET – 13/2019-20, Dated 20.02.2020**

No.CAD-1009 :- The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) | Cost of bid document | Cl ass of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Repair of connecting Bituminous road from NH-26 to PH Main gate, UKHEP, Bariniput | 24,27,386/- | 24,500/- | 7080 (Rs.6000+18% GST) | "B" & "C" Class | From 10:00 A.M. of 04.03.2020 to 17:00 Hrs of 18.03.2020 | At 11.30 Hrs. of 21.03.2020 |

**1.** The Bidders have to participate in ONLINE bidding only through the Govt.e-Procurement portal **www.tendersorissa.gov.in** by using their compatible Digital Signature Certificate (DSC) . **2.** Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

**Unit Head, UKHEP, Bariniput**
**OIPR-04002/11/0067/1920**



ଅଧୀକ୍ଷକଙ୍କ କାର୍ଯ୍ୟାଳୟ

**ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ**

ପତ୍ରସଂଖ୍ୟା: ୫୧୨୦ / ତା୨୭।୦୨।୨୦୨୦

**ବିଜ୍ଞାପନ**

**No. E-772:-** ଏତଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା କି, ସେମାନଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଶୃଙ୍ଖଳାଗତ ମାମଲାର ଶୁଣାଣିପୂର୍ବକ ନିମ୍ନବର୍ଣ୍ଣିତ ଦଣ୍ଡ ବିଧାନର ପ୍ରସ୍ତାବ ରହିଅଛି, O.C.S. (C.C.A.) Rules 1962ର ନିୟମ ୧୫ର ୧୦(ଖ) ପ୍ରକାରେ ସେମାନେ ଏହା ଉପରେ ସେମାନଙ୍କ ଦାବି/ଆପତ୍ତି ଉକ୍ତ ନୋଟିସ୍ ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇ ପାରିବେ ନତୁବା ଉପରୋକ୍ତ ଦଣ୍ଡକୁ ଚୂଡ଼ାନ୍ତ ପୂର୍ବକ ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

**୧. ଶ୍ରୀ ଦେବପ୍ରସାଦ ବାରିକ**
ପରିଚାଳକ, ପ୍ରତୀକ ସଂଖ୍ୟା-୪୧
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ମାର୍ଫତ୍- ଝରି ବାରିକ, ଗ୍ରାମ- ପଞ୍ଚପଲ୍ଲୀ, ପୋଷ୍ଟ- ଖୋରର୍ଦ୍ଧା, ଭାୟା-କନକପୁର, ଥାନା- ଏରସମା, ଜିଲ୍ଲା- ଜଗତସିଂହପୁର

**୨. ଶ୍ରୀ ବ୍ରଜକିଶୋର ନାଏକ**
ଝାଡ଼ୁଦାର, ପ୍ରତୀକ ସଂଖ୍ୟା- ୧୦୨୨
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ପିତା- ଅର୍ପିତ ନାଏକ, ସା- ହରିଜନ ସାହି, ରାଣୀହାଟ, ପୋ- ମେଡ଼ିକାଲ କ୍ୟାମ୍ପସ, ଥାନା- ମଙ୍ଗଳାବାଗ, ଜିଲ୍ଲା- କଟକ, ପିନ୍-୭୫୩୦୦୭

**୩. ଶ୍ରୀମତୀ ବସନ୍ତ ଦେଇ**
ଝାଡ଼ୁଦାର, ପ୍ରତୀକ ସଂଖ୍ୟା- ୩୯୯
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ସା- ଗୋପପୁର, ପୋ/ଥାନା- ବଡ଼ମ୍ବା, ଜିଲ୍ଲା- କଟକ, ପିନ୍-୭୫୪୦୩୧

**ପ୍ରସ୍ତାବିତ ଦଣ୍ଡର ବିବରଣୀ:** ସରକାରୀ ଚାକିରିରୁ ବରଖାସ୍ତ O.C.S. (C.C.A.) Rules 1962ର ନିୟମ ୧୩(୮) ପ୍ରକାରେ ଓ ଓଡ଼ିଶା ସର୍ଭିସ କୋଡ୍ ପାରା ୭୨ ପ୍ରକାରେ।

**ସ୍ୱା./- ପ୍ରଶାସନିକ ଅଧିକାରୀ**
**ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ**
OIPR-10011/11/0041/1920


# 'ଉତ୍ପାଦନ ସହ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ'



ଖବରଦାତା ସମ୍ମିଳନୀରେ ସିଆଇଏଲ୍ ଅଧ୍ୟକ୍ଷଙ୍କ ସହ ଟେକ୍ନିକାଲ ଡାଇରେକ୍ଟର ଓ ଏମ୍‌ସିଏଲ୍ ସିଏମ୍‌ଡି ଉପସ୍ଥିତ ଅଛନ୍ତି।

ତାଳଚେର,୨୭।୨(ନି.ପ୍ର.)

## ଏମ୍‌ସିଏଲ୍ ଖଣି ପରିଦର୍ଶନ କଲେ ସିଆଇଏଲ୍ ଅଧ୍ୟକ୍ଷ

ଦେଶ ଅଗ୍ରଗତି କରୁଥିବା ବେଳେ କୋଇଲାର ଚାହିଦା ଦିନକୁ ଦିନ ବଢୁଛି। ତେଣୁ କୋଇଲା ଉତ୍ପାଦନ ଓ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଶୁକ୍ରବାର ତାଳଚେର ଗସ୍ତ ଅବସରରେ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

ଦୁଇଦିନିଆ ଏମ୍‌ସିଏଲ୍ ଗସ୍ତରେ ଆସିଥିବା ସିଆଇଏଲ୍ ଅଧ୍ୟକ୍ଷ ଶୁକ୍ରବାର ତାଳଚେରରେ ଥିବା ଏମ୍‌ସିଏଲ୍‌ର ବିଭିନ୍ନ ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ୬୬୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଫେବୃୟାରୀ ୨୬ ସୁଦ୍ଧା ସେଥିରୁ ୫୧୦.୩୦ ମିଲିୟନ ଟନ୍ ଉତ୍ତୋଳନ ସରିଛି। ଗତବର୍ଷ ତୁଳନାରେ ଏହା ୨.୫ ପ୍ରତିଶତ ପଛରେ ରହିଛି। କାରଣ ବର୍ଷା ଯୋଗୁ ଗତ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ଉତ୍ତୋଳନ ହ୍ରାସ ପାଇଥିଲା। ତେବେ ଡିସେମ୍ବର ଠାରୁ ଉତ୍ପାଦନ ବୃଦ୍ଧି ପାଇଛି। ଆଗାମୀ ୨୦୨୩-୨୪ରେ ସିଆଇଏଲ୍ ୧୦୦୦ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର ଯୋଜନା କରିଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଅଗ୍ରୱାଲ ପ୍ରଥମେ କଣିହାଁ ଓପନକାଷ୍ଟ ଖଣି ପରିଦର୍ଶନ କରିଥିଲେ। ପରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଏଥିସହ ହିଙ୍ଗୁଳା ଓ ଭରତପୁର କୋଇଲା ଖଣି ମଧ୍ୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଗଣମାଧ୍ୟମ ପ୍ରତିନିଧି, ୟୁନିୟନ ପ୍ରତିନିଧିଙ୍କୁ ଭେଟିବା ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ହିଙ୍ଗୁଳା ମନ୍ଦିର ଠାରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଏହି କାର୍ଯ୍ୟକ୍ରମ ବେଳେ ସିଆଇଏଲ୍ ଟେକ୍ନିକାଲ ଡାଇରେକ୍ଟର ଏସ୍.ଏନ୍. ତିୱାରି, ଏମ୍‌ସିଏଲ୍ ସିଏମ୍‌ଡି ଭୋଳାନାଥ ଶୁକ୍ଲା, ଏମ୍‌ସିଏଲ୍ ଟେକ୍ନିକାଲ ଡାଇରେକ୍ଟର ଓ.ପି. ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523, Fax: (0674) 2395245
File No. B-IV-H-(ALMC)-8/19 Ltr. No. 8419 — Bhubaneswar, the 25th Feb. 2020
No.: B-763

**1st CORRIGENDUM**

**Bid Identification No. CE(B) - 28/2019-20**
**Name of the Work:** "Construction of 100 seated New Govt. Medical College & Teaching Hospital at Jajpur and Teaching Hospital for the New Govt. Medical College at Puri on Turnkey Basis in the State of Odisha".
The following corrigendums are made to Bid Identification No. CE(B)-28/2019-20 issued vide T.O. Letter No. 6856 Dtd.14th Feb. 2020.
1. The Bid Security may be read as Rs.5,15,00,000/- instead of Rs.4,96,76,500/-.
2. The time period of following dates are extended as given below.

| Description of Activity | Scheduled Date | Extended Date |
|---|---|---|
| Bid documents shall be available for downloading | Dt.25.02.2020 | Dt.28.02.2020 |
| Pre-bid Meeting shall be held | Dt.06.03.2020 at 11.00 A.M. | Dt.11.03.2020 at 11.00 A.M. |
| Online submission of Bids shall be on or before | Dt.18.03.2020 upto 5.30 P.M. | Dt.15.04.2020 upto 5.30 P.M. |
| Hardcopy shall be received on or before | Dt.25.03.2020 upto 5.30 P.M. | Dt.20.04.2020 upto 5.30 P.M. |
| Bids received online on due date and time, shall be opened | Dt.26.03.2020 at 11.30 A.M. | Dt.21.04.2020 at 11.30 A.M. |

3. All other terms and conditions remain unchanged.

**Sd./- Chief Engineer (Buildings)**
**OIPR - 34117/11/0069/1920**



**ODISHA BRIDGE & CONSTRUCTION CORPORATION LTD.**
*(A Government of Odisha Undertaking)*
SETU BHAVAN, NAYAPALLI, BHUBANESWAR-12
PH.NO. 0674 -2390043
FAX NO. 0674-2396326
E Mail: mdobcc@gmail.com
OBCOL

**'e'-PROCUREMENT NOTICE**
CAD-1024

**BID IDENTIFICATION NO.11/TOLL/OBCC/2019-20.**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gates as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. and R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Veden Bridge toll gate,Soida-Kalpara. (**R.D. Toll gate**) | 8,47,500/- | 84,750/- | 4,000/-+ 480/-(GST) | 15.04.20 to 14.04.21 |
| 2. | H.L.Bridge over river Kolab near Pithaguda on Similiguda-Handiput Road. | 25,34,830/- | 2,53,483/- | 6,000/-+ 720/-(GST) | 01.05.20 to 30.04.21 |
| 3. | Mahanadi bridge toll gate near Sonepur on Sambalpur-Sonepur Road. | 1,78,50,000/- | 17,85,000/- | 10,000/-+ 1200/-(GST) | 01.05.20 to 30.04.21 |
| 4. | Toll gate on Balasore-Mitrapur-Baincha road toll gate. | 21,42,208/- | 2,14,221/- | 6,000/-+ 720/-(GST) | One year from the effective date of Agmt. |

2. Date and time **for online bidding for the above toll gates starts from 10.00 A.M. of dt. 29.02.2020 to 5.00 P.M. of dt. 11.03.2020 .**
3. Bid shall be received **only in "online" on or before 5.00 P.M. of dt. 11.03.2020** & shall be opened at **11.30 A.M. on dt.12.03.2020.**
4. EMD and Cost of bid document as specified against the toll gates in the above table Column-4 & 5 will be **transferred through online** only as per the procedure mentioned in the DTCN. Further details can be seen from the web site **https://tendersodisha.gov.in**
5. Any changes/corrigendum will be displayed in the web site only.

Sd/-
**GENERAL MANAGER (CIVIL)**
OIPR-34106/11/0047/1920



**DEPARTMENT OF WATER RESOURCES**
**ODISHA COMMUNITY TANK DEVELOPMENT MANAGEMENT SOCIETY**
**7th Floor Rajeev Bhawan, Bhubaneswar.**
Ph.. 0674-2542252, E-Mail: spuoiipcra.od@gov.in — No. A-720
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE(OIIPCRA) REQUEST FOR BIDS (RFB)**
**E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
Date : 25.02.2020 — RFB No:OIIPCRA-W2-3/2020

| | | |
|---|---|---|
| Name of Work | : | Civil Construction works (Rehabilitation of Minor Irrigation Projects under OIIPCRA) |
| No.of works | : | 11 (Eleven) Packages comprising 34 Projects. |
| Estimated Cost | : | Ranges from Rs. 194.08 to 1022.051Lakhs App. of each package |
| Cost of Bid Document | : | Free of Cost |
| Period of Completion | : | 15 (Fifteen) calendar Months for each package |
| Availability of bid documents | : | From 4.03.2020, 10.00 Hrs. to 3.04.2020 up to 13.30 Hrs in the e-procurement website https://tendersodisha.gov.in |
| Date of Pre-Bid Meeting | : | 16th March 2020 |
| Last date of receipt of bid | : | Up to 3.04.2020,13.30 Hrs. through online |
| Date of opening of Technical Bid | : | On dt: 3.04.2020 at 14.00 Hrs |
| Name & Address of the Office Inviting Tender (OIT) | : | Project Director, OCTDMS - cum-Additional Secretary, DoWR, Odisha, 7th Floor Rajeev Bhawan , Bhubaneswar, Ph.-0674-2542252, E-Mail:spuoiipcra.od@gov.in |
| Further details can be seen from the e-Procurement site. | : | https://tendersodisha.gov.in & https://dowrodisha.gov.in |

**Sd/-Dr.Kamal Lochan Mishra**
**Project Director, OCTDMS-cum-Additional Secretary to Govt., DoWR, Odisha**
**OIPR-32234/11/0002/1920**


See Career Appointment on every Wednesday & Saturday

# ସୁଇମିଂ କୁଇନ୍ ଦାମିନୀ

**ମାତ୍ର ୧୭ ବର୍ଷରେ ସାଉଥ୍ ଏସିଆନ ଗେମ୍ସରେ ୪ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା କର୍ନାଟକର ଦାମିନୀ ଗୌଡ଼ା ଏବେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସନ୍ତରଣରେ ସେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ମୋଟ୍ ୬ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏମ୍‌ବିବିଏସ୍ କରୁଥିବା ଦାମିନୀଙ୍କୁ ପାଠ, କ୍ରୀଡ଼ା ଓ ସୁନ୍ଦରତାର ଏକ ବିରଳ ସଂଯୋଗ ବୋଲି କୁହାଯାଇପାରେ...**

ପ୍ରସ୍ତୁତି: ରଞ୍ଜନ କୁମାର ରାୟ





ମା' ହେମଲତାଙ୍କ ସହ ଦାମିନୀ

ମହିଳା ସନ୍ତରଣକାରୀ ଦାମିନୀ ଗୌଡାଙ୍କ ପରିଚୟର ଆବଶ୍ୟକତା ନାହିଁ। ପୂର୍ବରୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଦାମିନୀ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ବେଙ୍ଗାଲୁରୁସ୍ଥିତ ରାଜୀବ ଗାନ୍ଧୀ ହେଲ୍‌ଥ ସାଇନ୍ସ ବିଶ୍ୱବିଦ୍ୟାଳୟରେ ମେଡିସିନରେ ଦ୍ୱିତୀୟ ବାର୍ଷିକ ଛାତ୍ରୀ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭୁବନେଶ୍ୱରରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ମଧ୍ୟ ସେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ସେ ୧୦୦ ଓ ୨୦୦ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସେ ୧୦୦ ଓ ୨୦୦ ମି. ବଟରଫ୍ଲାଏରେରେ ଯଥାକ୍ରମେ ରୌପ୍ୟଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହିତ ୪x୧୦୦ ମିଡଲରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ମୋଟ ଉପରେ ୬ଟି ପଦକ ହାସଲ କରି ସାଥିରେ ଖେଳାଳିଙ୍କୁ ପଛରେ ପକାଇଛନ୍ତି।

ଗତ ୧୪ ବର୍ଷ ହେବ ସେ ସନ୍ତରଣ ସହିତ ଜଡିତ ରହିଆସିଛନ୍ତି। ୧୦୦ ଓ ୨୦୦ମିଟର ବଟରଫ୍ଲାଏରେ ସେ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେ ୩ଥର ଜାତୀୟ ଚାମ୍ପିୟନ ରହିଛନ୍ତି। ଜୁନିୟରସ୍ତରରେ ମଧ୍ୟ ସେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି।

ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ବେଶ୍ ସଫଳତାର ସହ ଚାଲୁ ରହିଛି ବୋଲି ସେ କୁହନ୍ତି। ଏଠାକାର ପରିବେଶ କ୍ରୀଡ଼ା ପାଇଁ ବହୁତ ଭଲ। କ୍ରୀଡ଼ା ଭିତ୍ତିଭୂମି ମଧ୍ୟ ଉଚ୍ଚକୋଟୀର। ଏଠାକୁ ଆସିବା ପୂର୍ବରୁ ଭୁବନେଶ୍ୱରରେ ଏଭଳି ଭିତ୍ତିଭୂମୀ ଥିବ ବୋଲି ଭାବି ନ ଥିଲି। ଆୟୋଜକଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଛନ୍ତି। ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଭିତ୍ତିଭୂମି ତଥା ସୁବିଧା ସୁଯୋଗ ଭୁବନେଶ୍ୱରରେ ରହିବା ନିଶ୍ଚିତ ଭାବେ ବଡ଼ କଥା ବୋଲି ସେ କୁହନ୍ତି। ଯେତେ ସମ୍ଭବ କ୍ରୀଡ଼ା ତଥା ସନ୍ତରଣ ସହିତ ଜଡିତ ରହିବାକୁ ପ୍ରୟାସ କରିବି। ଏବେ ଖେଳରେ ମନ ଦେବି। ୨୧ ବର୍ଷରେ ପଦାର୍ପଣ କରିଥିବା ଦାମିନୀ ଏମ୍‌ବିବିଏସ୍ କମ୍ପ୍ଲିଟ୍ କରିବାକୁ ଚାହାନ୍ତି। କ୍ରୀଡ଼ା ହେଉଛି ମୋର ପ୍ରଥମ ପସନ୍ଦ। ତେବେ ଅଲିମ୍ପିକ୍ ଖେଳିବା ନେଇ ସେତେଟା ଆଶାବାଦୀ ନୁହନ୍ତି। ଏମ୍‌ବିବିଏସ୍ କରୁ ନ ଥିଲେ ଅଲିମ୍ପିକ କଥା ଚିନ୍ତା କରିଥାନ୍ତି ବୋଲି ସେ କୁହନ୍ତି। ଓଡ଼ିଶାର କ୍ରୀଡ଼ା ପ୍ରଶଂସକ ବେଶ୍ ଆମକୁ ସମର୍ଥନ ଜଣାଇବା ସହ ଉତ୍ସାହିତ କରିଛନ୍ତି। ଆମର ଇଭେଣ୍ଟ ଶେଷ ହୋଇଥିବାରୁ ଓଡ଼ିଶାର ବିଭିନ୍ନ ଐତିହାସିକ ତଥା ଦର୍ଶନୀୟସ୍ଥାନ ବୁଲିବାକୁ ଯିବୁ। ପୁରୀ, କୋଣାର୍କ, ଧଉଳି ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲିଯିବୁ। ଏହି ଇଭେଣ୍ଟରେ ନିଜର ପ୍ରଦର୍ଶନ ନେଇ ସେ ସନ୍ତୋଷ ପ୍ରକଟ କରିଛନ୍ତି।

ପିଲାଟି ବେଳେ ମା ମୋତେ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦେବାକୁ ପ୍ରୟାସ କରିଥିଲେ। ଡ୍ରାମ୍ପିଂ, ପେଣ୍ଟିଂ, ଡ୍ରଇଂ ସବୁଥିରେ ଟ୍ରାଏ କରିଥିଲି। ଏପରିକି ଟେନିସ୍ କିମ୍ବା ବ୍ୟାଡମିଣ୍ଟନ ଖେଳିବାକୁ ମଧ୍ୟ ଚେଷ୍ଟା କରିଥିଲି। କିନ୍ତୁ ଶେଷରେ ମୋତେ ସୁଇମିଂରେ କ୍ୟାରିୟର ଗଢିବାକୁ ହେଲା। ସୁଇମିଂ ଏକ କଷ୍ଟକର ସ୍ପୋର୍ଟ୍ସ। ଏଥିରେ ବହୁତ ସମୟ ଟ୍ରେନିଂ କରିବାକୁ ପଡ଼ିଥାଏ ବୋଲି ସେ କୁହନ୍ତି। ୨୦୦୬ ଅକ୍ଟୋବରରେ ତାମିଲନାଡୁର ନେଭେଲିରେ ପ୍ରଥମଥର ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲି। ଏଥିରେ ପଦକ ହାସଲ କରିଥିଲି। ଏହାପରେ ସନ୍ତରଣ ସହିତ ଜଡିତ ରହିବା ପାଇଁ ମା ପରାମର୍ଶ ଦେଇଥିଲେ। ଏହାପରେ ଆଉ ପଛକୁ ଫେରିଚାହିଁ ନାହିଁ। ଇତିମଧ୍ୟରେ ୧୪ ବର୍ଷ ବିତିଯାଇଛି। ଏହି ସମୟରେ ସବୁ କିଛି ପାଇଛି। ସଫଳତା, ବିଫଳତା, ଦୁଃଖ ଓ ସୁଖ ସବୁ ପାଇଛି। ସବୁ ପ୍ରକାର ପରିସ୍ଥିତିରୁ ଶିକ୍ଷା କରିଛି ଓ ଭିନ୍ନ ଅଭିଜ୍ଞତା ହାସଲ କରିଛି। ସବୁ ପ୍ରତିଯୋଗିତାରେ ସବୁବେଳେ ଭଲ ପ୍ରଦର୍ଶନ କରିହୁଏ ନାହିଁ। ଏକଥା ମାନିବାକୁ ପଡିବ। ତେବେ ଧୀରେଧୀରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିଥାଏ ବୋଲି ସେ କୁହନ୍ତି। ଗୁଆହାଟୀରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ଦାମିନୀ ମାତ୍ର ୧୭ ବର୍ଷରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥି ସହିତ ସେ ୪ଟି ଜାତୀୟ ରେକର୍ଡ ଭାଙ୍ଗିଥିଲେ। ନିଜ ସଫଳତା ପାଇଁ ସେ କୋଚ୍ ପ୍ରଦୀପ ସାର୍‌ଙ୍କୁ ଶ୍ରେୟ ଦେଇଛନ୍ତି।

ମାଇକେଲ ଫେଲ୍‌ପ୍ସ, ରିୟାନ ଲୋଚେଟ ଓ ଡାରା ଟୋରେସ ହେଉଛନ୍ତି ଦାମିନୀଙ୍କ ଫେଭରାଇଟ୍ ଖେଳାଳି। ପିଲାଟି ଟେନିସ ଖେଳିବାକୁ ପସନ୍ଦ କରୁଥିବା ଦାମିନୀଙ୍କର ଫେଭରାଇଟ ଟେନିସ ଖେଳାଳି ହେଉଛନ୍ତି ରୋଜର ଫେଡରର ଓ ସେରେନା ୱିଲିୟମ୍ସ। କ୍ରୀଡ଼ା ସହିତ ସେ ପାଠରେ ମଧ୍ୟ ଭଲ କରିଆସିଛନ୍ତି। ଦେଖିବାକୁ ବେଶ୍ ଆକର୍ଷଣୀୟ ଥିବା ଦାମିନୀ ପାଠ, କ୍ରୀଡ଼ା ଓ ସୁନ୍ଦରତାର ଏକ ମିଶ୍ରଣ ବୋଲି କୁହାଯାଇପାରେ। ଜଣେ ପ୍ରତିଭାସମ୍ପନ୍ନ ଓ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ଆଗାମୀ କିଛି ବର୍ଷରେ ସେ ଏମ୍‌ବିବିଏସ୍ କମ୍ପ୍ଲିଟ୍ କରିବା ସହ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଆହୁରି ଅଧିକ ପଦକ ହାସଲ କରି ସଫଳ ହେବେ ବୋଲି କୁହାଯାଇପାରେ।

### ସଂକ୍ଷେପରେ ..

ନାମ– ଦାମିନୀ ଗୌଡ଼ା
ଜନ୍ମ– ୨୦ ଫେବୃୟାରୀ ୧୯୯୯
କ୍ରୀଡ଼ା– ସନ୍ତରଣ
ବୟସ– ୨୧ ବର୍ଷ
ବିଶ୍ୱବିଦ୍ୟାଳୟ – ବେଙ୍ଗାଲୁରୁର ରାଜୀବ ଗାନ୍ଧୀ ହେଲ୍‌ଥ ସାଇନ୍ସ (ଏମ୍‌ବିବିଏସ୍)

# ତାରକା ବୋଲର ବସନ୍ତ

**ଓଡ଼ିଶା ପାଇଁ ୧୦୦ତମ ରଣଜୀ ମ୍ୟାଚ୍ ଖେଳି ଦ୍ରୁତ ବୋଲର ବସନ୍ତ ମହାନ୍ତି ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ରଶ୍ମିରଞ୍ଜନ ପରିଡା ଓ ପ୍ରଜ୍ଞାନ ଓଝା ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି....**

ରଣଜୀ ଇତିହାସରେ ଓଡ଼ିଶା ଅନେକ ପେସ୍ ବୋଲର ସୃଷ୍ଟି କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ହରମୋହନ ପ୍ରହରାଜ, ସୋମନାଥ ସାହୁ, ପବନ ଅଗ୍ରୱାଲ, ବିପିନ୍ ସିଂ, ସୌରଜିତ୍ ମହାପାତ୍ର, ଅଜୟ ବାରିକ, ସି.ପି. ଶର୍ମା ଏବଂ ଦେବାଶିଷ ମହାନ୍ତିଙ୍କ ପରି ସଫଳ ବୋଲରମାନେ। ଏହି ସମସ୍ତ ମିଡିୟମ୍ ପେସ୍ ଏବଂ ପେସ ବୋଲରମାନେ ବିଭିନ୍ନ ସମୟରେ ନିଜ କ୍ଲବ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ରଣଜୀ ଦଳ ପାଇଁ ମନୋନୀତ ହେବା ସହିତ ବେଶ୍ ସୁନାମ ଓଡ଼ିଶା ପାଇଁ ଆଣିଛନ୍ତି। ଚଳିତ ସିଜନ୍ ପାଇଁ ଟିମ୍ ଓଡ଼ିଶା ତା'ର ରଣଜୀ ଅଭିଯାନ ଶେଷ କରିଛି। ବେଙ୍ଗଲ ସହିତ ଘରୋଇ ଡ୍ରିମସ୍ ଗ୍ରାଉଣ୍ଡରେ ମ୍ୟାଚ ଡ୍ର ରହିବା ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବେଙ୍ଗଲ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଓଡ଼ିଶାକୁ ନିରାଶ ହେବାକୁ ପଡିଛି। ଭେଟେରାନ୍ ମିଡିୟମ ପେସ୍ ବୋଲର ବସନ୍ତ ମହାନ୍ତିଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ରହିଥିଲା। ସେ କ୍ୟାରିୟରର ୧୦୦ତମ ରଣଜୀ ମ୍ୟାଚ ଖେଳି ନିଜକୁ ଓଡ଼ିଶାର ଶ୍ରେଷ୍ଠ ୫ଜଣ ଖେଳାଳିଙ୍କ ମଧ୍ୟରେ ସାମିଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ସଫଳତା ଆଉ ୪ଜଣ ଓଡ଼ିଆ ଖେଳାଳିଙ୍କୁ ମିଳିଥିଲା। ସେମାନେ ହେଲେ ବସନ୍ତଙ୍କ ଆଦର୍ଶ ଖେଳାଳି ଦେବାଶିଷ ମହାନ୍ତି, ଅନ୍ତର୍ଜାତୀୟ ଖେଳାଳି ଶିବସୁନ୍ଦର ଦାସ, ବର୍ତ୍ତମାନ ରଣଜୀ ଦଳର କୋଚ ରଶ୍ମିରଞ୍ଜନ ପରିଡା ଏବଂ ଓଡ଼ିଶା ବାହାରେ ପ୍ରତିଷ୍ଠା ଲାଭ କରିଥିବା ପ୍ରଜ୍ଞାନ ଓଝା।

ବସନ୍ତ ତାଙ୍କର ଡେବ୍ୟୁ ମ୍ୟାଚ ବେଙ୍ଗଲ ବିପକ୍ଷରୁ ଆରମ୍ଭ ବେଶ୍ ସଫଳତା ହାସଲ କରିଥିଲେ। ସଫଳ ବୋଲର ରୂପେ ଉଭୟ ଇନିଂସରେ ମାତ୍ର ୫୭ ରନ୍ ଦେଇ ୮ଟ ଉଇକେଟ ନେବା ଫଳରେ ଓଡ଼ିଶା ୬ ଉଇକେଟରେ ବିଜୟୀ ହୋଇଥିଲା। ସେବେ ଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଏହି ତାରକା ବୋଲର। ନିଜ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିବା ସହିତ ଚର୍ଚ୍ଚାରେ ରହିଛନ୍ତି ବସନ୍ତ।

୧୯୮୬ ମସିହାରେ ଜନ୍ମିତ ଏହି ୩୫ବର୍ଷୀୟ ଓଡ଼ିଶାର ତାରକା ବୋଲର ଇଣ୍ଡିଆ 'ଏ', ଇଷ୍ଟ ଜୋନ୍ ଏବଂ ରଣଜୀ ମ୍ୟାଚ ଖେଳିଛନ୍ତି। ଯଦିଓ ଅନ୍ତର୍ଜାତୀୟ ଟେଷ୍ଟ, ଏକଦିବସୀୟ, ଟି୨୦ ଏବଂ ଆଇପିଏଲ୍ ମ୍ୟାଚ ଖେଳି ନାହାନ୍ତି ତଥାପି ପ୍ରତ୍ୟେକ ରଣଜୀ ଦଳର ଖେଳାଳିମାନଙ୍କ ନିକଟରେ ବେଶ୍ ଜଣାଶୁଣା। ମନରେ କ୍ଷୋଭ ଯେ ସେ ଇଣ୍ଡିଆ 'ଏ' ଟିମ୍ ପାଇଁ ଏକଦିବସୀୟ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ବେଳେ ବିଶେଷ ସଫଳତା ପାଇପାରି ନ ଥିଲେ। ବେଳେ ବେଳେ ଦଳପାଇଁ ଉପଯୋଗୀ ଇନିଂସ ଖେଳିବାକୁ ସକ୍ଷମ ଏହି ତାରକା ଖେଳାଳି ଏପର୍ଯ୍ୟନ୍ତ ୧୦୦ ମ୍ୟାଚରେ ୧୩୭ଟି ଇନିଂସ ଖେଳି ୧୩.୧୬ ଆଭରେଜରେ ୧୨୫୩ ରନ୍ ସଂଗ୍ରହ କରିବା ସହିତ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ପଞ୍ଜାବ ବିପକ୍ଷ ମ୍ୟାଚରେ ସେ ସର୍ବାଧିକ ଅପରାଜିତ ୬୦ ରନ୍ ସଂଗ୍ରହ କରିଥିଲେ।

ବୋଲିଂରେ ୧୦୦ଟି ମ୍ୟାଚ ଖେଳି ସେ ୧୬୬ଟି ଇନିଂସରେ ୨୦.୯୧ ଆଭରେଜରେ ୮୧୧୬ ରନ୍ ଦେଇ ୩୮୮ଟି ଉଇକେଟ୍ ନେଇଛନ୍ତି। ତାଙ୍କର ଏହି ବୋଲିଂ ସ୍ପେଲରେ ୧୦୩୦ଟି ମେଡେନ୍ ଓଭର ସାମିଲ ରହିଛି। ପଞ୍ଜାବ ବିପକ୍ଷରେ ୨୭ରନ୍ ଦେଇ ୭ଟି ଉଇକେଟ ହାସଲ କରି ସେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିଲେ। ରାଜସ୍ଥାନ ବିପକ୍ଷରେ ଉଭୟ ଇନିଂସରେ ମାତ୍ର ୪୯ରନ୍ ଦେଇ ୧୧ଟି ଉଇକେଟ ନେଇ ମ୍ୟାଚ ଜିତାଇବା ତାଙ୍କର ଶ୍ରେଷ୍ଠ ସଫଳତା ରହିଛି। କ୍ୟାରିୟରରେ ୨୩ଥର ୫ଟିରୁ ଅଧିକ ଉଇକେଟ୍ ନେଇଥିବା ବେଳେ ବସନ୍ତ ୩ଥର ୧୦ରୁ ଅଧିକ ଉଇକେଟ ହାସଲ କରିଛନ୍ତି। ୨୦୧୮–୧୯ ରଣଜୀ ସିଜନ୍‌ରେ ଓଡ଼ିଶା ପକ୍ଷରୁ ୮ଟି ମ୍ୟାଚ ଖେଳି ସର୍ବାଧିକ ୪୪ଟି ଉଇକେଟ୍ ନେଇଥିବା ବେଳେ ଚଳିତ ରଣଜୀ ସିଜନ୍‌ରେ ୩୪ଟି ଉଇକେଟ ନେଇଛନ୍ତି। ଓଡ଼ିଶା ପକ୍ଷରୁ ୩୧ଟି ଲିଷ୍ଟ 'ଏ' ମ୍ୟାଚ ଖେଳି ୪୩ଟି ଉଇକେଟ ନେଇଥିବା ବେଳେ ଟି୨୦ରେ ୨୧ଟି ମ୍ୟାଚ ଖେଳି ୨୦ଟି ଉଇକେଟ ନେଇଛନ୍ତି।

ତାଙ୍କର ୧୩ବର୍ଷ ରଣଜୀ କ୍ୟାରିୟର ମଧ୍ୟରେ ୧୧ଥର ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ 'କ' ଏବଂ 'ଖ'ରେ ରହିଥିଲା ଓ ମାତ୍ର ୨ଟି ସିଜନ୍ ପାଇଁ ଓଡ଼ିଶା ଗ୍ରୁପ୍ 'ସି' ରେ ଖେଳିଛି। ଚଳିତ ବର୍ଷ କ୍ୱାର୍ଟର ଫାଇନାଲରେ ଟିମ୍ ଓଡ଼ିଶା ପ୍ରବେଶ କରିଥିବାରୁ ଆସନ୍ତା ରଣଜୀ ସିଜନ୍‌ରେ ଦଳ ଏଲିଟ୍ ଗ୍ରୁପ୍ 'ବି' ରେ ସ୍ଥାନ ପାଇବା ନିଶ୍ଚିତ ହୋଇଛି। ସେ ଏ ନେଇ ସନ୍ତୋଷ ପ୍ରକଟ କରିଛନ୍ତି। ଓଡ଼ିଶାର ମାତ୍ର ୨ଜଣ ସଫଳ ବୋଲର ରୂପେ ଦେବାଶିଷ ମହାନ୍ତିଙ୍କ ସହିତ ସେ ୩ଶହରୁ ଅଧିକ ରଣଜୀ ଉଇକେଟ ହାସଲ କରିଛନ୍ତି। ଏ ଫର୍ମ ଓ ଫିଟ୍‌ନେସ ବଜାୟ ରହିଲେ ସେ ଆଉ କିଛି ବର୍ଷ ରଣଜୀ ଖେଳିବା ଜାରି ରଖିବେ ବୋଲି ଆଶା ପ୍ରକାଶ କରିଛନ୍ତି।



ଉପସ୍ଥାପନା: ନିର୍ମଳ କୁମାର ମିଶ୍ର

# ହେଭିୱେଟ୍ ଚାମ୍ପିୟନ

**୬ ଫୁଟ ୯ ଇଞ୍ଚ ଉଚ୍ଚତା ବିଶିଷ୍ଟ ବ୍ରିଟିଶ ବକ୍ସର ଟାଇସନ ଫ୍ୟୁରି ବିଶ୍ୱ ହେଭିୱେଟ ଟାଇଟଲ ଜିତିଛନ୍ତି। ଆମେରିକାର ଡେଓଣ୍ଟେ ୱାଇଲ୍ଡରଙ୍କୁ ହରାଇ ସେ ବାଜି ମାରିଛନ୍ତି। ଏଥି ସହିତ ଫ୍ୟୁରି ଡବ୍ଲ୍ୟୁବିଏ, ଆଇବିଏଫ୍, ଡବ୍ଲ୍ୟୁବିଓ, ଆଇବିଓ, ଡବ୍ଲ୍ୟୁବିସି ଓ ଦି ରିଙ୍ଗ୍ ମାଗାଜିନ୍ ଟାଇଟଲ ଜିତିଥିବା ବକ୍ସର ବନିଯାଇଛନ୍ତି...**

ପୁଣି ଥରେ ବ୍ରିଟେନର ପେସାଦାର ବକ୍ସର ଟାଇସନ ଫ୍ୟୁରି ବିଶ୍ୱ ହେଭିୱେଟ୍ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ଆମେରିକାର ଡେଓଣ୍ଟେ ୱାଇଲ୍ଡରଙ୍କୁ ହରାଇ ସେ ବାଜି ମାରିଛନ୍ତି। ଏଥି ସହିତ ବକ୍ସିଂ ଇତିହାସରେ ଫ୍ୟୁରି ଜଣେ ବ୍ରିଟିଶ ବକ୍ସର ଭାବେ ବିଦେଶରେ ଏକ ବଡ଼ଧରଣର ସଫଳତା ହାସଲ କରିଛନ୍ତି। ବକ୍ସିଂ ଇତିହାସରେ ଯେକୌଣସି ବ୍ରିଟେନ ବକ୍ସରଙ୍କ ପାଇଁ ଏହା ଏକ ବଡ଼ ସଫଳତା। ଆମେରିକାର ଲାସ୍ ଭେଗାସରେ ଅନୁଷ୍ଠିତ ଏହି ମୁକାବିଲାରେ ଫ୍ୟୁରି ଦମ୍‌ଦାର ପ୍ରଦର୍ଶନ କରି ୱାଇଲ୍ଡରଙ୍କୁ ହରାଇଥିଲେ। ଦୁଇ ତାରକା ବକ୍ସରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ବହୁ ପ୍ରତୀକ୍ଷିତ ମୁକାବିଲା ବେଶ୍ ଉପଭୋଗ୍ୟ ହୋଇଥିଲା। ଏଥି ସହିତ ଦୀର୍ଘଦିନ ପରେ ଫ୍ୟୁରୀ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୬ ଫୁଟ ୯ ଇଞ୍ଚ ଉଚ୍ଚତା ବିଶିଷ୍ଟ ଫ୍ୟୁରିଙ୍କ ସମ୍ମୁଖରେ ୬ ଫୁଟ ୭ ଇଞ୍ଚ ଉଚ୍ଚତା ବିଶିଷ୍ଟ ୱାଇଲ୍ଡର ବେଶ୍ ଛୋଟ ଜଣାପଡୁଥିଲେ। ହେଭିୱେଟ୍ ଚାମ୍ପିୟନଶିପ ରିମ୍ୟାଚ୍‌ର ମଜା ନେଇଥିଲେ ୧୫, ୮୧୬ଜଣ ଦର୍ଶକ। ଏଥି ସହିତ ଫ୍ୟୁରି ଡବ୍ଲ୍ୟୁବିଏ, ଆଇବିଏଫ୍, ଡବ୍ଲ୍ୟୁବିଓ, ଆଇବିଓ, ଡବ୍ଲ୍ୟୁବିସି ଓ ଦି ରିଙ୍ଗ୍ ମାଗାଜିନ୍ ଟାଇଟଲ ଜିତିଥିବା ବକ୍ସର ବନିଯାଇଛନ୍ତି। ଜିତିବା ଅପେକ୍ଷା ରିଙ୍ଗ୍‌ରେ ଫ୍ୟୁରି ତାଙ୍କ ଆଚରଣ ନେଇ ବେଶ୍ ଚର୍ଚ୍ଚିତ ଥିଲେ। ବାରମ୍ବାର ପଞ୍ଚ୍ ମାରି ସେ ୱାଇଲ୍ଡରଙ୍କୁ ଅଧାମରା କରିଦେଇଥିଲେ। ୱାଇଲ୍ଡର ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିଲେ।

ମାଞ୍ଚେଷ୍ଟରରେ ଜନ୍ମିତ ୩୧ ବର୍ଷୀୟ ଫ୍ୟୁରି କ୍ୟାରିୟରରେ ଏପର୍ଯ୍ୟନ୍ତ ୩୧ଟି ମୁକାବିଲରେ ଅବତୀର୍ଣ୍ଣ ହୋଇଛିନ୍ତି। ସେଥି ମଧ୍ୟରୁ ସେ ୩୦ଟିରେ ବିଜୟୀ ହୋଇଛନ୍ତି। ଏଥିମଧ୍ୟରୁ ୨୧ଟି ନକ୍‌ଆଉଟ ବିଜୟ ସାବ୍ୟସ୍ତ ହୋଇଥିବା ବେଳେ ୯ଟି ଡିସିସନ ମାଧ୍ୟମରେ ସେ ବିଜୟୀ ଘୋଷିତ ହୋଇଥିଲେ। ଏହି ବିଜୟ ସହ ଫ୍ୟୁରି ୨୮ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି। ଫ୍ୟୁରିଙ୍କ ପ୍ରଦର୍ଶନରେ ତାଙ୍କ ପିତା ଜନ୍ ଫ୍ୟୁରି ବେଶ୍ ଖୁସି ଜାହିର କରିଛନ୍ତି। ଆଗକୁ ଫ୍ୟୁରି ଆହୁରି ବଡ଼ ଧରଣର ସଫଳତା ହାସଲ କରିବେ ବୋଲି ଜନ ଆଶା ପ୍ରକାଶ କରିଛନ୍ତି।

ଦୁଇଥର ହେଭିୱେଟ ଚାମ୍ପିୟନଶିପ୍ ହାସଲ କରିଥିବା ଫ୍ୟୁରି କ୍ୟାରିୟରରେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ୱାଇଲ୍ଡରଙ୍କୁ ହରାଇବା ପରେ ସେ ଫ୍ଲଏଡ ପାଟରସନ ଓ ମହମ୍ମଦ ଅଲିଙ୍କ ପରେ ତୃତୀୟ ହେଭିୱେଟ ବିବେଚିତ ହେଉଛନ୍ତି।

ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୨୦୦୬ରେ ସେ ସୁପର ହେଭିୱେଟ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୟୁରୋପିଆନ ଜୁନିୟର ଚାମ୍ପିୟନଶିପ୍‌ରେ ସେ ୨୦୦୭ରେ ରୌପ୍ୟପଦକ ଜିତିଥିଲେ। ୟୁରୋପିଆନ ୟୁନିୟନର ଜୁନିୟର ଚାମ୍ପିୟନଶିପ୍‌ରେ ସେ ୨୦୦୭ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ଇଂଲିଶ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଫ୍ୟୁରି ୨୦୦୮ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପେସାଦାର ବକ୍ସିଂ ଭଳି ଆମେଚର ବକ୍ସିଂରେ ମଧ୍ୟ ସେ ବେଶ୍ ସଫଳ ରହିଆସିଛନ୍ତି।



# ଚର୍ଚ୍ଚା

**ଶ**ହେତେୟାଳିଶ କୋଟି ଅଣଚାଳିଶ
ଲକ୍ଷ ଆଭରେଜ ଟଙ୍କା
ସୌଦି ଆରବରେ ଘୋଡ଼ା ଦୌଡ଼ ପାଇଁ
ପୁରସ୍କାର ରାଶି ଛକା
ପେରାସସ ପରେ ମିକା
ବିଶ୍ୱର ଏ ବିତ୍ତଶାଳୀ ଘୋଡ଼ା ଦୌଡ଼
ଚର୍ଚ୍ଚାରେ ରହିଲା ଲେଖା।୧।

ଟେନିସ– ଆଇ ଆମ୍ ସେଇଙ୍ଗ୍ ଗୁଡ୍‌ବାଏ
ଆର୍ଟିକଲ ଦେଇ ଲେଖି
ଟେନିସ ଜଗତର ଗ୍ଲାମରସ୍ ଗର୍ଲ
ଶାରାପୋଭା ଠାରେ ଆଖି
ପ୍ରଥମ ମ୍ୟାଚ୍‌ରେ ସେକି
ସେରେନାକୁ ପରାଜିତ କଲାପରେ
ଚର୍ଚ୍ଚାରେ ରହିଲା ସଖି।୨।



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା
ଚର୍ଚ୍ଚାରେ ମୋ ଗାଁ ମାଟି
ଖେଳ ସହ ରାଜ୍ୟ କଳା ସଂସ୍କୃତିରେ
ବିଭୋର ବିଦେଶ ପାର୍ଟି
ନବୀନ ଚଳାଏ ଗୋଟି
କ୍ରୀଡ଼ା ଭିତ୍ତିଭୂମି ସଜାଡି ଶୀର୍ଷକୁ
ଆଉ ପାଦେ ଯିବ ଉଠି।୩।

–ସୁବାସ ଚନ୍ଦ୍ର ପ୍ରଧାନ



ଦିଲ୍ଲୀ ହିଂସା ଏବଂ ସିଏଏ ବିରୋଧ ଯୋଗୁ ଭାରତ ପ୍ରତି ନିବେଶକଙ୍କ ରହିଥିବା ମନୋଭାବରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ।

**– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ**

ଭାରତୀୟ ଅର୍ଥ ବ୍ୟବସ୍ଥା ଶୀଘ୍ର ଖରାପ ସ୍ଥିତିରୁ ବାହାରିବାକୁ ସମର୍ଥ ହେବ। କର୍ପୋରେଟ ଟିକସ ହ୍ରାସ ବ୍ୟବସ୍ଥା ନିବେଶ ବଢ଼ାଇବାରେ ସହାୟକ ହେବା ନେଇ ଆଶାବାଦୀ।

**– ଅନୀଲ ଅଗ୍ରୱାଲ, ବେଦାନ୍ତ ଅଧ୍ୟକ୍ଷ**



# ହୋଣ୍ଡାର ୩ ଲକ୍ଷ ୟୁନିଟ୍ ବିଏସ୍-୬ ଯାନ ବିକ୍ରି

**ଭୁବନେଶ୍ୱର, ୨୭-୨**

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିଏସ୍-୬ ଯାନ ବିକ୍ରି ୩ ଲକ୍ଷ ୟୁନିଟ୍ ମାଇଲଖୁଣ୍ଟ ଅତିକ୍ରମ କରିଛି। କମ୍ପାନୀ ବର୍ତ୍ତମାନ ପାଞ୍ଚଟି ବିଏସ୍-୬ ମଡେଲ୍ ପ୍ରସ୍ତୁତ କରୁଛି। ଏହା ମଧ୍ୟରେ ଆକ୍ଟିଭା ୧୨୫ ବିଏସ୍-୬, ଏସ୍‌ପି ୧୨୫, ଆକ୍ଟିଭା ୬ଜି, ଡିଓ ବି ଏ ସ୍ - ୬ ଏବଂ ସାଇନ ବି ଏ ସ୍ - ୬। ହୋଣ୍ଡାର ସମସ୍ତ ଚାରିଟି ମାନୁଫାକ୍ଚରିଂ ୟୁନିଟରେ ଏବେ ୧୦୦% ବିଏସ୍-୬ ଗାଡ଼ି ଉତ୍ପାଦନ କରାଯାଉଛି। ଏହି ସଫଳତା ସଂପର୍କରେ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି-ବିକ୍ରି ଓ ମାର୍କେଟିଂ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ଧାର୍ଯ୍ୟ ସମୟର ଛଅ ମାସ ପୂର୍ବରୁ ହୋଣ୍ଡା ପ୍ରଥମ ଦୁଇ ଚକିଆ ଯାନ ନିର୍ମାତା ଭାବେ ବିଏସ୍-୬ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହୋଣ୍ଡାର ଆଧୁନିକ ଇଏସ୍‌ପି ପ୍ରଯୁକ୍ତି, ଏସିଜି ଷ୍ଟାର୍ଟର ମୋଟର ଏବଂ ମାଇଲେଜ୍‌ର ଉନ୍ନତି ସହିତ ୩ ଲକ୍ଷରୁ ଅଧିକ ଗ୍ରାହକ ଏବେ ଶାନ୍ତିର ବିପ୍ଳବକୁ ଅନୁଭବ କରିପାରୁଛନ୍ତି।



# ବିଶ୍ୱକୁ ଲାଗିପାରେ ୨୫୦ ବିଲିୟନ ଡଲାରର ଝଟକା

**ନୂଆଦିଲ୍ଲୀ, ୨୭-୨**

କରୋନା ଯୋଗୁ ବିଶ୍ୱ ବଜାରର ନକାରାତ୍ମକ ପ୍ରଭାବ ପଡିପାରେ। ଏହାକୁ ନେଇ ଶିଳ୍ପ ଜଗତ ଆଶଙ୍କା ପ୍ରକଟ କରିଛି। କରୋନା ପ୍ରଭାବରେ ବିଶ୍ୱ ଅଭିବୃଦ୍ଧି ୩୦ ବେସିସ୍ ପଏଣ୍ଟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଫଳରେ ସାରା ବିଶ୍ୱକୁ ୨୫୦ ବିଲିୟନ ଡଲାରର ଝଟକା ଲାଗିପାରେ ବୋଲି ଶିଳ୍ପସଂଘ ପିଏଚ୍‌ଡିସିସିଆଇ

** କରୋନା ଯୋଗୁ ଶିଳ୍ପ ଜଗତର ଆଶଙ୍କା ବଢୁଛି**

ଗୁରୁବାର କହିଛି। ପିଏଚ୍‌ଡିସିସିଆଇ ଡି.କେ. ଅଗ୍ରୱାଲ କହିଛନ୍ତି ଯେ, କରୋନା ଯୋଗୁ ଚାଇନାର ଯୋଗାଣ ଚେନ୍ କେବଳ ପ୍ରଭାବିତ ହୋଇନାହିଁ। ଅନ୍ୟ ଦେଶଗୁଡିକ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଆମଦାନୀ କରୁଥିବା ଦେଶଗୁଡିକର ରପ୍ତାନି ମଧ୍ୟ ପ୍ରଭାବିତ ହୋଇଛି। ଚାଇନାକୁ ଯେଉଁ ଦେଶଗୁଡିକ କଞ୍ଚାମାଲ ଆମଦାନୀ କରିବା ସହ ସାମଗ୍ରୀ ଅନ୍ୟ ଦେଶକୁ ଏହା ରପ୍ତାନି କରୁଥିଲେ ସେମାନେ ଏଭଳି ସମସ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି।

ଏଭଳି ସ୍ଥିତିରେ ଦେଶ ମଧ୍ୟରେ ଚାହିଦା ବଢାଇବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଫାର୍ମା, ସୋଲାର, ଲୁହା, ଇସ୍ପାତ ଭଳି କ୍ଷେତ୍ର ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ




ଚାଇନା ଏକ ପ୍ରମୁଖ ଅଂଶୀଦାର ରହି ଆସିଛି। ସାରା ବିଶ୍ୱର ମର୍ଚ୍ଚାଣ୍ଡାଇଜ ରପ୍ତାନିର ୧୩% ଏହା ହାସଲ କରିଛି। ଆମେରିକା, ହଂକଂ, ଜାପାନ, କୋରିଆ, ଭିଏତନାମ, ଜର୍ମାନୀ, ଭାରତ, ନେଦରଲାଣ୍ଡ ଭଳି ଅନ୍ୟ ଦେଶଗୁଡିକୁ ଏହା ରପ୍ତାନି କରୁଛି। ବିଶ୍ୱ ସ୍ତରରେ ବାଣିଜ୍ୟ କାରବାର ପ୍ରଭାବିତ ହେଲେ ଏହା ବିଶ୍ୱର ଅଭିବୃଦ୍ଧିକୁ ମଧ୍ୟ କ୍ଷତି ପହଞ୍ଚାଇବ ବୋଲି ଅଗ୍ରୱାଲ ମତ ଦେଇଛନ୍ତି। କରୋନାର ପ୍ରଭାବ କେତେ ସମୟ ଯାଏ ରହିବ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବଜାର ଅଂଶଗୁ ପୁନଃ ହାସଲ କରିବା ଲାଗି ଭାରତ ଏହାର ଯୋଗାଣ ଚେନ୍‌କୁ ବଢାଇବାର ଆବଶ୍ୟକତା ରହିଛି। ଏହାବାଦ ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ, ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ସୁବିଧା ଯୋଗାଣ ଭଳି ପ୍ରସଙ୍ଗକୁ ଦେଖିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଶେୟାର ବଜାର ଉପରେ ପ୍ରଭାବ

**ମୁମ୍ବାଇ, ୨୭-୨**

କରୋନା ଭାଇରସର ପ୍ରଭାବ ଦେଶର ପୁଞ୍ଜି ବଜାର ଉପରେ ପରିଲକ୍ଷିତ ହୋଇଛି। ଲଗାତର ଭାବେ ଗତ ୫ ସେସନରେ ପୁଞ୍ଜି ବଜାର କାରବାର କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ସେନ୍‌ସେକ୍ସର କାରବାର ୧୪୩ ପଏଣ୍ଟ ଖସିଛି। କରୋନା ଯୋଗୁ ସାରା ବିଶ୍ୱ ବଜାର ପ୍ରଭାବିତ ହେବାର ଆଶଙ୍କାରେ ଏଭଳି ସ୍ଥିତି ଉପୁଜିଛି। ଦିନ ମଧ୍ୟରେ ସେନସେକ୍ସ ୪୬୫.୬୯ ପଏଣ୍ଟ ହ୍ରାସ ହୋଇଥିବା ଦେଖାଯାଇଛି। ଶେଷରେ ୩୦ ସୂଚକାଙ୍କ ବିଶିଷ୍ଟ ସେନ୍‌ସେକ୍ସ ୧୪୩.୩୦ ପଏଣ୍ଟ ନିମ୍ନରେ ରହି ୩୯.୭୪୫.୬୬ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୪୫.୨୦ ପଏଣ୍ଟ ନିମ୍ନରେ ରହି ୧୧,୬୩୩.୩୦ ପଏଣ୍ଟରେ ବନ୍ଦ ହୋଇଛି। ଗୁରୁବାର ବାଦ ଗତ ୪ ଦିନରେ ନିବେଶକମାନେ ୫.୫ ଲକ୍ଷ କୋଟି ଟଙ୍କାର ଘାଟା ସହିଛନ୍ତି।

# ୧୦ ହଜାର କୋଟି ନିବେଶ କରିବ ହିରୋ ମୋଟୋକର୍ପ

**ନୂଆଦିଲ୍ଲୀ, ୨୭ -୨**

ହିରୋ ୱାର୍ଲଡ ୨୦୨୦ ଅବସରରେ ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ଭିଜନ ଅଫ୍ ମୋବିଲିଟି, ଇନୋଭେସନ ଏବଂ ଟେକ୍ନୋଲୋଜିକୁ ଉନ୍ମୋଚନ କରାଯାଇଛି। କମ୍ପାନୀ ଏହାର



ପ୍ରତିବଦ୍ଧତାକୁ ଧ୍ୟାନରେ ରଖି ଆଗାମୀ ୫ରୁ ୭ ବର୍ଷରେ ୧୦ ହଜାର କୋଟି ଟଙ୍କାର ନିବେଶ ନେଇ ଯୋଜନା ରଖିଛି। ପ୍ରିମିୟମ ପୋର୍ଟଫୋଲିଓକୁ ଦୃଢ କରିବାକୁ ଯାଇ ଏହା ହିରୋ ଏକ୍ସଟ୍ରିମ ୧୬୦ ମଡେଲ ଶୁଭାରମ୍ଭ କରିଛି। ଏହାବାଦ ବିଏସ୍-୬ ବର୍ଗରେ ଅଧିକ ପ୍ରଡକ୍ଟ ଯୋଡିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ବିଶ୍ୱ ସ୍ତରୀୟ ସମ୍ପ୍ରସାରଣ ଯୋଜନା ମୁତାବକ ଭବିଷ୍ୟତର ଟେକ୍ନୋଲୋଜି, ପ୍ରଡକ୍ଟ ଏବଂ ସର୍ଭିସକୁ ଧ୍ୟାନରେ ରଖାଯାଇଥିବା ହିରୋ ମୋଟୋକର୍ପ ଅଧ୍ୟକ୍ଷ ପୱନ ମୁଞ୍ଜାଲ ସୂଚନା ଦେଇଛନ୍ତି। ବିକଳ୍ପ ମୋବିଲିଟି ସମାଧାନ, ଅତ୍ୟାଧୁନିକିକରଣ, ଷ୍ଟେଟ ଅଫ ଆର୍ଟ ନିରନ୍ତର ମାନୁଫାକଚରିଂ ଫାସିଲିଟି, ନେଟୱର୍କ ସମ୍ପ୍ରସାରଣ, ବିଶ୍ୱ ସ୍ତରରେ ବ୍ରାଣ୍ଡ ପୁନର୍ଗଠନ ଲାଗି ନିବେଶ ଯୋଜନା ରହିଥିବା ସେ ମତ ପ୍ରକାଶ କରିଛନ୍ତି। ନୂତନତ୍ୱ, ଯୁବସୁଲଭ, ଉଦ୍ଭାବନକୁ ପ୍ରାଥମିକତା ଯୋଗୁ ଦେଶର ୨ ଚକିଆ ଯାନ ବର୍ଗରେ ଏକ ପ୍ରମୁଖ ସ୍ଥାନରେ ରହିଆସିଛୁ। ବି ଦି ଫ୍ୟୁଚର ଅଫ ମୋବିଲିଟିକୁ ବିଚାର କରି ଆଗାମୀ ଯୋଜନା ହାତକୁ ନିଆଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ମାରୁତି ସୁଜୁକି ପକ୍ଷରୁ ନୂଆ ଭିଟାରା ବ୍ରିଜା

**ଭୁବନେଶ୍ୱର, ୨୭-୨**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ନୂତନ କାର୍ ଭିଟାରା ବ୍ରିଜାର ଉନ୍ମୋଚନ କରାଯାଇଛି। ନୂଆ ଫର୍ମରେ ଆସିଥିବା କମ୍ପାକ୍ଟ ଏସ୍‌ୟୁଭି ଭିଟାରା ବ୍ରିଜା ଉନ୍ନତ ସ୍ପୋର୍ଟିନେସ୍, ବୋଲ୍ଡର୍ ଲୁକ୍, ମଜଭୁତ ଉପସ୍ଥିତି, ପ୍ରିମିୟମ ଇଣ୍ଟେରିୟର ଓ ଏକାଧିକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଆସୁଛି। ଶକ୍ତିଶାଳୀ ୧.୫ ଲିଟର କେ-ସିରିଜ୍ ବିଏସ୍-୬ ପେଟ୍ରୋଲ ଇଞ୍ଜିନ ଦ୍ୱାରା ପରିଚାଳିତ ଏହି ମଡେଲ ନିଶ୍ଚିତ ରୂପେ ଗ୍ରାହକଙ୍କୁ ଆକର୍ଷିତ କରିପାରିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏହି କମ୍ପାକ୍ଟ ଏସ୍‌ୟୁଭିରେ ସ୍ମାର୍ଟ ହାଇବ୍ରିଡ୍ ସହ ୫-ସ୍ପିଡ୍ ମାନୁଆଲ ଓ ଅତ୍ୟାଧୁନିକ ଅଟୋମାଟିକ୍ ଟ୍ରାନ୍ସମିଶନ ରହିଛି। ନୂଆ ଭିଟାରା ବ୍ରେଜା ୩ଟି ନୂତନ ଡୁଆଲ ଟୋନ୍ କଲର୍ ଅପ୍‌ସନ ସିଜ୍‌ଲିଙ୍ଗ୍ ରେଡ୍ ସହ ମିଡ୍‌ନାଇଟ୍ ବ୍ଲାକ୍ ରୁଫ୍, ଟର୍କ ବ୍ଲୁ ସହ ମିଡ୍‌ନାଇଟ୍ ବ୍ଲାକ୍ ରୁଫ୍ ଓ ଗ୍ରାନାଇଟ୍ ଗ୍ରେ ସହ ଅଟମ୍ ଅରେ ରୁଫ୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୭.୩୪ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅବସରରେ କମ୍ପାନୀର ସିଇଓ କେନିଚି ଆୟୁକାୱା କହିଛନ୍ତି ଯେ, ଭିଟାରା ବ୍ରେଜା ଗତ ୪ ବର୍ଷ ମଧ୍ୟରେ ସର୍ବାଧିକ ଶକ୍ତିଶାଳୀ ବ୍ରାଣ୍ଡରେ ପରିଣତ ହୋଇପାରିଛି। ମଜଭୁତ, ସହରୀ ଓ ପ୍ରିମିୟମ ଦୃଷ୍ଟିକୋଣକୁ ବଜାୟ ରଖି ନୂଆ ଭିଟାରା ବ୍ରିଜା ଅଧିକ ବୋଲ୍ଡର, ସ୍ପୋର୍ଟିୟର ଓ ଶକ୍ତିଶାଳୀ ହୋଇଛି।




# ସି.ଭି. ରମଣ କଲେଜ ଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୨୭-୨**

ଅଲ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ଆନୁକୂଲ୍ୟରେ ଆୟୋଜିତ ଛାତ୍ର ବିଶ୍ୱକର୍ମା ଅୱାର୍ଡରେ ସି.ଭି.ରମଣ କଲେଜର ଛାତ୍ରମାନଙ୍କୁ ନେଇ ଗଠିତ ହୋଇଥିବା ଦଳ ପୁରସ୍କୃତ ହୋଇଛି। ଇଲେକ୍ଟ୍ରିକାଲ ବିଭାଗର ସାତ୍ୱିକ ମହାନ୍ତି, କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଭାସ ବେହେରା, ସୌରଭ କୁମାର ମିଶ୍ର ଓ ଆଶୀର୍ବାଦ ମିଶ୍ର ସାରା ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗର ମନ୍ତ୍ରୀ ରମେଶ ପୋଖ୍‌ରିଆଲ ନିଶାଙ୍କ କୃତି ଛାତ୍ରମାନଙ୍କୁ ଅର୍ଥ ରାଶି ସହିତ ମାନପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିଯୋଗିତା ପାଇଁ ସାରା ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୩୨୭ଟି ଦଳ ନେଇଥିଲେ। ଏହା ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୭ଟି ଦଳଙ୍କୁ ଚୟନ କରାଯାଇଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ସିଭିରମଣ ଟିମ୍ ପ୍ରଥମ ସ୍ଥାନ ହାସଲ କରିଛି।




# ଆର୍ଥିକ ସ୍ୱାସ୍ଥ୍ୟ ଭଲ ନାହିଁ, ସରକାରୀ ସହଯୋଗ ଲୋଡ଼ା:ଭୋଡାଫୋନ

**ନୂଆଦିଲ୍ଲୀ, ୨୭-୨**

ଏଜିଆର୍ ଦେୟ ପ୍ରଦାନ କ୍ଷେତ୍ରରେ ସରକାର ତ୍ୱରିତ ପଦକ୍ଷେପ ନ ନେଲେ ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରିବାକୁ ସକ୍ଷମ ନୁହେଁ ବୋଲି ଭୋଡାଫୋନ୍ ଆଇଡିଆଇ ପକ୍ଷରୁ ଗୁରୁବାର ଟେଲିକମ ବିଭାଗକୁ ଚିଠି ଲେଖାଯାଇଛି। ଏବେ ଆର୍ଥିକ ସ୍ୱାସ୍ଥ୍ୟ ଠିକ୍ ନ ଥିବା ଯୋଗୁ ପେମେଣ୍ଟ ପ୍ରଦାନରେ ସମୟ ଦେବା, ଟିକସ ହ୍ରାସ, ଫ୍ଲୋର ପ୍ରାଇସ ଲାଗୁ କରିବା ଭଳି ପ୍ରସଙ୍ଗକୁ ସରକାର ବିଚାର କରିବାର ଆବଶ୍ୟକତା ରହିଛି ବୋଲି କମ୍ପାନୀ କହିଛି। କମ୍ପାନୀ ଉପରେ ଏବେ ୫୩ ହଜାର କୋଟି ଟଙ୍କାର ବକେୟା ରହିଛି। ଏହା ମଧ୍ୟରୁ ମାତ୍ର ୭% ଅର୍ଥ କମ୍ପାନୀ ପ୍ରଦାନ କରିଛି। ଜରିମାନା ଏବଂ ସୁଧ ଅର୍ଥ ପ୍ରଦାନ କରିବା ଲାଗି ୩ ବର୍ଷର ମୋରାଟୋରିୟମ ପରିୟଡ ଏବଂ ୬% ସୁଧ ହାରରେ ଦେୟ ପ୍ରଦାନର ସମୟ ସୀମା ୧୫ ବର୍ଷ କରିବାକୁ କମ୍ପାନୀ ଟେଲିକମ୍ ବିଭାଗକୁ କହିଛି।

# କେୟାର ହସ୍ପିଟାଲରେ ମେଦବହୁଳତା ଚିକିତ୍ସା କେନ୍ଦ୍ର

**ଭୁବନେଶ୍ୱର, ୨୭-୨**

ସ୍ଥାନୀୟ କେୟାର ହସ୍ପିଟାଲରେ ମେଦ ବହୁଳତା ଚିକିତ୍ସା ପାଇଁ ଏକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯାଇଛି। ଏଠାରେ ବିଶେଷଜ୍ଞ ଦଳ ମେଦବହୁଳତା ଏବଂ ନିଦ୍ରାହୀନତା ରୋଗର କାରଣ ନିରୂପଣ କରି ତାହାର ଏକ ସମନ୍ୱିତ ଚିକିତ୍ସା କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କେନ୍ଦ୍ରଟି ସପ୍ତାହରେ କେବଳ ଗୁରୁବାର ଦିନ କାର୍ଯ୍ୟ କରିବ। ଚଳିତ ମାସ ୨୭ରୁ ଶୁଭାରମ୍ଭ ହେବ। ଏଠାରେ ଖାଦ୍ୟ ପ୍ରକ୍ରିୟାକରଣ, ଫୁସଫୁସ, ହୃଦରୋଗ ଓ ସାଧାରଣ ଭେଷଜ ବିଭାଗ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବେ। ଏହି ଅବସରରେ ହସ୍ପିଟାଲର ନିଦ୍ରା ଚିକିତ୍ସା କେନ୍ଦ୍ରର ବିଭାଗୀୟ ମୁଖ୍ୟ ତଥା ବିଶେଷଜ୍ଞ ଓ କ୍ଲିନିକାଲ ନିର୍ଦ୍ଦେଶକ ଡ.ଦାମୋଦର ବିଦ୍ଧାଣି କହିଛନ୍ତି ଯେ, ଓଡିଶା ସମେତ ଦେଶରେ ମେଦ ବହୁଳତା ବ୍ୟକ୍ତି ବିଶେଷଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏକ ସମନ୍ୱିତ ଦୃଷ୍ଟିକୋଣରୁ ଏହି ପରିସ୍ଥିତିର ସାମ୍ନା କରିବା ବିଶେଷଜ୍ଞଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE – 06854-242001, FAX – 06854242038
E-mail: sgmel_ukhep@ohpcltd.com, CIN:U401010R1995SGC003963

**e-PROCUREMENT NOTICE No.- UKHEP/ET – 12/2019-20, Dated 20.02.2020**

No.CAD-1010 :- The Unit Head, Upper Kolab Hydro Electric Project, Bariniput, Korpaut, Odisha invites **percentage rate bid** in **single cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) | Cost of bid document | Cl ass of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Renovation of Water Supply Pipe Line of Power House Colony, UKHEP, Bariniput | 15,50,885/- | 16,000/- | 7080 (Rs.6000+18% GST) | "C" & "D" Class | From 10:00 A.M. of 03.03.2020 to 17:00 Hrs of 17.03.2020 | At 11.30 Hrs. of 20.03.2020 |

**1.** The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate (DSC) . **2.** Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

**Unit Head, UKHEP, Bariniput**
**OIPR-04002/11/0068/1920**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered contractors having valid License, I.T PAN No and GST Registration Certificate for **Tender Call No :19** Construction of revetment work of location No.74 of 132kv Dabugaon-Umerkote line, Different R/M Works of 132kv TL S/D, Umerkote, Podagada, Pottangi, and Jayanagar and Different R/M Works for 220KV TL S/D, Jayanagar. Sealed Tenders are invited by the undersigned from registered contractors / vehicle owners having valid I.T PAN No and GST Registration Certificate for **Tender Call No : 20**. Hiring of diesel run new commercial registered light vehicles Non AC Bolero on monthly basis with daily hiring rate for 132/33 KV Grid S/S, Sunabeda for the periods of two years under EHT (O&M) Division, Jayanagar. **Cost of Tender Papers** are of Rs.672.00 and Rs.2240.00 for Tender Call No.19 and Rs.2240.00 for Tender Call No. 20 respectively (non-refundable) in shape of **Cash & EMD** @1% of quoted amount in the shape of DD/Cash. Sale of Tender Documents from Dt.27.02.2020 toupto 12:00 Noon of Dt.07.03.2020. **Last Date of Submission of Tender** on or before Dt.07.03.2020 upto 04:00PM. **Tenders Will be Opened** on Dt.07.03.2020 at 04:30 PM.

**Corrigendum if any will be published in the website only.**
Sd/-
**DGM (Ele.)**

Please connect us: optcl.odisha optcl_odisha energyodisha

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**
No.: Compu.5(25)/Maint-Compu/2019-20 Date: 27.02.2020

**NOTICE INVITING TENDER**

For and on behalf of the Food Corporation of India online bids in the prescribed Tender Document under two bid system is invited from interested, eligible bidders for the Annual Maintenance Contract of IT equipment installed in FCI, Odisha Region for a period of 2 (two) years. The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website : **www.fci.gov.in.**

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**CANCELLATION NOTICE OF REQUEST FOR PROPOSAL (RFP)-2**

The Request for Proposal (RFP) published vide RFP-2/OMC/Civil/2020 dated 15.02.2020 for providing Consultancy Services for preparation of DPR for construction of Core Library of OMECL at Bhubaneswar is hereby cancelled.

Sd/-
**CGM (Civil)**

**ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ନୋଟିସ୍ ନଂ. ୭୦୧, ତା: ୨୬।୦୨।୨୦୨୦**

**ସର୍ବସାଧାରଣ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌରପରିଷଦ ଅଧୀନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ, ସେମାନେ ଆସନ୍ତା ତା୦୬।୦୩।୨୦୨୦ ଅପରାହ୍ନ ୩.୦୦ଘ. ସୁଦ୍ଧା ଜଉମୁଦ ଲଫାପାରେ ଟେଣ୍ଡର ପକାଇପାରିବେ। ଟେଣ୍ଡରରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୧୦୦/-ଙ୍କା ଦାଖଲ କରି ତା୦୬।୦୩।୨୦୨୦ ଦିବା ଘ.୧.୦୦ ପର୍ଯ୍ୟନ୍ତ ପାଇପାରିବେ। ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୩୦ ପ୍ରତିଶତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Sonepur Municipalityଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇ ଦିଆଗଲା। ଜଉମୁଦ ଟେଣ୍ଡର ଆସନ୍ତା ତା୦୬।୦୩।୨୦୨୦ ଅପରାହ୍ନ ଘ.୪.୦୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି। କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସ୍‌ରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ। ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ, ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ। ଟେଣ୍ଡର ପାଇଥିବା ବ୍ୟକ୍ତି ୭ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ। କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନ କଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| କ୍ର.ନଂ. | ସୈରାତର ନାମ | ଟେଣ୍ଡରର କାର୍ଯ୍ୟକାଳ | ଅଫ୍‌ସେଟ୍ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧. | ସାପ୍ତାହିକ ବଜାର | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୭,୭୫,୭୭୫/- | ୨,୩୨,୭୩୨/- |
| ୨. | ଦୈନନ୍ଦିନ ବଜାର ମଝିପଡ଼ା ଓ ଦୈନନ୍ଦିନ ବଜାର ଖମ୍ବେଶ୍ୱରୀ ମନ୍ଦିର ପାଖ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୭,୨୦,୬୧୦/- | ୨,୧୬,୧୮୩/- |
| ୩. | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୯୦,୨୦୦/- | ୨୭,୦୬୦/- |
| ୪. | କଂସେଇ ଖାନା | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୩୦,୦୦୦/- | ୯,୦୦୦/- |
| ୫. | ବସ୍‌ଷ୍ଟାଣ୍ଡ ପାର୍କିଂ (ବିଜୁ ପଟ୍ଟନାୟକ ଛକଠାରୁ ନଳିନୀ ଛକ ପର୍ଯ୍ୟନ୍ତ) | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୨,୫୪,୩୨୦/- | ୭୬,୨୯୬/- |
| ୬. | ଅସ୍ଥାୟୀ ଦୋକାନ ଫି | ୦୧।୦୪।୨୦୨୦ରୁ ୩୧।୦୩।୨୦୨୧ | ୧,୪୧,୧୧୩/- | ୪୨,୩୩୯/- |
| ୭. | ଗୋବିନ୍ଦ ବନ୍ଧ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୩ | ୩୪,୭୬୧/- | ୧୦,୪୨୮/- |
| ୮. | ପଥୁରୀବନ୍ଧ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୩ | ୧୭୨୧/- | ୫୧୬/- |
| ୯. | ଗୋଲାବନ୍ଧ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୩ | ୩୪,୩୩୨/- | ୧୦,୨୯୯/- |
| ୧୦. | ସିଙ୍ଗିଡାବନ୍ଧ | ୦୧।୦୪।୨୦୨୧ରୁ ୩୧।୦୩।୨୦୨୩ | ୪୪୦୦/- | ୧୩୨୦/- |
| ୧୧. | କଲ୍ୟାଣମଣ୍ଡପ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୩ | ୬,୦୦,୦୦୦/- | ୧,୮୦,୦୦୦/- |
| ୧୨. | ହୋର୍ଡିଂ (ନଳିନୀଛକ, ବସ୍‌ଷ୍ଟାଣ୍ଡ, ଆମ୍ବେଦକର ଛକ) ଅନ୍ୟ ସ୍ଥାନ ଅନୁମତିପତ୍ର କ୍ରମେ | ୦୧।୦୪।୨୦୨୦ରୁ ୩୧।୦୩।୨୦୨୩ | ୮,୦୦,୦୦୦/- | ୩୦,୦୦୦/- |

**ସ୍ୱା./- ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ପୌରପରିଷଦ**

GOVERNMENT OF ODISHA, OFFICE OF THE EXECUTIVE ENGINEER
**RURAL WORKS DIVISION, KORAPUT**
Email: eerwkoraput@yahoo.com, Phone: 06852-251263

**e-Procurement for Road works**
**Bid Identification No.: EERWKPT – Online -05/2019-20**
Letter No. 803, Date: 20.02.2020

No. O-1158:-

01. Name of the work : Road work in the Dist. of Koraput for the year 2019-20.
02. Total Number of works : 01 No.
03. Approximate Estimated cost : Rs. 4.42 lakhs (approximately)
04. Class of Contractor : "C" and "D" Class
05. Period of Completion : Within 15 days.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Koraput | Online Tender/ 05/ RWD-KPT/ 2019-20 | 25.02.2020 at 11.00AM | 02.03.2020 upto 5.00PM |

Further details can be seen from the website **www.tendersodisha.gov.in/nicgep/app**

1. All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
2. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on Works Contract shall be paid over the bill amount at the time of payment of bill.

***N.B.**: Any Addendum or Corrigendum will be available in the Website only.

***Executive Engineer, Rural Works Division: Koraput***
OIPR-25088/11/0009/1920

**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ଆନୁକୂଲ୍ୟରେ**

No. E-765:-

**ଜିଲ୍ଲାସ୍ତରୀୟ ମହାସ୍ୱାସ୍ଥ୍ୟ ମେଳା-୨୦୨୦**

ତା୨୯।୦୨।୨୦୨୦ରିଖଠାରୁ
ତା୦୧।୦୩।୨୦୨୦ରିଖ ପର୍ଯ୍ୟନ୍ତ

**ସ୍ଥାନ: ବଡ଼ପଡ଼ା ମହାବିଦ୍ୟାଳୟ, ବଡ଼ପଡ଼ା, ପଟ୍ଟାମୁଣ୍ଡାଇ**

ଉକ୍ତ ସ୍ୱାସ୍ଥ୍ୟ ମେଳାରେ ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସା କରାଯିବା ସହ ମାଗଣାରେ ଆବଶ୍ୟକୀୟ ନିଦାନ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଯୋଗାଇ ଦିଆଯିବ ।

ଏହି ସ୍ୱାସ୍ଥ୍ୟମେଳାର ସୁଯୋଗ ନେବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, କେନ୍ଦ୍ରାପଡ଼ା — ଜିଲ୍ଲାପାଳ, କେନ୍ଦ୍ରାପଡ଼ା
OIPR-10018/11/0021/1920

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର**
**DISTRICT RURAL DEVELOPMENT AGENCY, GANJAM CHATRAPUR**
Phone: (06811) 263965, EPBX: (06811) 263920, FAX: (06811) 263552, email: ori-dganjam@nic.in
No. 2402/XXI-232/2020 Dated: 26.02.2020

**TENDER CALL NOTICE**

Sealed tenders are invited by District Rural Development Agency, Ganjam from reputed and registered Firms / Agencies / Proprietors as per tender Specifications for **"Procurement of Pictorial Tiles printed with RH logo under RH Schemes"**. The detailed tender document may be downloaded from the district website of Ganjam district i.e. **www.ganjam.nic.in** from **Dt.26.02.2020 to 12.03.2020**.

Tenders must be submitted through only Speed Post to Project Director, DRDA, Ganjam, Chatrapur- 761020 or dropped in the Tenders Box kept in the office- DRDA, Ganjam, Chatrapur during office hours. Any tenders received through other means and after due date and time will not be accepted.

**Address:**
District Rural Development Agency, Ganjam, Chatrapur-761020
Email: ori-dganjam@nic.in, Contact No. 9937012787

***Sd./- Project Director, DRDA, Ganjam***

**CUTTACK DEVELOPMENT AUTHORITY**
C.D.A. Arunodaya Market, Link Road, Cuttack - 753012 (Odisha)
**No.2204 /CDA / Dated : 27.02.2020**

**QUOTATION CALL NOTICE**

Cuttack Development Authority, Cuttack invites sealed quotations from the Regd. Travel Agencies / Service providers those who intend to supply the vehicles preferable Petrol operated vehicles on monthly hire basis with driver for official purpose which shall confirm in terms and conditions **(Annexure - II).**

The quotation complete in all respect should reach the undersigned on or before dt.06.03.2020 to 5.00 P.M. and shall be opened on dt.07.03.2020 at 3.00 P.M. The details are available in CDA office during office hours from 10.00 to 5.00 on working days or in our website cdacuttack.ori.nic.in w.e.f dt.28.02.2020.

**Sd/- Secretary**

## ମହିଳା ହକି: ଫାଇନାଲରେ ସମ୍ବଲପୁର

କିଟ୍ ପରିସରରେ ଆୟୋଜିତ ମହିଳା ହକି ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହରିୟାଣାର ଏମଡି ବିଶ୍ୱବିଦ୍ୟାଳୟକୁ ୫-୨ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ରିଙ୍କି କୁଜୁର ୧୦ ଓ ୪୭ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଗାୟତ୍ରୀ କିଷାନ ୧୧, ନମ୍ରତା ଜସମିନ ବାରା ୧୨ ଏବଂ ଅଧିନାୟିକା ଖୁସବୁ କୁଜୁର ୬୦+ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଦେବୀକା ସେନ୍ ୩୩ ଓ ମନୀଷା ଧାଓ୍ୱଲ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫାଇନାଲରେ ସମ୍ବଲପୁର ମଧ୍ୟପ୍ରଦେଶର ଆଇଟିଏମ ବିଶ୍ୱବିଦ୍ୟାଳୟକୁ ଭେଟିବ। ଅନ୍ୟ ସେମିଫାଇନାଲରେ ଆଇଟିଏମ ୩-୧ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା।



ଗୁରୁବାର ମହିଳା ରଗ୍‌ବୀର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ

## ବୃହତ୍ ବିଜୟ ସହ କିଟ୍ ମହିଳା ରଗ୍‌ବୀ ଦଳ ସେମିରେ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ରଗ୍‌ବୀ ସେଭେନ୍ସରେ କିଟ୍ ମହିଳା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଛି। ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ଦଳ ବୃହତ୍ ବିଜୟ ହାସଲ କରିଛି। ପୂର୍ବାହ୍ନରେ ଅନୁଷ୍ଠିତ ପୁଲ୍-ଏ ମ୍ୟାଚରେ କିଟ୍ ଦଳ ୪୩-୦ ଗୋଲରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ଅପରାହ୍ନରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ କବୟିତ୍ରୀ ବାହିନବାଇ ଚୌଧାରୀ ନର୍ଥ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟକୁ ୫୩-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କିଟ୍ ପୁରୁଷ ରଗ୍‌ବୀ ଦଳ ଏକ ମ୍ୟାଚରେ ମୋହାଲି ଘରୁଆନସ୍ଥିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ୧୪-୧୯ ଗୋଲରେ ହାରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଦଳକୁ ୧୯-୫ ଗୋଲରେ ପରାସ୍ତ କରିଛି।

# ମନୋଜଙ୍କୁ ସ୍ୱର୍ଣ୍ଣିମ ସଫଳତା



ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶା ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରୋତ୍ତୋଳକ ମନୋଜ କୁମାର ସାହୁ। ସେ ପୁରୁଷ ୭୩ କେଜି ଭାରୋତ୍ତୋଳନ ବିଭାଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦକ ସଂଖ୍ୟା ୨(୧ ସ୍ୱର୍ଣ୍ଣ, ୧ ରୌପ୍ୟ)ରେ ପହଞ୍ଚିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରମିଳା କିର୍ସାନୀ ପୂର୍ବରୁ ମହିଳା ୫୫ କେଜି ବିଭାଗରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ୭୩ କେଜି ଇଭେଣ୍ଟରେ ମନୋଜ ମୋଟ ୨୬୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ସ୍ନାଚ୍‌ରେ ୧୧୫ ଓ କ୍ଲିନ ଆଣ୍ଡ ଜର୍କରେ ୧୫୨ କେଜି ଭାର ଉଠାଇଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ମନୀଷ କୁମାର ୨୫୩(୧୧୪+୧୩୯) ଏବଂ ପଟିଆଲା ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଲଭପ୍ରୀତ ସିଂ ୨୫୩(୧୧୩+୧୪୦) କେଜି ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମନୋଜଙ୍କ ସଫଳତା ସହିତ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବଦିନ କିଟ୍ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସହ ୩ ପଦକ ମିଳିଥିଲା।

**ମାମୁ, ଅଜାଙ୍କ ଦ୍ୱାରା ଅନୁପ୍ରାଣିତ**

''ମୁଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆଗକୁ ଏହିପରି ପଦକ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଅଲିମ୍ପିକ୍ସ ଏବଂ ଏସିଆଡ୍‌ରେ ପାଇବାକୁ ଆଶା ରଖିଛି । ପିଲାଦିନେ ମୁଁ ମୋ ଅଜା ଏବଂ ମୋ ମାମୁଙ୍କଠାରୁ ବହୁତ ଅନୁପ୍ରାଣିତ ହୋଇଥିଲି । ଛୁଆଦିନେ ମାମୁ ଭାରୋତ୍ତୋଳନ କରୁଥିବା ଦେଖି ମୁଁ ଏହି ଗେମ୍ ପ୍ରତି ଆକର୍ଷିତ ହୋଇଥିଲି। ୧୦ମ ଶ୍ରେଣୀ ପାସ୍ ହେବା ପରେ ମୋର ଭାରୋତ୍ତୋଳନ କ୍ୟାରିୟର ଆରମ୍ଭ ହୋଇଥିଲା । ମୋ ମାମୁ ଜଣେ ଅନ୍ତର୍ଜାତୀୟ ସ୍ତରର ଭାରୋତ୍ତୋଳକ ଏବଂ ଅଜା ସେ ସମୟରେ ଗାଁରେ ଏକ କ୍ଲବ୍ ଖୋଲି ଲୋକ ମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ଯାହା ଦ୍ୱାରା ମୁଁ ଅଧିକ ଅନୁପ୍ରାଣିତ ହୋଇ ଆଜି ଏ ସଫଳତା ପାଇପାରିଛି'' ବୋଲି ମନୋଜ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଭଉଣୀ-ଭାଇଙ୍କ ସଫଳ ଯାତ୍ରା



ସୋନି ଓ ଶ୍ରବଣ ମଣ୍ଡାଙ୍ଗି

ଭୁବନେଶ୍ୱର, ୨୭।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲ ସନ୍ତରଣରେ ଯେଉଁଭଳି ପ୍ରଦର୍ଶନର ଛାପ ଛାଡ଼ିଥିଲେ ସେହିଭଳି ଆଉ ଏକ ଭାଇ ଭଉଣୀ ଯୋଡ଼ି ଏବେ ଚର୍ଚ୍ଚାକୁ ଆସିଛନ୍ତି। ଏହି ଭାଇ-ଭଉଣୀ ଯୋଡ଼ି ହେଉଛନ୍ତି ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟର ଶ୍ରବଣ ଓ ସୋନୀ ମଣ୍ଡାଙ୍ଗି। ଶ୍ରବଣ ତୀରନ୍ଦାଜୀରେ ପ୍ରତିନିଧିତ୍ୱ କରୁଥିବାବେଳେ ସୋନୀ କିଟ୍ ମହିଳା ରଗ୍‌ବୀ ଦଳର ଜଣେ ପ୍ରମୁଖ ଖେଳାଳି ରହିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରବଣ ତାଙ୍କ କମାଲ୍ ଦେଖାଇ ସାରିଲେଣି। ପୁରୁଷ ଟିମ୍ ରିକର୍ଭ ଇଭେଣ୍ଟରେ ଶ୍ରବଣ ସ୍ୱର୍ଣ୍ଣ ପଦକ ହାସଲ କରି କିଟ୍ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ସୋନୀ ଗୁରୁବାର ଖେଳାଯାଇଥିବା ୨ଟି ମହିଳା ବିଭାଗ ରଗ୍‌ବୀ ମ୍ୟାଚ୍‌ରେ କିଟ୍‌କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ପଞ୍ଜାବ ଓ ମହାରାଷ୍ଟ୍ରର କେବିସି ବିଶ୍ୱବିଦ୍ୟାଳୟ ବିପକ୍ଷରେ ଯଥାକ୍ରମେ ୧୦ ଲେଖାଏ ସ୍କୋର କରିଥିଲେ।

ଏକ ଆଦିବାସୀ ପରିବାରରୁ ଆସିଥିବା ଏହି ଭାଇ-ଭଉଣୀ ଯୋଡ଼ି କିନ୍ତୁ କିସ୍‌କୁ ଆସିବା ପୂର୍ବରୁ ଶିକ୍ଷା ଓ କ୍ରୀଡ଼ା ବିଷୟରେ କୌଣସି ଧାରଣା ନ ଥିଲା। କିନ୍ତୁ ଯେତେବେଳେ ଉଭୟ କିସ୍‌ରେ ଯୋଗଦେଲେ ପଢ଼ା ସହିତ ଖେଳରେ ମଧ୍ୟ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇଲେ। ସମୟକ୍ରମେ ଶ୍ରବଣ ତୀରନ୍ଦାଜୀ ଓ ସୋନୀ ରଗ୍‌ବୀରେ ପରିଚୟ ସୃଷ୍ଟି କରିପାରିଥିଲେ। 'ମୁଁ ଯେତେବେଳେ କିସ୍‌ରେ ୭ମ ଶ୍ରେଣୀରେ ପଢ଼ୁଥିଲି ତୀରନ୍ଦାଜୀ ଖେଳିବା ଆରମ୍ଭ କରିଥିଲି। କିଟ୍ ଆମର ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରୁଥିବାରୁ ଏହା ଆମର ଏକ ଘର। ବର୍ଷକୁ କେବଳ ଖରାଛୁଟିରେ ହିଁ ଆମେ ଘରକୁ ଯାଇଥାଉ। ଜାତୀୟ ସିନିୟର ଦଳରୁ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ପ୍ରତିନିଧିତ୍ୱ କରିବା ମୋର ପରବର୍ତ୍ତୀ ଲକ୍ଷ୍ୟ' ବୋଲି ଶ୍ରବଣ କହିଛନ୍ତି। 'ଗାଁରେ ରହୁଥିବାବେଳେ ପାଠପଢ଼ା କି ଖେଳ ବିଷୟରେ ସୁଯୋଗ ମିଳୁ ନ ଥିଲା। ଆଦିବାସୀ ପିଲାଙ୍କ ପାଇଁ ଏକ ସ୍କୁଲ ଥିବା ଯେତେବେଳେ ମୋ ବାପା ଜାଣିବାକୁ ପାଇଲେ ସେ ଆମକୁ ଏଠାକୁ ଆଣିଥିଲେ। ୨୦୦୭ରେ ଆମ ଇନ୍‌ଷ୍ଟିଚ୍ୟୁଟ୍ ଯେତେବେଳେ ଲଣ୍ଡନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସ୍କୁଲ ରଗ୍‌ବୀରେ ଚାମ୍ପିୟନ ହୋଇଥିଲା ସେବେଠାରୁ ଏହି ଖେଳ ଖେଳିବା ପାଇଁ ମୋର ଆଗ୍ରହ ବଢ଼ିଥିଲା' ବୋଲି ୧୯ ବର୍ଷୀୟା ସୋନୀ କହିଛନ୍ତି। କ୍ରିକେଟ୍‌ରେ ସଚିନ ଯେଉଁଭଳି ପ୍ରସିଦ୍ଧ ହୋଇଛନ୍ତି ସେହିଭଳି ସଫଳତା ପାଇବାକୁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।

## ପୁଣେର ଶୀର୍ଷସ୍ଥାନ ଦୃଢ଼

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ଗୁରୁବାର ଆଉ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ପଦକ ତାଲିକାରେ ନିଜର ସ୍ଥାନକୁ ଦୃଢ଼ କରିଛି। ଭାରୋତ୍ତୋଳନ ଇଭେଣ୍ଟରେ ଏହି ଦଳର ମହେଶ ଦତ୍ତ, ପ୍ରଜକ୍ତ ରବୀନ୍ଦ୍ର ଖାଲକର ଏବଂ କୁସ୍ତିରେ ଜ୍ୟୋତିବା ବଜରଙ୍ଗ ଆଟକାଲେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ବେଙ୍ଗାଲୁରୁର ଜୈନ ବିଶ୍ୱବିଦ୍ୟାଳୟ ୮ ସ୍ୱର୍ଣ୍ଣରେ ସ୍ଥିର ଅଛନ୍ତି। ତେଣୁ ଏହି ଦୁଇ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅମୃତସରର ଗୁରୁ ନାନକଦେବ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଶୀର୍ଷ ୫ ମଧ୍ୟରେ ସ୍ଥାନ ପାଇ ସଂଘର୍ଷ ଜାରି ରଖିଛନ୍ତି।

**ପଦକ ତାଲିକା (ଟପ୍-୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁଣେ | ୧୩ | ୫ | ୬ | ୨୪ |
| ପଞ୍ଜାବ | ୮ | ୧୧ | ୭ | ୨୬ |
| ଜୈନ | ୮ | ୬ | ୨ | ୧୬ |
| ଗୁରୁ ନାନକ ଦେବ | ୬ | ୧ | ୫ | ୧୨ |
| ମୁମ୍ବାଇ | ୫ | ୬ | ୬ | ୧୭ |
| ଏମଡିୟୁ | ୫ | ୩ | ୨ | ୧୦ |
| ପଞ୍ଜାବୀ | ୪ | ୫ | ୭ | ୧୬ |
| ଦିଲ୍ଲୀ | ୪ | ୫ | ୬ | ୧୫ |
| ରାଜୀବ ଗାନ୍ଧୀ | ୩ | ୨ | ୧ | ୬ |
| ବୀର ନର୍ମାଦ | ୨ | ୬ | ୩ | ୧୧ |
| କିଟ୍ | ୧ | ୧ | ୧ | ୩ |
| ବ୍ରହ୍ମପୁର | ୧ | ୧ | ୦ | ୨ |

## 'ଏଚ୍‌ପିସିରେ ମୋର ବହୁତ ଉନ୍ନତି ହୋଇଛି'

ଭୁବନେଶ୍ୱର, ୨୭।୨ (ସ୍ପୋର୍ଟ୍ସ ବ୍ୟୁରୋ)- ଓଡ଼ିଶା ଭାରୋତ୍ତୋଳନ ହାଇ-ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ପ୍ରତିଷ୍ଠା ହେବାର ଗୋଟିଏ ବର୍ଷ ହୋଇ ନ ଥିବାବେଳେ ଏହାର ପ୍ରଶିକ୍ଷାର୍ଥୀ କୁମ୍ଭେଶ୍ୱର ମଲିକ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି କୁମ୍ଭେଶ୍ୱର ୫୫ କିଗ୍ରା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୯ଟି ହାଇ ପରଫର୍ମାନ୍ସ ସେଣ୍ଟର କାର୍ଯ୍ୟ କରୁଥିବାବେଳେ କ୍ରିକେଟର୍ ଅନିଲ କୁମ୍ବଲେଙ୍କ ସଂସ୍ଥା ଟେନ୍‌ଭିକ ଅନ୍ୟତମ। କେଜେଏସ୍ ଆଲୁଓ୍ୱାଲିଆ ଗ୍ରୁପ୍ ଏହାର ପ୍ରାୟୋଜକ ରହିଛି। କିଟ୍ କ୍ୟାମ୍ପସ ପରିସରରେ ରହିଥିବା ସେଣ୍ଟରରେ ୧୮ ବାଳିକା ଓ ୧୭ ବାଳକ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ବ୍ରିଟିଶ କୋଚ୍ କାଜେମ ପଞ୍ଜାଭୀ ଏହି ସେଣ୍ଟର କୋଚ୍ ଦାୟିତ୍ୱରେ ରହିଛନ୍ତି। 'ଗତ ୫ ମାସ ପୂର୍ବେ ମୁଁ ହାଇପର୍‌ଫରମାନ୍ସ ସେଣ୍ଟରରେ ଟ୍ରେନିଂ କରିବା ଆରମ୍ଭ କରିଥିଲି। ଏହି ସମୟ ମଧ୍ୟରେ ମୋର ବହୁତ ଉନ୍ନତି ହୋଇଛି। ମୋ ଟେକ୍‌ନିକରେ ପରିବର୍ତ୍ତନ ଆଣିଛି, ଯାହାକି ମୋତେ ଭଲ ଅନୁଭବ ଦେଇଛି। ସେହିଭଳି ମୋ ଡାଏଟ୍‌ରେ ମଧ୍ୟ ପରିବର୍ତ୍ତନ ହୋଇଛି। ଜଣେ ପ୍ରଫେଶନାଲ କୋଚ୍‌ଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଛି। ମୋର ପ୍ରଥମ ପଦକ ଜିତି ସାରିଥିବାରୁ ଏହା ମୋତେ ବହୁତ ଆନନ୍ଦ ଦେଇଛି' ବୋଲି କୁମ୍ଭେଶ୍ୱର କହିଛନ୍ତି।



କୋଚ୍ କାଜେମ ପଞ୍ଜାଭୀ (ଡାହାଣ)ଙ୍କ ସହ କୁମ୍ଭେଶ୍ୱର ମଲିକ



ସହିଦ ନଗର ଇନ୍‌ଡୋର ହଲରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା କୁସ୍ତି ପ୍ରତିଯୋଗିତାର ଏକ ମୁହୂର୍ତ୍ତ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଦୁଇ ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ଟେବୁଲ ଟେନିସ ମ୍ୟାଚ୍।

## ସଂକ୍ଷେପରେ

### ବାଂଲାଦେଶ ବିପକ୍ଷରେ ଅଷ୍ଟ୍ରେଲିଆର ସହଜ ବିଜୟ

କାନବେରା, ୨୭।୨ (ପି.ଟି.)- ଚଳିତ ଆଇସିସି ମହିଳା ଟି୨୦ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ୮୬ରନରେ ବାଂଲାଦେଶକୁ ହରାଇ ଦେଇଛି। ଦଳକୁ ସହଜ ବିଜୟ ଦେବାରେ ଆଲିସା ହିଲି (୮୩ ରନ) ଓ ବେଥ୍ ମୁନି (୮୧*) ଙ୍କର ବିଶେଷ ଭୂମିକା ରହିଛି। ପ୍ରଥମ ଉଇକେଟରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ୧୫୧ରନର ପାର୍ଟନରଶିପ୍ ହୋଇଥିଲା। ମହିଳା ଟି୨୦ ବିଶ୍ୱକପ୍‌ରେ ଯେକୌଣସି ଉଇକେଟରେ ଅଷ୍ଟ୍ରେଲିଆର ଏହା ହେଉଛି ସବୁଠାରୁ ବଡ଼ ପାର୍ଟନରଶିପ୍। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୧ ଉଇକେଟ ବିନିମୟରେ ୧୮୯ ରନ କରିଥିଲା, ଯାହାକି ଟୁର୍ନାମେଣ୍ଟର ସର୍ବୋଚ୍ଚ ସ୍କୋର। କଷ୍ଟସାଧ ବିଜୟ ଲକ୍ଷ୍ୟ ପିଛା କରି ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୦୩ ରନ କରିବାରେ ସକ୍ଷମ ହୋଇଥିଲା।

ସଂକ୍ଷିପ୍ତ ସ୍କୋର
ଅଷ୍ଟ୍ରେଲିଆ: ୨୦ ଓଭରରେ ୧୮୯/୧ (ଆଲିସା ହିଲି-୮୩, ବେଥ୍ ମୁନି-୮୧*, ସଲ୍‌ମା ଖାତୁନ-୧/୩୯)।
ବାଂଲାଦେଶ : ୨୦ ଓଭରରେ ୧୦୩/୯ ( ଫର୍ଗାନା ହୋକ୍ ପିଙ୍କି-୩୬, ମେଗାନ ସ୍କଟ୍-୩/୨୧, ଜେସ୍ ଜୋନାସେନ୍-୨/୧୭)।



> ଆସନ୍ତା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସରେ ସ୍ଥାନ ପାଇଥିବା ଘରୋଇ କ୍ରିକେଟରମାନେ ବିଶେଷ ଭୂମିକା ଗ୍ରହଣ କରିବେ ବୋଲି ଆଶା ।
> –ମୋହିତ ଶର୍ମା, ମିଡିୟମ ପେସ୍ ବୋଲର



> ଚଳିତ ଆଇସିସି ଟି୨୦ ବିଶ୍ୱକପ୍‌ରେ ଯଦି ଆମେ ଛୋଟମୋଟ ତ୍ରୁଟିକୁ ନ ସୁଧାରିବା ତେବେ ଆଗକୁ ମ୍ୟାଚ ଜିତିବା ସହଜ ହେବନି।
> –ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା

ଆଇସିସି ମହିଳା ଟି୨୦ ବିଶ୍ୱକପ୍

# ନ୍ୟୁଜିଲାଣ୍ଡକୁ ହରାଇ ସେମିରେ ଭାରତ



ଶେଫାଳି ବର୍ମା

ମେଲବୋର୍ନ, ୨୭।୨

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଓପନର ଶେଫାଳି ବର୍ମାଙ୍କ ବିସ୍ଫୋରକ ୪୬ ଓ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ଏକ ରୋମାଞ୍ଚଭରା ମ୍ୟାଚ୍‌ରେ ଭାରତୀୟ ଦଳ ୩ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଭାରତୀୟ ଦଳ ପକ୍ଷରୁ ଧାର୍ଯ୍ୟ ୧୩୪ ରନ୍‌ର ଟାର୍ଗେଟ ଆଗରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ନ୍ୟୁଜିଲାଣ୍ଡ ୬ ଉଇକେଟ ହରାଇ ୧୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ଦଳ ପାଇଁ ସର୍ବାଧିକ ରନ୍ କରିଥିବା ଶେଫାଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଭାରତୀୟ ଦଳ ଗ୍ରୁପ୍ ଏ'ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍‌ରେ ଆୟୋଜକ ଅଷ୍ଟ୍ରେଲିଆ ଓ ବାଂଲାଦେଶକୁ ହରାଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ। ଇନିଂସର ତୃତୀୟ ଓଭରରେ ହିଁ ଗତ ମ୍ୟାଚ୍‌ରେ ଅସୁସ୍ଥତା ଯୋଗୁ ଖେଳି ନ ଥିବା ସ୍ମୃତି ମନ୍ଧାନା (୧୧) ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଶେଫାଳି ଓ ତାନିୟା ଭାଟିଆ (୨୩) ଦ୍ୱିତୀୟ ଉଇକେଟ ପାଇଁ ଦଳୀୟ ସ୍କୋରରେ ୫୧ ରନ୍ ଯୋଡ଼ିଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଆରମ୍ଭ କରିଥିଲା। ଦଶମ ଓଭରରେ ତାନିୟା ଓ ଦ୍ୱାଦଶ ଓଭରରେ ଜେମିମା ରୋଡ୍ରିଗୁଏଜ (୧୦) ଆଉଟ୍ ହୋଇଥିଲେ। ଅଧିନାୟିକା ହରମନପ୍ରୀତ (୧) ମଧ୍ୟ ବିଫଳ ହୋଇଥିଲେ। ଦଶମ ଓଭରରେ ଜୀବନ ଦାନ ପାଇଥିବା ଶେଫାଳି (୪୬) ଏକ୍ସଟ୍ରା କଭର ଅଞ୍ଚଳରେ ଧରା ପଡ଼ିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୩ ଛକା ସାମିଲ ଥିଲା। ବାମହାତୀ ବ୍ୟାଟ୍ସୱମେନ ଦୀପ୍ତି (୮) ଓ ବେଦ କ୍ରିଷ୍ଣମୂର୍ତ୍ତି (୬) ଦଳୀୟ ସ୍କୋରକୁ ୧୦୦ ରନ୍‌ରେ ପହଞ୍ଚାଇବା ପରେ ଆଉଟ୍ ହୋଇଥିଲେ। ରାଧା ଯାଦବ ୯ ବଲରେ ଗୋଟିଏ ଛକା ସାହାଯ୍ୟରେ ୧୪ ରନ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ରୋଜମେରି ମେର ଓ ଆମେଲି କେର ୨ଉଇକେଟ ହାତେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଓଭରରେ ସ୍ପିନର ଦୀପ୍ତି ଶର୍ମାଙ୍କଠାରୁ ୧୨ ରନ୍ ଆଦାୟ କରିଥିଲା। ମାତ୍ର ଦ୍ୱିତୀୟ ଓଭରରେ ଅଭିଜ୍ଞ ଶିଖା ପାଣ୍ଡେ ଭାରତୀୟ ଦଳ ଲାଗି ପ୍ରଥମ ସଫଳତା ଆଣିଥିଲେ। ସେ ରିଚେଲ ପ୍ରିଷ୍ଟ (୧୨)ଙ୍କୁ ଆଉଟ୍ କରିଥିଲେ। ଇନିଂସର ୬ଷ୍ଠ ଓଭରରେ ଦୀପ୍ତି ସୁଜି ବାଟେଙ୍କୁ କ୍ଲିନ ବୋଲ୍ଡ କରି ପ୍ୟାଭିଲିଅନ ବାଟ ଦେଖାଇଥିଲେ। ଏହାପରେ ସ୍ପିନର ପୁନମ ଓ ରାଧା ଯାଦବ କଞ୍ଜୁସ ବୋଲିଂ କରି ନ୍ୟୁଜିଲାଣ୍ଡ ଉପରେ ଚାପ ପକାଇଥିଲେ। ଚାପର ସମ୍ମୁଖୀନ ହୋଇ ନ ପାରି ପ୍ରତିପକ୍ଷ ଦଳର ଅଧିନାୟିକା ସୋଫି ଡେଭିନ (୧୪) ଆଉଟ୍ ହୋଇଥିଲେ। ମାଡି ଗ୍ରୀନ୍ ୨୪ ଓ କାଟେ ମାର୍ଟିନ ୨୫ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ଦଳକୁ ଜିତିବା ପାଇଁ ଅନ୍ତିମ ୨ ଓଭରରେ ୩୪ ରନ୍ ଦରକାର ଥିଲା। ୧୯ତମ ଓଭରରେ ପୁନମଙ୍କୁ ଆମେଲି କେର୍ ଏକ ଡବଲ ରନ୍ ସହ ୪ଟି ଚୌକା ମାରିଥିଲେ। ଏଣୁ ଅନ୍ତିମ ଓଭରରେ ଦଳକୁ ୧୬ ରନ୍ ଆବଶ୍ୟକ ଥାଏ। ଶିଖା ପାଣ୍ଡେ ଓଭରରେ କେର୍ ଓ ହେଲି ଜେନସେନ ଗୋଟିଏ ଲେଖାଏ ଚୌକା ମାରିବା ସତ୍ତ୍ୱେ ମ୍ୟାଚ୍ ଭାରତ ହାତରୁ ଛଡ଼ାଇ ନେଇଥିଲା। ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭର ଖେଳି ୬ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୀପ୍ତି ଶର୍ମା, ଶିଖା ପାଣ୍ଡେ, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**
**ଭାରତ ଇନିଂସ:** ୨୦ ଓଭରରେ ୧୩୩/୮(ଶେଫାଳି ବର୍ମା–୪୬, ତାନିୟା ଭାଟିଆ–୨୩, ଆମେଲି କେର୍ –୨/୨୧, ରୋଜମେରି ମେର୍– ୨/୨୭)।
**ନ୍ୟୁଜିଲାଣ୍ଡ ଇନିଂସ:** ୨୦ ଓଭରରେ ୧୩୦/୬ (ଆମେଲି କେର୍– ୩୪*, କାଟି ମାର୍ଟିନ–୨୫, ମାଡି ଗ୍ରୀନ୍–୨୪, ଶିଖା ପାଣ୍ଡେ–୧/୨୧, ରାଜେଶ୍ୱରୀ ଗାଏକ୍ୱାଡ– ୧/୨୨)।

## ଓଡ଼ିଶା ସିନିୟର ହ୍ୟାଣ୍ଡବଲ ଦଳରେ ଆର୍ଯ୍ୟନ



ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଉଦୀୟମାନ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ଜୁନିୟର ସ୍ତରରେ ଚମତ୍କାର ପ୍ରଦର୍ଶନର ପୁରସ୍କାର ପାଇଛନ୍ତି। ତାଙ୍କୁ ଓଡ଼ିଶା ସିନିୟର ହ୍ୟାଣ୍ଡବଲ ଦଳରେ ସାମିଲ କରାଯାଇଛି। ଚଳିତମାସ ୨୯ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ବିହାରରେ ହେବାକୁଥିବା ପୂର୍ବାଞ୍ଚଳ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ସିନିୟର ଦଳରୁ ପ୍ରତିନିଧିତ୍ୱ କରିବେ। ଗୁରୁବାର ଆର୍ଯ୍ୟନ କଟକରୁ ଓଡ଼ିଶା ଦଳ ସହ ବିହାର ଯାତ୍ରା କରିଛନ୍ତି। ଅପର୍ଣ୍ଣା ଓ ଗୌରୀ ଶଙ୍କର ମିଶ୍ରଙ୍କ ପୁତ୍ର ଆର୍ଯ୍ୟନ ୨୦୧୫ରୁ ଜାତୀୟ ସବ୍‌ଜୁନିୟର ଓ ଜୁନିୟର ଦଳରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଏହା ବ୍ୟତୀତ ୨୦୧୮ରୁ ଜୁନିୟର ସ୍ତରରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୨୦୦୪ ମାର୍ଚ୍ଚ ୧୦ରେ ଜନ୍ମିତ ଆର୍ଯ୍ୟନ ପ୍ରଥମଥରପାଇଁ ସିନିୟର ଦଳରେ ଖେଳିବାର ସୁଯୋଗ ପାଇଛନ୍ତି।

## ୱାର୍ନର ସନରାଇଜର୍ସ ଅଧିନାୟକ

ମୁମ୍ବାଇ, ୨୭।୨



ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱରେ ପରିବର୍ତ୍ତନ କରିଛି। ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କୁ ହଟାଇ ଅଷ୍ଟ୍ରେଲିଆନ ଓପନର ଡେଭିଡ୍ ୱାର୍ନରଙ୍କୁ ପୁଣିଥରେ ଦଳର ଅଧିନାୟକ ଦାୟିତ୍ୱ ଦେଇଛି। ତାଙ୍କ ନେତୃତ୍ୱରେ ଦଳ ୨୦୧୬ ସଂସ୍କରଣରେ ଆଇପିଏଲ ଚାମ୍ପିୟନ ହୋଇଥିଲା। ବଲ ଟାମ୍ପରିଂ ପାଇଁ ବାସନ୍ଦ ହେବାରୁ ସେ ୨୦୧୮ ସିଜନରେ ଖେଳିପାରି ନ ଥିଲେ। ସେ ଗତବର୍ଷ ଆଇପିଏଲକୁ ଫେରିଥିଲେ। କିନ୍ତୁ ୱିଲିୟମସନ ଦଳର ପ୍ରଥମ ପସନ୍ଦ ଅଧିନାୟକ ଥିଲେ। ଭୁବନେଶ୍ୱର କୁମାର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଆଇପିଏଲ ୨୦୨୦ ପାଇଁ ମୋତେ ଅଧିନାୟକ ହେବାର ଗୁରୁଦାୟିତ୍ୱ ମିଳିଥିବାରୁ ମୁଁ ଉତ୍ସାହିତ। ପୁଣି ଥରେ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ଗତ ଦୁଇ ବର୍ଷ ହେଲା ଦଳକୁ ସମ୍ଭାଳୁଥିବାରୁ ଭୁବି ଓ ୱିଲିୟମସନଙ୍କୁ ଧନ୍ୟବାଦ ଦେଉଛି। ଚଳିତବର୍ଷ ଆଇପିଏଲ ଟ୍ରଫି ହାତେଇବା ଲାଗି ମୁଁ ଯଥା ସାମର୍ଥ୍ୟ ଉଦ୍ୟମ କରିବି ବୋଲି ୱାର୍ନର କହିଛନ୍ତି। ଫ୍ରାଞ୍ଚାଇଜ ସହ ୨୦୧୪ରେ ଯୋଡ଼ିହେବା ପରଠାରୁ ୱାର୍ନର ଭଲ ପ୍ରଦର୍ଶନ କରିଆସୁଛନ୍ତି। ସେବେଠାରୁ ବାମହାତୀ ଅଷ୍ଟ୍ରେଲିଆନ ଓପନର ୨୦୧୫, ୨୦୧୭ ଓ ୨୦୧୯ରେ ଅରେଞ୍ଜ କ୍ୟାପ ଅଧିକାର କରିଛନ୍ତି। ସେ ୧୨୬ ମ୍ୟାଚ୍ ଖେଳି ୪୭୦୬ ରନ୍ ସହ ଆଇପିଏଲରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ବିରାଟ କୋହଲି, ସୁରେଶ ରାଇନା ଓ ରୋହିତ ଶର୍ମା ଟପ୍ ୩ରେ ରହିଛନ୍ତି। ସନରାଇଜର୍ସ ଦଳ ଏପ୍ରିଲ ୧ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଆଇପିଏଲ ଅଭିଯାନ ଆରମ୍ଭ କରିବ।

## କ୍ୱାର୍ଟରରେ ନାଡାଲ

ଲସ୍ ଏଞ୍ଜେଲ୍ସ, ୨୭।୨(ଏଏଫ୍‌ପି): ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କଧାରୀ ରାଫାଲ ନାଡାଲ ତୃତୀୟ ଥର ଏଟିପି ମେକ୍ସିକୋ ଓପନ୍ ଟାଇଟଲ ହାତେଇବାର ନିକଟତର ହୋଇଛନ୍ତି। ସେ ସର୍ବିୟାର ଯୁବ ଖେଳାଳି ମିଓମିର କେମାନୋଭିକ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌କୁ ଟପ୍ ସିଡ୍ ନାଡାଲ ୬–୨, ୭–୫ ସେଟ୍‌ରେ ଜିତି ନେଇଛନ୍ତି। ତାଙ୍କୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଦକ୍ଷିଣ କୋରିଆର କ୍ୱନ ସୁନ ଉଙ୍କୁ ପରାସ୍ତ କରିବାକୁ ପଡ଼ିବ। ସେ ଯଦି ଏହି ଟାଇଟଲ ହାତେଇବାରେ ସଫଳ ହୁଅନ୍ତି ଓ ନୋଭାକ ଜୋକୋଭିଚ୍ ଦୁବାଇ ଟେନିସ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପରାସ୍ତ ହେଲେ, ତେବେ ର୍‍ୟାଙ୍କିଙ୍ଗ୍‌ରେ ପରିବର୍ତ୍ତନ ହେବ। ନାଡାଲ ଶୀର୍ଷ ର୍‍ୟାଙ୍କ୍ ହାସଲ କରିବେ।

## ନିଲାମ ହେବ ବ୍ରାଏଣ୍ଟଙ୍କ ଜର୍ସି

ନ୍ୟୁୟର୍କ, ୨୭।୨ (ଏପି)

କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାଏଣ୍ଟଙ୍କ କେତୋଟି ପ୍ରମୁଖ ସ୍ମାରକୀ ନିଲାମ ହେବ। ତନ୍ମଧ୍ୟରେ ତାଙ୍କର ଦୁଇଟି ଲସ୍ ଏଞ୍ଜେଲ୍ସ ଲେକର୍ସ ୟୁନିଫର୍ମ, ଗ୍ରାଉମାନ୍ସ ଚାଇନିଜ ଥିଏଟର ହଲ୍ ଅଫ୍ ଫେମ୍ ଗ୍ୟାଲେରୀରେ ସ୍ଥାନ ପାଇବା ବେଳର ସିମେଣ୍ଟ ହ୍ୟାଣ୍ଡ୍‌ପ୍ରିଣ୍ଟ ଅନ୍ୟତମ। ଏସବୁର ନିଲାମ ଏପ୍ରିଲ ୩୦ରେ ହେବ ବୋଲି ନିଲାମକାରୀ ଜୁଲିଏନ୍ସ ଅକ୍ସନ୍ସ ତରଫରୁ ସୂଚନା ଦିଆଯାଇଛି। ସଂସ୍ଥା ତରଫରୁ ପ୍ରତିବର୍ଷ ବିଭିନ୍ନ କ୍ରୀଡ଼ାସ୍ମାରକୀ ନିଲାମ କରାଯାଇଥାଏ। ଏଥର ନିଲାମୀରେ ୧୯୮୪ ଲସ୍‌ଏଞ୍ଜେଲ୍ସ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ଏକ ରୌପ୍ୟ ପଦକ ଏବଂ ୨୦୦୨ ଫିଫା ବିଶ୍ୱକପ୍ ସ୍ୱର୍ଣ୍ଣ ବିଜେତାଙ୍କ ଏକ ପଦକ ସ୍ଥାନ ପାଇଛି। ଜାନୁୟାରୀ ୨୬ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ବ୍ରାଏଣ୍ଟ , ତାଙ୍କ ଝିଅ ଗାଏନା ଏବଂ ଅନ୍ୟ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ବ୍ରାଏଣ୍ଟଙ୍କ କିଛି ସ୍ମାରକୀ ନିଲାମ ପାଇଁ ଯୋଜନା ହୋଇଥିଲା। ବ୍ରାଏଣ୍ଟଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ଜୁଲିଏନ୍ସ ଅକ୍ସନ୍ସର ସଭାପତି ତଥା ସୁଇଓ ଡାରେନ ଜୁଲିଏନ୍ ପ୍ରକାଶ କରିଛନ୍ତି। ଯେଉଁ ୟୁନିଫର୍ମଗୁଡ଼ିକ ନିଲାମ ହେବ ତନ୍ମଧ୍ୟରୁ ଗୋଟିଏ ସେ ୨୦୦୦ ଏନ୍‌ବିଏ ଫାଇନାଲ୍ସରେ ପରିଧାନ କରିଥିଲେ।





ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଗୁରୁବାର ପୁରୁଷ କବାଡ଼ି ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

CLASSIFIED DISPLAY

**Distributor Reqd.**
ADIODI Fashion Pvt.Ltd.
leading manufacture of Jeans,T-Shirts, Shirts & Innerware(both Men&Women) immediately required distributor district wise for entire part of Odisha.
Contact- 9938842102 / 7978926559



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ–ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ–ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀଙ୍କ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

## ୫ ବୋଲରଙ୍କୁ ଖେଳାଇବା ଆବଶ୍ୟକ

**ଗୌତମ୍ ଗମ୍ଭୀର**

କ୍ରୀଡ଼ା ହେଉଛି ଏକ ବିରଳ ପେସା ଯେଉଁଥିରେ ମଣିଷର ସବୁ ପ୍ରକାର ଭାବପ୍ରବଣତା ଦେଖିବାକୁ ମିଳିଥାଏ। ସୁଖ ଓ ଦୁଃଖକୁ ମଣିଷ କ୍ରୀଡ଼ାରେ ଲୁଚାଇ ରଖିପାରେନାହିଁ। ଏହି ଦୁଇଟି ଜିନିଷ କ୍ଷେତ୍ର ପ୍ରସ୍ତୁତ କରିଥାଏ। ବାକି ସବୁ ଯାହା ନାଟକର ଏକ ଅଂଶ ସ୍ୱରୂପ ହୋଇଥାଏ। ମଣିଷର ଭାବପ୍ରବଣତା ପଢିବାରେ ମୁଁ ଜଣେ ବିଶେଷଜ୍ଞ ନୁହଁ। ତେବେ କ୍ରୀଡ଼ାବିତ୍ ହିସାବରେ ମଣିଷର ସବୁପ୍ରକାର ଭାବ ପ୍ରବଣତା ସହିତ ମୁଁ ଜଡିତ ରହିଆସିଛି। ମୋର କେତେଜଣ ବନ୍ଧୁ ଭୟଭୀତ ହେବା ସହ ରାଗିଯାଇଥାନ୍ତି। ତେବେ ରାଗ କିପରି ଜଣେ କ୍ରୀଡ଼ାବିତଙ୍କ ପ୍ରଦର୍ଶନକୁ ଉପରକୁ ଉଠାଇଥାଏ ସେ ବିଷୟରେ ଆଲୋଚନା କରିବି।

୨୦୦୮ରେ ରଣଜୀ ଟ୍ରଫି ଫାଇନାଲରେ ଦିଲ୍ଲୀର ନେତୃତ୍ୱ ନେଉଥିଲି। ମୁମ୍ବାଇରେ ଉତ୍ତରପ୍ରଦେଶ ବିପକ୍ଷରେ ଫାଇନାଲ ଖେଳାଯାଉଥିଲା। ପ୍ରଥମ ଇନିଂସରେ ମୁଁ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲି। ସେତେବେଳେ ଟେକ୍‌ନିକ୍ ଓ ଟେମ୍ପରାମେଣ୍ଟ ନେଇ ପ୍ରବଳ ସମାଲୋଚନାର ଶିକାର ହୋଇଥିଲି। ରଣଜୀ ଟ୍ରଫି ଜିତିବା ନେଇ ପିଲାଟି ବେଳୁ ମୋର ସ୍ୱପ୍ନ ଥିଲା। ଜଣେ ଜାତୀୟ ଚୟନକର୍ତ୍ତା ମଧ୍ୟ ମୋତେ କଡ଼ା ସମାଲୋଚନା କରିବାକୁ ପଛାଇ ନ ଥିଲେ। ସେତେବେଳେ ଭାରି ରାଗିଯାଇଥିଲି। ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିଲି ଓ ଦିଲ୍ଲୀ ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିଲା। ଏଠାରେ ରାଗ କାମରେ ଆସିଥିଲା। ଏହି ମ୍ୟାଚ୍‌ରେ ନିରାଶ, ଦୁଃଖ, ରାଗ, ବିଜୟ ଓ ଆନନ୍ଦ ସବୁ ପ୍ରକାର ଭାବପ୍ରବଣତାର ସମ୍ମୁଖୀନ ହୋଇଥିଲି।

ଏବେ ଅଧିନାୟକ ବିରାଟ କୋହଲି ମଧ୍ୟ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ୨୦୧୯ ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ଭାରତ ଦିନିକିଆ ସିରିଜରେ ପ୍ରତିଶୋଧ ନେବ ବୋଲି ଚର୍ଚ୍ଚା ହେଉଥିଲା। ନ୍ୟୁଜିଲାଣ୍ଡ ଖେଳାଳିମାନେ ଏତେ ଭଲ ଯେ, ପ୍ରତିଶୋଧ କଥା ଚିନ୍ତା କରିହେବ ନାହିଁ ବୋଲି କୋହଲି କହିଥିଲେ। କିନ୍ତୁ କଥା ଅଲଗା ହୋଇଥିଲା। ତେବେ ସେ ପ୍ରତ୍ୟାବର୍ତ୍ତନ କରି ଆଗକୁ ନିଜ ଦକ୍ଷତା ଓ ଖ୍ୟାତି ଅନୁରୂପ ଖେଳିବେ।

କ୍ରିକେଟ ଓ ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କୋହଲି ୫ଜଣ ବୋଲରଙ୍କୁ ଖେଳାଇବା ଉଚିତ୍ ହେବ। ଉଇକେଟ ଫ୍ଲାଟ ହେଉ କିମ୍ବା ସବୁଜ ହେଉ କୋହଲି ହନୁମା ବିହାରୀଙ୍କ ବଦଳରେ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବା ଉଚିତ ହେବ। ଯୁବ ଓପନର ପୃଥ୍ୱୀ ଶ ଓ ତାଙ୍କ ବ୍ୟାଟିଂ ଟେକ୍‌ନିକ୍ ବିଷୟରେ ବେଶ୍ ଆଲୋଚନା ହେଉଛି। ପୃଥ୍ୱୀଙ୍କ ପ୍ରତିଭା ଉପରେ ଭରସା ରଖିବା ଉଚିତ୍। ସେ ଆଗକୁ ଭାରତ ପାଇଁ ଦୀର୍ଘ ବର୍ଷ ଖେଳିବାର ସମ୍ଭାବନା ରହିଛି। ଆଗକୁ ଭାରତ ଭଲ ପ୍ରଦର୍ଶନ କରିବ ଓ ସମାଲୋଚକଙ୍କୁ ଚୁପ୍ କରାଇବ ବୋଲି ଆଶା ରଖିଛି।

**(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)**

#WhatDrivesYou
EXIDE

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



ସ୍ୱର୍ଗତ ଭବାନୀ ଶଙ୍କର ମିଶ୍ର
ପାଟପୁର, ନିମାପଡ଼ା, ପୁରୀ
ଆବିର୍ଭାବ: ୧୨।୧୧।୧୯୨୪
ତିରୋଧାନ: ୧୮।୦୨।୨୦୨୦
ବିଧିର ନିର୍ଦ୍ଦେଶ ଛାଡି ଚାଲିଗଲ
ଭୁଲି ସେହି ପ୍ରୀତି ଅଳି।
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି।
–:ଶୋକସନ୍ତପ୍ତ ପରିବାରବର୍ଗ:–
ପତ୍ନୀ: ଶଶୀରେଖା, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ନାତୁଣୀ ବୋହୂ, ଅଣନାତି, ଅଣ ନାତୁଣୀମାନେ।
ଧ–୧୬୮୯୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚିନ୍ତାମଣି ରଥ
ନୂଆଗାଁ, ନୟାଗଡ଼
ଆବିର୍ଭାବ: ୦୨।୦୮।୧୯୫୩
ତିରୋଧାନ: ୧୧।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ–୧୬୯୨୭




# ଦୋଷୀଙ୍କୁ ୧୦ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

**ସୁନ୍ଦରଗଡ଼,୨୭।୨(ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅଞ୍ଚଳରେ ଗତ ୨୦୧୭ ଡିସେମ୍ବର ୭ରେ ଘଟିଥିବା ନାବାଳିକା(୧୦)ଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ପାର୍ଥସାରଥୀ ପଟ୍ଟନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ଶଙ୍କର ବଡାଇକ(୨୨)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ରାତିରେ ନାବାଳିକା ଜଣକ ପରିଶ୍ରା କରିବାକୁ କବାଟ ଖୋଲି ବାହାରକୁ ଆସିଥିବା ବେଳେ ଅଭିଯୁକ୍ତ ତାଙ୍କୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ। ଝିଅ ଶୋଇବା ଖଟକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘର ନିକଟରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରଦିନ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅତିରିକ୍ତ ଜିଲା ଜଜ୍ ମାମଲାର ବିଚାର କରି ୧୦ଜଣ ସାକ୍ଷୀ ଓ ପାରିପାର୍ଶ୍ୱିକ ଅବସ୍ଥା କୁ ବିଚାରକୁ ନେଇ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି।

ASBM UNIVERSITY
ADMISSION - 2020
Two Year Residential Programme
MBA
Specialisation : HR, Marketing, Finance, Operations, BIFS, International Business, Retail
ACBSP ACCREDITED
Accreditation Council for Business Schools and Programms, USA
A+++ by Business India
Last Date : 29 February (Tomorrow), 2020
Other non-residential MBA
STATE-OF-THE-ART INFRASTRUCTURE | EXCELLENT PLACEMENT
REASONABLE FEE | WORLD CLASS CURRICULUM
FINISHING SCHOOL FOR EMPLOYABILITY | MATCHLESS MENTORS
MBA (Logistics & Supply Chain Management)
MBA (Business Analytics)
MBA (Fashion Management)
MBA (Rural Management)
Ph. D. in Management
Last Date : Specialised MBAs & Ph.D.-31 MAY, 2020
Shiksha Vihar, Post : ASBM University, Bhola (Chandaka), Bhubaneswar - 754012
Tel. : 0674 2744881 - 882 | : 8763127020 | TOLL FREE - 1800 3456 5855

# ୨ ପୃଥକ୍ ସଡ଼କ ଦୁର୍ଘଟଣା, ୪ ମୃତ

ଭବାନୀପାଟଣା/କୋକସରା, ୨୭।୨(ଡି.ଏନ.ଏ.)

ଗତ ବୁଧବାର ରାତିରେ ୨ ପୃଥକ୍ ସଡ଼କ ଦୁର୍ଘଟଣାରେ ୪ ଯୁବକଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଫପ୍‌ସି ରାସ୍ତାରେ ରାତିରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ନର୍ଲା ବ୍ଲକ ଅନ୍ତର୍ଗତ ରାନିପଜା ଗ୍ରାମର ପ୍ରସନ୍ନ ମାଝି(୩୫), ମ.ରାମପୁରର ସନ୍ତୋଷ ଡାକୁଆ (୩୨), ସାଲେପଡା ଗ୍ରାମର ଆକାଶ ମାଝି(୩୫)। ଆହତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ସେହିପରି କୋକସରା ଥାନା ଫୁପଗାଁ କାଶିବାହାଲ ରାସ୍ତାରେ ଅନ୍ୟ ଏକ ଦୁର୍ଘଟଣାରେ କେସିଙ୍ଗା ଥାନା ଡୁମେରମୁଣ୍ଡା ଭୋଇପଡାର ବ୍ରିଜେଶ ମାଝି (୨୮)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ପ୍ରସନ୍ନ ଓ ଆକାଶ ତୁଜୁଙ୍ଗ ଗ୍ରାମରୁ ଭୋଜି ଖାଇ ଏକ ବାଇକ୍‌ରେ ଫେରୁଥିଲେ । ଏହି ସମୟରେ ସାମନାପଟୁ ସନ୍ତୋଷ ଏବଂ ଅନ୍ୟ ଜଣେ ଯୁବକ ଅନ୍ୟ ଏକ ବାଇକ୍‌ରେ ଦ୍ରୁତଗତିରେ ଆସୁଥିବା ବେଳେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପ୍ରସନ୍ନଙ୍କ ମୃତ୍ୟୁ ହୋଇଥିବା ବେଳେ ମ.ରାମପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଗୁରୁତର ଆହତ ଆକାଶ ଓ ଅନ୍ୟ ଜଣେ ଯୁବକଙ୍କୁ ମ.ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆକାଶଙ୍କ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଥିଲା।

ସେହିପରି କୋକସରା ଥାନା ଫୁପଗାଁ କାଶୀବାହାଲ ରାସ୍ତା କଡରୁ ବ୍ରିଜେଶଙ୍କ ମୃତଦେହ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ସେ ଟିକିଲି ଗାଁରୁ ଏକ ବିବାହ ଉତ୍ସବରେ ଯୋଗଦେଇ ନିଜ ସମ୍ପର୍କୀୟଙ୍କ ଘର ବାନେର ଗାଁକୁ ବାଇକ୍ ଯୋଗେ ଫେରୁଥିଲେ । ହେଲେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହେବାରୁ ତାଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ରାସ୍ତା କଡ଼ରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଗୁରୁବାର ସକାଳେ ପହଞ୍ଚି ଘଟଣାସ୍ଥଳରୁ ଏକ ବାଇକ୍ (ନଂ. ଓଆର୦୮ଡି-୯୮୮୧) ଓ ଯୁବକଙ୍କ ବ୍ୟାଙ୍କ ପାସବୁକ, ପର୍ସ, ଆଧାର କାର୍ଡସହିତ ଏଟିଏମ୍ କାର୍ଡ ଜବତ କରିଛି। ଏସବୁରୁ ତାଙ୍କ ପରିଚୟ ଜଣାପଡ଼ିଛି। ପୋଲିସ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ. ୪୧/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।



କୋକସରା ଥାନା ଫୁପଗାଁ କାଶୀବାହାଲ ରାସ୍ତାକଡ଼ରେ ଘଟିଥିବା ଦୁର୍ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

## ବିବାହ ଭୋଜିରୁ ଫେରୁଥିବାବେଳେ ଜୀବନ ଗଲା






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପ୍ରତ୍ୟେକ ମନୁଷ୍ୟ ଭଗବାନ୍‌ଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଖପ୍ରାଖୋଲ ତହସିଲ ବରିଷ୍ଠ ରାଜସ୍ୱ ସହାୟକ ନିଲମ୍ବିତ

**ଖପ୍ରାଖୋଲ,୨୭।୨(ଡି.ଏନ.ଏ.):** ଖପ୍ରାଖୋଲ ତହସିଲର ବରିଷ୍ଠ ରାଜସ୍ୱ ସହାୟକ ହେବଲେଟ ବାର୍ଲା କାର୍ଯ୍ୟରେ ଅବହେଳା ପାଇଁ ଜିଲା ପ୍ରଶାସନ ଦ୍ୱାରା ନିଲମ୍ବନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଆଦେଶ ନମ୍ବର ୩୫୫ (୨୬।୨।୨୦୨୦) ଅନୁସାରେ ସରକାରୀ କାର୍ଯ୍ୟରେ ଅବହେଳା, ଅର୍ଥ ଆତ୍ମସାତ ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ନିଲମ୍ବନ ଆଦେଶ ନ ଉଠିଲା ପର୍ଯ୍ୟନ୍ତ ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ଆଦେଶ ରହିଛି।

### ରେଳ ଧାରଣାରୁ ଗୁରୁତର ଯୁବକ ଉଦ୍ଧାର

**ସଇଁତଲା,୨୭।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ରେଳଷ୍ଟେଶନ ନିକଟ ଛକୋରବାଞ୍ଜି ଗାଁ ରେଳ ଓଭରବ୍ରିଜ ନିକଟରୁ ଗୁରୁବାର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଦମକଳ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅନ୍ତଗତ ସାନସୋଲାର ଗ୍ରାମର ମନୋଜ କୁମାର ନାଏକ (୩୫)। ପ୍ରଥମେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ପରେ ବଲାଙ୍ଗୀର ଓ ଶେଷରେ ବୁର୍ଲା ଭିମ୍‌ସାର ପଠାଯାଇଛି। ତାଙ୍କ ତଣ୍ଟି, ଦୁଇ ହାତର ଶୀରା, ଗୋଡ଼ ଏବଂ ପେଟରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ଅନ୍ତ ବୁଜୁଳା ବାହାର ପଡିଛି। ତେବେ ତାଙ୍କଠାରୁ ଲୁଟ୍ ପାଇଁ ଏଭଳି କେହି କରିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସର ସୂଚନା ଅନୁସାରେ ମନୋଜ ସୁରଟରେ କାମ କରନ୍ତି। ରେଳ ଧାରଣାରେ କାମ କରୁଥିବା କର୍ମଚାରୀ ତାଙ୍କୁ ପ୍ରଥମେ ଦେଖିବା ପରେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଟିକ୍ରାପଡା, ୨୭।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାରେ ଚବିଶି ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଏଥିରେ ପଙ୍କଜିନୀ ରାଜପଲିଆ, ସନ୍ନ୍ୟାସୀ ରାଜପଲିଆ କର୍ତ୍ତା ରହିଥିଲେ। କୁନୁ ପୁରୋହିତ, କୌଶଲ ପୁରୋହିତ, ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ। ଧୁମାଭଟା, ଘିଭେଲାପଡା ମହିଳା ସଂକୀର୍ତ୍ତନ ଦଳ ସମେତ ନୂଆପଡା ଜିଲା ଇଚ୍ଛାପୁର, କରମତଲା, ଲାଫେର, ଟିକ୍ରାପଡା, ଭେଏଁରିଆ, ଟାଁଟିପଲା, ସାଲେପଡା,ଗ୍ରିନଡୋଲା ସଂକୀର୍ତ୍ତନ ଦଳ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଦଣ୍ଡ ନୃତ୍ୟ, ସଞ୍ଚାର ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଧାକୃଷ୍ଣଙ୍କୁ ଗ୍ରାମରେ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁମାନେ ପରସ୍ପରକୁ ଅବିର ବୋଳି ଭକ୍ତି ଓ ଐକ୍ୟ ଭାବର ପ୍ରଦର୍ଶନ କରିଥିଲେ।

### ଶ୍ରେଣୀ କୋଠରି ଉଦ୍‌ଘାଟିତ

**ଲୋଇସିଂହା,୨୭।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ଯୁକ୍ତ ୨ କଲେଜର ବିଜ୍ଞାନ ବିଭାଗର ନୂତନ ଶ୍ରେଣୀ କୋଠରୀ ଓ ବାଳକ ବିଶ୍ରାମ ଗୃହ ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷ ମନ୍ତ୍ରୀ ମେହେରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରମାକାନ୍ତ ସେଠ ଯୋଗଦେଇ ଏହି ଶ୍ରେଣୀ କୋଠା ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ ସିଂଦେଓ, ଅଧାପକ ରାକେଶ କୁମାର ରାଏ, କିଶୋର ମିଶ୍ର, ଶେଷ ମେହେର, ଅନ୍ନଦାପ୍ରସନ୍ନ ତ୍ରିପାଠୀ, ସୁଜିତ କୁମାର ବାଗ, କର୍ମଚାରୀ ଫକୀର ମୋହନ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆର୍‌ଟିଓ ଅଫିସରୁ ୪ ଦଲାଲ ଗିରଫ

**ବଲାଙ୍ଗୀର ଅଫିସ, ୨୭।୨**

ମୋ ସରକାର ଯୋଜନା କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ସରକାରୀ ଅଫିସକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ରଖିବା ପାଇଁ ସରକାର ଜୋର ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ସରକାରୀ ଅଫିସରେ ପ୍ରଶାସନିକ ବ୍ୟବସ୍ଥାକୁ କଡାକଡି କରାଯିବାର ଉଦ୍ୟମ କରାଯାଉଛି। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ଗୁରୁବାର ବଲାଙ୍ଗୀର ଆରଟିଓ ଅଫିସରେ ଅତର୍କିତ ଚଢ଼ାଉ କରି ସେଠାରେ ସକ୍ରିୟ ଥିବା ୪ ଦଲାଲଙ୍କୁ ଗିରଫ କରିଛି। ଗିରଫ ଦଲାଲମାନେ ହେଲେ ବଲାଙ୍ଗୀର ସହର କନ୍ଧପାଲିପଡାର ମଣୀଚରଣ ବାରିକ (୪୯), ଆରଟିଓ ଛକର ରୁଦ୍ର ପ୍ରତାପ ଶତପଥୀ (୫୩), ପାଟଣାଗଡର ବଜରଙ୍ଗ ଭୋଇ (୨୬) ଓ ପାଟଣାଗଡ ବ୍ରହ୍ମପୁରାର ଅପୂର୍ବ ପରିଡା (୨୨)। ଏହାସହ ସେମାନଙ୍କଠାରୁ ୩ ହଜାର ୩ ଶହ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ୨ଟି ବାଇକ୍ (ଓଡି୦୩କେ ୯୯୧୯ ଏବଂ ଓଆର୦୩ଜେ ୦୧୪୪) ଜବତ କରିଛି। ଶୁକ୍ରବାର ଏହି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଉନ୍ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ଉପସ୍ଥିତ ଥିଲେ। ଆର୍‌ଟିଓ ଅଫିସରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ ଯାନବାହନ ସଂକ୍ରାନ୍ତୀୟ କାଗଜପତ୍ର ତିଆରି ପାଇଁ ବହୁ ଲୋକ ପ୍ରତ୍ୟହ ଆସୁଛନ୍ତି । ଯାନବାହନ କାଗଜପତ୍ର ପାଇଁ ଏବେ ଅନ୍‌ଲାଇନ୍‌ରେ ଆବେଦନ ହେଉଥିବାରୁ ବହୁ ଲୋକ ଏସଂକ୍ରାନ୍ତରେ ଅନେକ କିଛି ଜାଣିପାରୁନାହାନ୍ତି। ଏହାର ସୁଯୋଗ ନେଇ ସେଠାରେ କିଛି ଦଲାଲ ସକ୍ରିୟ ରହି ଜନସାଧାରଣଙ୍କଠାରୁ ଲୁଟ୍ କରୁଛନ୍ତି । ସମସ୍ତ କାଗଜପତ୍ର ତିଆରି କରିଦେବା ନାଁରେ ସରକାରୀ ଧାର୍ଯ୍ୟ ପାଉଣାଠାରୁ ଢ଼େର ଅଧିକ ଟଙ୍କା ନେଇ ଲୋକଙ୍କଠାରୁ ଲୁଟ୍ କରୁଛନ୍ତି। ଏଭଳି ଖବର ପାଇବା ପରେ ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ ଓ ଏଏସ୍‌ଆଇ ଦୟାନନ୍ଦ ଷଡଙ୍ଗୀ ସାଦା ପୋଷାକରେ ଗୁରୁବାର ମଧାହ୍ନ ସାଢ଼େ ୧୨ଟାରେ ଆରଟିଓ ଅଫିସକୁ ଯାଇ ନିରୀକ୍ଷଣ କରିଥିଲେ। ୪ ଜଣ ଦଲାଲ ସକ୍ରିୟ ଥିବା ଦେଖିବାକୁ ପାଇଥିଲେ। ଜଣେ ଦଲାଲ ଏମାନଙ୍କ ପାଖକୁ ଆସିଥିଲେ। ଗାଡି ଡ୍ରାଇଭିଂ କରିବାକୁ ହେଲେ ସେ ସମସ୍ତ କାଗଜପତ୍ର କରିଦେବେ। ଏଥିପାଇଁ ୧ ହଜାର ଟଙ୍କା ନେବେ ବୋଲି କହିଥିଲେ। ଏହାପରେ ଏଏସ୍‌ଆଇ ଦୟାନନ୍ଦ ତାଙ୍କୁ କାବୁ କରି ସେଠାରେ ଥିବା ଅନ୍ୟ ୩ ଜଣ ଦଲାଲଙ୍କୁ କାବୁ କରି ନେଇଥିଲେ।



ପୋଲିସର ଖବରଦାତା ସମ୍ମିଳନୀରେ ଆର୍‌ଟିଓ ଅଫିସରୁ ଗିରଫ ୪ ଅଭିଯୁକ୍ତ।

**୨ ବାଇକ୍, ୩୩୦୦ ଟଙ୍କା, ୩ ମୋବାଇଲ ଜବତ**



ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥିମାନେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଟିଟିଲାଗଡ଼, ୨୭।୨ (ଡି.ଏନ.ଏ.)**

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟିଟିଲାଗଡ ବ୍ଲକ ଏବଂ ପୌରପରିଷଦସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ବିଡିଓ ମହେନ୍ଦ୍ର ପ୍ରଧାନୀ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ କ୍ଷିରୋଦ୍ର ତ୍ରିପାଠୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୃଣ୍ମୟୀ ଭୋଇ, ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ ସୁମନ କିଶୋର ରଣା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାଶ, ପ୍ରୋଗ୍ରାମ ସହକାରୀ ବୈକୁଣ୍ଠ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଶେଷଜ୍ଞଙ୍କ ଦ୍ୱାରା ୭୨ ଜଣ ଶାରୀରିକ ଭିନ୍ନକ୍ଷମ, ୨୧ ମାନସିକ ଅନଗ୍ରସର, ୬୪ ଦୃଷ୍ଟିବାଧିତ, ୬୦ ମୁକବଧିରଙ୍କୁ ଚିହ୍ନଟ କରାଯାଇଛି। ପଦ୍ମନାଭ ନାୟକ, ଭରତ ସାହୁ, ହରିନାରାୟଣ ମିଶ୍ର, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, ପିଏଜି ସ୍ୱେଚ୍ଛାସେବୀ, ବିଜୁ ଯୁବ ବାହିନୀ, ବ୍ଲକ କର୍ମଚାରୀ, ଅଙ୍ଗନବାଡି କର୍ମୀ, ସମସ୍ତ ପିଇଓ, ଜିଆରଏସ, ଜିଓଟେକ ସହାୟତା କରିଥିଲେ।

# ପାୟଲଙ୍କ ଦୁଃଖ ଶୁଣିଲେ ଜିଲାପାଳ

## କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ଭୁବନେଶ୍ୱର ଗଲେ

**ବଲାଙ୍ଗୀର ଅଫିସ,୨୭।୨**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ବାନ୍ଧୁପଲା ପଞ୍ଚାୟତ ଯମୁନାବାହାଲ ଗାଁର ପାୟଲ ନାଗ (୧୩)ଙ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କରାଯିବ। ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଏ ନେଇ ଭୁବନେଶ୍ୱରସ୍ଥିତ ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟରକୁ ଚିଠି କରିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱେଚ୍ଛାସେବୀ ଗୁରୁବାର ରାତିରେ ପାୟଲଙ୍କୁ ନେଇ ଭୁବନେଶ୍ୱର ଯାଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱେଚ୍ଛାସେବୀ ଅରୁଣ ଖୁଆସ, ପାୟଲଙ୍କ ବାପା ବିଜୟ ନାଗ ଓ ମା' ମଧ ଭୁବନେଶ୍ୱର ଯାଇଛନ୍ତି।

ପ୍ରାୟ ୭ ବର୍ଷ ତଳେ ବିଜୟ ପରିବାର ଧରି ରାୟପୁରକୁ ଦାଦନ ଯାଇଥିଲେ। ସେଠାରେ ସ୍ୱାମୀ ସ୍ତ୍ରୀ କାମ କରୁଥିବା ସମୟରେ ପାୟଲ କୋଠା ଉପରେ ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ରାୟପୁରର ଏକ ଡାକ୍ତରଖାନାରେ ପାୟଲଙ୍କ ଦୁଇ ହାତ ଓ ଗୋଡକୁ କାଟି ଦିଆଯାଇଥିଲା। ସେହିଦିନରୁ ସେ ବିକଳାଙ୍ଗ ହୋଇପଡିଥିଲେ। କିଛି ଦିନ ତଳେ ଜିଲାପାଳ ଅରିନ୍ଦମ ଡାକୁଆ ଯମୁନାବାହଲ ଯାଇ ପାୟଲଙ୍କୁ ଭେଟିଥିଲେ। ଝିଅର କୃତ୍ରିମ ଅଙ୍ଗ ଲଗାଇବାକୁ ମା, ବାପା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପାୟଲଙ୍କ ମା, ବାପା ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଭେଟିଥିଲେ।



ଜିଲାପାଳ କାର୍ଯ୍ୟାଳୟରେ ପାୟଲଙ୍କ ସହ ମା'ବାପା।

# ଡାକ୍ତରଙ୍କୁ ଦୁର୍ବ୍ୟବହାର, ଆକ୍ରମଣ

**ଅମରପାଲି,୨୭।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଗୁରୁବାର ଜଣେ ଯୁବକ ଦୁର୍ବ୍ୟବହାର କରିବା ସହିତ ଗୋଇଁଠା ମାରିଛନ୍ତି। ଡାକ୍ତରଙ୍କୁ ହତ୍ୟା ଧମକ ମଧ ଦେଇଛନ୍ତି। ଉପଖଣ୍ଡ ଚିକିତ୍ସାଳୟର ଏସଡିଏମ୍‌ଓ ଡା. ସଞ୍ଜୟ ମହାପାତ୍ର ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ଅପରାହ୍ନରେ ପ୍ରଫୁଲ୍ଲ ପଧାନ ନାମକ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଅଣାଯାଇଥିଲା। ଏହି ସମୟରେ କୌଣସି କଥାକୁ ନେଇ ଡାକ୍ତରଖାନାରେ ଜଣେ ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ଡାକ୍ତର ସ୍ୱପ୍ନେଶ୍ୱର ବେହେରାଙ୍କୁ ଗାଳିଗୁଲଜ କରିଥିଲେ। ଏହି ଖବରପାଇ କ୍ୱାର୍ଟରରେ ଥିବା ଏସ୍‌ଡିଏମଓ ଡା. ମହାପାତ୍ର ତତ୍‌କ୍ଷଣାତ ଘଟଣାସ୍ଥଳକୁ ଆସି ଯୁବକ ଜଣକୁ ବୁଝାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଯୁବକ ଜଣକ ଓଲଟା ଏସ୍‌ଡିଏମଓ ଡା. ମହାପାତ୍ରଙ୍କ ସାର୍ଟ କଲର ଟାଣି ତାଙ୍କ ତଳି ପେଟକୁ ଗୋଇଁଠା ମାରିଥିଲେ। ଏହି ସମୟରେ ଡାକ୍ତରଖାନାର ସମସ୍ତ କର୍ମଚାରୀ ମିଶି ଯୁବକ ଜଣକୁ କାବୁ କରି ନେଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ଥାନାକୁ ନେଇଥିଲେ । ଏସ୍‌ଡିଏମଓ ଡା. ମହାପାତ୍ରଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୩୩/୨୦) ରୁଜୁ ହୋଇଛି।




ଶଗଡଘାଟ ପଞ୍ଚାୟତ କାର୍ଯ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଅତିଥିମାନେ।

# ଏକ ଭାରତ ଶ୍ରେଷ୍ଠ ଭାରତ

**ଟିଟିଲାଗଡ଼, ୨୭।୨ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟର ନାଗରିକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ, ସମନ୍ୱୟ ସୃଷ୍ଟି ପାଇଁ ଭାଷା, ସାହିତ୍ୟ, ସଂସ୍କୃତି ଆଦିର ଆଦାନ ପ୍ରଦାନ ନେଇ 'ଏକ ଭାରତ ଶ୍ରେଷ୍ଠ ଭାରତ' ଯୋଜନା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭବାନୀପାଟଣା କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଶଗଡଘାଟ ପଞ୍ଚାୟତ କାର୍ଯ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଭାରତି ମହାନନ୍ଦ, ଟିଟିଲାଗଡ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧାପକ ଡ. ଦୋଳଗୋବିନ୍ଦ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ବିଡିଓ ନବୀନ ଚନ୍ଦ୍ର ନାୟକ, ଡିଏଭି କଲେଜ ଅଧାପକ ଜୟଦେବ କର, ବଲାଙ୍ଗୀର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତିନିଧି କମଳାକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ଅଲିତା ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ବିଷ୍ଣୁଚରଣ ସାହୁ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ଏଥିରେ ଯୋଗ ଦେଇଥିଲେ। ସ୍ୱଚ୍ଛ ଭାରତ, ସଭିଙ୍କୁ ବୀମା, ସଭିଙ୍କ ଘରେ ଶୌଚାଳୟ, ଗ୍ୟାସ ସଂଯୋଗ, ଏଲଇଡି ବଲ୍ ବ୍ୟବହାର ଆଦି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ପ୍ଲାକାର୍ଡ ସହ ବିଡିଓ ନାୟକଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀଙ୍କ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଅନ୍ୟପକ୍ଷେ ମହିଳାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ଥାନୀୟ ନାଏବ ସରପଞ୍ଚ ତହସିଲ ସାହୁ, ପିଇଓ ସୁରେଶ ମିଶ୍ର, ଜିଆରଏସ ବିଭୁଦତ୍ତ ପୁରୋହିତ, ପ୍ରଦୀପ ସାହୁ, ୱାର୍ଡସଭ୍ୟା ସରସ୍ୱତୀ ପାତ୍ର, ତରୁ ମାଝୀ, ଅଙ୍ଗନବାଡି କର୍ମୀ ଶଶିମଣୀ ଷଡଙ୍ଗୀ, ଯଶୋବନ୍ତି ଭୋଇ, ଅଂଶୁଲତା ତ୍ରିପାଠୀ, ଗାୟତ୍ରୀ ଗୁପ୍ତା, ସାବିତ୍ରୀ ସାହୁ, ଶାନ୍ତିଲତା ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ କରାଯାଉନି

**ଖପ୍ରାଖୋଲ,୨୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ନିର୍ମାଣ ଶ୍ରମିକମାନେ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଘୋଷିତ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ ପାଇଁ ଶ୍ରମିକ ଅଧିକାର ମଞ୍ଚ ଜିଲା ଶ୍ରମ ଅଧିକାରୀ (ଡିଏଲଓ) ସୁରେଶ କୁମାର ବେହେରାଙ୍କୁ ଭେଟିଛି। ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଜଣାଇ ଆଲୋଚନା କରିଛି। ନିର୍ମାଣ ଶ୍ରମିକଙ୍କୁ ପ୍ରସୂତୀ କାଳିନ ସହାୟତା, ଶିକ୍ଷାବୃତି ସହାୟତା, ଝିଅ ବିବାହ ସମୟରେ ସହାୟତା, ସ୍ୱାସ୍ଥ୍ୟ ସହାୟତା, ବିଭିନ୍ନ ଯନ୍ତ୍ରପାତି ସହାୟତା, ଦୁର୍ଘଟଣାଜନିତ ସହାୟତା, ମୃତ୍ୟୁକାଳିନ ସହାୟତା ସହ ପେନସନ, ଗୃହନିର୍ମାଣ ପାଇଁ ମଧ୍ୟ ସହାୟତା ଦେବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ରହିଛି। ହେଲେ ଏହା ମିଳୁନି। ଶ୍ରମିକ ଅନ୍ୟପକ୍ଷେ ନାମ ପଞ୍ଜୀକରଣ କରିଥିଲେ ବି ଅନେକ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇପାରି ନାହାନ୍ତି। କେତେକ ଶ୍ରମିକ ସେମାନଙ୍କ ପରିଚୟ ପତ୍ର ନବୀକରଣ ମଧ୍ୟ କରି ପାରୁ ନାହାନ୍ତି। ଏ ନେଇ ପୂର୍ବରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେ ବି ସମାଧାନ ହେଉନି। ଶ୍ରମିକ ଅଧିକାର ମଞ୍ଚ ସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ଗୌରାଙ୍ଗ ଦାଶ, ଦେବରାଜ ବୁଡେକ, ଗୋଲାପ ନିଆଲ, ଟିଙ୍କୁ ଭୋଇ ପ୍ରମୁଖ ଡିଏଲଓଙ୍କୁ ଭେଟି ନିର୍ମାଣ ଶ୍ରମିକଙ୍କ ଏହିସବୁ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ଲାଗି ଦାବି କରିଛନ୍ତି। ଜିଲା ଶ୍ରମ ଅଧିକାରୀ ସମସ୍ୟାର ସମାଧାନର ଲାଗି ପ୍ରତିଶ୍ରୁତି ମଧ ଦେଇଛନ୍ତି।

# ନେସ୍କୋ ଭିଜିଲାନ୍ସର ଚଢ଼ାଉ: ହରଡ଼ଘଣାରେ ପଡ଼ିଲେ କନିଷ୍ଠଯନ୍ତ୍ରୀ

**ସଜନାଗଡ଼,୨୭।୨(ଡି.ଏନ.ଏ.)**

ବେଆଇନ୍ ଭାବେ ବିଦ୍ୟୁତ୍ ବ୍ୟବହାର ଓ ଟାମ୍ପରିଂ କରାଯାଉଥିବା ନେଇ ନେସ୍କୋ ଓ ଭିଜିଲାନ୍ସ ଟିମ୍ ଦୁଇଦିନ ଧରି ବାଲେଶ୍ୱର ଜିଲା ନୀଳଗିରି ସହରରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଏକ ବିଭାଗର ଜଣେକ କନିଷ୍ଠଯନ୍ତ୍ରୀ ନିଜ ସରକାରୀ ବାସଭବନକୁ ଚୋରା ବିଦ୍ୟୁତ୍ ସଂଯୋଗ ନେଇଥିବା ଗୁରୁବାର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ି ବେଶ୍ ହଟହଟା ହୋଇଛନ୍ତି। ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଂଗେ ସଂଗେ ତାଙ୍କ ବିଦ୍ୟୁତ୍‌କାଟ କରାଯାଇଥିଲା। ତେବେ ଏହିପରି ଭାବରେ ବହୁ ସରକାରୀ କର୍ମଚାରୀ ଚୋରାରେ ବିଦ୍ୟୁତ୍ ଜାଳୁଥିବା ବେଳେ ନେସ୍କୋ ପକ୍ଷରୁ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା।

# ସରକାରୀ ଅଫିସରେ ଦୁର୍ନୀତି ସୀମା ଟପୁଛି

**ଲୋଇସିଂହା,୨୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ବଢି ଚାଲିଛି। ଫଳରେ ଉପଯୁକ୍ତ ଲୋକେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋଇସିଂହା ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ପକ୍ଷରୁ ଏଭଳି ଅଭିଯୋଗ ହୋଇଛି। ବନ ବିଭାଗ ଦ୍ୱାରା ଜବତ ଗାଡିମଟର ଓ ସାଇକଲ ନିଲାମ ହେଉ ନ ଥିବାରୁ ଅଫିସରେ ପଡି ନଷ୍ଟ ହେଉଛି। କେନ୍ଦୁଲିଫ କର୍ମଚାରୀ ନିଜକୁ ସୁହାଇଲା ଭଳି ଲୋକଙ୍କୁ ଫଡିଘର କମିଟିରେ ରହି ଅନିୟମିତତା କରାଯାଉଛି। ସ୍କୁଲ, କଲେଜରେ ଜାତି ସଂରକ୍ଷଣ ଆଳରେ ମେତଭେଦ ସୃଷ୍ଟି କରାଯାଉଛି। ଲୋଇସିଂହା ଅଞ୍ଚଳର ଖଣିଖାଦାନକୁ ବାହାର ଲୋକ ଆସି ଲୁଟ୍ କରୁଛନ୍ତି। କାଳିଆ ଯୋଜାନରେ ସବୁବର୍ଗର ଚାଷୀଙ୍କୁ ସାମିଲ କରାଯାଉନି। ବ୍ୟାଙ୍କରେ କର୍ମଚାରୀଙ୍କ ମନମାନୀ ଯୋଗୁ ବହୁଚାଷୀ ଓ ଜନସାଧାରଣ ହଇରାଣ ହରକତ ହେଉଛନ୍ତି। ବିନା ଦଲାଲରେ କୌଣସି କାମ ହେଉନି। ପଞ୍ଚାୟତରେ ସରପଞ୍ଚ ଏବଂ ୱାର୍ଡସଭ୍ୟାସଭ୍ୟଙ୍କ ସହ ସମନ୍ୱୟ ରହୁନି ବୋଲି ଧନେଶ୍ୱର ପଧାନ, କୃଷ୍ଣଚନ୍ଦ୍ର ସାହୁ, ଲୋକନାଥ ପଧାନ, ଦୀପକଜୁଆଡି, ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ କୁମାର ବରିହା, ସୁବାଷ ନାଗ, ବିଭୂତି ପଧାନ, ଗଗନବିହାରୀ ସାହୁ ପ୍ରମୁଖ ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ୧୦ ବିଏଡ୍ କଲେଜ ବନ୍ଦକୁ ବିରୋଧ

**ବଲାଙ୍ଗୀର ଅଫିସ,୨୭।୨**

ରାଜ୍ୟର ୧୦ଟି ସରକାରୀ ବି.ଏଡ୍. କଲେଜକୁ ରାଜ୍ୟ ସରକାର ବନ୍ଦ କରିଦେବେ। ଏହା ସହ ୪ଟି କଲେଜରୁ ଏମ୍‌ଇଡି କୋର୍ସ ମଧ ବନ୍ଦ କରି ଦିଆଯିବ। ଅନ୍ୟପକ୍ଷେ ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣ କରାଯିବ। ସରକାରଙ୍କ ଏଭଳି ନିଷ୍ପତ୍ତି ଜାଣିବା ପରେ ଗୁରୁବାର ଏଆଇଡିଏସ୍‌ଓ ତରଫରୁ ସାରା ଓଡିଶାରେ ପ୍ରତିବାଦ କରାଯାଉଛି। ବଲାଙ୍ଗୀର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓ ବଲାଙ୍ଗୀର ତରଫରୁ ବିଏଡ୍ କଲେଜ ବନ୍ଦ, ଏମ୍‌ଏଡ୍ କୋର୍ସ ବନ୍ଦ, ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦ କରି ବିକ୍ଷୋଭ ମଧ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ବିଇଡି, ଏମ୍‌ଇଡି କୋର୍ସ ବନ୍ଦ ହେଲେ ହଜାର ହଜାର ଆଶାୟୀ ଛାତ୍ରୀଛାତ୍ରଙ୍କ ପାଠପଢା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯିବ। ତେଣୁ ସବୁ ବିଏଡ୍ କଲେଜରେ ଜରୁରୀ ଭିତ୍ତିରେ ଖାଲି ପଡିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରାଯାଉ। ବ୍ଲକ ଗ୍ରାଣ୍ଟ ସ୍କୁଲକୁ ସରକାରୀ ସ୍କୁଲରେ ନ ମିଶାଇବା ପାଇଁ ବିକ୍ଷୋଭକାରୀ ଦାବି କରିଛନ୍ତି । ବିକ୍ଷୋଭ ଶେଷରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଥିଲା। ଏହି ବିକ୍ଷୋଭରେ ଜିଲା ସଭାପତି ରାଜେନ୍ଦ୍ର ରଣା, ଉପସଭାପତି ଲକ୍ଷ୍ମୀଧର ସାମଲ, କୁଶପୃଷ୍ଟି ବାଗ, ପୂର୍ବତନ ସଭାପତି ସୁନୀଲ ଭୋଇ, ବିକାଶ ଜେନା, ଅନନ୍ୟା, ମମତା, ଦେବାଶିଷ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣକୁ ମଧ ବିରୋଧ**




ଏଆଇଡିଏସ୍‌ଓ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ବସ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ତରଭା,୨୭।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ତରଭା ସହର ନୂଆଁପଡା ଛକଠାରେ ଶାରଳା ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଳିତ ରଣା(୬୫)। ବସ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗୁରୁତର ବୃଦ୍ଧଙ୍କୁ ତରଭା ଦମକଳ କେନ୍ଦ୍ରର କର୍ମଚାରୀ ଚିକିତ୍ସା ପାଇଁ ତରଭା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବସ୍ (ନଂ ଓଡି ୦୩ ଏ ୩୨୩୨)କୁ ତରଭା ଥାନା ପୋଲିସ ଜବତ କରି ଏକ ମାମଲା (ନଂ ୩୫/୨୦) ରୁଜୁ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨୪ଜଣଙ୍କୁ ତାଲିମ, ୮ଜଣଙ୍କୁ ନିଯୁକ୍ତି

## ସୁବର୍ଣ୍ଣପୁରରେ ଭିନ୍ନକ୍ଷମ ନିଯୁକ୍ତି ମେଳା

ସୋନପୁର,୨୭।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଶାଖା ଏବଂ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଭିନ୍ନକ୍ଷମ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ମାଟ୍ରିକ୍ ପାସ କରିଥିବା ୧୮ରୁ ୩୦ ବର୍ଷ ବୟସର ଶାରୀରିକ ଓ ଶ୍ରବଣ ବାଧିତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଏହି ମେଳା ହୋଇଥିଲା । ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ରବିନ୍ଦ୍ର କୁମାର ପଟେଲ ଯୋଗ ଦେଇଥିଲେ । ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ମେଳାରେ ୯୦ ଜଣ ଶାରୀରିକ ଏବଂ ଶ୍ରବଣ ବାଧିତ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ୪୫ ଜଣ ନିଯୁକ୍ତି ସମ୍ବନ୍ଧୀୟ କାଗଜପତ୍ର ଦାଖଲ କରିଥିଲେ । ୟୁଥ୍ ଫର ଜବ୍ସର ଓଡିଶା ମୁଖ୍ୟ କବିତା ରଥ ଏହି ୪୫ ଜଣଙ୍କ ମଧ୍ୟରୁ ୮ ଜଣ ଭିନ୍ନକ୍ଷମଙ୍କୁ ସିଧାସଳଖ ନିଯୁକ୍ତି ଏବଂ ୨୪ ଜଣ ଭିନ୍ନକ୍ଷମଙ୍କୁ ପ୍ରଥମେ ସ୍ୱଳ୍ପକାଳୀନ ତାଲିମ ଓ ପରେ ନିଯୁକ୍ତି ପାଇଁ ମନୋନୟନ କରିଥିଲେ। ସିଧାସଳଖ ନିଯୁକ୍ତି ପାଇଁ ମନୋନିତ ହୋଇଥିବା ୮ ଯୁବତୀ ଯୁବକ କାର୍ଯ୍ୟରେ ଯୋଗ ଦେବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ଭିନ୍ନକ୍ଷମ କଲେଜ ଛାତ୍ର ପୀତବାସ ଚୌହାନ, ମୋହନ ଅଦାବର ଓ ସରୋଜ ତରିଆଙ୍କୁ ଏହି ଅବସରରେ ସ୍ୱତନ୍ତ୍ର ଲାପ୍‌ଟପ୍ ପ୍ରଦାନ କରା ଯାଇଥିଲା । ଡିଆଇପିଆରଓ ହରିଚରଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲାର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସାମାଜିକ ସୁରକ୍ଷା ବିଭାଗର ଓ ଜିଲା ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ମେଳା ଆୟୋଜନରେ ସହଯୋଗ କରିଥିଲେ ।



ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଉଛି।



ଏସ୍‌ପି ଦେବୀପ୍ରସାଦ ଦାଶ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

# ଲଛିପୁରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୨୭।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ଲଛିପୁର ଫାଣ୍ଡି ପରିସରରେ ଗୁରୁବାର ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ୬ ଜଣ ମହିଳାଙ୍କ ସମେତ ପୋଲିସ କର୍ମଚାରୀ ଓ ଗ୍ରାମାଞ୍ଚଳର ସାଧାରଣ ଜନତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଓ ଡୁଙ୍ଗୁରିପାଲି ଆଇଆଇସି ନିରଞ୍ଜନ ଦାସ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଲଛିପୁର ଫାଣ୍ଡି ଅଧିକାରୀ କ୍ଷିରୋଦ ଚନ୍ଦ୍ର ବାଗ୍ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପସନ୍ନ ମହାକୁର, କୈବଲ୍ୟ ମାଟି, ଶ୍ରୀକାନ୍ତ ଭୋଇ, କଳ୍ପତରୁ ନାଏକ, ବିକ୍ରମ ଦାଶ, ସନ୍ତୋଷ ପ୍ରଧାନ, ସୋମନାଥ ମହାଲିଙ୍ଗ, ଘନଶ୍ୟାମ ମହାଲିଙ୍ଗ, ଛକୋରମାଲ ସରପଞ୍ଚ ଶଙ୍କର ପ୍ରସାଦ ସା, ଖଲିଆପାଲି ସରପଞ୍ଚ ରଘୁନାଥ ଅଗ୍ରୱାଲା, ନାରଦ ପୁଟେଲ, ବାସୁଦେବ ରଣା, ଆଶିଷ ନନ୍ଦ, ରଣଜିତ ରଣା, କମଲ ପାଣ୍ଡେ, ବବୁଲ ଦାଶ ସହଯୋଗ କରିଥିଲେ । ସୋନପୁର ବ୍ଲଡ ବ୍ୟାଙ୍କର ଟେକ୍‌ନିସିଆନ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।



ଅଖିଳେଶ ଟୋପୋଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଏସ୍‌ଡିସିଏ ଇଗଲ ବିଜୟୀ

ଉଲୁଣ୍ଡା, ୨୭।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର କଲେଜ ପଡିଆରେ ଆୟୋଜିତ ଜିଲାସ୍ତରୀୟ ବରିଷ୍ଠ ବିଭାଗର ଭିଜନ-୨୦୨୪ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଦିନ ଖେଳରେ ଏସ୍‌ଡିସିଏ ଇଗଲ୍ ଦଳ ଏସଡିସିଏ ରାଇଡର୍ସକୁ ୨୦୨ ରନ୍‌ରେ ପରାସ୍ତ କରିଛି । ଓଡିଶା କ୍ରିକେଟ ଆସୋସିଏସନ୍ ଓ ଏସଡିସିଏ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଖେଳା ଯାଉଥିବା ଏହି ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଇଗଲ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୯୬ ରନ୍ କରିଥିଲା। ଉମାଶଙ୍କର ହୋତା ସର୍ବାଧିକ ୮୩ଟି ବଲ୍‌ରେ ୧୫୮ ରନ୍ ଓ ଚନ୍ଦନ ଦାସ ୭୩ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ବୋଲର ଆଲୋକ ପର୍ଡିଆ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ରାଇଡର୍ସ ଦଳ ୩୨.୧ ଓଭରରେ ୧୯୪ ରନ କରି ଅଲଆଉଟ ହୋଇଯାଇଥିଲେ। ମାନଗୋବିନ୍ଦ ଆଚାର୍ଯ୍ୟ ୭୩ ଓ ପ୍ରସନ୍ନ ପୁରୋହିତ ୨୮ ରନ୍ କରିଥିଲେ । ରଘୁବୀର ମିଶ୍ର ଓ ସତ୍ୟନାରାୟଣ ପଧାନ ଖେଳ ପରିଚାଳନା କରିଥିଲେ । ନବ କୁମାର ସେଠୀ, ଗଙ୍ଗାଧର ମହାକୁର ଓ ମହେନ୍ଦ୍ର ପୁରୋହିତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଇଗଲ ଦଳର ରମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା ।



ସରକାରୀ ଅଫିସର ଓ ଜନପ୍ରତିନିଧିଙ୍କ ସହ ଜମି ପଟ୍ଟା ପାଇଥିବା ହିତାଧିକାରୀ।

# ବରଗଡ ୟୁନାଇଟେଡ୍ ଏଫ୍‌ସି ବିଜୟୀ

## ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ସୋନପୁର,୨୭।୨(ନି.ପ୍ର.)

ରାମଧୂନ କ୍ଲବ ପକ୍ଷରୁ ଗାନ୍ଧୀ ପଡିଆରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍‌ରେ ବରଗଡ ୟୁନାଇଟେଡ ଏଫସି ବିଜୟ ହୋଇଛି। ଗୁରୁବାର ଅନୁଗୋଳ ନାଲକୋ ଓ ବରଗଡ ୟୁନାଇଟେଡ୍ ଏଫସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବରଗଡର ଅଖିଳେଶ ଟୋପୋ ଓ ଦ୍ୱିତୀୟାର୍ଦ୍ଧରେ ରାଜୁ ଓରାମ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ଏହି ମ୍ୟାଚ୍‌ରେ ବରଗଡ ୨-୦ଗୋଲରେ ବିଜୟୀ ହୋଇ ଗ୍ରୁପ୍ ବିର ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ଅଖିଳେଶ ଟୋପୋଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା । ରେଫେରି ସଲିଳ ବେହେରା, ସୁରେନ୍ଦ୍ର ବେହେରା, ଅରୁଣ ଭୋଇ ଓ ବିଦ୍ୟାଧର ମିଶ୍ର ଖେଳ ପରିଚାଳନା କରିଥିଲେ । ସୁବାସ ବିଶ୍ୱାଳ ଓ ଅଚ୍ୟୁତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ଅତିଥି ଭାବେ ଯୋଗଦାନ କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

# ୪୫ ଜଣଙ୍କୁ ମିଳିଲା ଜଙ୍ଗଲ ଜମି ପଟ୍ଟା

ବିନିକା,୨୭।୨ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ପକ୍ଷରୁ ଗୁରୁବାର ସେଲେଡି ରାଜସ୍ୱ ସର୍କଲ ଅନ୍ତର୍ଗତ ଝରାପଡା ଗ୍ରାମର ୪୫ ଜଣ ଅଧିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ପଟ୍ଟା ବଣ୍ଟନ କରାଯାଇଛି। ଗରଗଡବାହାଲ ମୌଜାର ସଂରକ୍ଷିତ ସରକାରୀ ଜମିରୁ ସେମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ଅଲେଖ ଘୁଟାଙ୍କ ଅଧ୍ୟକ୍ଷତା ଓ ବିନିକା ଅତିରିକ୍ତ ତହସିଲଦାର ତ୍ରିପୁର ମହାନନ୍ଦଙ୍କ ଉପସ୍ଥିତିରେ ଗ୍ରାମରେ ଏକ ସାଧାରଣ ସଭାରେ ସେମାନଙ୍କୁ ଏହି ଜମି ପଟ୍ଟା ପ୍ରଦାନ କରାଯାଇଛି। ବିନିକା ଜିଲା ପରିଷଦ ସଭ୍ୟା ରୋହିଣୀ ଡାଙ୍ଗ, ରେଭିନ୍ୟୁ ସୁପରଭାଇଜର ଦାରାସିଂ ବରିହା, ସେଲେଡି ରାଜସ୍ୱ ନିରୀକ୍ଷକ ସୁନିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ମନାଇ ପାରିଲାନି ଯୋଗାଣ ବିଭାଗ

## ଚତୁର୍ଥ ଦିନରେ ଚାଷୀ ଆନ୍ଦୋଳନ

ତରଭା, ୨୭।୨(ଡି.ଏନ.ଏ.)

ତରଭା ବ୍ଲକ ଅଫିସ ସମ୍ମୁଖରେ ଚାଷିଥିବା ଚାଷୀ ଆନ୍ଦୋଳନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ଜିଲା ପ୍ରଶାସନ ଚାଷୀମାନଙ୍କ ସହ ଧାରଣା ସ୍ଥଳରେ ଆଲୋଚନା କରିଛି। ଉପଜିଲାପାଳ ବଳରାମ ମଲ୍ଲିକ, ତରଭା ବିଡିଓ ନିହାର ରଞ୍ଜନ କହଁର, ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଆଇଆଇସି ଡୋଳାମଣୀ ଭୋଇ, ବ୍ଲକ ମୁଖ୍ୟ କିରାଣୀ ଶିବରାମ ମିଶ୍ର ପ୍ରମୁଖ ଚାଷୀ ମିତ୍ରବ୍ରତ ମିଶ୍ର, ପୁରନ୍ଦର ବାଗ, ସଦାନନ୍ଦ ପାଣିଗ୍ରାହୀ, କାର୍ତ୍ତିକ ନାଗ, ପରମାନନ୍ଦ ମିଶ୍ର, ଅଶୋକ ସାହ, ସଂଗଠନର ଉପସଭାପତି କଙ୍ଗାଲୁ ବରାଡ, ଭବାନୀଶଙ୍କର ମିଶ୍ର, ନିଳାଦ୍ରି ମେହେର, ଦିଲୀପ ସାହୁ, ସେଓଜୀ ନାଏକ, ହିମାଂଶୁ ନାଏକ, ଚିତ୍ତରଞ୍ଜନ ନାଏକ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ପ୍ୟାକ୍ସରେ ଥିବା ଧାନ ଉଠାଯିବ। ବିନା ଟୋକନରେ ଥିବା ଚାଷୀଙ୍କ ଧାନ ଉଠାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ଏହି ଅଧିକାରୀମାନେ କହିଥିଲେ। ହେଲେ ଆନ୍ଦୋଳନକାରୀ ଚାଷୀ ଏହାକୁ ବିଶ୍ୱାସକୁ ନେଇ ନାହାନ୍ତି। ସମ୍ପୂର୍ଣ୍ଣ ଧାନ ନ ଉଠିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏଣୁ ଚାଷୀଙ୍କୁ ଏହି ସରକାରୀ ଅଧିକାରୀମାନେ ମନାଇ ନ ପାରି ନିରାଶ ହୋଇଛନ୍ତି।

ଯୋଗାଣ ବିଭାଗ ଚାଷୀଙ୍କଠାରୁ ଧାନକିଣା ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛି। ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି ଚାଷୀ। ବ୍ଲକର ସମସ୍ତ ଚାଷୀଙ୍କଠାରୁ ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଥମିନାର ପ୍ରଶ୍ନ ନାହିଁ। ବ୍ଲକର ଅଧିକାଂଶ ଚାଷୀଙ୍କ ପାଖରେ ଟୋକନ ପହଞ୍ଚିଛି। କେତେକ ଚାଷୀଙ୍କ ଧାନ ଲୋଡିଂ ସମୟରେ ଲ୍ୟାପ୍ସ ହୋଇଯାଇଛି। ଅନେକ ଚାଷୀ ସରକାରଙ୍କ ଚାଷୀ ମାରଣା ନୀତିରେ ଟୋକନ ଲ୍ୟାପ୍ସ ହୋଇଯିବା ଯୋଗୁ ସେମାନଙ୍କର ଧାନବିକ୍ରି କରିପାରି ନାହାନ୍ତି। ଆଉ କେତେକ ଚାଷୀ ଅନ୍‌ଲାଇନରେ ପଞ୍ଜିକୃତ ହୋଇଥିଲେ ମଧ୍ୟ ଟୋକନ ପାଇନାହାନ୍ତି। ଫଳରେ ଧାନ ଘରେ ରଖିବାକୁ ବାଧ୍ୟ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତରଭା ବ୍ଲକ କାର୍ଯ୍ୟାଳୟ ଏବଂ ଧାରଣାସ୍ଥଳରେ ପ୍ରାୟ ୧୦୦୦ ପ୍ୟାକେଟ ଧାନ ରଖି ସେମାନେ ଆନ୍ଦୋଳନ ଚଳାଇଛନ୍ତି। ଶୁକ୍ରବାର ଆଉ ୩୦୦୦ ପ୍ୟାକେଟ ବିଭିନ୍ନ ପଞ୍ଚାୟତରୁ ଆନ୍ଦୋଳନସ୍ଥଳକୁ ଆସିବ। ବ୍ଲକର ସମସ୍ତ ପ୍ୟାକ୍ସରେ ସରକାରୀ ହିସାବରେ ୨୯୮୪୨ ବସ୍ତା ଧାନ ରହିଛି। ବେସରକାରୀ ସୂତ୍ରରେ ୪୦୦୦୦ ବସ୍ତା ଖୋଲା ଆକାଶ ତଳେ ଓ କେତେକ ଚାଷୀଙ୍କ ଘରେ ପଡିରହିଛି। ମେଣ୍ଡା, ଦେଉଲପଦର ଓ କେତେକ ପ୍ୟାକ୍ସରେ ଧାନବସ୍ତା ଗୁଡିକ ଅଦିନିଆ ବର୍ଷା ଯୋଗୁ ଗଜା ହୋଇଗଲାଣି ବୋଲି ଚାଷୀ ଅଭିଯୋଗ କରିଛନ୍ତି।



ଧାନ ରଖି ଚାଷୀ ଆନ୍ଦୋଳନ ଚଳାଇଛନ୍ତି।

# ଟୋକନ୍ ମିଳୁନି, ଧାନ ବିକି ପାରୁନାହାନ୍ତି ୨୨ ଚାଷୀ

ବିନିକା,୨୭।୨(ଡି.ଏନ୍.ଏ.)

ବିନିକା ବ୍ଲକ ଅନ୍ତର୍ଗତ ଚରଦା ପ୍ରାଥମିକ ସେବା ସମବାୟ ସମିତି ଅଧୀନ ପ୍ରାୟ ୨୨ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ଆବେଦନ କରିଛନ୍ତି। ହେଲେ ଟୋକନ ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ପରେ ଏହି ଘଟଣା ଜଣାପଡିଛି। ଏଣୁ ଅଞ୍ଚଳର ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପେକ୍ସ କର୍ତ୍ତୃପକ୍ଷ ଚାଷୀଙ୍କ ସମସ୍ୟା ଦେଖି ଅନ୍‌ଲାଇନ୍ ଯୋଗେ ଚାଷୀଙ୍କ ସମସ୍ତ ସବିଶେଷ ତଥ୍ୟ ଟୋକନ ପାଇଁ ପଠାଇ ସାରିଛନ୍ତି। ହେଲେ ଦୀର୍ଘ ଦିନ ଧରି ଚରଦା ପେକ୍ସର ୨୨ଜଣ ଧାନଚାଷୀ ଟୋକନ ପାଉ ନାହାନ୍ତି। ଏଣୁ ପେକ୍ସ କର୍ତ୍ତୃପକ୍ଷ ଚୁପ୍ ରହିବା ଚାଷୀ ମହଲରେ ଚିନ୍ତା ସୃଷ୍ଟି କରୁଛି। ଗତ କିଛି ଦିନ ତଳେ ଟୋକନ ପାଇ ନ ଥିବା ଚରଦା ପେକ୍ସ ଚାଷୀ ବିନିକା ଆସି ତହସିଲଦାର ଅଲେଖ ଘୁଟାଙ୍କୁ ଟୋକନ ନ ମିଳିବା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ତେବେ ଏ ସମ୍ପର୍କରେ ଚରଦା ପ୍ରାଥମିକ କୃଷି ସେବା ସମିତି ସମ୍ପାଦକ ରବିନାରାୟଣ ଥନାପତିଙ୍କୁ ପଚାରିବାରୁ ୨୨ଜଣ ଚାଷୀଙ୍କ ଟୋକନ ଆସି ପାରି ନ ଥିବା ସ୍ୱୀକାର କରିଛନ୍ତି। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳର ସମସ୍ୟା ଉପସ୍ଥାପନ କଲେ ଯୁବତୀ, ଯୁବକ

## ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଉଲୁଣ୍ଡା,୨୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ସୋନପୁର ନେହେରୁ ଯୁବ କେନ୍ଦ୍ର ଓ ଉଲୁଣ୍ଡା ଯୁବ ମହାସଂଘର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଯୁବ ମହାସଂଘର ସଭାପତି ପ୍ରମୋଦ ପଧାନ ଅଧ୍ୟକ୍ଷତା କରିଥିଲେ। ବ୍ଲକ ହିସାବ ଅଧିକାରୀ ଶ୍ୟାମଲାଲ ବଂଜାରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଯୋଗିନ୍ଦ୍ର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ଯୋଗ ଦେଇ ଥିଲେ। ସାଂପ୍ରତିକ ସମୟରେ ଯୁବଗୋଷ୍ଠୀର କେଉଁସବୁ ଭୂମିକା ରହିଛି ସେ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ଯୁବକ, ଯବତୀ ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ସମେତ ପର୍ଯ୍ୟଟନର ବିକାଶ ଏବଂ କିପରି ଆଦର୍ଶ ଗ୍ରାମ କରାଯାଇପାରିବ ସେ ଉପରେ ସେମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଓଏଲ୍‌ଏମ୍ ରଂଜନ ସ୍ୱାଇଁ, ଗୁପ୍ତେଶ୍ୱର ଖୁରା, ନକୁଳ ନାଏକ ଓ କୁବେର ହରିପାଲ ଯୋଗଦେଇ ଯୁବକ, ଯୁବତୀ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଉପରେ ବୁଝାଇଥିଲେ। ଶମ୍ଭୁରାଜ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ମାଟିଖାଇର ରାମଜୀ କ୍ଲବ, ମାଉଳିମାଳର ଗଣପତି, ସିଣ୍ଢୋଳର ମହାନଦୀ କ୍ଲବ, ଗଣ୍ଡବାହାଲର ନେତାଜୀ ଶୁବାଷ ଚନ୍ଦ୍ର ବୋଷ କ୍ଲବ, ପଲାସର ମାଁ ରାମଚଣ୍ଡୀ କ୍ଲବ, କାଦୋଦରର ମାଁ ଉମାଦେଇ, ମାଟୁପାଲିର ବୀର ସୁରେନ୍ଦ୍ର ସାଏ କ୍ଲବ, ସାହାଣିଡିହର ମହିଦାସ କ୍ଲବ, ଅଇଁଲାଛାଟର ଗଣେଶ୍ୱର କ୍ଲବ ସମେତ ଅନ୍ୟାନ୍ୟ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ଦଶରଥ ପାଣ୍ଡେଙ୍କ ସମେତ ଯୁବମହାସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରବି ନାରାୟଣ ଜଗଦଲା ଧନ୍ୟବାଦ ଦେଇଥିଲେ।



ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବତୀ ଯୁବକ ।



ପ୍ରତ୍ୟେକ ମନୁଷ୍ୟ ଭଗବାନ୍‌ଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଖପ୍ରାଖୋଲ ତହସିଲ ବରିଷ୍ଠ ରାଜସ୍ୱ ସହାୟକ ନିଲମ୍ବିତ

**ଖପ୍ରାଖୋଲ,୨୭।୨(ଡି.ଏନ.ଏ.):** ଖପ୍ରାଖୋଲ ତହସିଲର ବରିଷ୍ଠ ରାଜସ୍ୱ ସହାୟକ ହେବଲେଟ ବାର୍ଲା କାର୍ଯ୍ୟରେ ଅବହେଳା ପାଇଁ ଜିଲା ପ୍ରଶାସନ ଦ୍ୱାରା ନିଲମ୍ବନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଆଦେଶ ନମ୍ବର ୩୫୫ (୨୬।୨।୨୦୨୦) ଅନୁସାରେ ସରକାରୀ କାର୍ଯ୍ୟରେ ଅବହେଳା, ଅର୍ଥ ଆତ୍ମସାତ ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ନିଲମ୍ବନ ଆଦେଶ ନ ଉଠିଲା ପର୍ଯ୍ୟନ୍ତ ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ଆଦେଶ ରହିଛି।

### ରେଳ ଧାରଣାରୁ ଗୁରୁତର ଯୁବକ ଉଦ୍ଧାର

**ସଇଁତଲା,୨୭।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ରେଳଷ୍ଟେଶନ ନିକଟ ଛକୋରବାଞ୍ଜି ଗାଁ ରେଳ ଓଭରବ୍ରିଜ ନିକଟରୁ ଗୁରୁବାର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଦମକଳ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅନ୍ତର୍ଗତ ସାନସୋଲାର ଗ୍ରାମର ମନୋଜ କୁମାର ନାଏକ (୩୫)। ପ୍ରଥମେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ପରେ ବଲାଙ୍ଗୀର ଓ ଶେଷରେ ବୁର୍ଲା ଭିମ୍‌ସାର ପଠାଯାଇଛି। ତାଙ୍କ ତଣ୍ଟି, ଦୁଇ ହାତର ଶିରା, ଗୋଡ଼ ଏବଂ ପେଟରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ଅନ୍ତ ବୁଜୁଳା ବାହାର ପଡିଛି। ତେବେ ତାଙ୍କଠାରୁ ଲୁଟ୍ ପାଇଁ ଏଭଳି କେହି କରିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସର ସୂଚନା ଅନୁସାରେ ମନୋଜ ସୁରଟରେ କାମ କରନ୍ତି। ରେଳ ଧାରଣାରେ କାମ କରୁଥିବା କର୍ମଚାରୀ ତାଙ୍କୁ ପ୍ରଥମେ ଦେଖିବା ପରେ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଟିକ୍ରାପଡା, ୨୭।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାରେ ଚବିଶି ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଏଥିରେ ପଙ୍କଜିନୀ ରାଜପଲିଆ, ସନ୍ନ୍ୟାସୀ ରାଜପଲିଆ କର୍ତ୍ତା ରହିଥିଲେ। କୁନୁ ପୁରୋହିତ, କୌଶଳ ପୁରୋହିତ, ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ। ଧୁମାଭଟା, ଘିଭେଲାପଡା ମହିଳା ସଂକୀର୍ତ୍ତନ ଦଳ ସମେତ ନୂଆପଡା ଜିଲା ଇଚ୍ଛାପୁର, କରମତଲା, ଲାଫେର, ଟିକ୍ରାପଡା, ଭେଏଁରିଆ, ଚାଁଟିପଲା, ସାଲେପଡା,ଗ୍ରିନଡୋଲା ସଂର୍କୀତନ ଦଳ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଦଣ୍ଡ ନୃତ୍ୟ, ସଞ୍ଚାର ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଧାକୃଷ୍ଣଙ୍କୁ ଗ୍ରାମରେ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁମାନେ ପରସ୍ପରକୁ ଅବିର ବୋଳି ଭକ୍ତି ଓ ଐକ୍ୟ ଭାବର ପ୍ରଦର୍ଶନ କରିଥିଲେ।

### ଶ୍ରେଣୀ କୋଠରି ଉଦ୍‌ଘାଟିତ

**ଲୋଇସିଂହା,୨୭।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ଯୁକ୍ତ ୨ କଲେଜର ବିଜ୍ଞାନ ବିଭାଗର ନୂତନ ଶ୍ରେଣୀ କୋଠରି ଓ ବାଳକ ବିଶ୍ରାମ ଗୃହ ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷ ମନ୍ତ୍ରୀ ମେହେରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରମାକାନ୍ତ ସେଠ ଯୋଗଦେଇ ଏହି ଶ୍ରେଣୀ କୋଠା ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ ସିଂଦେଓ, ଅଧାପକ ରାକେଶ କୁମାର ରାଏ, କିଶୋର ମିଶ୍ର, ଶେଷ ମେହେର, ଅନ୍ନଦାପ୍ରସନ୍ନ ତ୍ରିପାଠୀ, ସୁଜିତ କୁମାର ବାଗ, କର୍ମଚାରୀ ଫକୀର ମୋହନ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆର୍‌ଟିଓ ଅଫିସରୁ ୪ ଦଲାଲ ଗିରଫ

**ବଲାଙ୍ଗୀର ଅଫିସ, ୨୭।୨**

ମୋ ସରକାର ଯୋଜନା କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ସରକାରୀ ଅଫିସକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ରଖିବା ପାଇଁ ସରକାର ଜୋର ଦେଇଛନ୍ତି। ଏହି କ୍ରମରେ ବିଭିନ୍ନ ସରକାରୀ ଅଫିସରେ ପ୍ରଶାସନିକ ବ୍ୟବସ୍ଥାକୁ କଡାକଡି କରାଯିବାର ଉଦ୍ୟମ କରାଯାଉଛି। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ଗୁରୁବାର ବଲାଙ୍ଗୀର ଆରଟିଓ ଅଫିସରେ ଅତର୍କିତ ଚଢ଼ାଉ କରି ସେଠାରେ ସକ୍ରିୟ ଥିବା ୪ ଦଲାଲଙ୍କୁ ଗିରଫ କରିଛି। ଗିରଫ ଦଲାଲମାନେ ହେଲେ ବଲାଙ୍ଗୀର ସହର କନ୍ଧପାଲିପଡାର ମଶୀଚରଣ ବାରିକ (୪୯), ଆରଟିଓ ଛକର ରୁଦ୍ର ପ୍ରତାପ ଶତପଥୀ (୫୩), ପାଟଣାଗଡର ବଜରଙ୍ଗ ଭୋଇ (୨୬) ଓ ପାଟଣାଗଡ ବ୍ରହ୍ମପୁରାର ଅପୂର୍ବ ପରିଡା (୨୨)। ଏହାସହ ସେମାନଙ୍କଠାରୁ ୩ ହଜାର ୩ ଶହ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ୨ଟି ବାଇକ୍ (ଓଡିଂ୩କେ ୯୯୧୯ ଏବଂ ଓଆର୦୩ଜେ ୦୧୪୪) ଜବତ କରିଛି। ଶୁକ୍ରବାର ଏହି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଟାଉନ୍ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ଉପସ୍ଥିତ ଥିଲେ। ଆର୍‌ଟିଓ ଅଫିସରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟ ଯାନବାହନ ସଂକ୍ରାନ୍ତୀୟ କାଗଜପତ୍ର ତିଆରି ପାଇଁ ବହୁ ଲୋକ ପ୍ରତ୍ୟହ ଆସୁଛନ୍ତି । ଯାନବାହନ କାଗଜପତ୍ର ପାଇଁ ଏବେ ଅନ୍‌ଲାଇନ୍‌ରେ ଆବେଦନ ହେଉଥିବାରୁ ବହୁ ଲୋକ ଏସଂକ୍ରାନ୍ତରେ ଅନେକ କିଛି ଜାଣିପାରୁନାହାନ୍ତି। ଏହାର ସୁଯୋଗ ନେଇ ସେଠାରେ କିଛି ଦଲାଲ ସକ୍ରିୟ ରହି ଜନସାଧାରଣଙ୍କଠାରୁ ଲୁଟ୍ କରୁଛନ୍ତି । ସମସ୍ତ କାଗଜପତ୍ର ତିଆରି କରିଦେବା ନାଁରେ ସରକାରୀ ଧାର୍ଯ୍ୟ ପାଉଣାଠାରୁ ଢ଼େର ଅଧିକ ଟଙ୍କା ନେଇ ଲୋକଙ୍କଠାରୁ ଲୁଟ୍ କରୁଛନ୍ତି। ଏଭଳି ଖବର ପାଇବା ପରେ ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ ଓ ଏଏସ୍‌ଆଇ ଦୟାନନ୍ଦ ଷଡଙ୍ଗୀ ସାଦା ପୋଷାକରେ ଗୁରୁବାର ମଧାହ୍ନ ସାଢ଼େ ୧୨ଟାରେ ଆରଟିଓ ଅଫିସକୁ ଯାଇ ନିରୀକ୍ଷଣ କରିଥିଲେ। ୪ ଜଣ ଦଲାଲ ସକ୍ରିୟ ଥିବା ଦେଖିବାକୁ ପାଇଥିଲେ। ଜଣେ ଦଲାଲ ଏମାନଙ୍କ ପାଖକୁ ଆସିଥିଲେ। ଗାଡି ଡ୍ରାଇଭିଂ କରିବାକୁ ହେଲେ ସେ ସମସ୍ତ କାଗଜପତ୍ର କରିଦେବେ। ଏଥିପାଇଁ ୧ ହଜାର ଟଙ୍କା ନେବେ ବୋଲି କହିଥିଲେ। ଏହାପରେ ଏଏସ୍‌ଆଇ ଦୟାନନ୍ଦ ତାଙ୍କୁ କାବୁ କରି ସେଠାରେ ଥିବା ଅନ୍ୟ ୩ ଜଣ ଦଲାଲଙ୍କୁ କାବୁ କରି ନେଇଥିଲେ।



ପୋଲିସର ଖବରଦାତା ସମ୍ମିଳନୀରେ ଆର୍‌ଟିଓ ଅଫିସରୁ ଗିରଫ ୪ ଅଭିଯୁକ୍ତ।

**୨ ବାଇକ୍, ୩୩୦୦ ଟଙ୍କା, ୩ ମୋବାଇଲ ଜବତ**



ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥିମାନେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଟିଟିଲାଗଡ଼, ୨୭।୨ (ଡି.ଏନ.ଏ.)**

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟିଟିଲାଗଡ ବ୍ଲକ ଏବଂ ପୌରପରିଷଦସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ବିଡିଓ ମହେନ୍ଦ୍ର ପ୍ରଧାନୀ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ କ୍ଷିରୋଦ୍ର ତ୍ରିପାଠୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୃଣ୍ମୟୀ ଭୋଇ, ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ ସୁମନ କିଶୋର ରଣା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାଶ, ପ୍ରୋଗ୍ରାମ ସହକାରୀ ବୈକୁଣ୍ଠ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଶେଷଜ୍ଞଙ୍କ ଦ୍ୱାରା ୭୨ ଜଣ ଶାରୀରିକ ଭିନ୍ନକ୍ଷମ, ୨୧ ମାନସିକ ଅନଗ୍ରସର, ୬୪ ଦୃଷ୍ଟିବାଧିତ, ୬୦ ମୁକବଧିରଙ୍କୁ ଚିହ୍ନଟ କରାଯାଇଛି। ପଦ୍ମନାଭ ନାୟକ, ଭରତ ସାହୁ, ହରିନାରାୟଣ ମିଶ୍ର, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, ପିଏଜି ସ୍ୱେଚ୍ଛାସେବୀ, ବିଜୁ ଯୁବ ବାହିନୀ, ବ୍ଲକ କର୍ମଚାରୀ, ଅଙ୍ଗନବାଡି କର୍ମୀ, ସମସ୍ତ ପିଇଓ, ଜିଆରଏସ, ଜିଓଟେକ ସହାୟତା କରିଥିଲେ।

# ପାୟଲଙ୍କ ଦୁଃଖ ଶୁଣିଲେ ଜିଲାପାଳ

## କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ଭୁବନେଶ୍ୱର ଗଲେ

**ବଲାଙ୍ଗୀର ଅଫିସ,୨୭।୨**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ବାନ୍ଧୁପଲା ପଞ୍ଚାୟତ ଯମୁନାବାହାଲ ଗାଁର ପାୟଲ ନାଗ (୧୩)ଙ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କରାଯିବ। ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଏ ନେଇ ଭୁବନେଶ୍ୱରସ୍ଥିତ ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟରକୁ ଚିଠି କରିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱେଚ୍ଛାସେବୀ ଗୁରୁବାର ରାତିରେ ପାୟଲଙ୍କୁ ନେଇ ଭୁବନେଶ୍ୱର ଯାଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱେଚ୍ଛାସେବୀ ଅରୁଣ ଖୁଆସ, ପାୟଲଙ୍କ ବାପା ବିଜୟ ନାଗ ଓ ମା' ମଧ୍ୟ ଭୁବନେଶ୍ୱର ଯାଇଛନ୍ତି।

ପ୍ରାୟ ୭ ବର୍ଷ ତଳେ ବିଜୟ ପରିବାର ଧରି ରାୟପୁରକୁ ଦାଦନ ଯାଇଥିଲେ। ସେଠାରେ ସ୍ୱାମୀ ସ୍ତ୍ରୀ କାମ କରୁଥିବା ସମୟରେ ପାୟଲ କୋଠା ଉପରେ ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ରାୟପୁରର ଏକ ଡାକ୍ତରଖାନାରେ ପାୟଲଙ୍କ ଦୁଇ ହାତ ଓ ଗୋଡକୁ କାଟି ଦିଆଯାଇଥିଲା। ସେହିଦିନରୁ ସେ ବିକଳାଙ୍ଗ ହୋଇପଡିଥିଲେ। କିଛି ଦିନ ତଳେ ଜିଲାପାଳ ଅରିନ୍ଦମ ଡାକୁଆ ଯମୁନାବାହାଲ ଯାଇ ପାୟଲଙ୍କୁ ଭେଟିଥିଲେ। ଝିଅର କୃତ୍ରିମ ଅଙ୍ଗ ଲଗାଇବାକୁ ମା, ବାପା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପାୟଲଙ୍କ ମା, ବାପା ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଭେଟିଥିଲେ।



ଜିଲାପାଳ କାର୍ଯ୍ୟାଳୟରେ ପାୟଲଙ୍କ ସହ ମା'ବାପା।

# ଏସ୍‌ଡିସିଏ ଇଗଲ ବିଜୟୀ

**ଉଲୁଣ୍ଡା, ୨୭।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର କଲେଜ ପଡିଆରେ ଆୟୋଜିତ ଜିଲାସ୍ତରୀୟ ବରିଷ୍ଠ ବିଭାଗର ଭିଜନ-୨୦୨୪ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଦିନ ଖେଳରେ ଏସ୍‌ଡିସିଏ ଇଗଲ୍ ଦଳ ଏସଡିସିଏ ରାଇଡର୍ସକୁ ୨୦୨ ରନ୍‌ରେ ପରାସ୍ତ କରିଛି । ଓଡିଶା କ୍ରିକେଟ ଆସୋସିଏସନ୍ ଓ ଏସଡିସିଏ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଖେଳା ଯାଉଥିବା ଏହି ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଇଗଲ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୯୬ ରନ୍ କରିଥିଲା। ଉମାଶଙ୍କର ହୋତା ସର୍ବାଧିକ ୮୩ଟି ବଲ୍‌ରେ ୧୫୮ ରନ୍ ଓ ଚନ୍ଦନ ଦାସ ୭୩ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ବୋଲର ଆଲୋକ ପର୍ଡିଆ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ରାଇଡର୍ସ ଦଳ ୩୨.୧ ଓଭରରେ ୧୯୪ ରନ କରି ଅଲଆଉଟ ହୋଇଯାଇଥିଲେ। ମାନଗୋବିନ୍ଦ ଆଚାର୍ଯ୍ୟ ୭୩ ଓ ପ୍ରସନ୍ନ ପୁରୋହିତ ୨୮ ରନ୍ କରିଥିଲେ । ରଘୁବୀର ମିଶ୍ର ଓ ସତ୍ୟନାରାୟଣ ପଧାନ ଖେଳ ପରିଚାଳନା କରିଥିଲେ । ନବ କୁମାର ସେଠୀ, ଗଙ୍ଗାଧର ମହାକୁର ଓ ମହେନ୍ଦ୍ର ପୁରୋହିତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଇଗଲ ଦଳର ରମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା ।





ଶଗଡଘାଟ ପଞ୍ଚାୟତ କାର୍ଯ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଅତିଥିମାନେ।

# ଏକ ଭାରତ ଶ୍ରେଷ୍ଠ ଭାରତ

**ଟିଟିଲାଗଡ଼, ୨୭।୨ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟର ନାଗରିକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ, ସମନ୍ୱୟ ସୃଷ୍ଟି ପାଇଁ ଭାଷା, ସାହିତ୍ୟ, ସଂସ୍କୃତି ଆଦିର ଆଦାନ ପ୍ରଦାନ ନେଇ 'ଏକ ଭାରତ ଶ୍ରେଷ୍ଠ ଭାରତ' ଯୋଜନା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭବାନୀପାଟଣା କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଶଗଡଘାଟ ପଞ୍ଚାୟତ କାର୍ଯ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଭାରତି ମହାନନ୍ଦ, ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧାପକ ଡ. ଦୋଳଗୋବିନ୍ଦ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ବିଡିଓ ନବୀନ ଚନ୍ଦ୍ର ନାୟକ, ଡିଏଭି କଲେଜ ଅଧାପକ ଜୟଦେବ କର, ବଲାଙ୍ଗୀର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତିନିଧି କମଳାକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ଅଲିତା ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ବିଷ୍ଣୁଚରଣ ସାହୁ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ଏଥିରେ ଯୋଗ ଦେଇଥିଲେ। ସ୍ୱଚ୍ଛ ଭାରତ, ସଭିଙ୍କୁ ବୀମା, ସଭିଙ୍କ ଘରେ ଶୌଚାଳୟ, ଗ୍ୟାସ ସଂଯୋଗ, ଏଲଇଡି ବଲ୍ ବ୍ୟବହାର ଆଦି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ପ୍ଲାକାର୍ଡ ସହ ବିଡିଓ ନାୟକଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀଙ୍କ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଅନ୍ୟପକ୍ଷେ ମହିଳାମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍ଥାନୀୟ ନାଏବ ସରପଞ୍ଚ ତହସିଲ ସାହୁ, ପିଇଓ ସୁରେଶ ମିଶ୍ର, ଜିଆରଏସ ବିଭୁଦତ୍ତ ପୁରୋହିତ, ପ୍ରଦୀପ ସାହୁ, ୱାର୍ଡସଭ୍ୟା ସରସ୍ୱତୀ ପାତ୍ର, ତରୁ ମାଝୀ, ଅଙ୍ଗନବାଡି କର୍ମୀ ଶଶିମଣୀ ଷଡଙ୍ଗୀ, ଯଶୋବନ୍ତି ଭୋଇ, ଅଂଶୁଲତା ତ୍ରିପାଠୀ, ଗାୟତ୍ରୀ ଗୁପ୍ତା, ସାବିତ୍ରୀ ସାହୁ, ଶାନ୍ତିଲତା ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ କରାଯାଉନି

**ଖପ୍ରାଖୋଲ,୨୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ନିର୍ମାଣ ଶ୍ରମିକମାନେ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଘୋଷିତ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ ପାଇଁ ଶ୍ରମିକ ଅଧିକାର ମଞ୍ଚ ଜିଲା ଶ୍ରମ ଅଧିକାରୀ (ଡିଏଲଓ) ସୁରେଶ କୁମାର ବେହେରାଙ୍କୁ ଭେଟିଛି। ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଜଣାଇ ଆଲୋଚନା କରିଛି। ନିର୍ମାଣ ଶ୍ରମିକଙ୍କୁ ପ୍ରସୂତୀ କାଳିନ ସହାୟତା, ଶିକ୍ଷାବୃତ୍ତି ସହାୟତା, ଝିଅ ବିବାହ ସମୟରେ ସହାୟତା, ସ୍ୱାସ୍ଥ୍ୟ ସହାୟତା, ବିଭିନ୍ନ ଯନ୍ତ୍ରପାତି ସହାୟତା, ଦୁର୍ଘଟଣାଜନିତ ସହାୟତା, ମୃତ୍ୟୁକାଳିନ ସହାୟତା ସହ ପେନସନ, ଗୃହନିର୍ମାଣ ପାଇଁ ମଧ୍ୟ ସହାୟତା ଦେବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ରହିଛି। ହେଲେ ଏହା ମିଳୁନି। ଶ୍ରମିକ ଅନ୍ୟପକ୍ଷେ ନାମ ପଞ୍ଜୀକରଣ କରିଥିଲେ ବି ଅନେକ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇପାରି ନାହାନ୍ତି। କେତେକ ଶ୍ରମିକ ସେମାନଙ୍କ ପରିଚୟ ପତ୍ର ନବୀକରଣ ମଧ୍ୟ କରି ପାରୁ ନାହାନ୍ତି। ଏ ନେଇ ପୂର୍ବରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେ ବି ସମାଧାନ ହେଉନି। ଶ୍ରମିକ ଅଧିକାର ମଞ୍ଚ ସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ଗୌରାଙ୍ଗ ଦାଶ, ଦେବରାଜ ବୁଡେକ, ଗୋଲାପ ନିଆଲ, ଟିଙ୍କୁ ଭୋଇ ପ୍ରମୁଖ ଡିଏଲଓଙ୍କୁ ଭେଟି ନିର୍ମାଣ ଶ୍ରମିକଙ୍କ ଏହିସବୁ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ଲାଗି ଦାବି କରିଛନ୍ତି। ଜିଲା ଶ୍ରମ ଅଧିକାରୀ ସମସ୍ୟାର ସମାଧାନର ଲାଗି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

# ୪୫ ଜଣଙ୍କୁ ମିଳିଲା ଜଙ୍ଗଲ ଜମି ପଟ୍ଟା

**ବିନିକା,୨୭।୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ପକ୍ଷରୁ ଗୁରୁବାର ସେଲେଡି ରାଜସ୍ୱ ସର୍କଲ ଅନ୍ତର୍ଗତ ଝରାପଡା ଗ୍ରାମର ୪୫ ଜଣ ଅଧିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ପଟ୍ଟା ବଣ୍ଟନ କରାଯାଇଛି। ଗରଗଡବାହାଲ ମୌଜାର ସଂରକ୍ଷିତ ସରକାରୀ ଜମିରୁ ସେମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ଅଲେଖ ଘୁଟାଙ୍କ ଅଧକ୍ଷତା ଓ ବିନିକା ଅତିରିକ୍ତ ତହସିଲଦାର ତ୍ରିପୁର ମହାନନ୍ଦଙ୍କ ଉପସ୍ଥିତିରେ ଗ୍ରାମରେ ଏକ ସାଧାରଣ ସଭାରେ ସେମାନଙ୍କୁ ଏହି ଜମି ପଟ୍ଟା ପ୍ରଦାନ କରାଯାଇଛି। ବିନିକା ଜିଲା ପରିଷଦ ସଭ୍ୟା ରୋହିଣୀ ଡାଙ୍ଗ, ରେଭିନ୍ୟୁ ସୁପରଭାଇଜର ଦାରାସିଂ ବରିହା, ସେଲେଡି ରାଜସ୍ୱ ନିରୀକ୍ଷକ ସୁନିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଅଫିସରେ ଦୁର୍ନୀତି ସୀମା ଟପୁଛି

**ଲୋଇସିଂହା,୨୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ବଢି ଚାଲିଛି। ଫଳରେ ଉପଯୁକ୍ତ ଲୋକେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋଇସିଂହା ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ପକ୍ଷରୁ ଏଭଳି ଅଭିଯୋଗ ହୋଇଛି। ବନ ବିଭାଗ ଦ୍ୱାରା ଜବତ ଗାଡିମଟର ଓ ସାଇକଲ ନିଲାମ ହେଉ ନ ଥିବାରୁ ଅଫିସରେ ପଡି ନଷ୍ଟ ହେଉଛି। କେନ୍ଦୁଲିଫ କର୍ମଚାରୀ ନିଜକୁ ସୁହାଇଲା ଭଳି ଲୋକଙ୍କୁ ଫଡିଘର କମିଟିରେ ରହି ଅନିୟମିତତା କରାଯାଉଛି। ସ୍କୁଲ, କଲେଜରେ ଜାତି ସଂରକ୍ଷଣ ଆଳରେ ମେଡଭେଦ ସୃଷ୍ଟି କରାଯାଉଛି। ଲୋଇସିଂହା ଅଞ୍ଚଳର ଖଣିଖାଦାନକୁ ବାହାର ଲୋକ ଆସି ଲୁଟ୍ କରୁଛନ୍ତି। କାଳିଆ ଯୋଜାନରେ ସବୁବର୍ଗର ଚାଷୀଙ୍କୁ ସାମିଲ କରାଯାଉନି। ବ୍ୟାଙ୍କରେ କର୍ମଚାରୀଙ୍କ ମନମାନୀ ଯୋଗୁ ବହୁଚାଷୀ ଓ ଜନସାଧାରଣ ହଇରାଣ ହରକତ ହେଉଛନ୍ତି। ବିନା ଦଲାଲରେ କୌଣସି କାମ ହେଉନି। ପଞ୍ଚାୟତରେ ସରପଞ୍ଚ ଏବଂ ୱାର୍ଡସଭ୍ୟାସଭ୍ୟଙ୍କ ସହ ସମନ୍ୱୟ ରହୁନି ବୋଲି ଧନେଶ୍ୱର ପଧାନ, କୃଷ୍ଣଚନ୍ଦ୍ର ସାହୁ, ଲୋକନାଥ ପଧାନ, ଦୀପକଜୁଆଡି, ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ କୁମାର ବରିହା, ସୁବାଷ ନାଗ, ବିଭୂତି ପଧାନ, ଗଗନବିହାରୀ ସାହୁ ପ୍ରମୁଖ ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ୧୦ ବିଏଡ୍ କଲେଜ ବନ୍ଦକୁ ବିରୋଧ

**ବଲାଙ୍ଗୀର ଅଫିସ,୨୭।୨**

ରାଜ୍ୟର ୧୦ଟି ସରକାରୀ ବି.ଏଡ୍. କଲେଜକୁ ରାଜ୍ୟ ସରକାର ବନ୍ଦ କରିଦେବେ। ଏହା ସହ ୪ଟି କଲେଜରୁ ଏମ୍‌ଇଡି କୋର୍ସ ମଧ୍ୟ ବନ୍ଦ କରି ଦିଆଯିବ। ଅନ୍ୟପକ୍ଷେ ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣ କରାଯିବ। ସରକାରଙ୍କ ଏଭଳି ନିଷ୍ପତ୍ତି ଜାଣିବା ପରେ ଗୁରୁବାର ଏଆଇଡିଏସ୍‌ଓ ତରଫରୁ ସାରା ଓଡିଶାରେ ପ୍ରତିବାଦ କରାଯାଉଛି। ବଲାଙ୍ଗୀର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଡିଏସ୍‌ଓ ବଲାଙ୍ଗୀର ତରଫରୁ ବିଏଡ୍ କଲେଜ ବନ୍ଦ, ଏମ୍‌ଏଡ୍ କୋର୍ସ ବନ୍ଦ, ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦ କରି ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ବିଇଡି, ଏମ୍‌ଇଡି କୋର୍ସ ବନ୍ଦ ହେଲେ ହଜାର ହଜାର ଆଶାୟୀ ଛାତ୍ରୀଛାତ୍ରଙ୍କ ପାଠପଢା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯିବ। ତେଣୁ ସବୁ ବିଏଡ୍ କଲେଜରେ ଜରୁରୀ ଭିତ୍ତିରେ ଖାଲି ପଡିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରାଯାଉ। ବ୍ଲକ ଗ୍ରାଣ୍ଟ ସ୍କୁଲକୁ ସରକାରୀ ସ୍କୁଲରେ ନ ମିଶାଇବା ପାଇଁ ବିକ୍ଷୋଭକାରୀ ଦାବି କରିଛନ୍ତି । ବିକ୍ଷୋଭ ଶେଷରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଥିଲା। ଏହି ବିକ୍ଷୋଭରେ ଜିଲା ସଭାପତି ରାଜେନ୍ଦ୍ର ରଣା, ଉପସଭାପତି ଲକ୍ଷ୍ମୀଧର ସାମଲ, କୁଶପୁଷ୍ଟି ବାଗ, ପୂର୍ବତନ ସଭାପତି ସୁନୀଲ ଭୋଇ, ବିକାଶ ଜେନା, ଅନନ୍ୟା, ମମତା, ଦେବାଶିଷ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ବ୍ଲକ୍ ଗ୍ରାଣ୍ଟ ସ୍କୁଲ ମିଶ୍ରଣକୁ ମଧ୍ୟ ବିରୋଧ**





ଏଆଇଡିଏସ୍‌ଓ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୮ ଫେବୃୟାରୀ, ୨୦୨୦



ଧନ ଅର୍ଜନ କରିବାର ପିପାସା ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



**ସଂକ୍ଷେପରେ**

## କେନାଲରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ଖଡିଆଳ,୨୭।୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ଗୋଲମୁଣ୍ଡିସ୍ଥିତ ଏକ ସାଇଟ କେନାଲରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନାମତେ କୋମନା ଥାନା କୋଟାମାଲ ଗ୍ରାମର ଦୁଷ୍ମନ୍ତ କଟା (୨୦) ଉକ୍ତ ଥାନାର ଘୋଟସର ଗ୍ରାମର ଜମୁନା କଟା (୧୯)ଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟେ ପରିବାରର କାହାକୁ ନ କହି ପ୍ରାୟ ୨୦ ଦିନ ହେବ ପଳାଇ ଆସି ଖଡିଆଳ ଥାନା ଗୋଇମୁଣ୍ଡି ଗାଁର ନିଜ ସମ୍ପର୍କୀୟ ଘରେ ସ୍ୱାମୀ ସ୍ତ୍ରୀ ଭାବେ ରହିଆସୁଥିଲେ। ଦୁଷ୍ମନ୍ତ ୩୫୩ ନଂ. ଜାତୀୟ ରାଜପଥ ବଡପୋଲଠାରେ ଥିବା ଏକ ହୋଟେଲ କାମ କରୁଥିଲେ। ଗୁରୁବାର ଦୁଷ୍ମନ୍ତଙ୍କ ସ୍ତ୍ରୀ ଯମୁନା ପାଖରେ ଥିବା ଏକ ସାଇଟ କେନାଲକୁ ଗାଧୋଇବାକୁ ଯାଇଥିଲେ। କେନାଲରେ ଗାଧୋଇବା ବେଳେ ଗୋଡ ଖସି ପଡିଯାଇଥିଲେ। ଲୋକଙ୍କଠାରୁ ଖବର ପାଇ ଦୁଷ୍ମନ୍ତ କେନାଲରେ ପଡିଥିବା ଯମୁନାଙ୍କୁ ଉଦ୍ଧାର କରି ଘରକୁ ଆଣି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖଡିଆଳ ପୋଲିସକୁ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୋଲିସ ଏଏସଆଇ ଦେବାର୍ଚ୍ଚନ ନିଆଲ ପହଞ୍ଚି ମୃତଦେହ ଜବତ କରିଥିଲେ । ଖଡିଆଳ ଏକଜୁକିଟିଭ ମାଜିଷ୍ଟ୍ରେଟ ତହସିଲଦାର ସିନ୍ଧୁସୂତା ପାତ୍ର ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ପୋଲିସ ଅଫିସର ପ୍ରକାଶ କରିଛନ୍ତି ।

# ଧାନକୁ ଫଲ୍ସ ଏଣ୍ଟ୍ରି କରୁଛନ୍ତି ମିଲର୍ସ-ପ୍ୟାକ୍ସ

**ନୂଆପଡ଼ା ଅଫିସ,୨୭।୨**

ନୂଆପଡା ଜିଲାରେ ଧାନକିଣା ସମସ୍ୟା ନେଇ ଜିଲାର ଚାଷୀ ସଂଘର୍ଷ କରୁଥିବାବେଳେ ଜିଲା ଯୋଗାଣ ବିଭାଗ, ପ୍ୟାକ୍ସ କର୍ମଚାରୀ ଏବଂ ମିଲର୍ସ ମଧୁଚନ୍ଦ୍ରିକାରେ ହଜାର ହଜାର କୁଇଣ୍ଟାଲ ବ୍ୟବସାୟୀଙ୍କ ଧାନକୁ ଫଲସ ଏଣ୍ଟ୍ରି କରି ମାଲାମାଲ ହେଉଥିବା ନେଇ ଚର୍ଚ୍ଚା ଜୋର ଧରୁଛି । ଏହାକୁ ନେଇ ବାରମ୍ବାର ବିଭିନ୍ନ ଫୋରମ ଜରିଆରେ ଚାଷୀମାନେ ଆନ୍ଦୋଳନ କରିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜାଗାରେ ଚଢ଼ାଉ କରାଯାଉଛି। ହେଲେ ଅଧିକାରୀମାନଙ୍କ ସବୁଦିନିଆ ଚକ୍ରାନ୍ତକୁ ଧରିବା ମୁସ୍କିଲ ହୋଇପଡୁଛି। ଜିଲା ପ୍ରଶାସନ ଡାଳେ ଡାଳେ ଗଲେ ମିଲର୍ସ-ପ୍ୟାକ୍ସ କର୍ମଚାରୀ ପତ୍ରେ ପତ୍ରେ ଯାଉଥିବା କୁହାଯାଉଛି। ଏଭଳି ଏକ ଘଟଣା ସ୍ଥାନୀୟ ସାରାବଙ୍ଗ ଏବଂ ଧରମବନ୍ଧା ପ୍ୟାକ୍ସରେ ନଜରକୁ ଆସିଛି । ଦିନକ ତଳେ ପଡୋଶୀ ଛତିଶଗଡରୁ ଓଡିଶା ମିଲକୁ ଧାନ ଚାଲାଣ ହୋଇ ଆସୁଥିବା ଖବର ପାଇ ଏଆରସିଏସ ଏବଂ ଆରଏମସି ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ୩ଟି ପିକଅପ୍ ଭ୍ୟାନକୁ ଜବତ କରାଯାଇଥିଲା। ଏଥିରେ ମୋଟ ୧୮୬ କୁଇଣ୍ଟାଲ ଧାନ ମିଳିଥିଲା। ଏହାକୁ ଆରଏମସି ଦାୟିତ୍ୱରେ ରଖାଯାଇଥିବା ବେଳେ ପରବର୍ତ୍ତି ସମୟରେ ଯୋଗାଣ ବିଭାଗ ଏବଂ ଏମଭିଆଇ ପକ୍ଷରୁ



ଗାଡ଼ିକୁ ଜବତ କରି ଅଧିକାରୀମାନେ ତଦନ୍ତ କରୁଛନ୍ତି ।

**ଚଢ଼ାଉ କରୁଛି ପ୍ରଶାସନ**
- ୩ ପିକଅପ୍ ଧାନ ଧରାପଡିଲା
- କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ

ତନଖି କରାଯାଇଥିଲା। ଯାଞ୍ଚବେଳେ ଗାଡିଗୁଡିକରେ ମୋଟା ନୂଆପଡା ଏବଂ ମୋହରାଡିହି ମଣ୍ଡିରୁ କିଣାଯାଇଥିବା ନେଇ ଗାଡି ମାଲିକମାନେ ରସିଦ ସବୁ ଦେଖାଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଦିନ ମୋଟା ନୂଆପଡା ମଣ୍ଡି ବନ୍ଦ ରହିଥିବା ନେଇ ସମବାୟ ସହନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଥିବାବେଳେ ପ୍ୟାକ୍ସ ଅଧିକାରୀ ମଣ୍ଡି ଚାଲିଥିଲା ବୋଲି କହିଛନ୍ତି । କମ ଧାନ ହେତୁ ମିଲର୍ସ ଗାଡି ପଠାଇ ନ ଥିବାରୁ ଚାଷୀମାନେ ଧାନକୁ ମଣ୍ଡିକୁ ନେଉଥିଲେ ବୋଲି ସ୍ପଷ୍ଟ କରିଛନ୍ତି। ଗୋଟିଏ ବିଭାଗ କର୍ତ୍ତୃପକ୍ଷ ଏବଂ ଅଧିକାରୀଙ୍କ ରିପୋର୍ଟରେ ତାଳ ମେଳ ରହୁ ନ ଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଏଆରସିଏସ ଭିକାରୀ ଚରଣ ସେଠଙ୍କୁ ପଚାରିବାରୁ ଏହା ଉପରେ ସେ ଜିଲାପାଳଙ୍କୁ ଜଣାଇ ଦେଇଛନ୍ତି । ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ସେ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଏହା ଉପରେ ଆରଏମସି ସମ୍ପାଦକ ଲାଲବିହାରୀ ଦାସଙ୍କୁ ପଚାରିବାରୁ ଏହା ବ୍ୟବସାୟୀଙ୍କ ଧାନ ବୋଲି ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷେ ଏମଭିଆଇ ପକ୍ଷରୁ ଅଧିକାରୀମାନେ ଆସି ମୋଟା ନୂଆପଡାରୁ ଧାନ ଆଣୁଥିବା କହୁଥିବା ୨ଟି ପିକଅପ ଭ୍ୟାନକୁ ଯାଞ୍ଚ କରି ନ ଥିବାବେଳେ ମୋହରାଡିହି ମଣ୍ଡିରୁ ଧାନ ଆଣୁଥିବା ପିକଅପ ଭ୍ୟାନକୁ ଓଭରଲୋଡ ଥିବା ଦର୍ଶାଇ ୩୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିରେ ଏମଭିଆଇ ପାତରଅନ୍ତର ନୀତି କରିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହା ଉପରେ ତଦନ୍ତ ଜାରି ରହିଛି, ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆରଏମସି ସମ୍ପାଦକ ଦାସ କହିଛନ୍ତି । ଏହା ଉପରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମିଲର୍ସଙ୍କ ଗୋଦାମକୁ ତନଖି କଲେ ପ୍ରକୃତ ତଥ୍ୟ ସବୁ ପଦାକୁ ଆସିବ ବୋଲି କୁହାଯାଉଛି ।

# ଖରିଆରରୋଡ ରେଲୱେ ରାସ୍ତା ମରଣଯନ୍ତା

**ନୂଆପଡା ଅଫିସ/ ଖରିଆରରୋଡ,୨୭।୨**

ନୂଆପଡା ଜିଲା ଖରିଆରରୋଡ ସହରସ୍ଥିତ ସହରଠାରୁ ଆମସେନା ଯିବା ରାସ୍ତା ମରଣ ଯନ୍ତା ହୋଇଛି । ଏହି ରାସ୍ତା ଦେଇ ପ୍ରତ୍ୟେହ ହଜାର ହଜାର ଲୋକ ଯିବା ଆସିବା କରୁଥିବାବେଳେ ରେଳ ବିଭାଗ ପକ୍ଷରୁ ତିଆରି କରାଯାଇଥିବା ରାସ୍ତା ଅଧପନ୍ତରିଆ ହୋଇ ପଡିରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାସବୁ ହେଉଥିବା ଦେଖାଯାଉଛି । ସୂଚନାଯୋଗ୍ୟ ଯେ, ବୁଧବାର ଆମସେନାଠାରେ ହୋଇଥିବା ସାମୁହିକ ଆଦର୍ଶ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବରକନ୍ୟା ଗାଡି ସବୁ ଫସିଯାଇଥିବା ଦେଖାଯାଇଥିଲା। ଏପିରି କି ବରକନ୍ୟା ଗାଡି ଗୁଡିକୁ ଘଣ୍ଟାଧିକକାଳ ଅଟକି ରହିବାକୁ ପଡିଥିଲା। ଏହା ଉପରେ ରେଳ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି ।



ଏକ ବର କନ୍ୟା ଗାଡି ଫସିଯାଇଛି ।

# ହତ୍ୟା ଉଦ୍ୟମ କରି ଟଙ୍କା ଲୁଟ

**ଜଣେ ଗିରଫ, ୨ ଫେରାର**

**ନୂଆପଡା ଅଫିସ,୨୭।୨**

ସ୍ଥାନୀୟ ରେଳଷ୍ଟେଶନ ନିକଟରେ ଜଣେ ପଥଚାରୀଙ୍କୁ ହତ୍ୟା ଉଦ୍ୟମ କରି ଟଙ୍କା ଲୁଟି କରିବା ମାମଲାରେ ପୋଲିସ ଅଜୟ ସତନାମୀ (୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତ ରବୀନ (୨୨) ଏବଂ ରାକେଶ ଫେରାର ହୋଇଯାଇଛନ୍ତି । ଏହାକୁ ନେଇ ପୋଲିସ ଦଫା ୩୦୭, ୩୯୪ରେ ଏକ ମାମଲା (ନଂ. ୩୦/୨୦)ରୁଜୁ କରି ଅଜୟଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ତିଲେଇଝର ଗାଁର ରାଇସିଂ ମାଝି ନାମକ ଜଣେ ବ୍ୟକ୍ତି ନୂଆପଡାକୁ କୌଣସି କାମରେ ଆସିଥିଲେ। ଏଠାରୁ ଠିକ ଫେରି ଯିବାବେଳେ ରେଳଷ୍ଟେଶନ ନିକଟରେ ୩ ଜଣ ଯୁବକ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୨ ହଜାର ଟଙ୍କା ଲୁଟ କରି ନେଇଥିଲେ । ଏହାକୁ ନେଇ ରାଇସିଂ ଅଭିଯୋଗ କରିବା ପରେ ପୋଲିସ ଛାନଭିନ ଚଳାଇଥିଲା। ଗୁରୁବାର ତନ୍ମଧ୍ୟରୁ ଅଜୟ ସତନାମୀ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଧରିବ ବୋଲି ପ୍ରକାଶ କରିଛି ।

# ଛତ୍ରପୁର କଲେଜରେ ଅଧ୍ୟାପକ ପଦବୀ ଖାଲି

## ବିଧାନସଭାରେ ଉତ୍ତର ରଖିଲେ ମନ୍ତ୍ରୀ

**ଛତ୍ରପୁର,୨୭।୨(ଡି.ଏନ.ଏ)**

ଛତ୍ରପୁର ସରକାରୀ ବିଜ୍ଞାନ କଲେଜରେ ବହୁ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ବିଶେଷକରି ଯୁକ୍ତ ୩ ଡିଗ୍ରୀ ପାଠ୍ୟକ୍ରମରେ ଅଧିକାଂଶ ଅଧ୍ୟାପକ ନାହାନ୍ତି। ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଏବଂ କଲେଜରେ ନିୟମିତ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ, ସମ୍ପର୍କରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାର ଉତ୍ତରରେ କହିଛନ୍ତି , ଛତ୍ରପୁର ବିଜ୍ଞାନ କଲେଜର ଯୁକ୍ତ ୩ ପାଠ୍ୟକ୍ରମରେ ବିଭିନ୍ନ ବିଭାଗରେ ୪୪ ଅଧ୍ୟାପକ ରହିବା କଥା । ହେଲେ ଅଛନ୍ତି ମାତ୍ର ୧୩ ଜଣ । ସେଠାରେ ୩୧ ଅଧ୍ୟାପକ ପଦବୀ ଖାଲି ପଡିଛି। ଛତ୍ରପୁର କଲେଜ ସମେତ ରାଜ୍ୟର ଅନ୍ୟାନ୍ୟ ସରକାରୀ ଡିଗ୍ରୀ କଲେଜରେ ଖାଲି ପଡିଥିବା ଅଧ୍ୟାପକ ପଦବୀଗୁଡିକରେ ସଂପ୍ରତି ଓଡିଶା ଲୋକସେବା ଆୟୋଗଙ୍କ ମଧ୍ୟରେ ଚାଲିଥିବା ଚୟନ ପ୍ରକ୍ରିୟା ଶେଷ ହେଲେ ୬୦୬ ଅଧ୍ୟାପକଙ୍କୁ ଆବଶ୍ୟକସ୍ଥଳେ ନିଯୁକ୍ତି ପ୍ରଦାନ କରାଯିବ । ଏହାବ୍ୟତୀତ ବର୍ତ୍ତମାନ ଓଡିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଚାଲୁ ରହିଥିବା ସ୍ଥାନୀୟ ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ଶେଷ ହେବା ପରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦିଆଯିବ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ କହିଥିଲେ।

# ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକାରୀ ହେଲା

**ନୂଆପଡ଼ା ଅଫିସ,୨୭।୨**

ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକ୍ରମ ଲାଗୁ କରିବାକୁ ଘୋଷଣା କରିଥିବାବେଳେ ଗୁରୁବାରଠାରୁ ଜିଲାର ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ କାର୍ଯ୍ୟାଳୟରେ ଏହା ଲାଗୁ ହେବାକୁ ଜିଲାସ୍ତରରେ ଉଦ୍‌ଘାଟନ କରାଯାଇଛି । ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏହାକୁ ଆନୁଷ୍ଠାନିକ ଭାବେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟାଳୟରେ ତହସିଲଦାର ଦେବେନ୍ଦ୍ର ରାଉତ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ପଟେଲ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଲୋଚନ ଶବର, ଅସ୍ମିତା ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ଶୁଭ ଦେଇଥିଲେ। ଏଣିକି ରାଜସ୍ୱ ବିଭାଗ ଅଧୀନରେ ଆସୁଥିବା ସମସ୍ତ ତହସିଲ, ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ସେବା ମନୋବୃତି କାର୍ଯ୍ୟ କରିବାକୁ ନିଶ୍ଚିତ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଜନସାଧାରଣଙ୍କ ମତାମତ ସଂଗ୍ରହ କରାଯିବ। କାମଗୁଡିକ କେତେଦୂର ସୁରୁଖୁରୁରେ ହେଉଛି ତାରି ସମୀକ୍ଷା ହେବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଏହିଭଳି ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଏକକାଳୀନ ଉଦ୍‌ଘାଟନ ହୋଇଥିବା ଜଣାପଡ଼ିଛି।

**ନୂଆପଡ଼ା ତହସିଲରେ ଶୁଭାରମ୍ଭ**



ମୋ ସରକାର କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଅତିଥିବୃନ୍ଦ।

# ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**କୋମନା,୨୭।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ପେଣ୍ଡ୍ରାବନ ମନ୍ଦିର ନିକଟସ୍ଥ ୩୫୩ ନଂ. ଜାତୀୟ ରାଜପଥରେ ବାଇକ୍‌ରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ବଲାଙ୍ଗୀର ଜିଲା ବୋଙ୍ଗୋମୁଣ୍ଡାସ୍ଥିତ ଭୁଏପଡାର ମଧୁସୁଦନ ସରାଫ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ମଧୁସୁଦନ କୋମନା ପଟରୁ ଖଡିଆଳକୁ ଯାଉଥିବା ସମୟରେ କୌଣସି କାରଣ ବସତଃ ଭାରସାମ୍ୟ ହରାଇ ବାଇକ୍‌ରୁ ତଳେ ପଡିଯାଇଥିଲେ। ଫଳରେ ଯୁବକ ଜଣକ ଗୁରୁତର ହୋଇ ରାସ୍ତାକଡରେ ପଡିଥିଲେ। କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଖବର ପାଇ ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।



ଆହତ ମଧୁସୁଦନ ସରାଫ।

# କନ୍ୟାଯାତ୍ରୀ ଭ୍ୟାନ୍ ଓଲଟି ଜଣେ ମୃତ, ୧୦ ଆହତ

**ବୁଗୁଡା,୨୭।୨(ଡି.ଏନ୍.ଏ.)**

ବୁଗୁଡା ଥାନା ଅରଖପୁର ଗ୍ରାମଠାରୁ ୫୦ ମିଟର ଦୂରରେ ବୁଧବାର ରାତି ପ୍ରାୟ ୧୨ଟାରେ କନ୍ୟାଯାତ୍ରୀ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୭ଏଡି-୯୧୦୨) ଭାରସାମ୍ୟ ହରାଇ ଓଲଟି ପଡିଛି। ସେଥିରେ ଥିବା ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗାଙ୍ଗପୁର ଥାନା ମୁନିଗାଁର ପ୍ରସନ୍ନ କୁମାର ଦଳବେହେରା। ଆହତମାନେ ସିଙ୍ଗିପୁର ଅଞ୍ଚଳର ଜଗଦୀଶ ବିଷୋୟୀ, ଅନିଶ କୁମାର ପଲାଇ, ସମୀର ସାହୁ, ସାହିଲ ପଲାଇ, ଶ୍ରୀକାନ୍ତ ସେଠୀ, ଭଞ୍ଜ ସ୍ୱାଇଁ, କାହ୍ନୁ ଗୌଡ, ଚିକୁନ ଗୌଡ, ବିରୁପାକ୍ଷ ଜେନା ଓ ଗୌରାଙ୍ଗ ଗୌଡ। ପ୍ରସନ୍ନଙ୍କୁ ଆସିକା ମେଡିକାଲ ନିଆଯିବାପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୧୦ ଜଣଙ୍କୁ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଗଦୀଶ, ସମୀର ଓ ଅନିଶଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ବୁଗୁଡା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗାଙ୍ଗପୁର ଥାନା ସିଙ୍ଗିପୁର ଅଞ୍ଚଳର ଏକ ପିକ୍‌ଅପ ଭ୍ୟାନରେ କନ୍ୟା ଯାତ୍ରୀମାନେ ଖରିଡା ଗ୍ରାମକୁ ବାହାଘର ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇ ଫେରିବାବେଳେ ଅରଖପୁର ଠାରୁ ୫୦ ମିଟର ଦୂରରେ ଭ୍ୟାନଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ବିଦ୍ୟାଳୟର ଉନ୍ନତିରେ ଗାଁର ଉନ୍ନତି ହେବ

**ନୂଆପଡ଼ା ଅଫିସ,୨୭।୨**

ଦେଶର ଭବିଷ୍ୟତ ଗାଁରେ ନିହିତ ହୋଇ ରହିଛି। ଏଠିକାର ପିଲାଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ଘଟିଲେ ଆପେ ବିଦ୍ୟାଳୟର ଉନ୍ନତି ଘଟିବ। ସେହିଭଳି ବିଦ୍ୟାଳୟର ଉନ୍ନତି ହେଲେ ସ୍ୱତଃ ଗାଁର ଉନ୍ନତି ହେବ ବୋଲି ଅତିଥିମାନେ ମତ ରଖିଛନ୍ତି । ସ୍ଥାନୀୟ ପଟପରପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖମେନ୍ଦ୍ର ଶବର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସିଆରସିସି ବିଶ୍ୱଦେବ ପଣ୍ଡା ମୁଖ୍ୟବକ୍ତା, ସିଲଭା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ହେମଦେବ ମାଜି, ମୋ ସ୍କୁଲ ଅଭିଯାନ ସଭାପତି ସରଜୁ କୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଖମେନ୍ଦ୍ର ଶବର ବିଦ୍ୟାଳୟର ବିବରଣୀ ପାଠ କରିଥିବାବେଳେ ସହ ଶିକ୍ଷକ ସଞ୍ଜୟ କୁମାର ମାଝି ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ପଣ୍ଡା ପିଲାଙ୍କ ଶିକ୍ଷା ବ୍ୟବସ୍ଥା, ଗାରିମା ପୁରସ୍କାର, ମୋ ସ୍କୁଲ ଅଭିଯାନ, ମଧ୍ୟାହ୍ନ ଭୋଜନ, ବିଭିନ୍ନ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସମ୍ପୃକ୍ତ କରିବା, କାଉନସେଲିଂ ରେଜିଷ୍ଟର, ଶିକ୍ଷକଙ୍କ ପରିଚୟ ପତ୍ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଢୋଲକିଆ ବିଦ୍ୟାଳୟ ବିଭିନ୍ନ ବ୍ୟବସ୍ଥା ଉପରେ ଉପସ୍ଥାପନ କରିଥିବାବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ମୋ ସ୍କୁଲ ଅଭିଯାନ ଭଳି କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟଗୁଡିକର ସର୍ବାଙ୍ଗୀନ ଉନ୍ନତି ସକାଶେ ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ସମସ୍ତ ଅଭିଭାବକମାନେ ଆଗକୁ ଆସି କାନ୍ଧକୁ କାନ୍ଧ ମିଳାଇ କାମ କରିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପିଲାଙ୍କୁ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ କୁନି କୁନି ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହାକୁ ଏହି ଗାଁ ସମେତ ସ୍ଥାନୀୟ ବିଭିନ୍ନ ଗାଁର ଲୋକମାନେ ଆସି ଦେଖିଥିଲେ। କାର୍ଯ୍ୟକ୍ରମ ଶେଷରେ ତାରାଚନ ଶବର ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ବେହେରା, ବ୍ରଜାରାଜ ପୁଞ୍ଜି, ତାରାଚନ ଶବରଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ପଟପରପାଲିରେ ବାର୍ଷିକ ଉତ୍ସବ**

**ଫଟୋରେ ଖବର**





ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦ୍‌ପେଜ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ୱାର୍ଡ ସଭ୍ୟାସଭ୍ୟମାନେ ଗୁରୁବାର ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ଆସିଛନ୍ତି (ବାମ)। କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡ଼ା ସେବାଶ୍ରମ ହାଇସ୍କୁଲ ଛାତ୍ର ମୃତ୍ୟୁ ଘଟଣା ପରେ ସ୍କୁଲରେ ତାଲା ପଡ଼ିଛି।

# ଗଛରେ ପିଟିହେଲା ଅଟୋ, ୮ ଆହତ

**ଘନ କୁହୁଡିରୁ ଦୁର୍ଘଟଣା**

**ହିଞ୍ଜିଳିକାଟୁ,୨୭।୨(ଡି.ଏନ୍.ଏ.):** ୫୯ ନଂ. ଜାତୀୟ ରାଜପଥ ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଗୁରୁବାର ଭୋର ୫ଟାରେ ଏକ ଦୁର୍ଘଟଣା ଘଟିଛି। ଘନ କୁହୁଡି ଯୋଗୁ ଏକ ଯାତ୍ରିବାହୀ ଅଟୋରିକ୍ସା ଗଛରେ ପିଟି ହୋଇଯିବାରୁ ୮ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଆସିକା ଥାନା ପଢାଳ ଜୟପୁର ଗ୍ରାମର ରାକେଶ ଲେଙ୍କା(୨୯), ପ୍ରୀତିପ୍ରଜ୍ଞା ମହାନ୍ତି (୧୨), ଲକ୍ଷ୍ମୀ ପ୍ରତିମା ଲେଙ୍କା (୧୯), ଜୟନ୍ତୀ ଲେଙ୍କା(୩୭), ସାରଙ୍ଗଧର ମହାନ୍ତି(୪୨), ରୁନୁ ମହାନ୍ତି (୩୭), ଚିଦାନନ୍ଦ ମହାନ୍ତି(୮) ଓ ରାଜା ସ୍ୱାଇଁ (୮)। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ରାଜେଶ, ପ୍ରୀତିପ୍ରଜ୍ଞା ଓ ଲକ୍ଷ୍ମୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ତଦନ୍ତ ଚଳାଇଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଏମାନେ ଏକ ଭୋଜିରେ ଯୋଗଦେଇ ବ୍ରହ୍ମପୁର ଅଭିମୁଖେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ



### ବରଯାତ୍ରୀ ବୋଲେରୋ ଦୁର୍ଘଟଣାଗ୍ରସ୍ତ

**ପଲମ,୨୭।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ କେନ୍ଦୁବାହାଲି ଗ୍ରାମର ଛକରେ ବୁଧବାର ରାତି ପ୍ରାୟ ୧ଟାରେ ବୋଲେରୋ (ନଂ. ଓଆର୍‌୨୬-୧୫୮୯) ଯୋଗେ ଟିଟିଲାଗଡଠାରୁ ତୁଲାପଡା ଗ୍ରାମକୁ ବରାତି ଯାଇଥିଲେ। ଫେରୁଥିବା ସମୟରେ ଏହି ଦୁର୍ଘଟଣା କେନ୍ଦୁବାହାଲି ଛକଠାରେ ହୋଇଥିଲା। ଏହି ଗାଡିରେ ପ୍ରାୟ ୯ ଜଣ ଲୋକ ବସିଥିଲେ। ଦୁର୍ଘଟଣା ହେବା ପରେ ଆହତ ଲୋକଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ ସରକାରୀ ଡାକ୍ତରଖାନାକୁ ନେଇ ଯାଇଥିଲେ। ପଲମ ଫାଣ୍ଡି ଏଏସଆଇ କୁମାର ପଣ୍ଡା ଘଟଣା ତଦନ୍ତ କରି ଗାଡିକୁ ଜବତ କରିଛନ୍ତି । ବର୍ତ୍ତମାନ ତଦନ୍ତ ଜାରି ରହିଛି ।



### ଆର୍‌ଟିଓ ଦଲାଲ ଗିରଫ, ଡିଏଲ୍ ପାଇଁ ନେଉଥିଲେ ୩ ଗୁଣା ଫି’

**ଭବାନୀପାଟଣା, ୨୭।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ଆର୍‌ଟିଓରୁ ଗତ ୨୬ ତାରିଖରେ ଜଣେ ଦଲାଲଙ୍କୁ ଗିରଫ କରାଯାଇଛି। ଦଲାଲ ଜଣକ ମଳୟ ବେହେରା ବୋଲି ଚିହ୍ନଟ କରାଯାଇଛି । ଡ୍ରାଇଭିଂ ଲାଇସେନ୍ସ କରାଇବାକୁ ପ୍ରକୃତ ମୂଲ୍ୟଠାରୁ ୩ ଗୁଣା ଅଧିକ ଫି’ ନେଉଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଡିଏଲ ପାଇବା ପାଇଁ ମାତ୍ର ୬୦୦ ରୁ ୭୦୦ ଟଙ୍କା ଫି’ ଦେବାକୁ ପଡିଥାଏ। ମଳୟ ଡିଏଲ କରାଇ ଦେବା ପାଇଁ ଲୋକଙ୍କଠାରୁ ୨୭୦୦ ଟଙ୍କା ଦାବି କରିଥିଲା। ନର୍ଲାର ଉଦ୍ଧବ ହରପାଲ ନାମକ ଜଣେ ବ୍ୟକ୍ତିଙ୍କଠାରୁ ସେ ଏତେ ଟଙ୍କା ଫି’ ମାଗିଥିଲା। ଏ ବାବଦରେ ଉଦ୍ଧବଙ୍କଠାରୁ ମଳୟ ୧୭୦୦ ଟଙ୍କା ଅଗ୍ରିମ ମଧ ନେଇ ସାରିଥିଲା। ଏ ନେଇ ଉଦ୍ଧବ ଭବାନୀପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମଳୟଙ୍କୁ ଗିରଫ କରିଛି। ତାଠାରୁ ୧୭୦୦ ଟଙ୍କା ମଧ ଉଦ୍ଧାର କରି ଉଦ୍ଧବଙ୍କୁ ଫେରାଇ ଦେଇଛି। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା ଦାଏର କରି ମଳୟଙ୍କୁ ଗିରଫ କରିଛି।

### ସାଇକେଲ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ

**ଭବାନୀପାଟଣା,୨୭।୨(ଡି.ଏନ.ଏ.):** ଭବାନୀପାଟଣା ଆଇଟିଆଇ ନିକଟରେ ଗତ ୨୬ ତାରିଖ ରାତିରେ ଏକ ସାଇକେଲ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରେ ଜଣେ ମୃତ୍ୟୁ ହୋଇଥିବା ବେଳେ ଜଣେ ଜଣ ଗୁରୁତର ଆହତ ହୋଇଥିଲେ। ମୋଟରସାଇକେଲ ଚାଳକ ଆକାଶ ମାଝି ଓ ସାଇକେଲ ଚାଳକ ଅଲେଖଚନ୍ଦ୍ର ସାହୁ ଗୁରୁତର ଆହତ ହୋଇଥିଲେ। ଭବାନୀପାଟଣା ଟାଉନ ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ପଡିଥିବା ଆକାଶ ମାଝି ଓ ଅଲେଖ ଚନ୍ଦ୍ର ସାହୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ପରୀକ୍ଷା କରି ଆକାଶ ମାଝିଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁରୁତର ଆହତ ଅଲେଖଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

# ଡଙ୍ଗରିଆଙ୍କ ନିୟମରାଜା ପର୍ବ ଆଜିଠୁ

**ଭବାନୀପାଟଣା,୨୭।୨ (ଡି.ଏନ.ଏ.)**

ପ୍ରତିବର୍ଷ ପରି ୨୮ରୁ ମାର୍ଚ୍ଚ ୧ ଯାଏ ୩ ଦିନ ବ୍ୟାପୀ କଳାହାଣ୍ଡି ରାୟଗଡା ସୀମାନ୍ତ ନିୟମଗିରି ପର୍ବତ ଉପରେ ନିୟମରାଜା ପର୍ବ ଧୁମଧାମ୍‌ର ସହିତ ପାଳିତ ହେବ। କଳାହାଣ୍ଡି ରାୟଗଡା ସୀମାନ୍ତ ମୁନିଖୋଲ ପଞ୍ଚାୟତ ଗରଟାଗ୍ରାମରେ ନିୟମଗିରି ସୁରକ୍ଷା ସମିତି ସଭାପତି ଜଳ, ଜମି ଏବଂ ଜଙ୍ଗଲ ସୁରକ୍ଷା ତଥା ନିୟମଗିରିକୁ ବହୁରଷ୍ଟ୍ରୀୟ କମ୍ପାନୀଠାରୁ ବଞ୍ଚାଇବା ପାଇଁ ଏହି ଅଞ୍ଚଳର ଆଦିବାସୀ ସେମାନଙ୍କ ଆରାଧ ଦେବତା ନିୟମରାଜାକୁ ପୂଜା କରି ଆସୁଛନ୍ତି। ପ୍ରକୃତି ନିୟମଗିରି ପର୍ବତ ଉପରେ ପ୍ରାୟ ୨ଶହ ଖଣ୍ଡ ଗାଁର ଆଠ ହଜାରରୁ ଊର୍ଦ୍ଧ୍ୱ ଡଙ୍ଗରିଆ ଏବଂ ଝରଣୀଆ କନ୍ଧ ବାସ କରିଥାନ୍ତି। ଏହି ଆଦିବାସୀମାନେ ପର୍ବତ ଉପରେ କାନ୍ଧୁଲ, ମାଣ୍ଡିଆ, କୋଳଥ, ମକା, ଆମ୍ବ, କମଳା, କଦଳୀ, ସପୁରୀ, ଆଦି ଚାଷ କରି ନିଜର ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ ବେଦାନ୍ତ ଭଳି ବହୁ ରାଷ୍ଟ୍ରୀୟ ଖଣିକୁ ରାଜ୍ୟ ସରକାର ସାଗମାଛ ଦରରେ ଟେକିଦେଇ ଆଦିବାସୀମାନଙ୍କ ଜୀବନ ଜୀବିକାକୁ ଛଡାଇ ନେବା ପାଇଁ ଯେଉଁ



#### ସିଏଏ, ଏନ୍‌ସିଆର୍‌କୁ ବିରୋଧ

ଅପଚେଷ୍ଟା କରୁଛନ୍ତି, ତାକୁ ଡଙ୍ଗରିଆ ଓ ଝରଣିଆ ଆଦିବାସୀ ଦୀର୍ଘ ବର୍ଷ ହେଲା ତୀବ୍ର ବିରୋଧ କରି ଆସୁଛନ୍ତି। ଏହା ସହିତ ପୋଲିସ ଏବଂ ସିଆର୍‌ପିଏଫ୍ ମାଓବାଦୀ ନାଁରେ ଆଦିବାସୀମାନଙ୍କୁ ଯେଉଁ ଭଳି ହଇରାଣ କରୁଛନ୍ତି ତାକୁ ମଧ ଆଦିବାସୀ ବିରୋଧ କରୁଛନ୍ତି । ଆଦିବାସୀ ଡଙ୍ଗରିଆ ଓ ଝରଣୀଆ କନ୍ଧ ମାନଙ୍କ ବିଶ୍ୱାସ ରହିଛି ଯେ, ସେମାନଙ୍କ ଆରାଧ ଦେବତା ନିୟମରଜାକୁ ବଳି ଦେଇ ସନ୍ତୁଷ୍ଟ କଲେ ସମସ୍ତ ରୋଗକୁଷ୍ଟରୁ ମୁକ୍ତି ମିଳିବା ସହ ସେମାନଙ୍କ ଫସଲ ଉତ୍ପାଦନ ବଢିଥାଏ। ତେଣୁ ପ୍ରତିବର୍ଷ ନିୟମଗିରି ପର୍ବତ ଶିଖର ଉପରେ ଥିବା ନିୟମରାଜାଙ୍କ ଧରଣିପେନୁ ଠାରେ ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ପାରମ୍ପାରିକ ପୋଷାକ ଓ ଅସ୍ତ୍ରଶସ୍ତ୍ର ଧରି ନାଚଗୀତ କରିବା ସହିତ ଧରଣି ପେନୁଠାରେ କୁକୁଡା, ପାରା, ବୋଦା, ଘୁଷୁରୀ ଓ ପୋଡ ଆଦି ବଳି ଦେଇ ନିୟମରାଜାଙ୍କୁ ସନ୍ତୁଷ୍ଟ କରିବା ସହିତ ରକ୍ତ ଚାଉଳ ଧରି ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିୟମଗିରିର ସୁରକ୍ଷା ପାଇଁ ବଜ୍ର ଶପଥ ନେଇଥାନ୍ତି । ଚଳିତବର୍ଷ କେନ୍ଦ୍ର ସରକାର କରିଥିବା ସିଏଏ, ଏନ୍‌ସିଆର୍‌କୁ ବିରୋଧ କରିବା ସହ ଏହାର ଗେଜେଟକୁ ନିୟମ ରାଜା ଆଗରେ ଜାଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# କ୍ଷୟକ୍ଷତି ସହାୟତା ପାଇଁ ମନାକଲେ ତହସିଲଦାର

**ଲାଞ୍ଜିଗଡ଼,୨୭।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳରେ ମଙ୍ଗଳବାର ରାତିରେ ଝଡ ତୋଫାନ ସହ ଘଡଘଡି ସହ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଦୁର୍ଗମ ଘାଟି ଅଞ୍ଚଳରେ ଅନେକ ଗରିବ ଲୋକଙ୍କ ମାଟିଘର ସବୁ ଭାଙ୍ଗି ଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଗୃହର ଛାତ ସବୁ ନଷ୍ଟ ହୋଇଯାଇଛି। ଘରେ ଥିବା ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ଘର ମଧ ନାହିଁ, ଅନ୍ୟ ଘର ପିଣ୍ଡାରେ ଆଶ୍ରୟ ନେଉଛନ୍ତି। କାନକୁଟ୍ରୁ ପଞ୍ଚାୟତ କାଲସୁର ଗାଁର ନିର୍ମଳା ବିଭାରଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ବେଳେ ବଚକା ଗାଁର ଗୌରାଙ୍ଗ ବିଭାରଙ୍କ ଗାଇ ଗୁହାଳ ଛାତ ସମ୍ପୂର୍ଣ୍ଣ ଅଜବେଷ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

ସରକାରଙ୍କ ପକ୍ଷରୁ ସହାୟତା ପାଇବା ପାଇଁ ଗୁରୁବାର ଲାଞ୍ଜିଗଡ

#### ପବନ, ବର୍ଷାରେ ଘର ଭାଙ୍ଗିବା ଘଟଣା

ତହସିଲଦାର ମୁନିନ୍ଦ୍ର ହୁନ୍ନାଗାଁଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କ୍ଷତିପୂରଣ ଦେବା ଦୁରର କଥା ଛାତରେ ଢଙ୍କିବା ପାଇଁ ପୋଲିଥିନ ମଧ ଦେବା ପାଇଁ ମନା କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ହୋନ୍ନାଗାଁଙ୍କୁ ପଚାରିବାରୁ ଗତ ୨୫ ତାରିଖ ସନ୍ଧ୍ୟାରେ ରେକର୍ଡ ଅନୁସାରେ ମାତ୍ର ୨୭.୪ ମିଲିମିଟର ବର୍ଷା ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ୩ ଦିନ ପର୍ଯ୍ୟନ୍ତ ୬୪ ମିଲିମିଟର ବର୍ଷା ହେଲେ କ୍ଷତିପୂରଣ ମିଳିବ । ଏଥିରେ ମୁଁ କୌଣସି ସହଯୋଗ କରିପାରିବି ନାହିଁ, ତଥାପି ସେମାନେ ଦେଇଥିବା ଲିଖିତ ଅଭିଯୋଗ ଆନୁସାରେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।



ଝଡ ତୋଫାନରେ ପ୍ରଧାନମନ୍ତ୍ରୀ ଆବାସ ଗୃହର ଛାତ ନଷ୍ଟ ହୋଇଯାଇଛି।

# ଡା. ଦୀନବନ୍ଧୁ ସାହୁ ‘ଜାତୀୟ କଳାମେଳା-୨୦୨୦’ରେ ଭାଗ ନେବା ପାଇଁ ମନୋନୀତ

**ଭବାନୀପାଟଣା,୨୭।୨(ଡି.ଏନ.ଏ.)**

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ଦ୍ୱାରା ମାର୍ଚ୍ଚ ୪ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ‘ଜାତୀୟ କଳାମେଳା-୨୦୨୦’ରେ କଳାହାଣ୍ଡି ଜିଲାର ପ୍ରତିଷ୍ଠିତ ଭେଷଜ ବିଶେଷଜ୍ଞ (ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ) ଡା. ଦୀନବନ୍ଧୁ ସାହୁ ଓଡିଶାରୁ ନିଜର ଚିତ୍ରକଳା ପ୍ରଦର୍ଶନ କରିବା ପାଇଁ ମନୋନୀତ ହୋଇଛନ୍ତି । ଏହି ଖବର ଜିଲାରେ ଖୁସିର ଲହରି ଖେଳିଯାଇଛି। ଡା. ଦୀନବନ୍ଧୁ ସାହୁ ଚିକିତ୍ସା ବିଜ୍ଞାନରେ ଏବଂ ଭେଷଜ ବିଜ୍ଞାନରେ ଉପାଧ୍ଭୁତ୍ତର ଡିଗ୍ରୀ ହାସଲ କରିଛନ୍ତି । ବର୍ତ୍ତମାନ ସେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ରୂପେ କାର୍ଯ୍ୟରତ ଅଛନ୍ତି । ତାଙ୍କର ପେସା ରୋଗୀ ସେବା ହେଉଥିଲେ ମଧ ନିଶା ହେଉଛି ଚିତ୍ରକଳା, ଅଭିନୟ ଏବଂ ସାହିତ୍ୟ । ଗତ ୩୦ ବର୍ଷ ଧରି ଏହି ସୃଜନୀଯାତ୍ରାର ସମୟକାଳରେ ସେ ଯେ କେବଳ ବିଭିନ୍ନ ମାଧ୍ୟମ ଓ ରୂପକୁ ନେଇ ପରୀକ୍ଷା, ନିରିକ୍ଷା କରିଛନ୍ତି ତା ଉପରେ ନୁହେଁ, ସେ ମଧ ବିଭିନ୍ନ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ଚିତ୍ରକଳା ପ୍ରଦର୍ଶନୀ



ଏବଂ ଶିବିରରେ ଯୋଗଦେଇ ତାଙ୍କର ଅଙ୍କିତ ବହୁ ଚିତ୍ରକଳା ଓ ସ୍କେଚ୍ ପ୍ରଦର୍ଶିତ ହୋଇଛି। ଡା. ସାହୁ ଚିତ୍ରକଳା ସହିତ ଜଣେ ସୁକବି ଓ ଜଣେ ଭଲ ନାଟ୍ୟକାର ଓ ଅଭିନେତା ମଧ ଅଟନ୍ତି । ତାଙ୍କର ୪ଟି ପୁସ୍ତକ ମଧୁଗନ୍ଧା, କଦ୍ୟୋତିକ, ଅନାଭରଣ ଓ ନୀଳନଇ ପ୍ରକାଶିତ ହୋଇଥିବା ବେଳେ ବେହେରା ବାଦନ ଓ କାଠକୋଦେଇ ପ୍ରତି ମଧ ଅଧିକ ଆଗ୍ରହ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ବହୁ ରାଜ୍ୟ ଓ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ଏପରିକି ୮୨ଟି ଚିତ୍ରକଳା ସମେତ ୧୦୨ଟି ସ୍କେଚ ‘ଦ ଅଲ୍ଟିମେଟ୍ ଏକ୍ସପ୍ରେସନ’ ଏକାଦଶତମ ଐକିକ ଚିତ୍ରକଳା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା।

# ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଦୀନ ହରିଜନ ବ୍ୟକ୍ତିଗତ ମୁଚାଲିକାରେ ମୁକ୍ତ

**ଭବାନୀପାଟଣା,୨୭।୨ (ଡି.ଏନ.ଏ.)**

ଭବାନୀପାଟଣା ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲା। କିନ୍ତୁ ପରେ ମାଜିଷ୍ଟ୍ରେଟ୍ ତାର ବ୍ୟବହାରରେ ପରିର୍ତ୍ତନ ଯୋଗୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ୨୦୧୭ ମେ ୨୬ ତାରିଖରେ ବୋରଭଟା ଗ୍ରାମର ଦୀନ ହରିଜନ ସେହି ଗ୍ରାମର ବଜର ହରିଜନଙ୍କୁ ଆକ୍ରମଣ କରି ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ. ୧୨୯/୨୦୧୭) ରୁଜୁ ହୋଇଥିଲା। ସୋମବାର ଏହି ମାମଲାରେ ଭବାନୀପାଟଣା ଜେଏମ୍‌ଏଫ୍‌ସି ଅନୁରାଗ ଦେହୁରୀଙ୍କ ଅଦାଲତରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲା। ଦୀନଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏକବର୍ଷ ପର୍ଯ୍ୟନ୍ତ ଜିଲା ପ୍ରୋବେସନ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷଣରେ ରହି ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିବା, ମଦ୍ୟପାନ ପ୍ରଭୃତି ନିଶାଦ୍ରବ୍ୟ ସେବନ ନ କରିବାକୁ ପରାମର୍ଶ ଦେଇଥିଲେ। ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ରାଜ କୁମାର ଛତ୍ରିଆ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ଧନେଶ୍ୱରଙ୍କୁ ସହାୟତା କଲା ଜିଲା ପ୍ରଶାସନ

**ପର୍ଲା,୨୭।୨ (ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଚିଲଚିଲା ଗ୍ରାମର ଧନେଶ୍ୱର ହଂସ (୬୯)ଙ୍କ ସହାୟତା ପାଇଁ ଜିଲା ପ୍ରଶାସନ ହାତ ବଢ଼ାଇଛି । ଧନେଶ୍ୱର ଜଣେ ୭୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ ସରକାରଙ୍କ ଯୋଜନାରୁ ବାଦ ପଡିଛନ୍ତି । ନିଜ ସ୍ତ୍ରୀ ଖସେନ ଓ ପୁଅ ବିନୋଦ, ସୁରେଶଙ୍କ ପ୍ରତିପୋଷଣରେ ବଞ୍ଚି ଆସୁଛନ୍ତି । ପରିବାର ଅତ୍ୟନ୍ତ ଗରିବ ଓ ଭିନ୍ନକ୍ଷମର ଅଭିସପ୍ତରେ ରହି ଆସୁଥିବା ବେଳେ ସରକାରୀ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି। ସରକାର ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ଶ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟ ରଖି ଅନେକ ଯୋଜନାରେ ପ୍ରାଧାନ୍ୟତା ଦେବାକୁ ନିର୍ଦ୍ଦେଶ କରିଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ଲାଭଖୋର ନୀତି ଯୋଗୁ ଧନେଶ୍ୱର ଭଳି ଦିବ୍ୟାଙ୍ଗମାନେ ଯୋଜନାରୁ ବାଦ ପଡୁଛନ୍ତି । ଧନେଶ୍ୱର ଭିନ୍ନକ୍ଷମ ଭତ୍ତା ଓ ଘର ଖଣ୍ଡକ ପାଇଁ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଆବେଦନ କରି ନିରାଶ ହୋଇ ପଡିଥିଲେ । ଗତ ୧୩ ତାରିଖରେ ଧରିତ୍ରୀରେ ତାଙ୍କ ବିଷୟରେ ଖବର ପ୍ରକାଶ ପାଇଥିଲା । ଏହି ଖବରକୁ ଆଧାର କରି ଦୀପା ବାରିକ ନାମକ ଏକ ସାମାଜିକ କର୍ମୀ ଟୁଇଟ ମାଧ୍ୟମରେ ଓଡିଶାର ମୁଖ୍ୟମନ୍ତ୍ରୀ ଓ କଳାହାଣ୍ଡି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣକୁ ଆଣିଥିଲେ । ତାହାର ଉତ୍ତର ମାଧ୍ୟମରେ ଜିଲା ପ୍ରଶାସନ ଭିନ୍ନକ୍ଷମ ଭତ୍ତା ସହ ଆବାସ ଯୋଜନାରେ ସାମିଲ କରିଥିବା ସୂଚନା ଦେଇଛନ୍ତି । ଏହି ଖବର ପରେ ଧନେଶ୍ୱରଙ୍କ ପରିବାରରେ ଉତ୍ସାହ ଦେଖାଦେଇଛି । ଏପରି କି ଧରିତ୍ରୀ ପରିବାରକୁ କୃତଜ୍ଞତା ଜଣାଇଛନ୍ତି ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା ପାଇଁ ପରାମର୍ଶ ଶିବିର

**ଜୁନାଗଡ଼,୨୭।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୋଶଲ୍ୟା ଯୋଜନା (ଡିଡିୟୁ-ଜେକେୱାଇ) ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ମେଳା ପାଇଁ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦ଟି କମ୍ପାନୀ ଯୋଗଦେଇଥିବାବେଳେ ୧୧୮ଜଣ ଯୁବତୀଯୁବକ ଅଂଶଗ୍ରହଣ କରି ପଞ୍ଜୀକୃତ କରିଥିଲେ। ଏହି ଯୁବତୀ ଯୁବକମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ ତାଲିମ ପ୍ରଦାନ କରାଯିବ। ତାଲିମ ଶେଷପରେ ସେମାନଙ୍କୁ ତାଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ। ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୋଶଲ୍ୟା ଯୋଜନାର ଜିଲା ସଂଯୋଜକ ଆଦିତ୍ୟ କୁମାର ଆଚାର୍ଯ୍ୟ, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ବ୍ଲକ ପ୍ରଗତୀ ସହାୟକ ରାଜେନ୍ଦ୍ର କୁମାର ଭୋଇ, ମୁଖ୍ୟ କିରାଣୀ ବିଶ୍ୱନାଥ ପ୍ରଧାନ, ଜୁନାଗଡ ସ୍ୱାଗତ ପରିବାରର ମୁଖ୍ୟ ପରିଚାଳକ ଦୀପକ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ସିଦ୍ଧେଶ୍ୱର ମେହେର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିଏସ୍‌ଏସଓ ତୁଷାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।




କମ୍ପାନୀ ପକ୍ଷରୁ ଖୋଲାଯାଇଥିବା ଷ୍ଟଲଗୁଡିକୁ ଅତିଥିମାନେ ବୁଲି ଦେଖୁଛନ୍ତି ।

# ଅବକାରୀ ଚଢ଼ାଉ, ଜଣେ କୋର୍ଟ ଚାଲାଣ

**ଜୁନାଗଡ, ୨୭।୨ (ଡି.ଏନ.ଏ.)**

ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଅବକାରୀ ବିଭାଗ ଓ ମୋବାଇଲ ଷ୍ଟାପ ମିଳିତ ଉଦ୍ୟମରେ ଗୁରୁବାର ଜୁନାଗଡ ବ୍ଲକ ଏକନାଗୁଡା ଗ୍ରାମରେ ବେଆଇନ ଚୋରା ହାତ ରନ୍ଧା ଦେଶୀ ମଦ ତିଆରି କାରବାର ଚାଲିଥିବା ଖବର ପାଇ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ଏକନାଗୁଡା ଗ୍ରାମର ଅକ୍ଷୟ ଶବରଙ୍କଠାରୁ ୧୫ ଲିଟର ଚୋରା ହାତରନ୍ଧା ଦେଶୀ ମଦ ଜବତ କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ଉମାଚରଣ ପ୍ରଧାନ, ଧର୍ମଗଡ ନିରୀକ୍ଷକ ସୁବନ ନାଏକ, ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, କନଷ୍ଟେବଳ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ଈଶ୍ୱରଚନ୍ଦ୍ର ଭୋଇ, ମହାଦେବ ମାଝି ପ୍ରମୁଖ ସାମିଲ ହୋଇଥିଲେ।



ଅଭିଯୁକ୍ତଙ୍କ ସହ ଅବକାରୀ ବିଭାଗ ଅଧିକାରୀ।

# ଦିବ୍ୟାଙ୍ଗ ଶିଶୁକୁ ମିଳିଲା ଭିନ୍ନକ୍ଷମ ଭତ୍ତା

#### ବିଭିନ୍ନ ସରକାରୀ ଯୋଜନାରେ ସାମିଲ ପ୍ରତିଶ୍ରୁତି

**ପର୍ଲା,୨୭।୨ (ଡି.ଏନ.ଏ.):**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଛଞ୍ଚାଣବାହାଲି ପଞ୍ଚାୟତ ବେହେରାଗୁଡା ଗ୍ରାମର ଗୁଣବନ୍ତ ଛତରିଆ (୧୦)ଙ୍କୁ ମିଳିଲା ଭିନ୍ନକ୍ଷମ ଭତ୍ତା । ଏଥିସହ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଗୁଣବନ୍ତ ଜନ୍ମରୁ ଅନ୍ଧ ହୋଇଥିବା ବେଳେ ସତପ୍ରତିଶତ ଭିନ୍ନକ୍ଷମ। ସରକାରଙ୍କ ନିୟମ ଅନୁଯାୟୀ ଦିବ୍ୟାଙ୍ଗମାନଙ୍କୁ ପ୍ରାଧାନ୍ୟତା ଦେଇ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସୁବିଧା ଯୋଗାଇବା ବ୍ୟବସ୍ଥା ରହିଛି । ସେଥି ମଧ୍ୟରୁ ଭିନ୍ନକ୍ଷମ ଭତ୍ତା, ଅନ୍ତୋଦୟ କାର୍ଡରେ ୩୫ କିଲୋ ଚାଉଳ, ଆବାସ ଯୋଜନାରେ ଘର ଓ ଭିନ୍ନକ୍ଷମ ପ୍ରମାଣ ପତ୍ର ମାଧ୍ୟମରେ ଋଣ ଯୋଗାଇବା ନିୟମ



ଗୁଣବନ୍ତଙ୍କ ସହ ମା’ ପ୍ରମିଳା ।

ରହିଛି । ଗୁଣବନ୍ତ କ୍ଷେତ୍ରରେ ପ୍ରଶାସନ ଅଣଦେଖା ପ୍ରଦର୍ଶନ କରିଥିବା ଯୋଗୁ ସବୁ ଯୋଜନାରୁ ବଞ୍ଚିତ ହୋଇଥିଲେ । ଏ ନେଇ ଗତ ୨୩ ତାରିଖ ଦିନ ଧରିତ୍ରୀରେ ଖବର ପ୍ରକାଶ ହୋଇଥିଲା। ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଗତ ବୁଧବାର

ଧରିତ୍ରୀ ପ୍ରଭାବ

ଧର୍ମଗଡ ବ୍ଲକ କାର୍ଯ୍ୟାଳୟକୁ ଡାକି ବିଡିଓ ଗୋପାଳକୃଷ୍ଣ ମିଶ୍ର ଭିନ୍ନକ୍ଷମ ଭତ୍ତା ବାବଦକୁ ୫ ଶହ ଟଙ୍କା ଦେଇଥିବା ବେଳେ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଗୁଣବନ୍ତଙ୍କ ବାପା କହିଛନ୍ତି। ଏଥିସହ ଧରିତ୍ରୀ ପରିବାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଗୁଣବନ୍ତ ଜନ୍ମରୁ ଅନ୍ଧ ହୋଇଥିବା ବେଳେ ଜଣେ କୁନି ବାଦ୍ୟକାର ଭାବେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ଜନ୍ମ ପରେ ଭବାନୀପାଟଣା ଜିଲା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ଡାକ୍ତର ସେତେବେଳକୁ ସେ ଦେଖିପାରିବ ନାହିଁ କହିଥିବା ବେଳେ ସତପ୍ରତିଶତ ପ୍ରମାଣପତ୍ର ଦେଇଥିଲେ। ସେହି ପ୍ରମାଣପତ୍ରର ଆଧାରରେ ଗ୍ରାମପଞ୍ଚାୟତରେ କିଛି ସହାୟତା ପାଇଁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନେକ ଥର ଗୁହାରି କରିଛନ୍ତି। ଏପରି କି ବ୍ଲକ କାର୍ଯ୍ୟାଳୟକୁ ଯାଇ ଭିନ୍ନକ୍ଷମ ପୁଅ ପାଇଁ କିଛି ବ୍ୟବସ୍ଥା କରିବାକୁ ଆବେଦନ କରି ନିରାଶ ହୋଇଥିଲେ ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## ସରପଞ୍ଚଙ୍କୁ ବହିଷ୍କାର ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର

**ରାଉରକେଲା ଅଫିସ, ୨୭। ୨-** ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝୁନମୁର ପଞ୍ଚାୟତ ସରପଞ୍ଚ ଫୁଲ କିସପଟ୍ଟାଙ୍କ ବହିଷ୍କାର ଦାବି କରିଛନ୍ତି ଅଞ୍ଚଳବାସୀ। ଏନେଇ ଗୁରୁବାର ଏହି ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆସି ପାନପୋଷ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ସରପଞ୍ଚ ସରକାରଙ୍କ ବିଭିନ୍ନ ଯୋଜନା ବାବଦକୁ ଲୋକେ ପାଉଥିବା ସୁବିଧା ସୁଯୋଗକୁ ହଡପ କରୁଛନ୍ତି। ଭତ୍ତା ଟଙ୍କା ହେଉ କି ସାଧାରଣ ବଣ୍ଟନ ସାମଗ୍ରୀ ଆଦି ସମସ୍ୟା ନେଇ ସରପଞ୍ଚଙ୍କୁ ଅଭିଯୋଗ କଲେ ସେ ଉତ୍ତେଜିତ ହୋଇ ପଡୁଛନ୍ତି। ଏମିତି ଜଣେ ଲୋକ ପ୍ରତିନିଧି ଆଉ ଅଧିକ ଦିନ କ୍ଷମତାରେ ରହିଲେ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ସାଜିବେ ବୋଲି ଆଲୋଚନା କାଳରେ ଏମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ମଧ୍ୟରେ ଉକ୍ତ ପଞ୍ଚାୟତର ବହୁ ୱାର୍ଡ ସଭ୍ୟ ଉପସ୍ଥିତ ଥିବା ଦେଖାଯାଇଥିଲା। ଏମାନଙ୍କ ବ୍ୟତୀତ ବରିଷ୍ଠ କଂଗ୍ରେସ ନେତା ତଥା ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ ନେତା ରୋହିତ ଯୋସେଫ ତିର୍କୀ ଓ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





ଘୋଘର ଗ୍ରାମରେ ହାତୀ ଲୋକଙ୍କ ଘର ଭାଙ୍ଗି ଦେଇଛି।

# ଦନ୍ତାହାତୀ ଉପଦ୍ରବ: ଲୋକେ ଆତଙ୍କିତ

**ବାଲିଶଙ୍କରା, ୨୭।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ବନ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସୁନ୍ଦରଗଡ଼ ସଦର ରେଞ୍ଜ ରାଉଲଡେଗା ସେକ୍ସନର ଘୋଘର ଗ୍ରାମରେ ବୁଧବାର ରାତିରେ ଏକ ଦନ୍ତାହାତୀ ପଶି ବ୍ୟାପକ କ୍ଷତି ଘଟାଇଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ୪ଜଣଙ୍କ ଘର ଭାଙ୍ଗି ଦେଇଛି। ଘରେ ଥିବା ଧାନ ଚାଉଳ ଖାଇ ନଷ୍ଟ କରିଛି। ଏହା ସହ ଘରୋଇ ଉପକରଣ ମାଡିଦଳି ନଷ୍ଟ କରି ଦେଇଛି। ଏହି ଜଙ୍ଗଲି ଦନ୍ତାହାତୀ ଦୀର୍ଘ ଦିନରୁ ଅଞ୍ଚଳରେ ରହି ଅନେକ ଲୋକଙ୍କର ଘର ଭାଙ୍ଗି କ୍ଷତି ଘଟାଉଛି। ଘରେଥିବା ବର୍ଷକର ଖାଦ୍ୟ ଧାନ, ଚାଉଳ ଓ ଘରୋଇ ଉପକରଣ ମାଡିଦଳି ନଷ୍ଟ କରୁଥିବାରୁ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବୁଧବାର ରାତିରେ ଘୋଘର ଗ୍ରାମର ନିରଞ୍ଜନ ଗୁରୁ, କୃଷ୍ଣ ନାୟକ, ସରସ୍ୱତୀ ଗୁରୁ, ସୁକାନ୍ତି ପ୍ରଧାନଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଛି। ସେମାନଙ୍କର ଘରୋଇ ଉପକରଣ ମାଡିଦଳି ନଷ୍ଟ କରିଦେଇଥିବାରୁ ସେମାନେ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛନ୍ତି। କଠିନ ପରିଶ୍ରମ ଓ ଧାରକରଜ କରି ବର୍ଷକର ଖାଦ୍ୟକୁ ଘରେ ସାଇତି ରଖିଥିବା ବେଳେ ଦନ୍ତା ହାତୀ ଆସି ୫ ମିନିଟରେ ବର୍ଷକର ଖାଦ୍ୟକୁ ଖାଇ ଚାଲିଯିବା ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ହାତୀ ସ୍ଥାନୀୟ ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପାଚେରୀ ଭାଙ୍ଗି ଦେଇଛି। କବାଟ ଝରକା ମଧ ନଷ୍ଟ କରିଦେବା ଫଳରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଅଞ୍ଚଳରୁ ଜଙ୍ଗଲି ହାତୀକୁ ଘଉଡାଇବା ପାଇଁ ମଧ୍ୟ ଦାବି ହେଉଛି।

**ଘୋଘର ଗ୍ରାମ**
- ୪ଘର ଭାଙ୍ଗି ଧାନ ଚାଉଳ ଖାଇଲା
- ବିଦ୍ୟାଳୟର ପାଚେରି, କବାଟ ଭାଙ୍ଗିଲା

## ଟିପ୍ପର-ବାଇକ ମୁହାଁମୁହିଁ ଧକ୍କା: ଦୁଇ ଗୁରୁତର

**ଲହୁଣୀପଡା, ୨୭।୨ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ମିଶରପାଲି ଛକ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ଟିପ୍ପର- ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟିପ୍ପର୍ ଓଆର ୧୪ ପି- ୧୬୦୨ ରାଉରକେଲା ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଆର ୧୪ ଏମ- ୫୭୨୩ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଭାଙ୍ଗି ନଷ୍ଟ ହୋଇଥିବାବେଳେ ବାଇକ ଆରୋହୀ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଗୁରୁତର ଆହତ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲେ। ଦୁଇ ଜଣଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବର ପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟିପ୍ପର୍ ଓ ବାଇକକୁ ଜବତ କରିବା ସହିତ ତଦନ୍ତ କରୁଛି। ଗୁରୁତର ଆହତ ବାଇକ ଆରୋହୀ ଦୁଇ ଜଣ ହେଲେ ଲହୁଣୀପଡା ପଞ୍ଚାୟତ ଗମ୍ଭାରଡିହି ଗ୍ରାମର ଗୁରୁଚରଣ ମାହାନ୍ତଙ୍କ ପୁଅ ପପୁ ମାହାନ୍ତ ଓ ରାଜାମୁଣ୍ଡା ପଞ୍ଚାୟତ ଶାରାଧପୁର ଗ୍ରାମର ଯଦୁମଣୀ ମାହାନ୍ତଙ୍କ ପୁଅ ଈଶ୍ୱର ଚନ୍ଦ୍ର ମାହାନ୍ତ।



ଯୁବ ସଂସଦ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବତୀ ଯୁବକ ।

## ଏନୱାଇକେ ଦ୍ୱାରା ଯୁବ ସଂସଦ କାର୍ଯ୍ୟକ୍ରମ

**ବଡ଼ଗାଁ, ୨୭।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁରେ ବୁଧବାର ସୁନ୍ଦରଗଡ ନେହେରୁ ଯୁବ କେନ୍ଦ୍ର (ଏନୱାଇକେ) ଦ୍ୱାରା ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଲ୍ୟାମ୍ପ୍ସ ଏମଡି ଭୋଳାନାଥ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ, ଜୟ ମଙ୍ଗଳ ବାରିକ, ଏନୱାଇକେର ଜାତୀୟ ସ୍ୱେଚ୍ଛାସେବୀ ପ୍ରଶାନ୍ତ ଲାକ୍ରା, ମହିମା ପୃଷେଟ, ମୋହିତ ଆଶିଷ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପଟେଲ ଯୁବତୀ ଯୁବକମାନେ ସେବା ମନୋଭାବ ରଖି ବିକାଶମୂଳକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଷଡଙ୍ଗୀ ଯୁବତୀ ଯୁବକମାନେ ସଂଗଠିତ ହୋଇ ବର୍ଷର ବିଭିନ୍ନ ସମୟରେ ସ୍ୱଚ୍ଛତା, ବୃକ୍ଷରୋପଣ, ଖେଳକୁଦ, ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ସମାଜର ଉନ୍ନତି ସହିତ ଆତ୍ମ ସନ୍ତୋଷ ମିଳିଥାଏ। ସମସ୍ତ କାର୍ଯ୍ୟ ସରକାରଙ୍କ ଦ୍ୱାରା ହେବ ଓ ଏଥିପାଇଁ ଆର୍ଥୀକ ସହାୟତା ଉପରେ ନିର୍ଭର ନକରି ଗୋଷ୍ଠୀଗତ ଭାବେ କରିବାର ଆଗ୍ରହ ରହିଲେ ଛୋଟବଡ ଅନେକ କାର୍ଯ୍ୟ କରାଯାଇପାରିବ। ଯୁବକମାନେ କ୍ଲବ ଗଠନ କଲେ ସରକାରୀ ଓ ବେସରକାରୀ ସ୍ତରରୁ ବିଭିନ୍ନ ସାହାଯ୍ୟ ସହଯୋଗ ମିଳିଥାଏ ବୋଲି ବୁଝାଇଥିଲେ। ଏନ୍‌ୱାଇକେର ସ୍ୱେଚ୍ଛାସେବୀମାନେ କ୍ଲବ ଗଠନ, ନିଷ୍କ୍ରିୟ ଥିବା କ୍ଲବ, ଯୁବ ସଙ୍ଗଠନକୁ ସକ୍ରିୟ କରିବା ଓ ଏହାର ପଞ୍ଜିକରଣ କରିବା ଉପରେ ଗୁରୁତ୍ୱାରୋପ କରି କିପରି ଆର୍ଥୀକ ସହାୟତା ମିଳିଥାଏ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ଯୁବତୀ ଯୁବକ କ୍ଲବ ସଦସ୍ୟମାନେ ଯୋଗଦେଇଥିଲେ।

## ପୋଷଣୀୟ ବିକାଶ, ନାରୀ ସଶକ୍ତୀକରଣ ତାଲିମ କାର୍ଯ୍ୟକ୍ରମ

**ବାଲିଶଙ୍କରା, ୨୭।୨ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର ସମବାୟ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ପରିସରରେ ସମବାୟ ବ୍ୟାଙ୍କ ଭୁବନେଶ୍ୱର ଓ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ବରଗଡ ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଭବାନୀପ୍ରସାଦ ମାଝି ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମବାୟ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ପ୍ରକାର ଯୋଜନାରୁ ଫାଇଦା ନେଇ ମହିଳା ସ୍ୱୟଂ ସହାୟିକା ନିଜର ବିକାଶ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମବାୟ ବ୍ୟାଙ୍କ ଉପସଭାପତି ଅଞ୍ଜୁ ଟପ୍ପୋ, ଜିଲା ସମବାୟ ବ୍ୟାଙ୍କ ଉପସଭାପତି ସୁସ୍ମିତା ଯୋଶୀ, ସମବାୟ ଉପ ନିବନ୍ଧକ ଜେରମ କେରକେଟ୍ଟା, ଜିଲା ଡିଜିଏମ ନାବାର୍ଡ ଶକ୍ତିପ୍ରସନ୍ନ ମହାପାତ୍ର, ସିଇଓ ଏଚ୍‌ଡ଼ିଏଫସି ବ୍ୟାଙ୍କ ସୁରେଶ ଚନ୍ଦ୍ର ଦାଶ, ପ୍ରଦ୍ୟୁମ୍ନ କୁମାର ନନ୍ଦ, ନିରଞ୍ଜନ ମହାପାତ୍ର, ସଦାଶିବ ତ୍ରିପାଠୀ, ଏସ.କେ ରାଧା, ବାଲିଶଙ୍କରା ଲ୍ୟାମ୍ପ୍ସ ଅଧିକାରୀ ପରମେଶ୍ୱର ମହାକୁଲ ପ୍ରମୁଖ ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ପୋଷଣୀୟ ବିକାଶ ଓ ନାରୀ ସଶକ୍ତିକରଣ ଉପରେ ସଚେତନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ବାଲିଶଙ୍କରା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଶେଷରେ ବାଲିଶଙ୍କରା ଲ୍ୟାମ୍ପ୍ସ ଅଧିକାରୀ ପରମେଶ୍ୱର ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ।




ପୋଷଣୀୟ ବିକାଶ, ନାରୀ ସଶକ୍ତୀକରଣ ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ନାଗରିକ କର୍ତ୍ତବ୍ୟ ଉପରେ ଆଇନ ସଚେତନତା ଶିବିର




ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଜଜ୍ ଓ ଅନ୍ୟମାନେ।

**ବଣାଇ, ୨୭।୨(ସ୍ୱ.ପ୍ର)**

ଗୁରୁବାର ବଣାଇ ସହକାରୀ ଜିଲା ଦୌରାଜଜଙ୍କ ଅଦାଲତ ପରିସରରେ ଥିବା ସଭାକକ୍ଷରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇ ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ସହକାରୀ ଜିଲା ଦୌରାଜଜ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ସମ୍ବିଧାନରେ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇ ଭାରପ୍ରାପ୍ତ ଏସ୍‌ଡିଜେଏମ୍ ସୌରଭ ସାଗର ପ୍ରଧାନ, ବଣାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୟଦ ମଜବୁର ରେହେମାନ, ବଣାଇ ସହକାରୀ ଜିଲାପାଳ ରବୀନ୍ଦ୍ର ସେଠୀ ଯୋଗଦେଇ ନାଗରିକ କର୍ତ୍ତବ୍ୟ ପାଳନ କରିବା ସମୟରେ ଆଇନ ଉପରେ ସଚେତନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ତାଲୁକ ଆଇନ ସେବା ସଂସ୍ଥାର ରିଟେନର ହିମାଂଶୁ ଶେଖର ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ଆୟୋଜନର ବଣାଇ ତାଲୁକ ଆଇନ ସେବା ସଂସ୍ଥାର ସହାୟକ ରାକେଶ୍ୱର କୁଙ୍ଗୀ, ଅନ୍ତର୍ଯ୍ୟାମୀ ପାତ୍ର ଏବଂ ବଣାଇ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ଯୁଧିଷ୍ଠିର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ଓକିଲ ସଂଘ ନିର୍ବାଚନ ମାର୍ଚ୍ଚରେ ୨୮ରେ

**ରାଉରକେଲା ଅଫିସ, ୨୭। ୨**

ଆସନ୍ତା ୨୮ ମାର୍ଚ୍ଚରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଉରକେଲା ଓକିଲ ସଂଘ ନିର୍ବାଚନ ନେଇ ଇଲେକ୍ସନ ଅଫିସର ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ଓକିଲ ସଂଘ ପକ୍ଷରୁ ଆୟୋଜିତ ସାଧାରଣ ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି। ଗୁରୁବାର ଠାରୁ ପ୍ରଧାନ ଏହି ଦାୟିତ୍ୱ ନିର୍ବାହ କରିବେ ବୋଲି କୁହାଯାଇଛି। ରାଜ୍ୟ ଆଇନଜିବୀ ପରିଷଦ ଗାଇଡ ଲାଇନ ଅନୁଷାରେ ନିର୍ବାଚନ ଅନୁଷ୍ଠିତ ହେବ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇଙ୍କ ସହିତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗର କର୍ମଚାରୀ।

## ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବଡ଼ଗାଁ, ୨୭।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗତ ୨୪ତାରିଖଠାରୁ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨ଟି ପର୍ଯ୍ୟାୟରେ ହେଉଥିବା ଏହି କାର୍ଯ୍ୟକ୍ରମ ଶନିବାର ଶେଷ ହେବ। ଉକ୍ତ କାର୍ଯ୍ୟକ୍ରମକୁ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ, ଜିପିଓ ମୁକ୍ତେଶ୍ୱର ସା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ଯୋଗାଣ ସହାୟକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଭିଏଡବ୍ଲ୍ୟୁ, ଏଲଆଇ, ମୃତ୍ତିକା ସଂରକ୍ଷଣ କର୍ମଚାରୀ, ଉଦ୍ୟାନ କୃଷି କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାସଭ୍ୟଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ହେଉଛି। ଅର୍ଥନୀତିରେ ପଛୁଆ ଥିବା ଲୋକଙ୍କୁ ସରକାରୀ ଯୋଜନାରେ ସାମିଲ କରିବାରେ ପ୍ରାଥମିକତା ଦେବା, ସମସ୍ତ ବିଭାଗ ମିଶି ପଞ୍ଚାୟତର ବିକାଶ କରିବା, ପଞ୍ଚାୟତର ସମ୍ବଳ ଗୁଡିକୁ ଚିହ୍ନଟ କରିବା ଓ ତାର ସୁବିନିଯୋଗ କରିବା, ପଞ୍ଚାୟତର ସମସ୍ତ ଲୋକ ଯୋଜନାରେ ସାମିଲ ହୋଇ ଗାଁର ବିକାଶ କରିବା ଉପରେ ବୁଝାଇଥିଲେ। ପଞ୍ଚାୟତ ପ୍ରତିନିଧି ଓ କର୍ମଚାରୀ ମିଶି ମିଳିତ ଭାବେ କିପରି ବିକାଶ ହୋଇପାରିବ ଯୋଜନା କରିବେ। ଲୋକଙ୍କୁ ନେଇ ତାଙ୍କ ଆବଶ୍ୟକତା ଚିହ୍ନଟ କରି ଯୋଜନା ପ୍ରସ୍ତୁତ କରିବା ଏବଂ ତାକୁ ପଲ୍ଲିସଭା, ଗ୍ରାମସଭାରେ ଅନୁମୋଦିତ କରିବା, ସବୁଠାରୁ ଗରିବ ଓ ସାମାଜିକ କ୍ଷେତ୍ରରେ ପଛୁଆଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଆଦି ପରିଚଳନା ଓ କାର୍ଯ୍ୟ ଉପରେ ପ୍ରଶିକ୍ଷକମାନେ ବୁଝାଉଛନ୍ତି। ଏସଆଇଆରଡିର ଅଞ୍ଜଳି ପ୍ରଧାନ, ଯୁଗଳ କିଶୋର ଦାସ ଓ ଗୋବର୍ଦ୍ଧନ ମହାନନ୍ଦ ପ୍ରଶିକ୍ଷଣ ଦେଉଥିଲା ବେଳେ ସୁନୀଲ କୁମାର ଗୌଡ ସହଯୋଗ କରୁଛନ୍ତି ।

# ବିମଳାଗଡ଼ ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

**ବଣାଇ, ୨୭।୨(ସ୍ୱ.ପ୍ର)**

**ଧାନମଣ୍ଡି ବନ୍ଦ ପ୍ରତିବାଦ**

ବଣାଇ ଉପଖଣ୍ଡର କୋଇଡା ବ୍ଲକ ଅନ୍ତର୍ଗତ କେ.ବଲାଙ୍ଗରେ ଥିବା ବିମଳାଗଡ଼ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଗୁରୁବାର ଉତ୍ୟକ୍ତ ଚାଷୀ ଧାନମଣ୍ଡି ବନ୍ଦ ପ୍ରତିବାଦରେ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିବା ଜଣାପଡିଛି। ପରେ ବଣାଇରୁ ସମବାୟ ବିଭାଗର ସହକାରୀ ନିବନ୍ଧକ ଯାଇ ଚାଷୀଙ୍କୁ ଆଗାମୀ ଦିନରେ ଧାନ କ୍ରୟ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବନ୍ଦ ପଡିଥିବା ତାଲାକୁ ଫିଟାଯାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ବିମଳାଗଡ଼ ଲ୍ୟାମ୍ପସ୍ ଅଧିନରେ ଗୋପନା ଓ କେ.ବଲାଙ୍ଗରେ ଦୁଇଟି ଧାନମଣ୍ଡି ଖୋଲା ଯାଇଛି। ଏଥିରେ ୩୧୯ଜଣ ଚାଷୀ ଧାନବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି। ଏଥିମଧ୍ୟରୁ ୨୫୫ଜଣ ଚାଷୀ ୧୫ ହଜାର ୫ଶହ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ଏବେବି ୬୪ଜଣ ପଞ୍ଜିକୃତ ଚାଷୀଙ୍କ ୫ହଜାର ୨ଶହ କୁଇଣ୍ଟାଲ ଧାନ କ୍ରୟ କରିବାର ବକେୟା ରହିଛି। ତେବେ ଗତ ଏକମାସ ହେବ ଏହି ଧାନମଣ୍ଡି ଦୁଇଟି ସରକାରଙ୍କ ନୂତନ ନିୟମ ଅନୁଯାୟୀ ଟୋକନ ନ ଆସିବାରୁ ୬୪ଜଣ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିପାରୁ ନାହାନ୍ତି। ଏଥିପାଇଁ ଗୁରୁବାର ସମବେତ ଚାଷୀ ଏକତ୍ରିତ ହୋଇ ବିମଳାଗଡ ଲ୍ୟାମ୍ପସ କାର୍ଯ୍ୟାଳୟକୁ ବାହାରୁ ତାଲା ମାରିଦେଇଥିଲେ। ଲ୍ୟାମ୍ପସ ଭିତରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ବରୁଣ ବେହେରା ଏବଂ ୮ଜଣ କର୍ମଚାରୀ ଅଟକ ରହିଥିଲେ। ପରେ ଚାଷୀମାନେ ଏ ବିଷୟରେ ସ୍ଥାନୀୟ କେ.ବଲାଙ୍ଗ ଥାନା, କୋଇଡା ବିଡିଓ ଏବଂ ବଣାଇ ଉପଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ ବଣାଇ ସମବାୟ ବିଭାଗର ସହକାରୀ ନିବନ୍ଧକ ସଞ୍ଜୟ ପ୍ରଧାନ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଖୁବ୍ କମଦିନ ମଧ୍ୟରେ ମିଲର୍ସ ବିଦ୍ୟା ଏବଂ ଜଗନ୍ନାଥ ଏଗ୍ରୋ ପକ୍ଷରୁ ଚାଷୀଙ୍କଠାରୁ ଧାନକ୍ରୟ କରାଯିବ। ପ୍ରତିଶ୍ରୁତି ପରେ ଦିନ ୧ଟା ୩୦ରେ ଚାଷୀ ପକାଇଥିବା ତାଲାକୁ ଖୋଲିଥିବା ଜଣାପଡିଛି।





ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଯାଉଛି।



" କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



**ସଂକ୍ଷେପରେ**

## କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା

**ରାଉରକେଲା,୨୭। ୨** - ନାଗରିକତ୍ୱ ସଂଶୋଧନ ଆଇନ ପ୍ରତ୍ୟାହାର ଦାବି ନେଇ ରାଜଧାନୀ ଦିଲ୍ଲୀରେ ଗତ ୫ ଦିନ ଧରି ଚାଲିଥିବା ବ୍ୟାପକ ଭଙ୍ଗାରୁଜା ତଥା ଗୋଷ୍ଠୀ ଦଙ୍ଗାକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ତୁରନ୍ତ ଶାନ୍ତି ପ୍ରତିଷ୍ଠା ଦିଗରେ ସମସ୍ତ ପକ୍ଷ ଓ ପୋଲିସ ସହଯୋଗ ପାଇଁ ଦାବି କରାଯାଇଛି। ଏହି ଦଙ୍ଗାରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଦଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବିଶ୍ରାଛକ ଠାରେ ଏକ ମହମବତୀ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ସମେତ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଦଙ୍ଗା ନିୟନ୍ତ୍ରଣରେ ବିଫଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ତିର୍କୀଙ୍କ ସମେତ କଂଗ୍ରେସର ବରିଷ୍ଠ ନେତା ବୀରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ମହମ୍ମଦ ମୋଇନୁଦ୍ଦିନ, ସେବାଦଳ ଅଧକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଲିୟାରସିଂ, ଓବିସି ଅଧକ୍ଷ କୈଳାସ ସାହୁ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ଏସଟି ସେଲ ଅଧକ୍ଷ ରାଜେଶ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

## ଅଚଳାବସ୍ଥା ଦୂର ପାଇଁ ଜିଲା ପ୍ରଶାସନର ହସ୍ତକ୍ଷେପ ଦାବିକଲା ପୌର କର୍ମଚାରୀ ସଂଘ

**ସୁନ୍ଦରଗଡ,୨୭।୨ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସହରର ସମସ୍ତ ୱାର୍ଡର ସଫେଇ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରି କାର୍ଯ୍ୟରତ ଠିକା ସଫେଇ କର୍ମଚାରୀମାନେ ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟରେ ଗଣଧାରଣା ଦେଇଥିବାରୁ ଏଠାରେ ପୌରସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ସଫେଇ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ଗତ ୨୫ ତାରିଖରୁ ସଫେଇ କାର୍ଯ୍ୟ ବନ୍ଦ ହୋଇଥିବାବେଳେ ପୌରପାଳିକା କାର୍ଯ୍ୟାଳୟରେ ମଧ୍ୟ କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଆନ୍ଦୋଳନକାରୀ ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରି ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନ ଥିବା ଓ ପୂର୍ବରୁ ସଫେଇ କାର୍ଯ୍ୟ ନେଇଥିବା ଠିକା ସଂସ୍ଥାର କାର୍ଯ୍ୟ ଅବଧି ଶେଷ ହୋଇଥିବାରୁ ନୂତନ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ପୂର୍ବରୁ କାର୍ଯ୍ୟ କରୁଥିବା ଠିକା ସଫେଇ କର୍ମଚାରୀମାନେ ପୂର୍ବବତ୍ ନୂତନ ଠିକାସଂସ୍ଥା ଜରିଆରେ ମଧ୍ୟ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେମାନେ ଟେଣ୍ଡର ବାତିଲ କରି ନୂତନ ଟେଣ୍ଡର କରିବାକୁ ଅଡି



ସୁନ୍ଦରଗଡ଼ରେ ଠିକା ସଫେଇ କର୍ମଚାରୀ ଆନ୍ଦୋଳନ କରୁଛନ୍ତି।

**ପୌରସେବା ଠପ୍**

ବସିଛନ୍ତି। ହେଲେ ପୂର୍ବରୁ ଠିକା ସଂସ୍ଥାରେ କାର୍ଯ୍ୟ କରିଆସୁଥିବା ୨୩୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନୂତନ ଠିକା ସଂସ୍ଥା ଦ୍ୱାରା ସେମାନଙ୍କ ନିଯୁକ୍ତିକୁ ନେଇ ଆଶଙ୍କା ପ୍ରକଟ କରିଛନ୍ତି। ପୌରପାଳିକାରେ ସଫେଇ କାର୍ଯ୍ୟ ଘରୋଇକରଣ ନ ହେବା ପୂର୍ବରୁ ଏହି କର୍ମଚାରୀମାନେ ପୌରପାଳିକା ଅଧୀନରେ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ ଏକ ଠିକା ସଂସ୍ଥା ୧୪ଟି ୱାର୍ଡର ସଫେଇ ଲାଗି ମାସିକ ୨୧ଲକ୍ଷ ଟଙ୍କା ନେଉଥିଲେ। ବର୍ତ୍ତମାନ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ପୌରପାଳିକା ସମସ୍ତ ୧୯ଟି ୱାର୍ଡର ସଫେଇ ଲାଗି ମାସିକ ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରଶାସନକୁ ଜଣାଇଛି। ନୂତନ ଟେଣ୍ଡର ପରେ ବର୍ତ୍ତମାନ ଭୁବନେଶ୍ୱରର ଅନ୍ୟ ଏକ ଠିକା ସଂସ୍ଥା ଏହି ସଫେଇ କାର୍ଯ୍ୟ ଟେଣ୍ଡର ପାଇବା ପରେ ପୂର୍ବ ଠିକା ସଂସ୍ଥାରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇ ପୌରପାଳିକାରେ ତାଲା ପକାଇ ଆନ୍ଦୋଳନ ଚାଲୁ ରଖିଛନ୍ତି। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଓ ପୂର୍ବତନ କାଉନସିଲର ଡା. ହିମାଂଶୁ ଷଡଙ୍ଗୀ ନିଜ ସମର୍ଥକଙ୍କ ସହ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଏହି ଠିକା ସଫେଇ କର୍ମଚାରୀଙ୍କ ନିଯୁକ୍ତି ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଜିଲା ପ୍ରଶାସନ ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରି ପୌରପାଳିକାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର କରିବାକୁ ପୌର କର୍ମଚାରୀ ସଂଘର ସଭାପତି ଆଡଭୋକେଟ ଅଶୋକ କୁମାର ଦାଶ, ଉପସଭାପତି ଲମ୍ବୋଦର ଜେନା, ସମ୍ପାଦକ ଜୟନ୍ତ ନାଏକ ଦାବି କରିଛନ୍ତି।

## ବସ୍ତି ଭଙ୍ଗା ନେଇ ଆଶଙ୍କାରେ ମଧୁସୂଦନପାଲ୍ଲୀ ବାସିନ୍ଦା

**ରାଉରକେଲା ଅଫିସ, ୨୭। ୨**– ମଧୁସୂଦନପାଲୀ ଅଞ୍ଚଳରେ ବସ୍ତି ଭଙ୍ଗାଯାଇ ସରକାରୀ ଯୋଜନା ଅନୁସାରେ ଆବାସିକ ସ୍ଥଳ ନିର୍ମାଣ କରାଯିବା ପ୍ରଚାର ପରେ ଏଠା ବସିନ୍ଦାଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି। ଯେଉଁମାନଙ୍କ ଘର ଭାଙ୍ଗିବ ସେମାନଙ୍କୁ ଏହି ଘର ଆବଂଟିତ କରାଯିବ ଏଭଳି ଆଲୋଚନା ଜାରି ରହିଛି। ଏନେଇ ମହାନଗର ଅଞ୍ଚଳ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା କିଛି ଲୋକ ପ୍ରଚାର କରୁଛନ୍ତି। ଏହାକୁ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢି ଯାଇଛି। ଏନେଇ ଗୁରୁବାର କିଛି ବସ୍ତି ବାସିନ୍ଦା ଆରଏମସି କାର୍ଯ୍ୟାଳୟକୁ ଆସି ବିଭାଗୀୟ ଅଧିକାରୀଙ୍କ ନିକଟରେ ଆପତ୍ତି ଜଣାଇଛନ୍ତି। ଏମାନେ ଅଭିଯୋଗ କରି କହିଥିଲେ ଯେ, କାର୍ଯ୍ୟାଳୟର କିଛି କର୍ମଚାରୀ ବସ୍ତିକୁ ଯାଇ ଲୁଚିଛପି ମହିଳା ସମିତି ସହ ସଂଯୋଗ ସ୍ଥାପନ କରୁଛନ୍ତି। ଯହା ସମ୍ପୂର୍ଣ୍ଣ ଅନ୍ୟାୟ। ଯଦି ଘର ନିର୍ମାଣ କରାଯିବ ତେବେ ବସ୍ତି ବାସିନ୍ଦାଙ୍କୁ ବିଶ୍ୱାସକୁ ନିଆଯାଉ। ଅନ୍ୟଥା ବିଶୃଙ୍ଖଳା ସୃଷ୍ଟି ହେବ। ଦୀର୍ଘ ବର୍ଷ ଧରି ଏଠାରେ ବସବାସ କରୁଥିବା ବସ୍ତି ବାସିନ୍ଦା, ବ୍ୟବସାୟୀଙ୍କୁ ଏହାର ମାଲିକାନା ସତ୍ତ୍ୱ ଦିଆଯାଉ। ତା ପରେ ସର୍ଭେ କରାଯାଇ କେଉଁମାନଙ୍କୁ ଘର ଦିଆଯିବ ତାର ଚିଠା ପ୍ରସ୍ତୁତ କରାଯାଉ। ଏହା ନ କରି ଅନ୍ଧାଦୁନିଆ ଭାବେ ଘର ଭାଙ୍ଗିବାକୁ ଦିଆଯିବନି। ଲୁଚାଚୋରାରେ ମହିଳା ସମିତି କର୍ମକର୍ତାଙ୍କ ସହ ଯୋଗାଯୋଗ କରାଯାଇ ଯୋଜନାକୁ ଫଳପ୍ରସୂ କରିବାକୁ ଉଦ୍ୟମ କରାଯିବା ନିନ୍ଦନୀୟ ବୋଲି ବସ୍ତି ପକ୍ଷରୁ ସମରପ୍ରିୟ ତନ୍ତି, ପ୍ରଦୀପ ସାହୁ, ପଙ୍କଜ ତନ୍ତି, ସନ୍ତୋଷ ମହାନ୍ତି ଓ ରାଜୀବ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।



ବସ୍ତି ବାସିନ୍ଦା ଆରଏମସି କାର୍ଯ୍ୟାଳୟକୁ ଆସି ବିଭାଗୀୟ ଅଧିକାରୀଙ୍କ ନିକଟରେ ଆପତ୍ତି ଜଣାଇଛନ୍ତି।

# ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଦାବି

**ରାଉରକେଲା ଅଫିସ,୨୭। ୨**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ସୁନ୍ଦରଗଡ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ତଥା ରାଉରକେଲା ସରକାରୀ ଡାକ୍ତରଖାନାକୁ ଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ କରିବା ଦାବିରେ

**ଏସ୍‌ସି, ଏସ୍‌ଟି ଛାତ୍ର ସଂଘ ପକ୍ଷରୁ ଶୋଭାଯାତ୍ରା ୨ମାର୍ଚ୍ଚରେ**

ଆସନ୍ତା ମାର୍ଚ୍ଚ ୨ରେ ଏସ୍‌ସିଏସ୍‌ଟି ଛାତ୍ର ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଗୁରୁବାର ଆୟୋଜିତ ବୈଠକରେ ଏଭଳି ନିଷ୍ପତି ନିଆଯାଇଛି। ଶୋଭାଯାତ୍ରା ବିଶ୍ରା ଛକ ଠାରୁ ବାହାରି ସହରର ମୁଖ୍ୟ ମାର୍ଗ ଦେଇ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିବ । ଏଠାରେ ବିକ୍ଷୋଭ ପ୍ରତିବାଦ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପନ୍ନ ପାଇଁ



ଏସ୍‌ସିଏସ୍‌ଟି ଛାତ୍ର ସଂଘ ପକ୍ଷରୁ ସେକ୍ଟର–୮ ଠାରେ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଆନ୍ତଃ ମହାବିଦ୍ୟାଳୟ ଏସସି ଏସଟି ଛାତ୍ର ସଂଘ ସଭାପତି ରୋହିତ ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ସେକ୍ଟର–୮ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁନ୍ଦରଗଡ ଜିଲାକୁ ଚରମ ଅବହେଳା କରୁଥିବାରୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାର ଅଧିକାର ଓ ଦାୟିତ୍ୱ ଜିଲା ଛାତ୍ରୀଛାତ୍ରଙ୍କର ରହିଛି ବୋଲି ତିର୍କୀ ପ୍ରକାଶ କରିଥିଲେ। ଶୃଙ୍ଖଳିତ ଢଙ୍ଗରେ ଓ ଶାନ୍ତିପୂର୍ଣ୍ଣ ଭାବେ ନିଷ୍ଠାର ସହିତ ଜିଲାର ନ୍ୟାର୍ଯ୍ୟ ଦାବିକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ଦିଲ୍ଲୀପ ଲାହିରି ଓ କୈଳାସ ସାହୁଙ୍କ ସମେତ ଆନ୍ତଃ ମହାବିଦ୍ୟାଳୟ ଏସସି ଏସଟି ବିଭାଗର ପୂର୍ବତନ ସଭାପତି ପ୍ରଭାତ ସନ୍ତୋଷ କୁଜୁର, ମ୍ୟୁନିସିପାଲ କଲେଜ ଏସସି ଏସଟି ଛାତ୍ର ସଭାପତି ଅନିକେତ ଖେସ, ଇସ୍ପାତ କଲେଜ ଏସସି ଏସଟି ଛାତ୍ର ସଭାପତି ଜୟଦୀପ ବଡାଇକ, ଏନଏସଏମ କଲେଜ ଛାତ୍ର ସଭାପତି ରାହୁଲ ବେଜ, କଲ୍ୟାଣୀ ରାୟ ମହାବିଦ୍ୟାଳୟ ଛାତ୍ର ସଭାପତି ସୁବାଷ ଯୋଯୋ, ସାନ୍ଧ୍ୟ କଲେଜ ସଭାପତି ପ୍ରଶାନ୍ତ ଏକ୍କା, ମହିଳା କଲେଜ ଛାତ୍ର ସଭାନେତ୍ରୀ ଯମୁନାଗୌରୀ କିସ୍କୁ, ଆନ୍ତଃ ମହାବିଦ୍ୟାଳୟ ଛାତ୍ର ସଭାପତି ରୋହିତ ବିଲୁଙ୍ଗ, ବେଦବ୍ୟାସ ମହାବିଦ୍ୟାଳୟ ସଭାପତି ନେହା ବାରା, ଗାନ୍ଧୀ ମହାବିଦ୍ୟାଳୟ ସଭାନେତ୍ରୀ ମନୀଷା ତିର୍କୀ, ଜିଏସିଆର ମହାବିଦ୍ୟାଳୟ ସଭାପତି ସନ୍ଦୀପ କିଣ୍ଡୋ, ଅଭିଜିତ ଟପ୍ପୋ, ଆନ୍ତଃମହାବିଦ୍ୟାଳୟ ଏସ୍‌ସି ଏସ୍‌ଟି ବିଭାଗ ପୂର୍ବତନ ଛାତ୍ର ସଭାନେତ୍ରୀ ମେରୀ ଅଞ୍ଜଳି ତିର୍କୀ, ଆନ୍ତଃ ମହାବିଦ୍ୟାଳୟ ଏସ୍‌ସି ଏସ୍‌ଟି ବିଭାଗ ସାଧାରଣ ସମ୍ପାଦକ ଦିଲ୍ଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

## ନାଗରିକତ୍ୱ ସଂଶୋଧନ ଆଇନ ସମ୍ବିଧାନ ଉପରେ ଶକ୍ତ ଆକ୍ରମଣ

**ରାଉରକେଲା ଅଫିସ, ୨୭।୨**

ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ), ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଦେଶ ବିରୋଧି ତଥା ସମ୍ବିଧାନ ବିରୋଧି ନାଗରିକତା ସଂଶୋଧନ ଆଇନ (ସିଏଏ) ନେଇ ଏକ ଆଲୋଚନାସଭା ବୁଧବାର ପାନ୍ଥ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର କ୍ଷମତାସୀନ ନରେନ୍ଦ୍ର ମୋଦି ଓ ଅମିତ ଶାହା ସରକାର ଆଗତ କରିବା ପରେ ଦେଶରେ ଗଣତନ୍ତ୍ର ବିପନ୍ନ ହୋଇଛି ବୋଲି ଅଭିଯୋଗ କରାଯାଇଥିଲା। ଏ ନେଇ ତମାମ ଦେଶରେ ଅରାଜକତା ସୃଷ୍ଟି ହୋଇଛି। ଏପରି ଅବସ୍ଥାରେ ଉଭୟ ସଙ୍ଗଠନ ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଇଛି। ଏଣୁ ଏଭଳି ଆଇନ ଦେଶର ସମ୍ବିଧାନ ଉପରେ ସଶକ୍ତ ଆକ୍ରମଣ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ଡିୱାଇଏଫ୍‌ଆଇ ଜିଲା ସଭାପତି ତଥା ଆଇନଜୀବୀ ରାଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ରୀ ତଥା ଏସ୍‌ଏଫ୍‌ଆଇ ସର୍ବଭାରତୀୟ ଯୁଗ୍ମ ସମ୍ପାଦିକା ଦୀପସିତା ଧର ଯୋଗଦେଇ କହିଥିଲେ, ବିଗତ ୬ ବର୍ଷରେ ଭାଜପା ନେତୃତ୍ୱରେ ନରେନ୍ଦ୍ର ମୋଦି, ଅମିତ ଶାହା ସରକାର ସାଧାରଣ ଲୋକଙ୍କ



ଏସ୍‌ଏଫ୍‌ଆଇ, ଡିୱାଇଏଫ୍‌ଆଇ ପକ୍ଷରୁ ଆଲୋଚନାସଭାରେ ଉପସ୍ଥିତ ଅତିଥି, ବକ୍ତା।

ଆଶା ଆକାଂକ୍ଷା ପୂରଣ କରିବାରେ ବ୍ୟର୍ଥ ହୋଇଛନ୍ତି। ନିଜ ଦୁର୍ବଳତା ଲୁଚାଇବାକୁ ଯାଇ ମିଛ ଆଇନ, ଯୋଜନା ନାଁରେ ଭୂଆଁ ବୁଲାଉଛନ୍ତି। ନିଜ ଭୋଟ ବ୍ୟାଙ୍କ ରାଜନୀତି ବଜାୟ ରଖିବାକୁ ଏମାନେ ନାନା ଷଡଯନ୍ତ୍ର ରଚନା କରିଛନ୍ତି। ଏବେ ନାଗରିକ ସଂଶୋଧନ ଆଇନ ଭଳି କଳା ଆଇନ ଆଣି ଦେଶବାସୀଙ୍କ ଉପରେ ଲଦି ଦେବାକୁ ବସିଛନ୍ତି। ଦେଶର ଅର୍ଥନୀତି ରସାତଳଗାମୀ ହୋଇଛି। ଶିଳ୍ପ ସଂକଟକୁ ସୁଧାରିବାକୁ ସରକାରଙ୍କ ଆଗ୍ରହ ନାହିଁ। ଉତ୍କଟ ବେକାରୀ ବୋଝ ଯୁବ ସମାଜ ପାଇଁ ଅଭିଶାପ ପାଲଟିଛି। ଏମିତି ଅବସ୍ଥାରେ ଧର୍ମ ସମ୍ପ୍ରଦାୟ ନାମରେ ଦେଶବାସୀଙ୍କୁ ବିଭାଜନ କରିବାକୁ ନରେନ୍ଦ୍ର ମୋଦି ସରକାର ଉଦ୍ୟମ କରୁଛନ୍ତି। ଏନେଇ ଦେଶବାସୀଙ୍କ ସଂଗ୍ରାମ ବିଶେଷ ଉଲେଖନୀୟ ବୋଲି ଏଥିରେ କୁହାଯାଇଥିଲା। ଏହି କଳା ଆଇନକୁ ପ୍ରତ୍ୟାହାର କରିବାକୁ ଏଥିରେ ଦାବି କରାଯାଇଥିଲା। ସିପିଆଇ(ଏମ) ଜିଲା ସମ୍ପାଦକ ପ୍ରମୋଦ ସାମଲ, ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ଆଇନକୁ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଥିଲେ। ଶେଷରେ ଶେଖର ଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକ ଜହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ବିପି ମହାପାତ୍ର, ଅରୁ ଦାସ, ନିହାର ସାମଲ, ଏମଡି ଆସଲମ, ପ୍ରଭାତୀ ମହାନ୍ତି, ବିଶ୍ୱଜିତ ମାଝି, କେଲୁଚରଣ ବଡଜେନା, ବିନୋଦିନୀ ଦାସ, ଚନ୍ଦ୍ରଭାନୁ ଦାସ, ପରେଶ ମହାନ୍ତି, ମୁକ୍ତା ଦାସ ଓ ଯଯାତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ ନେଇ ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ,୨୭।୨ (ଡି.ଏନ୍.ଏ)**

ମାର୍ଚ୍ଚ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁନ୍ଦରଗଡ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଏହିଦିନ ସ୍ଥାନୀୟ ଭବାନୀ ଭବନ ପଡିଆ ଠାରେ ଆୟୋଜିତ ଜନସଭାରେ ଉଦବୋଧନ ଦେଇ ସୁନ୍ଦରଗଡ ଜିଲାପାଇଁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖର ଦେଓଙ୍କ ଉପସ୍ଥିତିରେ ସ୍ଥାନୀୟ ରାଜପ୍ରସାଦରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ସୁନ୍ଦରଗଡ ସାଙ୍ଗଠନିକ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ଲଲାଟ ପରିଡ଼ା, ମୋ ପରିବାରର ସଦସ୍ୟା ସୁନୀତା ବିଶ୍ୱାଳ, ଷ୍ଟିପେନ୍ ସୋରେଙ୍ଗ, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ଗୋପମହାନ୍ତି, ଗୋପାଳ ପ୍ରଧାନ, ଜୟନାରାୟଣ ତ୍ରିପାଠୀ, ଦାମୋଦର ମାଝି , ବୀରେନ୍ଦ୍ର ପଟେଲ, ଜିତେନ୍ଦ୍ରୀୟ କର, ସୁରେନ୍ଦ୍ର ଭିତ୍ରିଆ, ପଞ୍ଚା ବାର୍ଲା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ଛାତ୍ର ନେତା ବୈକୁଣ୍ଠ ନାଏକ, ଶିବାଜୀ ନାଏକ, ଆଡଭୋକେଟ ଅଶୋକ ସ୍ୱାଇଁ, ଆଶୀଷ ପୁରୋହିତ, ଅମିତାଭ ଯୋଶୀ, ଶାହାବାଜ୍ ହୁସେନ୍, ମୁକେଶ ପୁରୋହିତ, ତ୍ରିଲୋଚନ କାକ, ହେମନ୍ତ ମେହେର, ଲୁଇସ କୁଲୁ, ଋତୁରାଜ ପୁରୋହିତ, ଦୀନେଶ ସିଂ, ଅଜୁ ଅମାତ, ରାକେଶ ଜେନା, ଅନିରୁଦ୍ଧ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଭୁବନେଶ୍ୱର ବାସଭବନରେ ମଧ୍ୟ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପରୋକ୍ତ ନେତୃବୃନ୍ଦଙ୍କ ସହ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ପ୍ରମୁଖ ଯୋଗଦେଇଥିଲେ।



ପ୍ରସ୍ତୁତି ବୈଠକ ପରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ସହ ଅନ୍ୟ ବିଜେଡି ନେତା।

# ସେମିଫାଇନାଲରେ ସୁନ୍ଦରଗଡ଼ ମହିଳା ଦଳ

**ସୁନ୍ଦରଗଡ଼, ୨୭।୨ (ଡି.ଏନ୍.ଏ)**

ପ୍ରଥମଥର ପାଇଁ ଫାଓ ଓ ଏସଡିସି ଓଡିଶା ପକ୍ଷରୁ ଆୟୋଜିତ ହେଉଥିବା ଏସ୍‌ଡିସି ଫୁଟବଲ ଚାମ୍ପିୟନଶିପ୍‌ରେ ସୁନ୍ଦରଗଡର ମହିଳା ଫୁଟବଲ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଆଦିବାସୀ ପିଲାମାନଙ୍କ ମଧ୍ୟରେ ଫୁଟବଲ ଖେଳାଳି ପରିପ୍ରକାଶ କରିବା ପାଇଁ ରାଜ୍ୟର ୯ଟି ଆଦିବାସୀ

**ଏସ୍‌ଡିସି ଫୁଟବଲ କପ୍**

ଜିଲାର ୧୦ଟି ମହିଳା ଓ ପୁରୁଷ ଫୁଟବଲ ଦଳକୁ ନେଇ ଏସ୍‌ଡିସି କପ୍ –୨୦୨୦ ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ଗତ ୨୪ରୁ ୧୦ଟି ଟିମ୍‌କୁ ୨ଟି ଗ୍ରୁପରେ ଭାଗ କରି ବାରିପଦା ଓ କନ୍ଧମାଳରେ ଆରମ୍ଭ ହୋଇଛି। ବାରିପଦା ଠାରେ ଅନୁଷ୍ଠିତ ଲିଗ ମ୍ୟାଚରେ ସୁନ୍ଦରଗଡ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ନବରଙ୍ଗପୁର ଦଳକୁ ୧୪–୦ ଗୋଲରେ ୨୫ ତାରିଖରେ ରାୟଗଡାକୁ ୨୯–୦ ଗୋଲରେ,୨୬ରେ ବାରିପଦାକୁ ୧୧–୦ ଗୋଲରେ ଓ ୨୭ରେ ଗଜପତି ଜିଲାକୁ ୧୩–୦ ଗୋଲରେ ପରାସ୍ତ କରି



ସୁନ୍ଦରଗଡ ମହିଳା ଫୁଟବଲ ଦଳର ଖେଳାଳି।

ସେମିଫାଇନାଲକୁ ପ୍ରବେଶ କରିଛି। ସୁନ୍ଦରଗଡ ମହିଳା ଦଳ ଖେଳିଥିବା ୪ଟି ମ୍ୟାଚରେ ମୋଟ ୬୭ଗୋଲ ଦେଇଥିବା ବେଳେ ଗୋଟିଏ ବି ଗୋଲ ସୁନ୍ଦରଗଡ ବିପକ୍ଷରେ ହୋଇନାହିଁ। ଏହି ୪ଟି ମ୍ୟାଚରେ ସୁନ୍ଦରଗଡ ମହିଳା ଦଳର ଅଞ୍ଜଳି ବରୁଆ ୧୪ଟି ଗୋଲ, ଲକ୍ଷ୍ମୀ ମାଝି ୧୨ଟି ଗୋଲ ଓ ସରୋଜିନୀ ତିର୍କୀ ୧୧ ଗୋଲ ଦେଇଛନ୍ତି। ଆସନ୍ତା ୨ ତାରିଖରେ ସେମିଫାଇନାଲ ମ୍ୟାଚ୍ ସୁନ୍ଦରଗଡ ଓ କେନ୍ଦୁଝରଠାରେ ଅନୁଷ୍ଠିତ ହେବ। ୫ରେ କଟକର ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସୁନ୍ଦରଗଡ ମହିଳା ଫୁଟବଲ ଦଳର ଏହି ସଫଳତା ପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ସମନ୍ୱିତ ଆଦିବାସୀ ଉନ୍ନୟନସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ତଥା ସୁନ୍ଦରଗଡର ଫୁଟବଲ ପ୍ରେମୀମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଫାଇନାଲରେ ସଫଳତା କାମନା କରିଛନ୍ତି।